# ଓଡ଼ିଶା ଭାସ୍କର


ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ତ୍ରିବେଣୀରେ ୧୯ରେ ବୁଡ଼ ପକାଇବେ | ୬



ରଶ୍ମିକା ନିଜକୁ ହାଇଦ୍ରାବାଦୀ କହି ଟ୍ରୋଲ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୧୯ Vol. 21 No-319 17 FEBRUARY 2025 MONDAY BHUBANESWAR ସୋମବାର, ୧୭ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ମାର୍ଚ୍ଚ ୨୨ରୁ ଆଇପିଏଲ୍

ମୁମ୍ବାଇ,୧୬।୨: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୮ତମ ସଂସ୍କରଣର କାର୍ଯ୍ୟସୂଚୀ ରବିବାର ଘୋଷଣା କରାଯାଇଛି। ଏହାର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨୨ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ଓ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ କୋଲକାତାର ଇଡେନ ଗାର୍ଡେନରେ ଖେଳାଯିବ । ମାର୍ଚ୍ଚ ୨୫ରେ ଆଇପିଏଲ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆଇପିଏଲ-୨୦୨୫ର ପ୍ରଥମ ମ୍ୟାଚ୍ ଇଡେନଗାର୍ଡେନରେ ଖେଳାଯିବ ଓ ଫାଇନାଲ ମ୍ୟାଚ୍ ମଧ୍ୟ ସେହିଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ମାର୍ଚ୍ଚ ୨୩ରେ ଆଇପିଏଲର ଦୁଇ ବଡ଼ ଦଳ ଚେନ୍ନାଇ ସୁପରକିଙ୍ଗସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଚଳିତଥର • ପୃଷ୍ଠା ୫ ଦେଖନ୍ତୁ

### ସଙ୍ଗମରେ ବୁଡ଼ିଲା ଡଙ୍ଗା, ୫ ଉଦ୍ଧାର

ପ୍ରୟାଗରାଜ,୧୬।୨: ରବିବାର ସଙ୍ଗମକୁ ସ୍ନାନ କରିବା ପାଇଁ ଯାତ୍ରୀଙ୍କୁ ଧରି ଯାଇଥିବା ଏକ ଡଙ୍ଗା ଭାରସାମ୍ୟ ହରାଇ ବୁଡ଼ି ଯାଇଛି। ସେଥିରେ ଥିବା ୫ଜଣ ଶ୍ରଦ୍ଧାଳୁଙ୍କୁ ଏନଡିଆରଏଫ ଟିମ୍ ଉଦ୍ଧାର କରିଥିବା ସୂଚନା ମିଳିଛି।


### ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ବାସୁଦେବପୁର,୧୬।୨(ଭାସ୍କର ନ୍ୟୁଜ): ଗାଧୋଇବାକୁ ଯାଇ ରବିବାର ମଧ୍ୟାହ୍ନରେ ୨ ନାବାଳକ ଗୁଆଗାଁ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ପୋଲିସ ଉଭୟଙ୍କ ମୃତଦେହ ଜବତ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ସେନ୍ସେକ୍ସ: ୭୫,୯୩୯.୨୧
ସର୍ବାଧିକ: ୩୩.୮ ଡିଗ୍ରୀ
ସର୍ବନିମ୍ନ: ୨୨.୨ ଡିଗ୍ରୀ

**୧୬।୨।୨୦୨୫ ର ମତାମତ**

କଂଗ୍ରେସର ସର୍ବକ୍ଷମା ଯୋଜନା ପରେ ଛାଡ଼ିଥିବା ନେତା ଫେରିବା ସମ୍ଭବ କି ?




**ଆଜିର ପ୍ରସଙ୍ଗ**

ଦିଲ୍ଲୀ ରେଳଷ୍ଟେସନ ଟ୍ରାଜେଡି ପାଇଁ ରେଳ ବିଭାଗକୁ ଦାୟୀ କରାଯିବା ଠିକ୍ କି ?

ମତାମତ ଦେବା ପାଇଁ ଲଗ୍ଇନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଦଳାଚକଟାରେ ଜୀବନଟା ଯାଏ
ଭଲା ଚାଲେ ମହାକୁମ୍ଭ
କେତେ ଜୀବନଟା ଗଲାପରେ ଆଉ
ସର୍କାର ଭାଙ୍ଗିବେ ଦମ୍ଭ
ଇଏତ ମାତ୍ର ଆରମ୍ଭ
ସରକାରୀ କଳ ସଚେତନ ହୁଅ
ହୋଇବ ସବୁ ସମ୍ଭବ...।

## ଆଜି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

# ବିକଶିତ ଓଡ଼ିଶାର ସାଜିବ ମୂଳଦୁଆ !

- ୩ ଲକ୍ଷ କୋଟିର ବଜେଟ୍ ଉପସ୍ଥାପନ ସମ୍ଭାବନା
- ବଜେଟ୍ ଦେଖାଇବ ବିକାଶର ସ୍ପଷ୍ଟ ନକ୍ସା
- ଫୋକସରେ ରହିପାରନ୍ତି ଯୁବବର୍ଗ, ଚାଷୀ, ମହିଳା



ଭୁବନେଶ୍ୱର,୧୬।୨(ଭାସ୍କର ନ୍ୟୁଜ): ସୋମବାର ବିଧାନସଭାରେ ଉପସ୍ଥାପନ ହେବ ପୂର୍ଣ୍ଣାଙ୍ଗ ବଜେଟ୍। ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବଜେଟ୍ ଉପସ୍ଥାପନ କରିବେ। ବିଜେପି ସରକାରର ୮ ମାସ ପରେ ବଜେଟ୍ ଦେଖାଇବ ବିକାଶର ସ୍ପଷ୍ଟ ନକ୍ସା। ତେବେ ଏହି ବଜେଟ୍‌ରେ କେଉଁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯିବ ନା ଅନ୍ୟ କିଛି ନୂଆ ଯୋଜନା ଅଣାଯିବ ତାକୁ ନେଇ ସସ୍‌ପେନ୍ସ ଲାଗି ରହିଛି। ସେହିପରି ବଜେଟ୍‌ରେ ମହିଳା, ଗରିବ ଓ ଅନ୍ନଦାତାଙ୍କୁ ଗୁରୁତ୍ୱ ଦିଆଯିବ କି ନାହିଁ ତାକୁ ନେଇ ମଧ୍ୟ କଳ୍ପନାଜଳ୍ପନା ଲାଗି ରହିଛି। ଚଳିତଥର ରାଜ୍ୟ ବଜେଟ୍ ୩ ଲକ୍ଷ କୋଟି ଛୁଇଁପାରେ ବୋଲି କୁହାଯାଉଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ପାଇଁ ଏହି ବଜେଟ୍‌ରେ ମୂଳଦୁଆ ପଡ଼ିବ। ରାଜ୍ୟ ସରକାରଙ୍କ ଫୋକସରେ ଯୁବ, ମହିଳା, ଚାଷୀ ଓ ଗ୍ରାମାଞ୍ଚଳ ବିକାଶ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରକୁ ମଧ୍ୟ ଅଧିକ ଗୁରୁତ୍ୱ ମିଳିପାରେ। କିଛି ଫ୍ଲାଗସିପ୍ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ବଜେଟ୍‌ରେ ଅଧିକ ବ୍ୟୟବରାଦ କରିବାର ସମ୍ଭାବନା ମଧ୍ୟ ରହିଛି। ସେହିପରି ଚାଷୀଙ୍କ ହାତମୁଠା ଟାଣ ପାଇଁ ନୂଆ ଯୋଜନାର ଆସିବାର ସମ୍ଭାବନା ରହିଛି। ବଜେଟ୍‌ରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ ନେଇ କିଛି ବଡ଼ ପଦକ୍ଷେପ ନିଆଯାଇପାରେ। ସେହିପରି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ପାଇଁ ସରକାର ବ୍ୟବସ୍ଥା କରିପାରନ୍ତି। ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବାବେଳେ ବିଶେଷକରି ସୁଭଦ୍ରା, ଧାନ ଏମ୍‌ଏସ୍‌ପି ଉପରେ କ୍ୱିଣ୍ଟାଲ ପିଛା ୮୦୦ଟଙ୍କାର ଇନ୍‌ପୁଟ୍ ସହାୟତା, ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ- ବିକଶିତ ଓଡ଼ିଶା ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଓ ଆୟୁଷ୍ମାନ ଯୋଜନା, ପେନ୍‌ସନ୍ ସ୍କିମ୍, ପ୍ରତି ବ୍ଲକରେ ଷ୍ଟାଡିୟମ, ୫୮ଟି ନୂଆ ଶୀତଳଭଣ୍ଡାର ସହ ୧୦୦ରୁ ଅଧିକ ଶୀତଳ ଭଣ୍ଡାରକୁ ସଚଳ କରିବା ପାଇଁ ବଜେଟ୍‌ର ବଡ଼ ଅଂଶ ଯାଇପାରେ। ତେବେ ବଜେଟ୍ ପୂର୍ବରୁ ଆରମ୍ଭ ହୋଇଛି ରାଜନୈତିକ ଚର୍ଚ୍ଚା। ବିଜେଡି କହିଛି, ସରକାର କେବଳ ଭୋଟ୍ ପାଇଁ ସ୍ୱଳ୍ପମିଆଦୀ ଯୋଜନା ନ କରି ଦୀର୍ଘମିଆଦୀ ଯୋଜନା କରନ୍ତୁ। ସେହିପରି କଂଗ୍ରେସ କହିଛି, ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ସରକାର ପାଳନ କରିବା ଜରୁରି। ତେବେ ବିଜେପି ପକ୍ଷରୁ କୁହାଯାଇଛି ଯେ ବଜେଟ୍‌ରେ ବିକଶିତ ଓଡ଼ିଶାର ଝଲକ ଦେଖିବାକୁ ମିଳିବ। ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ କୃଷି ଓ ଗ୍ରାମାଞ୍ଚଳକୁ ଅଧିକ ପୁଞ୍ଜି ଆସିଲେ ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ପାଇବ। ତେଣୁ ସରକାର ଏମ୍‌ଏସ୍‌ଏମ୍‌ଇ, ସାଧାରଣ ଶିଳ୍ପ, କୃଷିଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ଉପରେ ଗୁରୁତ୍ୱ ଦେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ରାଜ୍ୟର ଦୁର୍ବଳ ଅର୍ଥନୀତିକୁ ବଳ ଦେବାପାଇଁ ଏହି ବଜେଟ୍‌ରେ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ସେହିପରି ଖଣି ଭିତ୍ତିକ ଶିଳ୍ପ ସ୍ଥାପନ ପାଇଁ ମଧ୍ୟ ବଜେଟ୍‌ରେ ବ୍ୟବସ୍ଥା କରାଯିବାର ସମ୍ଭାବନା ରହିଛି। ଗତ ୮ମାସ ଭିତରେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ତାହାକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। ତେଣୁ ଏସବୁ ଯୋଜନା ପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରାଯିବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି। ବିଜେପିର ଜଣେ ବରିଷ୍ଠ ନେତା କହିଛନ୍ତି ଯେ ଏହି ବଜେଟ୍‌ରେ ବିକଶିତ ଓଡ଼ିଶାର ଝଲକ ଦେଖିବାକୁ ମିଳିବ। ବିଶେଷକରି ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୯୮ଲକ୍ଷ ମହିଳାଙ୍କୁ ସାମିଲ କରାଯାଇଛି । ଏଥିପାଇଁ ବଜେଟ୍‌ରେ ମଧ୍ୟ ଅର୍ଥର ବ୍ୟବସ୍ଥା କରାଯିବାର ସମ୍ଭାବନା ରହିଛି।

## ଦିଲ୍ଲୀ ରେଳଷ୍ଟେସନ ଟ୍ରାଜେଡି

# ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ



**ମୃତ୍ୟୁସଂଖ୍ୟା ୧୮କୁ ବୃଦ୍ଧି**
**ମୃତକଙ୍କ ମଧ୍ୟରେ ୧୧ ମହିଳା, ୪ ଶିଶୁ**
**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକ**
**ମୃତକଙ୍କ ପରିବାରକୁ ରେଳବାଇର ସହାୟତା ରାଶି ଘୋଷଣା**
**୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବେ ବିହାର ସରକାର**
**ଶାହଙ୍କୁ ସ୍ଥିତି ଅବଗତ କରାଇଲେ ରେଳମନ୍ତ୍ରୀ**

ନୂଆଦିଲ୍ଲୀ,୧୬।୨: ଶନିବାର ରାତିରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଘଟିଥିବା ଦଳାଚକଟା ଘଟଣାରେ ମୃତ୍ୟୁସଂଖ୍ୟା ୧୮କୁ ବୃଦ୍ଧି ପାଇଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବାପରେ ଏକ ଦୁଇଜଣିଆ ଉଚ୍ଚସ୍ତରୀୟ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରମୁଖ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ ଓ ପ୍ରମୁଖ ମୁଖ୍ୟ ସୁରକ୍ଷା କମିଶନର ମିଳିତ ଭାବେ ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ ୧୧ଜଣ ମହିଳା ରହିଥିବାବେଳେ ୪ଜଣ ଶିଶୁ ରହିଛନ୍ତି। ଶନିବାର ରାତି ୧୦ଟାରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଏହି ଦଳାଚକଟା ହୋଇଥିଲା। ରେଳବାଇ ପକ୍ଷରୁ ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା କରାଯାଇଛି। ପ୍ରତି ମୃତକଙ୍କ ପାଇଁ ସେମାନଙ୍କ ନିକଟତମ ଆତ୍ମୀୟଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦେବାପାଇଁ ଘୋଷଣା କରାଯାଇଥିବାବେଳେ ଗୁରୁତରଙ୍କ ପାଇଁ ଅଢେଇ ଲକ୍ଷ ଏବଂ ସାମାନ୍ୟ ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଘୋଷଣା କରାଯାଇଛି। ଅନୁରୂପ ଭାବେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମୃତକଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ଦିଲ୍ଲୀ ଷ୍ଟେସନରେ ମହାକୁମ୍ଭକୁ ଯାଉଥିବା ଯାତ୍ରୀମାନଙ୍କର ପ୍ରବଳ ଭିଡ଼ ହୋଇଥିଲା। ଅତ୍ୟଧିକ ଭିଡ଼, ଟ୍ରେନ ଆସିବାରେ ବିଳମ୍ବ ଏବଂ ଘୋଷଣାରେ ଏପାଖସେପାଖ ହେବାରୁ ଏହି ଦଳାଚକଟା ହୋଇଥିବା କୁହାଯାଉଛି। ଦିଲ୍ଲୀ ରେଳ ଷ୍ଟେସନର ୧୩ ଓ ୧୪ ନମ୍ବର ପ୍ଲାଟଫର୍ମରେ ଗହଳି ଲାଗିଥିଲା। ୧୩ ନମ୍ବର ପ୍ଲାଟଫର୍ମରେ ସ୍ୱତନ୍ତ୍ର ସେନାନୀ ଏକ୍ସପ୍ରେସ ଓ ୧୪ ନମ୍ବର ପ୍ଲାଟଫର୍ମରେ ଭୁବନେଶ୍ୱର-ରାଜଧାନୀ ଏକ୍ସପ୍ରେସ ଯିବାର ଥିଲା। ଏହି ଦୁଇ ଟ୍ରେନ୍ ଧରିବାକୁ ଉଭୟ ପ୍ଲାଟଫର୍ମରେ ଯାତ୍ରୀଙ୍କ ଗହଳି ଲାଗିଥିବାବେଳେ ଦୁଇଟିଯାକ ଟ୍ରେନ୍ ଆସିବାରେ ବିଳମ୍ବ ହୋଇଥିଲା। ଅନ୍ୟପକ୍ଷରେ ମହାକୁମ୍ଭ ପାଇଁ ଚାଲୁଥିବା • ପୃଷ୍ଠା ୫ ଦେଖନ୍ତୁ

## ସଙ୍ଗମରେ ବୁଡ଼ ପକାଇଲେ ଧର୍ମେନ୍ଦ୍ର

# ମହାକୁମ୍ଭ ସନାତନ ସଭ୍ୟତାର ଜୀବନ୍ତ ପ୍ରତୀକ



ପ୍ରୟାଗରାଜ,୧୬।୨: ମହାକୁମ୍ଭ ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଏବଂ ଆମ ଶାଶ୍ୱତ ପରମ୍ପରାର ଜୀବନ୍ତତାର ପ୍ରତୀକ ବୋଲି ରବିବାର ପ୍ରୟାଗରାଜ ଠାରେ ତ୍ରିବେଣୀ ସଙ୍ଗମରେ ସପରିବାର ବୁଡ ପକେଇବା ସହ ସ୍ନାନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମା' ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ତ୍ରିବେଣି ସଙ୍ଗମରେ ସପରିବାର ବୁଡ ପକେଇବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦୀର୍ଘ ୧୪୪ ବର୍ଷ ପରେ ମହାକୁମ୍ଭର ଅଲୌକିକ ସଙ୍ଗମର ଅବସର ଉପନୀତ ହୋଇଛି । ଏହି ସଙ୍ଗମରେ ପୂଜ୍ୟ ସାଧୁ ସନ୍ଥ ଏବଂ ଭକ୍ତମାନେ ଏକାଠି ହୋଇଛନ୍ତି । ଏହା ହେଉଛି ଧର୍ମ ଏବଂ ବିଶ୍ୱାସର ସବୁଠାରୁ ମହାନ ପର୍ବ । ଏହି ଭଳି ଦିବ୍ୟ ଅବସରରେ ଏକତାର ମହାପର୍ବ 'ମହାକୁମ୍ଭ'ରେ ସପରିବାର ଶ୍ରଦ୍ଧାର ସହିତ ସ୍ନାନ କରିବା ମୋ ପାଇଁ ଦିବ୍ୟ ଅନୁଭୂତି ଏବଂ ପରିବାର ପାଇଁ ସୌଭାଗ୍ୟର ବିଷୟ। ମହାକୁମ୍ଭ କେବଳ ଏକ ପର୍ବ ନୁହେଁ ବରଂ ଏହା ଭାରତର ହଜାର ହଜାର ବର୍ଷ ପୁରୁଣା ଅଧ୍ୟାତ୍ମିକତା ଏବଂ ସାଂସ୍କୃତିକ ଚେତନାର ଜୀବନ୍ତ ଜ୍ୟୋତି। ଏହି ଦିବ୍ୟ ଅବସରରେ ସମଗ୍ର ବିଶ୍ୱ ସନାତନ ସଂସ୍କୃତିର ଭବ୍ୟତା, ଶ୍ରଦ୍ଧା ଏବଂ ଭକ୍ତିରେ ମୁଁ ଅଲୌକିକ ଶକ୍ତିକୁ ଅନୁଭବ କରୁଛି । ଏହି ଅବସରରେ ମା' ଗଙ୍ଗାଙ୍କ ପାଖରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାକୁମ୍ଭ ମେଳା ସୁବ୍ୟବସ୍ଥିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି । ତ୍ରିବେଣି ସଙ୍ଗମରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଉତ୍ତର ପ୍ରଦେଶର ଉଚ୍ଚ ଶିକ୍ଷା ମନ୍ତ୍ରୀ ଯୋଗେନ୍ଦର ଉପାଧ୍ୟାୟ, ପରିବହନ ମନ୍ତ୍ରୀ ଦୟାଶଙ୍କର ସିଂହ ଓ ଏମଏସଏମଇ ମନ୍ତ୍ରୀ ରାକେଶ ସଚନ ପ୍ରମୁଖ ମଧ ବୁଡ ପକାଇଥିଲେ ।

## ବିଦାୟ ସମ୍ବର୍ଦ୍ଧନା ପୂର୍ବରୁ ଚିର ବିଦାୟ

# ଦୁର୍ଘଟଣାରେ ଡିଏସ୍‌ପିଙ୍କ ସମେତ ୨ ମୃତ

ଯାଜପୁର,୧୬।୨(ଭାସ୍କର ନ୍ୟୁଜ): ଯାଜପୁରର ଡିଏସ୍‌ପି ଥିଲେ। ନିକଟରେ ଜଗତସିଂହପୁରକୁ ବଦଳି ହୋଇଥିଲା। ରବିବାର ତାଙ୍କୁ ଯାଜପୁର ପୋଲିସ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବିଦାୟ ସମ୍ବର୍ଦ୍ଧନା ପୂର୍ବରୁ ଏକ ଦୁର୍ଘଟଣାରେ ଚାଲିଗଲା ଜୀବନ । ଡିଏସ୍‌ପିଙ୍କ ସମେତ ଦୁଇଜଣଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏପରି ଏକ ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଚାନ୍ଦପୁର ଛକ ନିକଟରେ। ମୃତ ଡିଏସପି ହେଲେ ବଳରାମ ନାୟକ। ତାଙ୍କ ଘର କେନ୍ଦୁଝର ଜିଲ୍ଲା ଘଟଗାଁରେ । ବିଦାୟ ସମ୍ବର୍ଦ୍ଧନା ନେବାପାଇଁ ଘଟଗାଁରୁ କାର୍‌ରେ ଯାଜପୁର ଆସୁଥିଲେ। ତେବେ ପାଣିକୋଇଲି ଥାନା ଚାନ୍ଦପୁର ଛକ କୃପାଳୁ ରାଇସମିଲ୍ ନିକଟରେ ତାଙ୍କ କାରକୁ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ କାର୍‌ରେ ଥିବା ୨ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ତୁରନ୍ତ ମହାରାଜା ଯଯାତିକେଶରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାର ଖବର ପାଇବା ପରେ ଯାଜପୁର ଏସ୍‌ପି ୟସ୍ ପ୍ରତାପ ଶ୍ରୀମଲ୍ଲ ହସ୍ପିଟାଲରେ ପହଞ୍ଚି ଘଟଣା ସଂପର୍କରେ ଅବଗତ ହୋଇଥିଲେ।






କେନ୍ଦୁଝର(ଭାସ୍କର ନ୍ୟୁଜ୍): ବଣିଆପାଟ୍ ଶିଶୁ ମନ୍ଦିରର ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶିଶୁ ବାଟିକା ବିଭାଗର ଶିଶୁ ଭଉଣୀ ଆଚାର୍ଯ୍ୟାଙ୍କ କର ଡାକ୍ତର, ଶୁଭଶ୍ରୀ ଦାସ କଲେକ୍ଟର ବାଲା, ନବଜ୍ୟୋତିପାତ୍ର ବେଲୁନ ବାଲା, ପୁଷ୍ପାଞ୍ଜଳି ପଣ୍ଡା ପୁରୋହିତ, ତାଜିସା ନାୟକ ଫୁଲବାଲା, ମୌସୁମୀ ମହାନ୍ତ ବାରମଜା, ଶୁଭସ୍ମିତା ମହାନ୍ତ, କୁଞ୍ଜଳ କୁମାରୀ ମହାନ୍ତ ଚାଟ ବାଲା, ସବିନ୍ଦ୍ର ଖଣ୍ଡୁଆ ବାରମଜା, ଦୀପ୍ତିମୟୀ ପେଡ଼େଇ ବାସନ ଦୋକାନ, ଲିଟନ୍ କୁମାର ମହାନ୍ତ ବହି ଦୋକାନ, ଅମନଦୀପ ମହାନ୍ତ ସୈନିକ, ମୋହିତ ମହାନ୍ତ, ପିୟୁଷ ମହାନ୍ତ ବାଦାମଭଜା,ମାଳି ସ୍ୱତାନ୍ତ୍ରତା ମହାନ୍ତ ଫଳଦୋକାନୀ ହୋଇ ସାଜରେ ତାଙ୍କର ଭୂମିକା ସଂପର୍କରେ ଅବଗତ କରାଇଥିଲେ। ସେହିଭଳି ଶିଶୁ ବର୍ଗରେ ଭଉଣୀମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ଚୁଡ଼ି ଖେଳ, ଅଳତା ପିନ୍ଧା, ଶିଶୁ ବର୍ଗଭାଇମାନଙ୍କ ମଧ୍ୟରେ ହାଣ୍ଡି ଫଟା, ବଲ୍‌ଫିଙ୍ଗା, ଗଣିତ ଦୌଡ, ବାଲ୍ ବର୍ଗଭାଇମାନଙ୍କ ମଧ୍ୟରେ ହାଣ୍ଡି ଫଟା, ଧୀର ସାଇକେଲ ଚାଳନା ଓ କିଶୋର ବର୍ଗ ଭାଇମାନଙ୍କ ମଧ୍ୟରେ ବକ୍ତୃତା ଓ ଯୋଗିକ୍ଷା ପ୍ରତିଯୋଗିତା, ଶିଶୁବାଟିକା ଭଉଣୀମାନଙ୍କ ମଧ୍ୟରେ ବଲ୍ ଫିଙ୍ଗା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ ଅନିଲ କୁମାର ଦାସ, ସମ୍ପାଦକ ଭାଗିରଥି ଗିରି, ସଦସ୍ୟା ମନ୍ଦାକିନୀ ବେହେରା ଯୋଗ ଦେଇଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ଼ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ସହଯୋଗ କରିଥିଲେ।



## ନୂଆପଡ଼ା ଜିଲ୍ଲାପାଳଙ୍କ ଖରିଆରରୋଡ୍ ଗସ୍ତ



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଖିଆପିଡ ଅଞ୍ଚଳ ପରିଷଦ ଖରିଆର ରୋଡ୍ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ । ଏକକୋଟି ଅଶି ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମୁଣ୍ଡା ଗାଁ ପୋଖରୀ , ୭୫ ଲକ୍ଷର ସ୍ମାର୍ଟ ପାର୍କ, ୧୭ ଲକ୍ଷର ବନକା ପୋଖରୀ , ୧୨ ଲକ୍ଷର ନୂତନ ଅଙ୍ଗନବାଡ଼ି କେନ୍ଦ୍ର, ୧ କୋଟି ୭୫ ଲକ୍ଷର ଭୂତଳ ଜଳ ସଂରକ୍ଷଣ କେନ୍ଦ୍ର, ୯ ଲକ୍ଷର ନୂତନ ସ୍କୁଲ ଗୃହ ନିର୍ମାଣ, ୧ କୋଟି ୪ ଲକ୍ଷର ମଙ୍ଗରାପାଲି ପୋଖରୀ ନବୀକରଣ, ୧୦୦ ଲୋକଙ୍କ ପାଇଁ ନିର୍ମିତ ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲ୍ଲାପାଳଙ୍କ ସହିତ ଏନ୍ ଏସି ଅଧ୍ୟକ୍ଷା ଡଃ ସୋନିଆ ଜୈନ, ଉପାଧ୍ୟକ୍ଷ ନିଶାନ୍ତ ଡ଼ାଗା, କାର୍ଯ୍ୟ ନିର୍ବାହୀ ଅଧିକାରୀ କମଳାସନ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଅଙ୍ଗନବାଡ଼ିର କୁନି କୁନି ଶିଶୁ ମାନଙ୍କ ଗହଣରେ କିଛି ସମୟ ବିତାଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ସହରାଞ୍ଚଳର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ଶୀଘ୍ର ଏବଂ ସମୟ ସୀମା ମଧ୍ୟରେ ସମ୍ପାଦନ ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।

## ଧାନ ସଂଗ୍ରହବେଳେ ଜିଲ୍ଲା ପ୍ରଶାସନର ରାଇସ ମିଲ୍ ଉପରେ ଚଢ଼ଉକୁ ନେଇ ପ୍ରଶ୍ନ

ଜଗତସିଂହପୁର ( ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ଡେଙ୍ଗାପୋଲ ଠାରେ ନିର୍ମାଣ କରାଯାଇଛି ଓଡ଼ିଶାର ସର୍ବବୃହତ ରାଇସ ମିଲ । ଏହି ରାଇସ ମିଲ ନିର୍ମାଣ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଥିଲେ । ଗତ ଡିସେମ୍ବର ମାସରେ ରାଇସ ମିଲ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯିବା ପରେ ଉପ ମୁଖ୍ୟମନ୍ତ୍ରୀ ଏବଂ ଶିଳ୍ପମନ୍ତ୍ରୀ ଏହି ରାଇସ ମିଲକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ତାହାର ପରବର୍ତ୍ତୀ ସମୟରେ ରାଇସ ମିଲ କର୍ତ୍ତୃପକ୍ଷ ସରକାରଙ୍କ ସମସ୍ତ ନୀତି ନିୟମକୁ ଆଧାର କରି ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର କ୍ୱିଣ୍ଟାଲ ଧାନ ଚାଷୀମାନଙ୍କ ଠାରୁ ସଂଗ୍ରହ କରିଥିଲେ । ହେଲେ ବିଡମ୍ବନା



ର ବିଷୟ ଜଗତସିଂହପୁର ଜିଲ୍ଲା ପ୍ରଶାସନ କୌଣସି କାରଣ ନ ଦର୍ଶାଇ ରାଇସ ମିଲ ଉପରେ ଜିଲ୍ଲା ଯୋଗାଣ ବିଭାଗ, ପୋଲିସ୍ ପ୍ରଶାସନ ଓ ବାଲିକୁଦାର ଅତିରିକ୍ତ ତହସିଲଦାରଙ୍କ ଜରିଆରେ କ୍ରମାଗତ ଭାବେ ଚଢ଼ାଉ କରିବା ଦ୍ୱାରା ରାଇସ ମିଲ କର୍ତ୍ତୃପକ୍ଷ ଶାରୀରିକ ଏବଂ ମାନସିକ ନିର୍ଯାତନା ର ଶିକାର ହେଉଥିବା ଅଭିଯୋଗ କରିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଜଗତସିଂହପୁର ଜିଲ୍ଲା ବ୍ୟାପି ଗୋଟିଏ ପଟେ ଚାଷୀ ମାନଙ୍କଠାରୁ ପର୍ଯ୍ୟାପ୍ତ ପରିମାଣରେ ଧାନ ସଂଗ୍ରହ ହେଉଥିବାବେଳେ ଜିଲ୍ଲାର ଧାନମଣ୍ଡି ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ସେଠାରେ ଉପସ୍ଥିତ ନ ରହି କୌଣସି କାରଣ ନ ଦର୍ଶାଇ ମିଲକୁ ବେଆଇନ ଭାବେ ଚଢ଼ାଉ କରିବାର ଅସଲ ଉଦ୍ଦେଶ୍ୟ କଣ ହୋଇପାରେ ତାହା ବୁଦ୍ଧିଜୀବୀ ଜନ ସାଧାରଣଙ୍କୁ ଚକିତ କରିଛି । ଏ ସମ୍ପର୍କରେ ରାଇସ ମିଲ ଚଢ଼ାଉ କରୁଥିବା ବିଭାଗୀୟ ଅଧିକାରୀ ଗଣ ମାଧ୍ୟମକୁ କୌଣସି ବିବୃତି ଦେବାକୁ ରୋକଠୋକ ମନା କରିଛନ୍ତି । ହେଲେ ରାଇସ ମିଲ କର୍ତ୍ତୃପକ୍ଷ ବେଆଇନ ଚଢ଼ାଉକୁ କଟୁ ସମାଲୋଚନା କରିବା ସହିତ ଏହି ବେଆଇନ ପ୍ରାୟୋଜିତ ଚଢ଼ାଉ କାର୍ଯ୍ୟକ୍ରମର ଅସଲ ଉଦ୍ଦେଶ୍ୟ କଣ ହୋଇପାରେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ।

## ଆନ୍ଦୋଳନ ପାଇଁ ଓଷ୍ଟାର ପ୍ରସ୍ତୁତି ବୈଠକ




ଭଞ୍ଜନଗର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ପ୍ରେସ କ୍ଲବ, ଭଞ୍ଜନଗର ଠାରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଷ୍ଟାର ଡାକରାରେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ଭଞ୍ଜନଗର ବ୍ଲକ ତରଫରୁ ଓଷ୍ଟା ଜିଲ୍ଲା ସଭାପତି ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଉପଦେଷ୍ଟା ଅମର ବିଳାସ ବେହେରା, ଅଧ୍ୟକ୍ଷ ତଥା ବ୍ଲକ ଓଷ୍ଟା ସମ୍ପାଦକ ଗୌରୀନନ୍ଦନ ହୋତା, ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କାମରାଜ ଗୌଡ଼,ସତ୍ୟବାନ ସୁବ୍ରତ କୁମାର ଷଡ଼ଙ୍ଗୀ, ସାହୁ ସରୋଜ ଲକ୍ଷ୍ମୀ ଦାସ ମଂଚାସୀନ ହୋଇ ୧୯୪ ଉଚ୍ଚ ବିଦ୍ୟାଳୟକୁ ସରକାରୀ ଅନୁଦାନ, ନିଉ ଆଡେଡ଼ ହାଇସ୍କୁଲର ଚାକିରୀ ସର୍ତ୍ତାବଳି ଅବସର ବୟସକୁ ୬୨ ବର୍ଷ, ସମସ୍ତ ବିଦ୍ୟାଳୟକୁ ସରକାରୀକରଣ ସହ ଅନ୍ୟାନ୍ୟ ଦାବି ଉପରେ ଆଲୋଚନା କରାଯାଇ ଏହାକୁ ସରକାର ଗ୍ରହଣ କରିବା ପାଇଁ ଉପସ୍ଥାପନା କରାଗଲା। ଯଦି ଏହା କାର୍ଯ୍ୟକାରୀ ନ ହୁଏ, ତାହାହେଲେ ଆଗାମୀ ଦିନରେ ସମନ୍ୱୟ ସମିତି ତରଫରୁ ରାଜ୍ୟ ସ୍ତରରୁ ବିଶାଳ ଆନ୍ଦୋଳନ କରାଯିବା ପାଇଁ ସ୍ଥିର କରାଗଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଭାସ୍କର ପାଣି, ସନତ କୁମାର ଦଳବେହେରା, ଶରତ ଚନ୍ଦ୍ର ମହାରଣା, ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ସତ୍ୟବାନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ସଭାରେ ବହୁ ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

କାଳିଆପାଣି (ଭାସ୍କର ନ୍ୟୁଜ୍): : (ଭାସ୍କର ନ୍ୟୁଜ ):ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ଗ୍ରାମ ପଞ୍ଚାୟତର ଗନ୍ଧାପାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ନାମଯଜ୍ଞର ପ୍ରଥମ ଦିନ କଳସ ଶୋଭାଯାତ୍ରା କରାଯାଇ ପ୍ରଭୁଙ୍କ ମଣ୍ଡପ ସ୍ଥାପନ କରାଯାଇଥିଲା । ୮ ଗୋଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରି ପ୍ରଭୁଙ୍କ ହରିନାମ ଜପରେ ଗାଁ ପ୍ରକମ୍ପିତ ହୋଇଥିଲା। କର୍ତ୍ତାଭାବେ ସଞ୍ଜୟ ବାରିକ୍ ସହଯୋଗୀ ଭାବେ ଗୟାଧର ପରିଡ଼ା, ଜୁଲୁ ମହାକୁଡ଼, ଅଜୁ ପ୍ରଧାନ, ସଞ୍ଜୟ ନାୟକ, ଗୌରାଙ୍ଗ ଅରୁକ୍, ସୁଦର୍ଶନ ପ୍ରଧାନ, ସୁଶାନ୍ତ ମହାକୁଡ଼, ରୋହିତ ବାରିକ୍, ହରହରି ମହାକୁଡ଼, ଦିଗାମ୍ବର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଗ୍ରାମର ମୁରବି ତୁଲ୍ୟ ଭାଗିରଥି ବାରିକ୍, ମହେଶ୍ୱର ନାୟକ, ହୃଦାନନ୍ଦ ପ୍ରଧାନ, ଫକିର ପରିଡ଼ା, ଇଞ୍ଜିନି ପରିଡ଼ା, ସୌଭାଗ୍ୟ ବାରିକ୍, କୃଷ୍ଣଚନ୍ଦ୍ର ନାୟକ, ଅଜୟ କୁମାର ବେହେରା, ରଞ୍ଜନ ବାରିକ୍, ମୁନା ଆରୁକ,ଯୋଗଳ କିଶୋର ପରିଡ଼ା, ପ୍ରମୁଖ ସହଯୋଗ କରିଥିଲେ। ଅପରାହ୍ନରେ ନଗର ଭ୍ରମଣ କାର୍ଯ୍ୟକ୍ରମ ଶେଷ ହୋଇଥିଲା ଏବଂ ସମୂହ ପ୍ରସାଦ ସେବନ କରାଯାଇଥିଲା।

## ପିତାମାତା ପୂଜନ ଉତ୍ସବ

ବେଗୁନିଆ(ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ରାଧାକାନ୍ତ ପୁର ପଞ୍ଚାୟତ ଅନ୍ତର୍ଗତ ଚକାପଦା ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପିତାମାତା ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ



ବିଦ୍ୟାଳୟର ସଭାପତି ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ନାୟକ ମୁଖ୍ୟଅତିଥି , ରାମ ମାନସ ପଣ୍ଡା ,ମୁଖ୍ୟବକ୍ତା , ଦୀପ୍ତିମୟୀ ପଣ୍ଡା ଓ ଦୀପକ ପାଟଶାଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସର୍ବଦା ପିତାମାତାଙ୍କୁ ସମ୍ମାନ ଦେବା ପ୍ରଥମ କର୍ତ୍ତବ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ସଭାର ପ୍ରାରମ୍ଭରେ ପ୍ରଧାନଶିକ୍ଷକ ବସନ୍ତ କୁମାର ପ୍ରହରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଶୁଭସ୍ମିତା ପଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ତୁଳସୀ ମିଶ୍ର ଓ ଜୟନ୍ତୀ ଭୋଳ ପରିଚାଳନା କରିଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପିତାମାତା ମାନଙ୍କୁ ପୂଜନ ସହ 'ଶ୍ରବଣ କୁମାର'ଙ୍କ ଉପରେ ନାଟକ ପରିବେଷଣ କରିଥିଲେ। ସେହିପରି ପୋଡ଼ାଡିହସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ପିତାମାତାଙ୍କ ପୂଜନ ଦିବସ ଅନୁଷ୍ଠିତ ହୋଇଛି। ଶେଷରେ ଗୁରୁମା ଚିନ୍ମୟୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନିଆଳି ମହୋତ୍ସବକୁ ନେଇ ବିବାଦ

**ନିଆଳି (ଭାସ୍କର ନ୍ୟୁଜ୍):** ନିଆଳି ମହୋତ୍ସବ ୧୪ ତାରିଖରୁ ଆରମ୍ଭ ହୋଇଛି। ଏହି ମହୋତ୍ସବ ନିଆଳି ପ୍ରେସ କ୍ଲବ ମନୋରଞ୍ଜନ ଶତପଥି କରୁଥିବାବେଳେ ନିଆଳି ଜନ୍ମ ମାଟିର ପୁଅ ଶାସକ ଦଳର ବିଧାୟକ ଛବି ମଲିକ ଓ ନିଆଳି ମାଟିର ଝିଅ ପ୍ରଭାତୀ ପରିଡା ଅତିଥି ତାଲିକାରେ ନାହାନ୍ତି। ନାମକୁ ମାତ୍ର ପ୍ରେସ କ୍ଲବ କରୁଥିବାବେଳେ ଏହା ପୁରା ବିରୋଧି ଦଳ ପ୍ରାୟୋଜିତ ବୋଲି ଆଲୋଚନା ହେଉଛି। ଅତିଥି ତାଲିକା ଦେଖିଲେ ମାଳ ମାଳ ବିରୋଧି ଦଳର ବିଧାୟକ। ଲୋକ ଦେଖାଣିଆ ଭାବେ ପ୍ରେସ କ୍ଲବ ର ନାଁ ଦିଆଯାଇଥିବା ବେଳେ ଶାସକ ଦଳକୁ ବଦନାମ କରିବା ନିମନ୍ତେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଉଛି। ପୂର୍ବତନ ବିଧାୟକ ଡା. ପ୍ରମୋଦ କୁମାର ମଲିକ ନିଆଳି ମହୋତ୍ସବ ରେ ସ୍ଥାୟୀ ଭାବେ ସଭାପତି ରହିବେ, ଏବେ କିନ୍ତୁ ତାହା ବଦଳି ଗଲା।




ନିଆଳିର ବିକାଶରେ ସାରଥୀ ସାଜିଥିବା ବିଧାୟକ ଛବି ମଳିକ ଓ ନିଆଳିର ଝିଅ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ କାହିଁକି ଅତିଥି କରାଗଲା ନାହିଁ। ଏହା ପ୍ରେସ କ୍ଲବର ଚକ୍ରାନ୍ତ ନାଁ ରାଜନୀତିକ ଉଦ୍ଦେଶ୍ୟ ରହିଛି। ମିଳିଥିବା ସୂଚନା ଅନୁଯାୟୀ ଶାସକ ଦଳର ଜଣେ ଅଲୋଡ଼ା ନେତା ବିଧାୟକଙ୍କୁ ବଦନାମ କରିବା ପାଇଁ ବିରୋଧି ସହିତ ହାତ ମିଳାଇ ବିଜେପିର ଜଣେ ରାଜ୍ୟ ସ୍ତରୀୟ ନେତାଙ୍କ ସହଯୋଗରେ ଏହି ମହୋତ୍ସବ କରାଯାଉଛି। ଏଠାରେ ପ୍ରଶ୍ନ ଗଣମାଧ୍ୟମ ପ୍ରତିନିଧି ମାନେ ନିରପେକ୍ଷ ଖବର ପ୍ରସାରଣ କରୁଥିବା ବେଳେ କାହା ଚାପରେ ପ୍ରେସ କ୍ଲବ ଏକ ନିର୍ଦ୍ଦିଷ୍ଟ ଦଳର ସହଯୋଗରେ ମହୋତ୍ସବ କରୁଛି। ମହୋତ୍ସବ ଏକ ଭାଇଚାରାର ବାର୍ତ୍ତା ବାଣ୍ଟୁଥିବା ବେଳେ କାହିଁକି ଏହାକୁ ଦଳୀୟଭିତିକ କରାଗଲା। ଏନେଇ ବିଧାୟକ ଛବି ମଲ୍ଲିକ ପ୍ରତିକ୍ରିୟା ମିଳିନଥିବାବେଳେ ପ୍ରେସ କ୍ଲବ ସଭାପତି ମନୋରଞ୍ଜନ ଶତପଥୀ ଯାହା ଭୁଲ୍ ହୋଇଛି ହୋଇଛି ଆଉ ଆଗକୁ ହେବନି କହିଛନ୍ତି। ଏବଂ ବିଧାୟକଙ୍କୁ ଡାକି ଥିଲୁ ସେ ମନା କରିଥିଲେ ବୋଲି କହିଛନ୍ତି।

## ମହିଳା ଯୌନ ନିର୍ଯାତନା ସଚେତନତା କର୍ମଶାଳା

କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ତାଲୁକ୍ ଆଇନ ସହାୟତା କମିଟି ଦ୍ୱାରା ଶନିବାର ସନ୍ଧ୍ୟାରେ ମହିଳା ଯୌନ ନିର୍ଯାତନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହା ସରକାରୀ ଡାକ୍ତରଖାନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଡାକ୍ତରଖାନାର ସୁପରିଟେଣ୍ଡେଣ୍ଟ ରାକେଶ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ତାଲୁକ୍ ଆଇନ ସହାୟତା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ରାଜେଶ କୁମାର ନାୟାର (ମୁଖ୍ୟ ଅତିଥି ) ସବ୍ ଜଜ୍ ପରିତୋଷ ସେଠି (ସମ୍ମାନିତ ଅତିଥି) ଭାବେ ଯୋଗ ଦେଇଥିଲେ । ଏହି ସଚେତନତା ଶିବିରରେ ମହିଳାମାନେ କିପରି କର୍ମସ୍ଥଳରେ ଯୌନ ନିର୍ଯାତନାର ଶିକାର ହୁଅନ୍ତି ଏବଂ ସେଥିରୁ କିପରି ନିଜର ସୁରକ୍ଷା କରିପାରିବେ ସେନେଇ ଥିବା ଆଇନ ଉପରେ ସଚେତନତା କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଡାକ୍ତରଖାନାର ସମସ୍ତ ନର୍ସ ଏବଂ ମହିଳା କର୍ମଚାରୀ ସାମିଲ ଥିଲେ ।

## ମୃତ ୨ ଛାତ୍ରୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ ପୂର୍ବତନ ସାଂସଦ

ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଏମ୍‌ଭି-୭୨ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଦୁଇଜଣ ସପ୍ତମ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ବର୍ତ୍ତମାନ ସୁଦ୍ଧା ପୋଲିସର ହାତ ଖାଲି। ଏଯାଏଁ ଘଟଣା ଉପରୁ ପରଦା ଉଠାଇବାରେ ପୋଲିସ ବିଫଳ ହୋଇଛି। ଅନ୍ୟପଟେ ଉକ୍ତ ଘଟଣାକୁ ନେଇ ବିଜୁ ଜନତା ଦଳ ତରଫରୁ ଦୁଇ ମୃତ ଛାତ୍ରୀଙ୍କ ପରିବାର ଙ୍କୁ କିଭଳି ଭାବେ ନ୍ୟାୟ ଦେବା ପାଇଁ ଉଦ୍ୟମ କରୁଛି । ଆଜି ନବରଙ୍ଗପୁର ପୂର୍ବତନ ସାଂସଦ, ପୂର୍ବତନ ମନ୍ତ୍ରୀ ତଥା ନବରଙ୍ଗପୁର ବିଜେଡି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ମାଝୀ ଉଭୟ ଛାତ୍ରୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ଉଭୟ ପରିବାର କିଭଳି ନ୍ୟାୟ ପାଇବେ ଉକ୍ତ ବିଷୟକୁ ନେଇ ବିଜୁ ଜନତା ଦଳ ତରଫରୁ ବିଧାନସଭା ରେ ସ୍ୱର ଉଠାଯିବ କହିବା ସହ ଉଭୟ ପରିବାରଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ରମେଶ ଚନ୍ଦ୍ର ମାଝୀ । ଗତ କିଛିଦିନ ପୂର୍ବରୁ ମଧ୍ୟ ପୂର୍ବତନ ବିଧାୟକ ମାନସ ମାଡ଼କାମୀଙ୍କ ସହ ବିଜେଡି ଟିମ୍ ଉଭୟ ଛାତ୍ରୀଙ୍କ ପରିବାରକୁ ଭେଟିଥିଲେ। ଏହି



ଘଟଣାରେ ପୋଲିସ୍‌ର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ବଢୁଥିବାବେଳେ ସତ୍ୟାସତ୍ୟ ଜାଣିବା ପାଇଁ ବିଜେଡିର ଏକ ଅନୁସନ୍ଧାନକାରୀ ଦଳ (ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍) ଘଟଣାସ୍ଥଳରେ ପହଞ୍ଚିଥିଲା । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ମାନସ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ତଙ୍ଗୁଲ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, କାଳିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ, ପୂର୍ବତନ ବ୍ଲକ ସଭାପତି ସର୍ବ ବିଶୋଇ ,ଜିଲ୍ଲା ପରିଷଦ ସଭ୍ୟା ମମତା ମାଡକାମୀ, ଅପର୍ଣ୍ଣା ମଣ୍ଡଳ, କେ .ରାହୁଲ ପ୍ରମୁଖଙ୍କ ସହ ବିଜୁ ଜନତାଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ନୂତନ ଆଇଆଇସିଙ୍କ ଯୋଗଦାନ

ରାଜନଗର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନାର ଆଇଆଇସି ଶ୍ରୀ ଅଜୟ କୁମାର ଜେନାଙ୍କ ନାମରେ ବହୁ ଅଭିଯୋଗ ପରେ ମୟୁରଭଞ୍ଜ ଜିଲ୍ଲାକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ଲୋକମାନଙ୍କ ମନ କିଣିନେଉଥିବା ନୂତନ ଆଇଆଇସି ନରେଶ କୁମାର ସାହୁ ଗତକାଲି ରାଜନଗର ଥାନାରେ ଯୋଗ ଦେଇଛନ୍ତି। ସେହିପରି ତାଳଚୁଆ ମେରାଇନ ଥାନାର ଆଇଆଇସି ସସ୍ମିତା ସାହୁଙ୍କୁ କେନ୍ଦ୍ରାପଡା ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ବିମଲ କୁମାର ମଲ୍ଲିକଙ୍କୁ ନିଯୁକ୍ତି ଦିଆ ଯାଇଛି। ରାଜନଗର ଥାନା ଆଇଆଇସିଙ୍କର ବଦଳି ଖବର ଶୁଣି ବହୁଲୋକ ଆଶ୍ୱସ୍ତି ଅନୁଭବ କରି ଖୁସି ମନାଉଥିବା ବେଳେ, ଜନୈକ ହୋମଗାର୍ଡଙ୍କୁ ରାତିରେ ନିଦ ହେଉନାହିଁ। କେତେକ



ଦଲାଲ ଏବଂ ତାଙ୍କ ସମୟରେ ଖୁଲୁମ ଖୋଲା ରାଜନଗର ବଜାରରେ ୧୨/୧୪ଜଣ ବାଇକରେ ଚୋରା ମଦ ବେପାର କରୁଥିବା ବ୍ୟକ୍ତିଙ୍କୁ ନୂତନ ଆଇଆଇସିଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଯାଇଛି। ନୂତନ ଆଇଆଇସି ଶ୍ରୀ ସାହୁ ଏଥିପୂର୍ବରୁ ଖଲ୍ଲିକୋଟ ଓ ଅଳ୍ପଦିନ ହେବ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ସଂସାର ଫଳରେ ଆଇଆଇସି ଭାବେ କାର୍ଯ୍ୟ କରି ତାଙ୍କର ଭଦ୍ରତା ଓ ନ୍ୟାୟ ଦେବା ଅଭିଜ୍ଞତାରେ ଅଞ୍ଚଳବାସୀଙ୍କ ମନ କିଣି ସତ୍ୟାସତ୍ୟ ଘଟଣା ଉପରେ ଦୃଷ୍ଟି ଦେଇ ଆସୁଛନ୍ତି। ବିନା ତଦନ୍ତରେ ଭଦ୍ର ଲୋକଙ୍କୁ ଦାଗି ସଜାଇ ମିଛ କାଉଣ୍ଟର କେଶ କରିବାକୁ ବିଦାୟୀ ଆଇଆଇସିଙ୍କ ପରି ପ୍ରବର୍ତ୍ତାଇବା ବ୍ୟକ୍ତି ନୁହଁନ୍ତି ଶ୍ରୀ ସାହୁ। ତେଣୁ ଭଗବାନ ତାଙ୍କର କର୍ମମୟ ଜୀବନ ନିଷ୍କଣ୍ଟକ ଓ ସୁଖମୟ କରନ୍ତୁ। ରାଜନଗର ସାହି ବଜାର ବାଟରେ ଘାଟରେ ବାଇକ୍ ମୋବାଇଲ୍ ମଦ ବାର ରୋକିବା ସହିତ ନିରପେକ୍ଷ ବିଚାର କରି ନ୍ୟାୟ ଦେବା ଓ ଟ୍ରାଫିକ୍ ସମସ୍ୟା ଓ ନାଇଟ୍ ପେଟ୍ରୋଲିଂ ଉପରେ ଗୁରୁତ୍ୱ ଦେଇ ନୂତନ ଆଇଆଇସିଙ୍କ କାର୍ଯ୍ୟଧାରା ରାଜନଗର ଥାନା ଅଧିବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବ।

## କାନ୍‌ଝାରୀ ଡ୍ୟାମର ବାମପାର୍ଶ୍ୱ କେନାଲ ପୁନଃରୁଦ୍ଧାର କାମ ଆରମ୍ଭ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କାନ୍‌ଝାରୀ ଡ୍ୟାମର ବାମ ପାର୍ଶ୍ୱ କେନାଲ ପୋତି ହୋଇ ଭାଙ୍ଗି ରୁଜି ଯାଇ ତଳ ମୁଣ୍ଡକୁ ପାଣି ଯିବାରେ ସମସ୍ୟା ଦେଖାଯାଉଥିଲା । ଏହାର ମରାମତି ସହ ପଙ୍କ ଉଦ୍ଧାର କରିବାକୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ । ଜଳସେଚନ ପାଇଁ ନଦୀବନ୍ଧ ନିର୍ମାଣ କରାଯାଇଥିଲେ ମଧ୍ୟ ଏଗୁଡିକର ରକ୍ଷଣାବେକ୍ଷଣ ହେଉନଥିବାରୁ ଆୟକଟ ଏରିଆକୁ ଜଳସେଚନ ସଂପୂର୍ଣ୍ଣ ଭାବେ ହୋଇ ପାରୁନଥିଲା । କାନ୍‌ଝାରୀ ବାମ ପାର୍ଶ୍ୱ କେନାଲର ଚକ ଠାରୁ କଂଟିଆପଡା ଏବଂ ଗୋଡିପୋଖରୀ ପର୍ଯ୍ୟନ୍ତ ୨୧ କିଲୋମିଟର କେନାଲ ଭାଙ୍ଗି ରୁଜି ଯାଇଥିବାରୁ ତଳ ମୁଣ୍ଡକୁ ଜଳସେଚନ ସୁବିଧା ମିଳୁନଥିଲା । ଫଳରେ ଚକ, ଡୁମୁରିଆ, ଜଗନ୍ନାଥପୁର,ତାଳପଦା, କଂଟିଆପଡା, ଯମୁନାପଶି, ଗୋଡିପୋଖରୀ, ବରୁଡିପଶି, କୋଡଖମଣ, ପଦ୍ମକେଶରପୁର, ଭୃଙ୍ଗରାଜପଶି ଏବଂ ନୂଆଗାଁ ଗ୍ରାମକୁ ଜଳ ପହଁଚିପାରୁନଥିଲା। ଏହାର ମରାମତି ପାଇଁ ଚାଷୀମାନେ ଦୀର୍ଘଦିନ ହେବ ଦାବି କରି ଆସୁଥିଲେ ହେଁ ବାମ ପାର୍ଶ୍ୱ କେନାଲ ମରାମତି ଏବଂ ପଙ୍କ ଉଦ୍ଧାର କରାଯାଉ ନଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା । ଦୀର୍ଘ ୩୫ବର୍ଷ ଧରି ସ୍ଥାୟୀ ମରାମତି ହୋଇନଥିବାରୁ ଅନେକ ସ୍ଥାନରେ ପାଣି ଲିକ୍ ହୋଇ ତଳ ମୁଣ୍ଡକୁ ପାଣି ଯାଇ ପାରୁନଥିଲା। ପ୍ରତିବର୍ଷ ରବି ଋତୁରେ ଏହି ସମସ୍ୟା ଦେଖାଦେଉଥିଲା । ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ବାମ ପଟ କେନାଲର ୪ଟି ମାଇନର କେନାଲର ସ୍ଥାୟୀ ମରାମତି ପାଇଁ ଟେଣ୍ଡର କରାଯାଇ କାମ ଆରମ୍ଭ ହୋଇଛି । ଡୁମୁରିଆ, ଗମ୍ଭାରିଆ, ପଦ୍ମପୁର ଏବଂ ଗୋଡିପୋଖରୀ ମାଇନର କେନାଲର କାମ ଆରମ୍ଭ ହୋଇଥିବାରୁ କେନାଲରେ ପାଣି ଛଡାଯାଉନାହିଁ । ଏଥିସହ ବାମପଟ ମୁଖ୍ୟ କେନାଲର ସଫେଇ କାମ ଏବଂ କଂକ୍ରିଟ



ଲାଇନିଙ୍ଗ କାମ କରାଯାଉଛି। ମେ ମାସ ମଧ୍ୟରେ ଏହାର ସଂପୂର୍ଣ୍ଣ କାମ ଶେଷ ହେବ। ଚଳିତ ବର୍ଷ ବାମପଟ କେନାଲରେ ପାଣି ଛଡାଯିବ ନାହିଁ । ସଂପୂର୍ଣ୍ଣ କାମ ସରିବା ପରେ ପାଣି ଛଡାଯିବ। ଏଥିପାଇଁ କାନଝାରୀ ଜଳସେଚନ ଉପଖଣ୍ଡ ଅଧିକାରୀ ଚତୁର୍ଭୁଜ ନାୟକ ଜନସାଧାରଣ ତଥା ଚାଷୀ ଭାଇଭଉଣୀମାନଙ୍କୁ ସହଯୋଗ କାମନା କରିଛନ୍ତି । ବାମପଟ କେନାଲର କାମ ଶେଷ ହେଲେ ଅଧିକ ୨ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରିବ ବୋଲି ଶ୍ରୀ ନାୟକ କହିଛନ୍ତି । ସୂଚନାଯୋଗ୍ୟ ଯେ, କୃଷିକ୍ଷେତ୍ରର ବିକାଶ ପାଇଁ କେନ୍ଦୁଝର ଜିଲ୍ଲା କାନଝାରୀ ଠାରେ କାନଝାରୀ ମଧ୍ୟମ ଜଳସେଚନ ପ୍ରକଳ୍ପ କରାଯାଇଥିଲା । ଏହି ପ୍ରକଳ୍ପ ୧୯୮୯ ମସିହାରେ କାର୍ଯ୍ୟକ୍ଷମ ହୋଇ ଚାଷୀଙ୍କୁ ପାଣି ଯୋଗାଇ ଆସୁଥିଲା । ଏହି ପ୍ରକଳ୍ପ ହେବାର ୩୫ ବର୍ଷ ପରେ କେନାଲ ଭାଙ୍ଗି ପୋତି ହୋଇ ଯାଇଥିବାବେଳେ ଡ୍ୟାମର ଜଳଧାରଣ କ୍ଷମତା ହ୍ରାସ ହେଲାଣି । ପଙ୍କ ଏବଂ ମାଟିରେ ନଦୀ ବନ୍ଧ କ୍ରମଶଃ ପୋତି ହୋଇ ଯାଉଥିବାରୁ ତଳ ମୁଣ୍ଡକୁ ଖରା ଦିନରେ ଜଳସେଚନରେ ସମସ୍ୟା ହେଉଥିଲା । କାନଝାରୀ ନଦୀ ବନ୍ଧ ଉପରେ ସଦର, ଘଟଗାଁ ଏବଂ ପାଟଣା ବ୍ଲକର ୭ଟି ପଂଚାୟତ ଅଧିନସ୍ଥ ୧୬ ଟି ଗ୍ରାମର ଚାଷୀ ଉପକୃତ ହେଉଛନ୍ତି। ଏହି ନଦୀ ବନ୍ଧର ମୋଟ ଆୟକଟ ଏରିଆ ୧୦ହଜାର ୯୦୦ ହେକ୍ଟର ଥିବାବେଳେ ଜଳ ଧାରଣ କ୍ଷମତା ଦିନକୁ ଦିନ କମୁଥିବାରୁ ଖରିଫ୍ ଋତୁରେ ୬୫୦୦ ହେକ୍ଟର ଏବଂ ରବି ଋତୁରେ ୨୮୦୦ ହେକ୍ଟର ଜମିକୁ ଜଳସେଚନ ହୋଇ ପାରୁଛି। ଜଳ ଭଣ୍ଡାର କ୍ଷମତା ୩୪୫୧.୬୬ ହେକ୍ଟର ଏରିଆ ପର ମିଟର ଥିବାବେଳେ ପଙ୍କ ଏବଂ ମାଟିରେ ପୋତି ହୋଇ ଯାଉଥିବାରୁ ଜଳଧାରଣ କ୍ଷମତା ମଧ୍ୟ ହ୍ରାସ ପାଇଛି । ଫଳରେ ଚାଷୀମାନେ ରବି ଋତୁରେ ଆବଶ୍ୟକ ଅନୁସାରେ ପାଣି ପାଇପାରୁନାହାଁନ୍ତି । ଏହାର ମଧ୍ୟ ପୁନଃରୁଦ୍ଧାର ଜରୁରୀ ହୋଇପଡିଛି ।

## ଠକେଇ ଅଭିଯୋଗରେ ୩ ବର୍ଷ ସଶ୍ରମ କାରାଦଣ୍ଡ

ମାଲକାନଗିରି (ଭାସ୍କର ନ୍ୟୁଜ୍): ନର୍ସିଂ ଚାକିରି କରାଇ ଦେବା ନାମରେ ୩ଲକ୍ଷ ଟଙ୍କା ଠକେଇ ଘଟଣାରେ ଦଣ୍ଡ ଶୁଣାଇଛନ୍ତି କୋର୍ଟ । ଭୁବନେଶ୍ୱରର ମନୋଜ ସୂତାରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ମୋଟୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରବୀଣ କୁମାର ହୋତା । ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅତିରିକ୍ତ ୧ମାସ କାରାଦଣ୍ଡ ନିମନ୍ତେ ରାୟ ଦେଇଛନ୍ତି । ଗତବର୍ଷ ଜୁନ୍ ମାସ ୧୧ତାରିଖରେ ଶିବବ୍ରତ ଦାଶ କାଲିମେଳା ଥାନାରେ ଏତଲା ଦେଇଥିଲେ । ତାଙ୍କ ପତ୍ନୀଙ୍କୁ ନର୍ସିଂ ଚାକିରି କରାଇଦେବାକୁ କହି ମନୋଜ ୫ଲକ୍ଷ ଟଙ୍କା ମାଗିଥିଲା। ତେବେ ୬ଟି କିସ୍ତିରେ ୩ଲକ୍ଷ ଟଙ୍କା ନେବାପରେ ଆଉ ଧରାଛୁଆଁ ଦେଇ ନଥିଲା ବୋଲି ଏତଲାରେ ଉଲ୍ଲେଖ କରିଥିଲେ । ପୋଲିସ ଠକେଇ ମାମଲା ରୁଜୁ କରି ମନୋଜକୁ ଗିରଫ କରିଥିଲା। ବିଚାରାଧୀନ ମାମଲାର ଶୁଣାଣି କରି ସାକ୍ଷ୍ୟ ଏବଂ ପ୍ରମାଣ ଆଧାରରେ ଗତକାଲି ମୋଟୁ ଜେଏସ୍ଏଫ୍‌ସି କୋର୍ଟ ଉପରୋକ୍ତ ସଜା ଶୁଣାଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ କାଲିମେଳା ବ୍ଲକ ଏମ୍‌ପିଭି-୮୧ ଗାଁର ଜଣେ ଯୁବକଙ୍କ ଠାରୁ ଚାକିରି ପାଇଁ ୧୧ଲକ୍ଷ ଟଙ୍କା ଠକି ନେଇଥିଲା ମନୋଜ। ଏହି ମାମଲାରେ ବି ଗତବର୍ଷ କୋର୍ଟ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ନିମନ୍ତେ ରାୟ ଶୁଣାଇ ସାରିଛନ୍ତି। ମନୋଜ ବିରୋଧରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଥାନାରେ ୧୨ଟି ମାମଲା ରହିଛି। ମୋଟୁ ଜେଏମ୍‌ଏଫ୍‌ସି କୋର୍ଟରେ ୩ଟି ମାମଲା ମଧ୍ୟରୁ ଦୁଇଟିରେ ଦୋଷୀ ସାବ୍ୟସ୍ତ ହୋଇସାରିଥିଲା ବେଳେ ଗୋଟିଏ ମାମଲା ବିଚାରାଧୀନ ରହିଛି। ସରକାରୀ ଓକିଲ ତାପସ କୁମାର ନାଥ ମାମଲା ପରିଚାଳନା କରୁଥିଲା ବେଳେ ମନୋଜ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ଆଇନଜୀବୀ ହିରୋଜ କୁମାର ପାଣିଗ୍ରାହୀ ମାମଲା ପରିଚାଳନା କରୁଥିଲେ ।

## ଚାରାରୋପଣ ଓ ପୋଷ୍ୟଚାରା ଗ୍ରହଣ କାର୍ଯ୍ୟକ୍ରମ

ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମ ନିକଟ ବେନା ହଜ ଠାରେ ୧୨ ଜଣ ଆଧ୍ୟାତ୍ମିକ ଓ ପରିବେଶବିତ୍ ମାନଙ୍କୁ ନେଇ ମାଘ ପୂର୍ଣ୍ଣିମା ତିଥିରେ ବୁଡ଼ ପକାଇବା ଉଦ୍ଦେଶ୍ୟରେ ୩୦ ଗୋଟି ଅଶ୍ୱତ୍ଥ ଓ ବଟବୃକ୍ଷ ରୋପଣ ସହ ଏହି ବୃକ୍ଷମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ବ୍ରହ୍ମପୁର ସବୁଜ ବାହିନୀ ଉଦ୍ୟମରେ ସମସ୍ତ ପର୍ବପର୍ବାଣୀରେ କିମ୍ବା ବ୍ୟକ୍ତିଗତ ବିଶେଷ ଉତ୍ସବରେ ପ୍ରକୃତି ସହ ଯୋଡିବା ପାଇଁ ପ୍ରୟାସ କରିଆସୁଛି। ଯାହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଚାରାରୋପଣ କରିଲେ ବର୍ତ୍ତମାନ ଓ ଆଗାମୀ ପିଢୀଙ୍କୁ ଏକ ସୁସ୍ଥ ପରିବେଶ ଯୋଗାଇ ପାରିବ । କିଛି ଆଧ୍ୟାତ୍ମିକ ବ୍ୟକ୍ତି ମାନେ ମାଘ ପୂର୍ଣ୍ଣିମା ବୁଡ଼ ପକାଇ ଫେରିଥିବାରୁ ଏହି ସ୍ମୃତିକୁ ସବୁ ଦିନ ପାଇଁ ସାଇତି ରଖିବା ଉଦ୍ଦେଶ୍ୟରେ ବୃକ୍ଷଟିଏ ରୋପଣ



କରିବା ସହିତ ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କିଛି ପରିବେଶପ୍ରେମୀଙ୍କ ମୁତାବକ ମହାକୁମ୍ଭରେ ସ୍ନାନ କରିଲେ ପାପ ଦୂର ହେବା ସହ ନିଜର ଉନ୍ନତି ହୋଇଥାଏ, କିନ୍ତୁ ଚାରାଟିଏ ରୋପଣ କରି ପୋଷ୍ୟ ଭାବେ ଗ୍ରହଣ କରିଲେ ସମାଜର ଉନ୍ନତି ହେବ ଓ ପରିବେଶର ସୁରକ୍ଷା ହୋଇ ପାରିବ ବୋଲି କହିଥିଲେ। ଏହି ଭାବନାକୁ ସମ୍ମାନ ଜଣାଇ ସାଙ୍ଗଠନ ପକ୍ଷରୁ ମହାକୁମ୍ଭ ମେଳା ସ୍ମୃତିରେ ବୃକ୍ଷଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଭାସ୍କର ପଟ୍ଟନାୟକ, ସନ୍ତୋଷ ଦାସ, ରବୀନ୍ଦ୍ରନାଥ ପାଢ଼ୀ, ପ୍ରଫେସର ସଚ୍ଚିଦାନନ୍ଦ ପାଢ଼ୀ, ରାମେଶ ପ୍ରଧାନ, ପାର୍ଥ ସାରଥି ରାମମୂର୍ତ୍ତିଙ୍କ ସହ ବହୁ ପରିବେଶ ପ୍ରେମୀ ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଭାପତି ଶିବରାମ ପାଣିଗ୍ରାହି ପରିଚାଳନା କରିଥିବା ବେଳେ ସମ୍ପାଦକ ଏ ପ୍ରକାଶ, ପି ବିନଦ, ରବି ସାହାଣୀ, ସାଗର ପାତ୍ର, ବନମାଳୀ ପ୍ରଧାନ, ପ୍ରବୀଣ ନାୟକ ସହ ବହୁ ପରିବେଶବିତ ସହଯୋଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର





କଟକ(ଭାସ୍କର ନ୍ୟୁଜ): ନୁଆବଜାର ଉଚ୍ଚ ବିଦ୍ୟାଳୟ ୧୯୭୪ ମସିହା ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଛାତ୍ରୀ ମାନେ ଏକାଠି ହୋଇ ସୁବର୍ଣ୍ଣ ଜୟନ୍ତୀ ବନ୍ଧୁମିଳନ ଉତ୍ସବ ବଡ ଧୁମ୍ ଧାମରେ ପାଳନ ହୋଇଥିଲା । ପୁରାତନ ବିଦ୍ୟାର୍ଥୀ ଦିଲ୍ଲିପ୍ ରାୟ, ଦୁର୍ଗାମାଧବ ପତି ଓ ବୈରାଗି ଚରଣ ମହାରଣା,ରାଜକିଶୋର ଓଝା, ସନ୍ତୋଷ କୁମାର ଖୁଣ୍ଟିଆ, ଅକ୍ଷୟ କୁମାର ପ୍ରଧାନ, ସରୋଜ କୁମାର ଚୌଧୁରୀ, ଗଧାଧର ଚୌଧୁରୀ, ଗୁଣମଣି ସାହୁ, ପ୍ରଦିପ୍ତ କୁମାର ପଣ୍ଡା, ହେମନ୍ତ କୁମାର ସାହୁ, କାଶିନାଥ ସାହୁ, ମିନାକ୍ଷୀ ପାତ୍ର, ଗୌରୀ ସେନାପତି, ଜୟନ୍ତୀ ସ୍ୱାଇଁ, ଲଳିତ କୁମାର ସାହୁ, ଗ୍ୟାନେନ୍ଦ୍ର କୁମାର ମିତ୍ର, ଜ୍ୟୋସ୍ନାରାଣୀ ସାହୁ, କାଳିକୃଷ୍ଣ ମଜୁମଦାର, ଦେବେନ୍ଦ୍ର ବସ୍ତିଆ, ନିର୍ମଳ କୁମାର ସ୍ୱାଇଁ, ଦିଲ୍ଲିପ କୁମାର ମିଶ୍ର, ବସନ୍ତ କୁମାର ମହାନ୍ତି, ଅର୍ଜୁନି କୁମାର ମହାରଣା, ରତ୍ନାକର ବେହେରାଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ଏହି ଅବସରରେ ଦିବଙ୍ଗତ ଛାତ୍ରଛାତ୍ରୀମାନଙ୍କ ସ୍ମୃତିଚାରଣ କରି ପବିତ୍ର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

**ସରିଲା ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା-୨୦୨୫**

# ମତ୍ସ୍ୟଚାଷୀ ଓ ପ୍ରାଣୀପାଳକ ରାଜ୍ୟ ସମୃଦ୍ଧିର ମେରୁଦଣ୍ଡ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ରାଜ୍ୟ ସମୃଦ୍ଧିର ମେରୁଦଣ୍ଡ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି । ରବିବାର ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାବେଶରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ରାଜ୍ୟର ବିସ୍ତୀର୍ଣ୍ଣ ଉପକୂଳ, ଆଭ୍ୟନ୍ତରୀଣ ଜଳଉତ୍ସ ରହିଥିବାରୁ ଓଡ଼ିଶା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ନେତୃତ୍ୱ ନେବାର ଅପାର ସମ୍ଭାବନା ଓ ସୁଯୋଗ ରହିଛି । ଗ୍ରାମୀଣ ଜୀବିକାକୁ ସୁନିଶ୍ଚିତ କରିବା, ଅର୍ଥନୈତିକ ଅଭିବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହାର ସାମର୍ଥ୍ୟ ରହିଛି । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ "ବିକଶିତ ଓଡ଼ିଶା ଓ ବିକଶିତ ଭାରତ" ଗଠନ ସହ ଜଡ଼ିତ । ଯେହେତୁ ଆମେ ବିକଶିତ ଓଡ଼ିଶା ଓ ଆତ୍ମନିର୍ଭର ଭାରତ ପାଇଁ କାର୍ଯ୍ୟ କରୁଛେ ଆମକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଚାଷୀମାନଙ୍କୁ ସଶକ୍ତ କରିବାକୁ ପଡ଼ିବ ବୋଲି ରାଜ୍ୟପାଳ କହିଥିଲେ। ଆଧୁନିକ ଜ୍ଞାନ କୌଶଳ ଅବଲମ୍ବନରେ ମତ୍ସ୍ୟ ଓ ପ୍ରାଣୀଙ୍କର ଖାଦ୍ୟ ପରିଚାଳନା, ରୋଗ ନିୟନ୍ତ୍ରଣ, ଉତ୍ପାଦନ ବୃଦ୍ଧି, ପ୍ରକ୍ରିୟାକରଣ, ବିପଣନର ସୁବିଧା ନିମନ୍ତେ ବଜାର ସୃଷ୍ଟି ସହିତ ସହଜ ପରିବହନ ବ୍ୟବସ୍ଥା, ପ୍ରାଣୀଧନ ବୀମା, ମହିଳାମାନଙ୍କୁ ଏ କ୍ଷେତ୍ରରେ ସାମିଲ କରି ସେମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସମାରୋହରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରି, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶରେ ସହଯୋଗର ହାତ ବଢାଇବାକୁ ସମସ୍ତଙ୍କୁ ନିବେଦନ କରିଥିଲେ ଏବଂ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ଗୋମାତା ଯୋଜନା' ଦୁଗ୍ଧ ଉତ୍ପାଦନରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବ ବୋଲି କହିଥିଲେ । ବିଏମ୍‌ସିର ମେୟର ସୁଲୋଚନା ଦାସ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶେଷରେ ଉଦ୍ୟାନକୃଷି ବିଭାଗର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ଓମଫେଡର ପ୍ରେସିଡେଣ୍ଟ କିଶୋର ଚନ୍ଦ୍ର ପ୍ରଧାନୀ ମଞ୍ଚାସୀନ ହୋଇଥିଲେ । ଏହି ଅବସରରେବିଭିନ୍ନ ବର୍ଗର ସଫଳ ଚାଷୀମାନଙ୍କୁ ଅନଲାଇନ ମାଧ୍ୟମରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହିତ ହିତାଧିକାରୀ ଓ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ଓଡିଆ ବିଶ୍ୱ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟକୁ ଅଭିବୃଦ୍ଧି ନେଇ ତେଜିଲା ରାଜନୀତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟ ଅଭିବୃଦ୍ଧି ପଛରେ ଶ୍ରେୟ କାହାର ତାକୁ ନେଇ ତେଜିଛି ରାଜନୀତି । ବିଜେଡି କହିଛି ଶ୍ରେୟ ପୂର୍ବ ସରକାରର । ବିଜେପି କହିଛି ଯାଇନି ସରକାରର ମୋହ । ବରିଷ୍ଠ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ୨୦୧୯-୨୦ ରୁ ୨୩-୨୪ ଭିତରେ ଓଡିଶା ଅର୍ଥନୀତି ସୁନ୍ଦର ଆଚିଭମେଣ୍ଟ କରିଛି । ସେତେବେଳେ କାହାର ସରକାର ଥିଲା । ତେଣୁ ଏହା ପୂର୍ବ ଏହା ପୂର୍ବ ସରକାର ପରିଶ୍ରମ ଏବଂ ସାଧାନ । ବିତ୍ତିୟ ଶୃଙ୍ଖଳା ରଖିବାର ଶ୍ରେୟ । ଅନ୍ୟପଟେ ଆଇନ ମନ୍ତ୍ରୀ କହିଛନ୍ତି ମୁଦ୍ରାସ୍ଫିତୀ କମାଇବା ସହ ଅର୍ଥନୀତି ସୁଦୃଢ ପାଇଁ ନୂଆ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ବିଜେଡି ସରକାର ଗଲେଣି କିନ୍ତୁ ବିଶ୍ୱାସ କରିପାରୁନାହାନ୍ତି । ମରୀଚିକା ପଛରେ ନ ଧାଇଁ ବାସ୍ତବତାକୁ ଆସନ୍ତୁ ବିରୋଧୀ ଦଳର ଭୂମିକା ନିଭାନ୍ତୁ । ଅନ୍ୟ ପଟେ କଂଗ୍ରେସ କଟାକ୍ଷ କରି କହିଛି ଯଦି ଅଭିବୃଦ୍ଧି ଶ୍ରେୟ ନେବାକୁ ପ୍ରତିଯୋଗିତା କରୁଛନ୍ତି ତାହେଲେ ଦରଦାମ ବୃଦ୍ଧିର ଶ୍ରେୟ ବି ନିଅନ୍ତୁ । ରାଜ୍ୟ ଅଭିବୃଦ୍ଧି ହାର ବଢ଼ି ନାହିଁ ପୂର୍ବ ବର୍ଷ ଅପେକ୍ଷା କମିଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ।

## ଶରୀର ଓ ମନ ମଧ୍ୟରେ ସନ୍ତୁଳନ ଜରିଆରେ ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ: ନବୀନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ଭୁବନେଶ୍ୱର ଜନତା ମୈଦାନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ ତଥା ସତସଙ୍ଗ ବିହାର ମନ୍ଦିରରେ ଶ୍ରୀବିଗ୍ରହ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଜନତା ମୈଦାନରେ ଠାକୁରଙ୍କ ଭକ୍ତ ମାନଙ୍କ ଏକ ଭବ୍ୟ ସମ୍ମେଳନର ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗ ଦେଇ ଠାକୁରଙ୍କ ଚିତ୍ର ପ୍ରତିମାରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ତର୍ପଣ ପୁସ୍ତିକାର ଶୁଭ ଉନ୍ମୋଚନ କରିଥିଲେ। ଏହି ଅବସରରେ ସମବେତ ଭକ୍ତ ମଣ୍ଡଳୀଙ୍କୁ ଉଦବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସେବା ଓ ପ୍ରେମ ପରି ଦିବ୍ୟ ଗୁଣ ସହିତ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ଉପରେ ଶ୍ରୀ ଠାକୁର ଗୁରୁତ୍ୱ ଦେଉଥିଲେ। ବର୍ତ୍ତମାନର ବ୍ୟସ୍ତ ବହୁଳ ଜୀବନରେ ଠାକୁରଙ୍କ ବାଣୀର ବିଶେଷ ପ୍ରାସଙ୍ଗିକତା ରହିଛି ବୋଲି ମତଦେଇ ଶ୍ରୀ ପଟ୍ଟନାୟକ ଉଭୟ ମନ ଓ ଶରୀର ମଧ୍ୟରେ ସନ୍ତୁଳନ ରକ୍ଷା ଜରିଆରେ ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ ହୋଇପାରିବ ବୋଲି କହିଥିଲେ। ସମାଜରେ ଏକ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ଦିଗରେ ସତସଙ୍ଗ ମଣ୍ଡଳୀର ନିଷ୍ଠାପର କାର୍ଯ୍ୟର ଶ୍ରୀ ପଟ୍ଟନାୟକ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ସୁଶାନ୍ତ ରାଉତ ଓ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଚିହ୍ନା ଯୁବକର ମୃତଦେହ ଉଦ୍ଧାର

କଟକ(ଭାସ୍କର ନ୍ୟୁଜ): ରାଣୀହାଟ କେନନାଲ କୂଳରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ମୃତଦେହର ପରିଚୟ ମିଳିନଥିବା ଜଣାପଡିଛି। ସକାଳୁ ସକାଳୁ ସ୍ଥାନୀୟ ଲୋକ ବିଦ୍ୟୁତ ଖୁଣ୍ଟରେ ଜଣେ ଯୁବକର ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ସଂପର୍କରେ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୁଣ୍ଟ ଉପରୁ ଶବକୁ ତଳକୁ କାଢିଥିଲା। ଘଟଣାଟି ଗତକାଲି ରାତିର ବୋଲି କୁହାଯାଉଛି। ହେଲେ ଯୁବକଙ୍କ ପରିଚୟ ମିଳିପାରିନି। ଯୁବକର ମୃତ୍ୟୁ କିପରି ହେଲା ତାହା ବି ଅସ୍ପଷ୍ଟ ରହିଛି। ଯୁବକଙ୍କ ପରିଚୟ କ'ଣ। ମୃତ୍ୟୁ କିପରି ହେଲା। ଏଠାକୁ କିପରି ଆସିଲେ ସବୁ କିଛି ସସପେନ୍ସ ଭିତରେ ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ପଚାରିଲେ ଚାଷୀ, ଉତ୍ତର ରଖିଲେ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚାଷୀ ହସିଲେ ରାଜ୍ୟ ହସିବ । ତେଣୁ ଚାଷୀଙ୍କ ପାଖରେ ସେବା ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡିଶା-୨୦୨୫ ଅବସରରେ ଆୟୋଜିତ ମନ୍ତ୍ରୀଙ୍କୁ ପଚାରନ୍ତୁ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ବିଭାଗୀୟ ମନ୍ତ୍ରୀ । ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ଉନ୍ନତି ପାଇଁ ସରକାରଙ୍କ ଏହି ଅଭିନବ ପ୍ରୟାସକୁ ଚାଷୀମାନେ ସ୍ୱାଗତ କରିଥିଲେ । ବିଭିନ୍ନ ଜିଲ୍ଲାରୁ ଆସିଥିବା ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ମନ୍ତ୍ରୀ ସହ କଥା ହୋଇଥିଲେ । କୌଣସି ସରକାରୀ କର୍ମଚାରୀ ସେମାନଙ୍କୁ ହଇରାଣ କଲେ ତୁରନ୍ତ ଚିଠି ଦ୍ୱାରା ଜଣାଇବାକୁ ସେ ଚାଷୀମାନଙ୍କୁ କହିଥିଲେ । ଚାଷୀ ପଚାରିଥିବା କିଛି ପ୍ରଶ୍ନ ଓ ମନ୍ତ୍ରୀଙ୍କ ଦ୍ୱାରା ଏହି ସବୁ ଉତ୍ତର ରଖାଯାଇଥିଲା । ଚାଷୀମାନେ ସିଧାସଳଖ ମନ୍ତ୍ରୀଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କ ସମସ୍ୟାର ସମାଧାନ ବିଷୟରେ ଅବଗତ ହୋଇଥିବାରୁ ଖୁସି ପ୍ରକାଶ କରିଥିଲେ । ଏହି ତିନି ଦିନିଆ ରାଜ୍ୟସ୍ତରୀୟ ସମାବେଶରେ ମତ୍ସ୍ୟଚାଷ ଓ ପ୍ରାଣିପାଳନ ସହ ଜଡ଼ିତ ବିଭିନ୍ନ ପ୍ରଦର୍ଶନୀ ସେମାନଙ୍କ ଜୀବିକାକୁ ସୁଦୃଢ କରିବାରେ ସହାୟକ ହେବ ବୋଲି ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ । ଏହି ତିନି ଦିନିଆ ସମାବେଶରେ ପ୍ରାୟ ୧ ଲକ୍ଷରୁ ଅଧିକ ମତ୍ସ୍ୟଚାଷୀ, ପ୍ରାଣିପାଳକ, ଉଦ୍ୟୋଗୀ, ବିଶେଷଜ୍ଞ ଓ ସାଧାରଣ ଦର୍ଶକଙ୍କ ସମାଗମ ହୋଇଥିଲା ।

## ନିଲମ୍ବନ ପ୍ରତ୍ୟାହାର ପରେ କଂଗ୍ରେସ ନେତାଙ୍କୁ ସମ୍ବର୍ଦ୍ଧନା

କଟକ(ଭାସ୍କର ନ୍ୟୁଜ): କଟକ ସଦର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି । ନବ ନିଯୁକ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିଛନ୍ତି । ଏହି ଅବସରରେ ଶ୍ରୀ ଗୋଚ୍ଛାୟତଙ୍କୁ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ପ୍ରାକ୍ତନ ଜିଲ୍ଲା କଂଗ୍ରେସ ସମ୍ପାଦକ ସଚ୍ଚିଦାନନ୍ଦ ରାଉତଙ୍କ ନେତୃତ୍ୱରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ଅଭିନନ୍ଦନ କରାଯାଇଥିଲା । ଏହି ନିଲମ୍ବନ ପ୍ରତ୍ୟାହୃତ ଫଳରେ କଟକ ସଦରରେ କଂଗ୍ରେସ ଅଧିକ କ୍ରିୟାଶୀଳ ହୋଇପାରିବ । ଏହି ନିଲମ୍ବନ ପ୍ରତ୍ୟାହୃତ ପାଇଁ ଶ୍ରୀ ଗୋଚ୍ଛାୟତ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ବରିଷ୍ଠ କଂଗ୍ରେସ୍ ନେତା ତଥା କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ମାନସ ଚୌଧୁରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିସହିତ କଟକ ନଗର(ଜିଲ୍ଲା) କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା, କଟକ ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ପିସିସିର ପ୍ରାକ୍ତନ ସମ୍ପାଦକ ପ୍ରୀୟଜିତ୍ ରାୟ, କଟକ ନଗର ୧ନଂ ବ୍ଲକ୍ କଂଗ୍ରେସ ସଭାପତି ପ୍ରଶାନ୍ତ ବେହେରା, ଯୁବନେତା ପ୍ରତ୍ୟୁଷ ସାହୁଙ୍କ ସମେତ ସନ୍ତୋଷ ବିଶ୍ୱାଳ, କାଳନ୍ଦୀ ଖୁଣ୍ଟିଆ, ବିକି ଜେଠୀ, ରଜନୀ ବସ୍ତିଆ, ସୀତାକାନ୍ତ ପଣ୍ଡା, ନିହାର ରଞ୍ଜନ ନନ୍ଦ, ଋଷି କାଣ୍ଡି, ଜୟ ନାରାୟଣ ତ୍ରିପାଠୀ, ପ୍ରାକ୍ତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଓ ଉଗ୍ରସେନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ୫ ଗିରଫ




କଟକ(ଭାସ୍କର ନ୍ୟୁଜ): ଅଷ୍ଟମରୁ ଦଶମ ଶ୍ରେଣୀ ପ୍ରଶ୍ନପତ୍ର ବିକ୍ରି ଅଭିଯୋଗରେ କଟକ ସାଇବର ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ମଧ୍ୟରେ ୪ଜଣ ୟୁଟ୍ୟୁବର ଏବଂ ଜଣେ ସହକାରୀ ଶିକ୍ଷକ ଥିବା ଜଣାପଡ଼ିଛି। କଟକ ସାଇବର ଥାନା ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି ହେଉଥିଲା। ପ୍ରଶ୍ନପତ୍ର ବିକ୍ରି ରାକେଟକୁ ଧରିବା ସହ ୪ଜଣ ୟୁଟ୍ୟୁବର ଏବଂ ଜଣେ ସହକାରୀ ଶିକ୍ଷକଙ୍କୁ ଗିରଫ କରାଯାଇଛି। ପ୍ରଶ୍ନପତ୍ର ବିକ୍ରି ପଛରେ ବହୁତ ବଡ଼ ର୍ୟାକେଟ୍ କାମ କରୁଛି। ୟୁଟ୍ୟୁବ ମାଧ୍ୟମରେ ପ୍ରଶ୍ନପତ୍ର ବିକ୍ରି କରାଯାଉଛି।

## ଝାଡ଼ାବାନ୍ତି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ନିରବତା ଦୁର୍ଭାଗ୍ୟଜନକ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଣାସ ଝାଡ଼ାବାନ୍ତିରେ ଆଉ କେତେ ନିରୀହ ଜୀବନ ଗଲେ ଚେତିବେ ସରକାର । ଆଜି ପୁଣି ଏକ ଝାଡ଼ାବାନ୍ତି ଜନିତ ମୃତ୍ୟୁକୁ ମିଶାଇ ସମୁଦାୟ ୭ଟି ଜୀବନ ଚାଲିଗଲା ପରେ ମଧ୍ୟ ସରକାର ଗମ୍ଭୀରତାର ସହ ପରିସ୍ଥିତିର ସାମ୍ନା କରିବାରେ ଅସମର୍ଥ ହୋଇଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା କହିଛନ୍ତି । ଏପର୍ଯ୍ୟନ୍ତ କଣାସ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରବର୍ଗଙ୍କୁ ସରକାରୀ ଅନୁକମ୍ପା ମିଳିବା ତ ଦୂରର କଥା, ହଇଜାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସମ୍ପର୍କୀୟଙ୍କୁ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ଅର୍ଥ ରାଶି ମଧ୍ୟ ମିଳିପାରିଲା ନାହିଁ । ରାଜଧାନୀରୁ ଅନତି ଦୂରରେ ଗତ ୧ ମାସରୁ ଉର୍ଦ୍ଧ୍ୱ ସମୟ ଧରି ୫ଟି ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଏଯାବତ ଏ ବାବଦରେ ମୁଖ୍ୟମନ୍ତ୍ରୀ ପଦୁଟିଏ ବି କହିନାହାନ୍ତି । ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଥିବା ବେଳେ ସ୍ଥିତି ବିଷୟରେ ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଲୁଚାଇବାରେ ବ୍ୟସ୍ତ । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ପୁରୀ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ କାମ ଶେଷ ହୋଇଯାଇଥିଲେ ମଧ୍ୟ ନୂଆ ସରକାର ବାକି ଥିବା କାମକୁ ବନ୍ଦ କରିଦେଇଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକୁ ତୁରନ୍ତ ଆରମ୍ଭ କରାଯାଇ ପୁରୀ ଜିଲ୍ଲା ତଥା ପ୍ରଭାବିତ ଅଞ୍ଚଳରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ତୁରନ୍ତ ଆରମ୍ଭ କରାଯାଉ ।

## ରାଜଧାନୀର ବିଚ୍ ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି । ବିଚ ରାସ୍ତାରେ ଯୁବତୀଙ୍କୁ ହଇରାଣ କଲେ ଯୁବକ । ସକାଳୁ ଅଫିସ ଯାଉଥିବା ବେଳେ ଯୁବକ ଜଣଙ୍କ ଅସଦାଚରଣ କରିଥିଲେ । ଓଢଣୀ ଟାଣିବା ସହ ଟଣା ଓଟରା କରୁଥିବା ନେଇ ଅଭିଯୋଗ ଆଣିଛନ୍ତି ଯୁବତୀ । ଯୁବତୀ ଜଣଙ୍କ ପୋଲିସ କଣ୍ଟ୍ରୋଲ ରୁମରେ କାମ କରୁଥିବା ସୂଚନା ମିଳିଛି । ସିସିଟିଭିରେ କଏଦ ହୋଇଛି ଘଟଣା ପୂର୍ବର ଚିତ୍ର । ମଞ୍ଚେଶ୍ୱର ଥାନା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

**ବିଚ୍ ରାସ୍ତାରେ ସହଦେବ ନାୟକଙ୍କୁ ହତ୍ୟା ମାମଲା**

## ଆତ୍ମସମର୍ପଣ କଲା ମୁଖ୍ୟ ଅଭିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଚ ରାସ୍ତାରେ ସହଦେବ ନାୟକଙ୍କୁ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ରମା ନାଏକ ଆତ୍ମସର୍ମପଣ କରିଥିବା ସୂଚନା ମିଳିଛି। ରବିବାର ମଞ୍ଚେଶ୍ୱର ଥାନାରେ ସହଦେବ ନାୟକ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ରମା ନାଏକ ଆତ୍ମସମର୍ପଣ କରିଛି। ଘଟଣା ପରଠାରୁ ରମା ନାଏକ ଫେରାର ଥିଲା। ଆତ୍ମସର୍ମପଣ ପରେ ମଞ୍ଚେଶ୍ୱର ପୋଲିସ ରମା ନାଏକକୁ ଗିରଫ କରିଛି। ଘଟଣା ପରଠୁ ମୁଖ୍ୟ ଅଭିଯୁକ୍ତ ରମା ନାଏକ ଫେରାର ହୋଇଯାଇଥିଲା। ଆଜି ପୂର୍ବାହ୍ନ ୧୧ଟାରେ ମଞ୍ଚେଶ୍ୱର ଥାନାକୁ ଆସି ରମା ନାଏକ ଆତ୍ମସମର୍ପଣ କରିଥିଲା।



ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ନାଟକ 'ନିଃସଙ୍ଗ ନାୟକ'ର ଏକ ମନୋରମ ଦୃଶ୍ୟ

## ୧୮ରୁ ପ୍ରଦେଶ କଂଗ୍ରେସର ସଂକଳ୍ପ ପଦଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂକଳ୍ପ ପଦଯାତ୍ରା କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡ଼ ଦେବାଶିଷ ପଟ୍ଟନାୟକ କହିଥିଲେ ଯେ ନୂତନ ପିସିସି ସଭାପତି ଭକ୍ତ ଚରଣ ଦାସ ଦାଇତ୍ୱ ନେବା ପୂର୍ବରୁ ଭୁବନେଶ୍ୱରରୁ ପୁରୀ ପଦଯାତ୍ରା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରି ନୂତନ ପିସିସି ସଭାପତି ରୂପେ ଦାଇତ୍ୱ ଗ୍ରହଣ କରିବେ। କୌଣସି ରାଜନୈତିକ ଦଳର ସଭାପତି ଦାଇତ୍ୱ ନେବା ପୂର୍ବରୁ ପଦଯାତ୍ରା କରି ମହାପ୍ରଭୁଙ୍କ ଆଶିର୍ବାଦ ଆଣି ଦାଇତ୍ୱ ଗ୍ରହଣ କରିନାହାଁନ୍ତି। ଏହା ଏକ ଐତିହାସିକ ପଦଯାତ୍ରା ହେବ ବୋଲି ସେ କହିଛନ୍ତି। ସଂକଳ୍ପ ପଦଯାତ୍ରା ଆସନ୍ତା ୧୮ ତାରିଖ ମଙ୍ଗଳବାର ଦିନ ୧୦ରୁ ବାହାରି ଶିଶୁଭବନ,ରାଜମହଲ,କଳ୍ପନା,ରବି ଟକିଜ୍ ଦେଇ ଲିଙ୍ଗିପୁର ଠାରେ ଦିନ ୧ ଟାରେ ପହଞ୍ଚିବା। ମଧ୍ୟାହ୍ନ ଭୋଜନ ବିରତ ପରେ ସେଠାରୁ ପଦଯାତ୍ରା ପୁନର୍ବାର ଆରମ୍ଭ ହୋଇ ପିପିଲି ଠାରେ ପହଞ୍ଚି ରାତ୍ରି ଯାପନ କରିବେ।୧୯ ତାରିଖ ସକାଳ ୭ ଟା ରେ ସଂକଳ୍ପ ପଦଯାତ୍ରା ପିପିଲି ଠାରୁ ଆରମ୍ଭ ହୋଇ ତେଇସିପୁର ଠାରେ ପହଞ୍ଚିବ,ମଧ୍ୟାହ୍ନ ଭୋଜନ ଓ ବିରତି ପରେ ପୁନର୍ବାର ପଦଯାତ୍ରା ଆରମ୍ଭ ହୋଇ ଚନ୍ଦନପୁର ଠାରେ ରାତ୍ରି ଯାପନ କରିବେ। ସେହିଭଳି ୨୦ ତାରିଖ ସକାଳେ ପଦଯାତ୍ରା ଚନ୍ଦନପୁର ରୁ ବାହାରି ବାଟ ମଙ୍ଗଳା ଠାରେ ମଧ୍ୟାହ୍ନଭୋଜନ କରିବା ପରେ ଅପରାହ୍ନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିବେ ନବ ନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସ ଅନ୍ୟ କଂଗ୍ରେସ ନେତୃବୃନ୍ଦ। ଶ୍ରୀମନ୍ଦିରରୁ ଦର୍ଶନ କରି ଫେରିଲା ପରେ ବଡ଼ଦାଣ୍ଡରେ ଗଣମାଧ୍ୟମକୁ ସମ୍ବୋଧିତ କରିବେ। ମହାପ୍ରଭୁଙ୍କ ଦର୍ଶନ ଓ ଆଶିର୍ବାଦ ଭିକ୍ଷା ନ ସରିବା ପର୍ଯ୍ୟନ୍ତ କୌଣସି ରାଜନୈତିକ ବକ୍ତବ୍ୟ ରଖିବେ ନାହିଁ ବୋଲି ଡ଼ ପଟ୍ଟନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ୍ ଦାସ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ୟାସିର ନୱାଜ, ରଞ୍ଜିତ ପାତ୍ର, ମନୋଜ ଜେନା ଓ ଉଦିତ ପ୍ରଧାନ ଉପସ୍ଥିତ ଥିଲେ।

## 'ଦ ଗାଉନ୍ ଆଣ୍ଡ ଦ ଗାଭେଲ୍' ପୁସ୍ତକ ଉନ୍ମୋଚିତ

କଟକ(ଭାସ୍କର ନ୍ୟୁଜ): ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଗୋପାଳବଲ୍ଲଭ ପଟ୍ଟନାୟକଙ୍କ ଆତ୍ମଜୀବନୀ 'ଦ ଗାଉନ୍ ଆଣ୍ଡ ଦ ଗାଭେଲ୍' ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଆନେକ୍ସ-୧ରେ ଉନ୍ମୋଚିତ ହୋଇଯାଇଛି । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଆଡ୍‌ଭୋକେଟ୍ ଜେନରାଲ୍ ବିଜୟକୃଷ୍ଣ ମହାନ୍ତି, ଅନ୍ୟତମ ଅତିଥି ଭାବେ ନିୟୋଗି ବୁକ୍ସ ପବ୍ଲିକେସନ୍‌ର ଅଧ୍ୟକ୍ଷ ପ୍ରଫେସର ନିର୍ମଳକାନ୍ତି ଭଟ୍ଟାଚାର୍ଯ୍ୟ ଯୋଗଦେଇ ପୁସ୍ତକ ପ୍ରକାଶନ ଉପରେ କହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସୋମା ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ଫଟୋ ସାମ୍ବାଦିକ ହୃଦୟନାଥ ଦାସଙ୍କ ପରଲୋକେ

କଟକ(ଭାସ୍କର ନ୍ୟୁଜ): ବିଶିଷ୍ଟ ଫଟୋ ସାମ୍ବାଦିକ ହୃଦୟନାଥ ଦାସଙ୍କ ପରଲୋକେ ହୋଇଯାଇଛି । କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ହୃଦୟନାଥଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ପରଲୋକଗତ ଆତ୍ମାଙ୍କ ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଡ଼ାକ୍ତର ସାହୁ ସମବେଦନା ଜଣାଇଛନ୍ତି ।

**'କମଳ ଦେଶ ରାଜ କୁମାରୀ' ସଙ୍ଗୀତ କାର୍ଯ୍ୟକ୍ରମ**

# ମାଣିକ ଆଲୋ ଆଲୋ ମାଣିକ...



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଂସ୍କାର ପକ୍ଷରୁ କମଳ ଦେଶ ରାଜ କୁମାରୀ ଏକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୁନାମଧନ୍ୟ ଜଣାଶୁଣା କଣ୍ଠ ଶିଳ୍ପୀ ମହାପ୍ରାସଦ କର, ନାଜ୍‌ୱିଆ ଆଲାମ, ତନୁଶ୍ରୀ ଜେନା, ଅନନ୍ୟା, ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପଣ୍ଡା, ଦେବାଂଶୀ ଦାସ, ଅର୍ପିତା ଚୌଧୁରୀ, ଚିତ୍ରୁୱା, ରଶ୍ମିତା, ମହମ୍ମଦ ଅବିଦ ପ୍ରମୁଖ ମାଝିରେ ଶେଷ ଶ୍ରାବଣ, ମୁଁ ତ ମଣିଷ ମାରିନି କି ମୁଁ ଚୋରି କରିନି... ମାଣିକ ଆଲୋ ଆଲୋ ମାଣିକ... ମୋତେ ବାନ୍ଧି ନେରେ ପୋଲିସ ବାବୁ... ମୋତେ ମିଳନ୍ତା କି ଏକା ଉଡ଼ନ୍ତା ଥାଳିଆ... ନକରେ ରମା ମନ... ନୀଳ ଚକ୍ର ହେ... କମଳ ଦେଶ ରାଜ କୁମାରୀ... ଟିକ ଟିକ ହୁଏ ମୋ ଛାତି... ମୋ ପ୍ରିୟା ଠାରୁ... ଏ ଫୁଲ କାହା ଥରେ... ପୂଜା କାଇଁ ପୂଜା... ନା ଯା ରେ ନା ଯା ଗୋରୀ ବାଲି ଯାତ୍ରା ଦେଖି... ପାଦରେ ପାଦ ଛନ୍ଦା... ଢାଳି ଦିଅ ସାରା... ମେଘ ବରିଷିଲା... ଟୁପୁରୁ ଟୁପୁରୁ... ଏହିସବୁ ପୁରୁଣା ରୋମାଣ୍ଟିକ ଓଡ଼ିଆ ଚଳଚିତ୍ର କଣ୍ଠ ଶିଳ୍ପୀ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶେଷ ଆକର୍ଷଣ ଥିଲା ପଦ୍ମଶ୍ରୀ ଆନନ୍ଦନ ଶିବମଣି ସୁନ୍ଦର ଡ୍ରମ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସଂତୃପ୍ତ ମିଶ୍ର, ବିଜେପି ନେତା ଉପସଭାପତି ଗୋଲକ ମହାପାତ୍ର, ଜାଭିୟର ସ୍କୁଲ ଅଧ୍ୟକ୍ଷ ବଦ୍ରୀ ପଟ୍ଟନାୟକ, ମଧ୍ୟ ନିର୍ବାଚନ ମଣ୍ଡଳୀ ବିଧାୟକ ଅନନ୍ତ ନାରୟଣ ଜେନା, ପ୍ରଫେସର ରାଧାକାନ୍ତ ମିଶ୍ର, ସୀମା ମହାନ୍ତି, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଟ୍ରଷ୍ଟର ଅଧ୍ୟକ୍ଷ ମହାଦୀପ କର ପ୍ରମୁଖ ଉପସ୍ଥିତ ଥିଲେ ।



" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ



### ଆମେରିକାରୁ ପ୍ରତ୍ୟର୍ପଣ ଧାରା ଅବ୍ୟାହତ

## ଅବୈଧ ପ୍ରବେଶକାରୀଙ୍କ ଅବତରଣକୁ ନେଇ ବିବାଦ

ଯୁକ୍ତରାଷ୍ଟ୍ର ଆମେରିକାରେ ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରାୟ ପ୍ରତିଦିନ କିଛି ନା କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛନ୍ତି। ସେଥିମଧ୍ୟରୁ କେତେକ ପଦକ୍ଷେପ ତାଙ୍କ ନିଜ ଦେଶର ସ୍ୱାର୍ଥର ଅନୁକୂଳ ହୋଇଥିବା ବେଳେ ଅନ୍ୟ ଦେଶଗୁଡ଼ିକ ପାଇଁ କ୍ଷତିକାରକ ହୋଇଛି। ଆମେରିକାରେ ଅବୈଧ ଭାବରେ ପ୍ରବେଶ କରି ବସବାସ କରୁଥିବା ଅନ୍ୟ ଦେଶର ଲୋକମାନଙ୍କୁ ବିତାଡ଼ନ କରିବା ଲାଗି ଟ୍ରମ୍ପ ପ୍ରଶାସନ ଖୁବ୍ ତତ୍ପରତାର ସହ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଏହି କ୍ରମରେ ଆମେରିକାରେ ଅବୈଧ ବସବାସ କରୁଥିବା ଭାରତୀୟମାନଙ୍କୁ ମଧ୍ୟ ଏବେ ଜୋର ଜବରଦସ୍ତ ସେହି ଦେଶରୁ ବାହାର କରି ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ଗତ ସପ୍ତାହରେ ୧୦୪ଜଣ ଭାରତୀୟ ଆମେରିକାର ଟେକ୍ସାସ୍‌ରୁ ଆସି ପଞ୍ଜାବର ଅମୃତସର ଠାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ସର୍ବାଧିକ ପଞ୍ଜାବ, ଗୁଜରାଟ ଓ ହରିଆନା ଆଦି ରାଜ୍ୟର ଅଧିବାସୀ ବୋଲି ଜଣାପଡିଛି। ଦ୍ୱିତୀୟ ପର୍ଯ୍ୟାୟରେ ଭାରତର ୧୧୯ଜଣ ଅବୈଧ ପ୍ରବେଶକାରୀଙ୍କୁ ବିମାନରେ ଅଣାଯାଇ ଶନିବାର ଅମୃତସରରେ ପହଞ୍ଚା ଯାଇଛି। ସୋମବାର ସୁଦ୍ଧା ଆମେରିକା ତୃତୀୟ ପର୍ଯ୍ୟାୟରେ ବେଆଇନ ଭାରତୀୟ ପ୍ରବେଶକାରୀଙ୍କୁ ସେଠାରୁ ବିଦା କରି ସ୍ୱଦେଶକୁ ପଠାଇ ଦେବ ବୋଲି ଜଣାପଡିଛି। ଏଭଳି ଭାବରେ ବେଆଇନ ପ୍ରବେଶକାରୀଙ୍କୁ ବିଦା କରିବାର ଧାରା ଅବ୍ୟାହତ ରହିଥିବା ବେଳେ ଏଥିନେଇ ଦେଖା ଦେଇଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି। ଆମେରିକାର ବିମାନ ଦୁଇ ଦୁଇଥର କାହିଁକି ପଞ୍ଜାବରେ ଅବତରଣ କରୁଛି ତାକୁ ନେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂ ମାନ୍ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରି ସେ କହିଛନ୍ତି ଯେ ପଞ୍ଜାବକୁ ଜାଣିଶୁଣି ବଦ୍‌ନାମ କରିବା ପାଇଁ ଏହିସବୁ ବିମାନକୁ ଅମୃତସରରେ ଅବତରଣ ପାଇଁ ଅନୁମତି ମିଳୁଛି। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବାର ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଜେପି ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗକୁ ଖଣ୍ଡନ କରି ଦର୍ଶାଇଛି ଯେ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜ୍ୟର ଆପ୍ ସରକାର ରାଜନୀତି କରୁଛି ଓ ଦେଶର ସୁରକ୍ଷାକୁ ସେମାନେ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ ଆମେରିକାକୁ ଯାଇ ଅଧିକ ଆୟ କରିବା ଏବଂ ପିଲାଙ୍କ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ଲୋଭରେ କେତେକ ଭାରତୀୟ କୌଶଳକ୍ରମେ ଆମେରିକାରେ ପହଞ୍ଚି ସେଠାରେ ବେଆଇନ ଭାବରେ ରହିଥିଲେ। ମାତ୍ର ସେମାନଙ୍କର ସବୁ ସ୍ୱପ୍ନ ଏବେ ଧୂଳିସାତ୍ ହେବା ସହିତ ପରିବର୍ତ୍ତିତ ପରିସ୍ଥିତିରେ ସେମାନଙ୍କୁ ସ୍ୱଦେଶକୁ ଫେରିବାକୁ ପଡୁଛି। ଆମେରିକାର ଏହି ଅବୈଧ ବାସିନ୍ଦାମାନେ ଘରୋଇ ଏଜେଣ୍ଟଙ୍କ ସହାୟତାରେ ସେମାନଙ୍କୁ ବିପୁଳ ଅର୍ଥ ପ୍ରଦାନ କରି ବହୁ କଷ୍ଟସାଧ୍ୟ ମାର୍ଗରେ ସେଠାରେ ପହଞ୍ଚିଥିଲେ। ତେବେ ନିଜ ଦେଶ ଭିତରେ ବେଆଇନ୍ ଭାବରେ ବସବାସ କରୁଥିବା ବିଦେଶୀଙ୍କୁ ହଟାଇବାର ଅଧିକାର ଆମେରିକା ସରକାରଙ୍କର ଯେ ରହିଛି, ଏଥିରେ କାହାରି ଦ୍ୱିମତ ନାହିଁ। କିନ୍ତୁ ଯେଭଳି ଢ଼ଙ୍ଗରେ ସେମାନଙ୍କୁ ବିତାଡ଼ନ କରାଯାଉଛି, ତାହା ହିଁ ବର୍ତ୍ତମାନ ବିବାଦର ମୂଳ କାରଣ ହୋଇଛି। ଆମେରିକାର ସାମରିକ ବିମାନରେ ପ୍ରଥମ ପର୍ଯ୍ୟାୟରେ ଯେଉଁ ୧୦୪ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୧୯ଜଣ ଭାରତୀୟଙ୍କୁ ପଠାଗଲା ସେମାନଙ୍କ ହାତରେ କଡ଼ି ଓ ଗୋଡ଼ରେ ବେଡ଼ି ପଡ଼ିଥିବାର ଦେଖାଯାଇଥିଲା। ବିମାନରୁ ଅବତରଣ କରିବା ମାତ୍ରେ ସେମାନଙ୍କ ହାତ ଓ ଗୋଡ଼ରୁ ବନ୍ଧନ ଖୋଲି ଦିଆଗଲା। ବେଆଇନ୍ ଭାବରେ ଆମେରିକାରେ ପ୍ରବେଶ କରିଥିବାର ଗୋଟିଏ ମାତ୍ର ଦୋଷ ପାଇଁ ଏଭଳି ଅମାନବୀୟ ବ୍ୟବହାର ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ଘଟଣା ନେଇ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ରାଜ୍ୟସଭାରେ ବକ୍ତବ୍ୟ ରଖି ଭାରତ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସେ କହିଥିଲେ ଯେ, ଯଦି କୌଣସି ନାଗରିକ ବିଦେଶରେ ବେଆଇନ ଭାବରେ ପ୍ରବେଶ କରନ୍ତି, ତେବେ ତାଙ୍କୁ ସ୍ୱଦେଶକୁ ଫେରାଇ ଆଣିବା ସବୁଦେଶର ଦାୟିତ୍ୱ। ତା'ଛଡ଼ା ଆମେରିକାରୁ ଅବୈଧ ପ୍ରବେଶକାରୀ ଭାରତୀୟଙ୍କୁ ବିତାଡ଼ନ କରାଯିବା ଏହା ପ୍ରଥମ ନୁହେଁ, ୨୦୦୯ ମସିହାରୁ ଏହା ଜାରି ରହିଛି। ବିଗତ ୧୬ବର୍ଷ ଭିତରେ ୧୫ ହଜାର ୬୫୨ଜଣ ଭାରତୀୟଙ୍କୁ ସ୍ୱଦେଶ ଅଣାଯାଇଛି। ୨୦୧୯ ମସିହାରେ ସର୍ବାଧିକ ୨ହଜାର ୪୨ଜଣଙ୍କୁ ଭାରତକୁ ପଠାଇ ଦିଆଯାଇଥିଲା। ଅମୃତସରରେ ପହଞ୍ଚିଥିବା ଭାରତୀୟଙ୍କୁ ଆତଙ୍କବାଦୀଙ୍କ ଭଳି ବ୍ୟବହାର ଦେଖା ଯାଇଥିଲା ବୋଲି ବିରୋଧୀ ଦଳର ଅଭିଯୋଗ ଉପରେ ବୈଦେଶିକ ମନ୍ତ୍ରୀ କହିଥିଲେ ଯେ, ଭାରତ ସରକାର ଏଥିନେଇ ଆମେରିକା ପ୍ରଶାସନ ସହ କ୍ରମାଗତ ଭାବେ ଯୋଗାଯୋଗ ଚଳାଇଛନ୍ତି। ଆମ ଲୋକଙ୍କ ସହ ଯେପରି ଦୁର୍ବ୍ୟବହାର ପ୍ରଦର୍ଶନ କରାନଯାଏ, ତାହାକୁ ସୁନିଶ୍ଚିତ କରିବା ପାଇଁ ଆଲୋଚନା ଜାରି ରହିଛି। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନହୁଏ ସେଥିପାଇଁ ଭାରତ ସରକାର ସାବଧାନତା ଅବଲମ୍ବନ କରୁଛନ୍ତି ବୋଲି ଜୟଶଙ୍କର ପ୍ରତିଶ୍ରୁତି ଦେଇଥିଲେ। ଏହି ଦୁର୍ଭାଗ୍ୟଜନକ ଘଟଣାକୁ ଅନୁଧ୍ୟାନ କଲେ ଭାରତ ସରକାରଙ୍କ ଦ୍ୱୈତ ଦାୟିତ୍ୱ ଥିଲା ଭଳି ମନେ ହେଉଛି। ପ୍ରଥମତଃ ଘରୋଇ ଏଜେଣ୍ଟଙ୍କ ପ୍ରଲୋଭନରେ ଭାରତୀୟ ନାଗରିକ ଯେପରି ଆଇନ ଆଖିରେ ଧୂଳି ଦେଇ ବିଦେଶକୁ ଖସି ପଳାଇ ଯାଇ ନପାରନ୍ତି, ସେଥିପ୍ରତି କଡ଼ା ନଜର ରଖିବାକୁ ପଡ଼ିବ। ଦ୍ୱିତୀୟତଃ ବିଦେଶରୁ ପ୍ରତ୍ୟର୍ପଣ ବେଳେ ସେମାନଙ୍କୁ ଯେପରି ଅସାମାଜିକ ବ୍ୟକ୍ତି ଭଳି ଆଚରଣ ପ୍ରଦର୍ଶନ କରାଗଲା, ତାକୁ ବନ୍ଦ କରିବାକୁ ପଡ଼ିବ। କେନ୍ଦ୍ର ସରକାର ଏଭଳି ଦୁର୍ଭାଗ୍ୟଜନକ ଘଟଣା ବନ୍ଦ କରିବା ଦିଗରେ ଗୁରୁତ୍ୱର ସହ ପଦକ୍ଷେପ ନେବା ବିଜ୍ଞତାର କାର୍ଯ୍ୟ ହେବ।

## ମୂଲ୍ୟବୋଧର ପରିଭାଷାରେ ଭିକ୍ଷାର ଧର୍ମ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ଇତିହାସ ଲିଖନର ଅୟମାରମ୍ଭର ବହୁ ପୂର୍ବରୁ ମାନବ ସମାଜରେ ଭିକ୍ଷାର ପ୍ରଚଳନ ହୋଇଆସୁଅଛି। ଭିକ୍ଷା ହେଉଛି ଏକ ନିଷ୍ଠୁର ଓ ଚରମ ପନ୍ଥା ଯାହା ସମାଜରେ ଏକ ଭିନ୍ନ ଶ୍ରେଣୀର ପରିଚୟ ଦେଇଥାଏ। ଯେତେବେଳେ ମନୁଷ୍ୟ ଠାରେ ବଞ୍ଚିବାର ସମସ୍ତ ଦ୍ୱାର ଯେକୌଣସି କାରଣରୁ ବନ୍ଦ ହୋଇଯାଏ, ଜୀବନକୁ ବଞ୍ଚାଇବା ପାଇଁ ମଣିଷ ସେତେବେଳେ ଭିକ୍ଷାବୃତ୍ତିକୁ ହିଁ ଆଦରି ନେଇଥାଏ। ଭଗବତ ଗୀତାର ଦ୍ୱିତୀୟ ଆଧାୟରେ ଅର୍ଜ୍ଜୁନଙ୍କର ଭଗବାନ ଶ୍ରୀକୃଷ୍ଣଙ୍କ ସହ ଯୁକ୍ତି ଥିଲା ବରଂ ଭିକ୍ଷା ବୃତ୍ତି କରି ଜୀବନ ନିର୍ବାହ କରିବା ଭଲ, କିନ୍ତୁ ଆତ୍ମୀୟମାନଙ୍କୁ ନିହତ କରିବା ଉଚିତ୍ ନୁହେଁ। 'ଗୁରୂନହତ୍ୱା ହି ମହାନୁଭାବାନ, ଶ୍ରେୟୋଭୋକ୍ତୁ ଭୈକ୍ଷ୍ୟମପୀହଲୋକେ। ହତ୍ୱାର୍ଥକାମାଂସ୍ତୁ ଗୁରୁନିହୈବ, ଭୁଞ୍ଜୀୟ ଭୋଗାନ ରୁଧିରପ୍ରଦିଗ୍ଧାନ'।। ଏହା ସୂଚନା ଦେଇଥାଏ ଯେ ମଣିଷ ଯେତେତେବେଳେ ଆଶାଶୂନ୍ୟ ଓ ହତାଶ ହୋଇଥାଏ ସେତେବେଳେ ସେ ଭିକ୍ଷା ବୃତ୍ତିକୁ ପାଥେୟ କରିଥାଏ। ବୌଦ୍ଧଧର୍ମରେ ଗୌତମ ବୁଦ୍ଧ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ବୌଦ୍ଧ ଭିକ୍ଷୁ ବୋଲି ପରିଚୟ ଦେଉଥିଲେ ଓ ମୋକ୍ଷ ପ୍ରାପ୍ତି ପାଇଁ ଭିକ୍ଷା ହେଉଛି ଏକମାତ୍ର ପନ୍ଥା ବୋଲି ବୌଦ୍ଧ ଧର୍ମାବଲମ୍ବୀମାନେ ମାନିଥାନ୍ତି ଓ ସେଥିପାଇଁ ବଞ୍ଚିବା ପାଇଁ ସେମାନେ ଭିକ୍ଷା ଦେହି ... ସ୍ତବକୁ ଆଦରି ନେଇଥାନ୍ତି। ହିନ୍ଦୁଧର୍ମର ବର୍ଣ୍ଣାଶ୍ରମ ନୀତିରେ ଗୃହସ୍ଥମାନେ ଭିକ୍ଷା ପ୍ରଦାନ କରିବା ବିଧେୟ ବୋଲି କୁହାଯାଇଅଛି। ଭାରତବର୍ଷର ପରମ୍ପରାରେ ନିଜର ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ବା ପ୍ରତିଶ୍ରୁତି ବଦ୍ଧତାକୁ ପ୍ରମାଣ ଦେବାକୁ ଯାଇ ଭିକ୍ଷା ବୃତ୍ତିକୁ ଧରାପୃଷ୍ଠରେ ଜୀବନ ନିର୍ବାହର ଏକ ପନ୍ଥା ବୋଲି ସ୍ୱୀକୃତି ହୋଇଅଛି। ଏପରିକି ଭଗବାନ ବାମନ ଅବତାରରେ ନିଜେ ମଧ୍ୟ ଭିକ୍ଷା ବୃତ୍ତି କରିଛନ୍ତି। ଭିକ୍ଷା ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଆମୋଦ ପ୍ରମୋଦ ପାଇଁ ହେଲେ ନିନ୍ଦନୀୟ ଅଟେ, ଅପମାନ ଅଟେ, ମାତ୍ର ଭିକ୍ଷା ଯଦି ଜୀବନ ନିର୍ବାହ ଓ ସମୂହ ହିତାର୍ଥେ ପ୍ରୟୋଜନ ହୋଇଥାଏ ତେବେ ତାହା ପୂଣ୍ୟ କର୍ମ ଅଟେ। ସୃଷ୍ଟିର ପ୍ରତ୍ୟେକ ମନୁଷ୍ୟ ଜନ୍ମରୁ ଭିକ୍ଷୁକ ହୋଇଥାନ୍ତି ଓ ଜୀବଦ୍ଦଶା ମଧ୍ୟରେ କେବଳ ଭିକ୍ଷା ମାଗି ମାଗି ଜୀବନ ଅତିବାହିତ ହୋଇଥାଏ ଯାହା ମନୁଷ୍ୟ ନିଜେ ଜାଣିପାରେ ନାହିଁ। ମନୁଷ୍ୟ ପ୍ରଥମେ ଧରାପୃଷ୍ଠରେ ବଞ୍ଚିବା ପାଇଁ ମା'ଠାରୁ ଦୁଗ୍ଧ ପାନର ଭିକ୍ଷା କରିଥାଏ। ଶିକ୍ଷା ନିମିତ୍ତ ଶିଷ୍ୟ ଗୁରୁ ଠାରୁ ଜ୍ଞାନ ଭିକ୍ଷା ଗ୍ରହଣ କରିଥାନ୍ତି। ଭଗବାନଙ୍କର ବାମନ ଅବତାର ହେଉଛି ଭିକ୍ଷା ଓ ଭଗବାନ ନିଜେ ଭିକ୍ଷୁକ। ଜୀବନର ସୀମାକୁ ନିର୍ଦ୍ଧାରଣ କରିବା ହେଉଛି ଜୀବନର କର୍ତ୍ତବ୍ୟ। ତେଣୁ ଅନ୍ନ ଜଳର ଆବଶ୍ୟକତାକୁ ଲାଘବ ପାଇଁ, ବଞ୍ଚିବାର ରାହାକୁ ଚରିତାର୍ଥ କରିବା ପାଇଁ ବା ସମାଜର ମଙ୍ଗଳ ନିମିତ୍ତ ଭିକ୍ଷାକୁ ଯଦି ବୃତ୍ତି ହିସାବରେ ନେଲେ ତାହା ଗ୍ରହଣୀୟ ହୋଇଥାଏ, ମାତ୍ର ଭିକ୍ଷାକୁ ଯଦି ନ୍ୟସ୍ତସ୍ୱାର୍ଥ ପ୍ରବୃତ୍ତି କରାଯାଏ ତେବେ ତାହା କର୍ମ କାତରତା ଓ ଶଠତାର ପରିଚୟ ପରିଲକ୍ଷିତ ହୋଇଥାଏ ଯାହା ଅପରାଧ ବୋଲି ବିବେଚନା କରାଯାଏ ଓ ସେଥିରୁ ନିବୃତ୍ତ ହେବା ଉଚିତ।

ଭାରତବର୍ଷରେ ୨୦୧୫ ମସିହା ସୁଦ୍ଧା ୨୦୧୧ ଜନଗଣନା ଅନୁସାରେ ୪,୧୩,୬୭୦ ଜଣ ଭିକ୍ଷୁକ ଅଛନ୍ତି ବୋଲି ଏକ ସର୍ବେକ୍ଷଣରୁ ପ୍ରମାଣ ମିଳିଥାଏ। ଭାରତରେ ସର୍ବ ପ୍ରଥମେ ମହାରାଷ୍ଟ୍ର ସରକାର 'ବମ୍ବେ ଭିକ୍ଷା ଦୂରୀକରଣ ଆଇନ' (ବମ୍ବେ ପ୍ରିଭେନସନ ଅଫ ବେଗିଙ୍ଗ ଆକ୍ଟ BPBA 1959)ରେ ଏକ ଆଇନ ପ୍ରଣୟନ କରି ଭିକ୍ଷା ବୃତ୍ତିକୁ ନିଷେଧ କରିଥିଲେ ଓ ଏହାର ଉଲ୍ଲଙ୍ଘନ କଲେ ସ୍ୱତନ୍ତ୍ର ଭିକ୍ଷୁକ ଅଦାଲତରେ ବିଚାର ନିଷ୍ପତ୍ତି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ବିଭିନ୍ନ ଦୃଷ୍ଟିକୋଣକୁ ବିଚାର କରି ଦିଲ୍ଲୀର ଉଚ୍ଚତମ ନ୍ୟାୟାଳୟ ଭିକ୍ଷାକୁ ଏକ ଅପରାଧ ବୋଲି ବିବେଚନା କଲେ ନାହିଁ ବରଂ ବଞ୍ଚିବାର ଏକ ପନ୍ଥା ବୋଲି ଅଭିହିତ କଲେ। ସାମାଜରେ ଅବହେଳିତ ତଥା ନିଷ୍ପେଷିତ ବ୍ୟକ୍ତିମାନଙ୍କୁ ଭିକ୍ଷା ହିଁ ଏକ ସହାୟକ ପନ୍ଥା ହୋଇଥାଏ ବୋଲି ବିବେଚନା କରିବା ଦରକାର ଓ ଏଥିପ୍ରତି ଏକ ତରଫା ଭାବେ ଉକ୍ତ ପନ୍ଥାକୁ ବିବେଚନା କରି ବଞ୍ଚିବାର ଶେଷ ରାହାକୁ ଦମନ କରିବା ଅନ୍ୟାୟ ବୋଲି ବିବେଚନା କରାଯାଏ। ପ୍ରକୃତରେ ଭିକ୍ଷା ଜୀବନର ଅନ୍ତିମ ପନ୍ଥା ବୋଲି ବିଚାର କରି ମାନସିକ ଭାରସାମ୍ୟ ହରାଇ ଭିକ୍ଷା ବୃତ୍ତି କରିବା ହେଉଛି ଏକମାତ୍ର ବଞ୍ଚିବାର ଶିକ୍ଷା ବ୍ୟତୀତ ଅନ୍ୟ କିଛି ନୁହେଁ। ଅନ୍ୟ ଦୃଷ୍ଟିରୁ ଆଲୋଚନା କଲେ ସମାଜର ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ଜଣେ ଜଣେ ଭିକ୍ଷୁକ। କିଏ ଧର୍ମ ପାଇଁ ଭିକ୍ଷୁକ ତ ପୁଣି କିଏ ଜ୍ଞାନ ପାଇଁ, କିଏ ଧନ ପାଇଁ ଭିକ୍ଷୁକ ତ ପୁଣି କିଏ ଶିକ୍ଷା ପାଇଁ, କିଏ ସେବା ପାଇଁ ଭିକ୍ଷୁକ ତ ପୁଣି କିଏ କର୍ମ ପାଇଁ, କିଏ ମୋକ୍ଷ ପାଇଁ ଇତ୍ୟାଦି ଇତ୍ୟାଦି। ଅବସାଦପୂର୍ଣ୍ଣ ମଣିଷ ଯେତେବେଳେ ଜୀବଦ୍ଦଶା ମଧ୍ୟରେ କିଛି ଲାଘବ ପାଇଁ ଚାହେଁ ସେ ଧର୍ମ, ସେବା ଆଦି କର୍ମ କରିବା ପାଇଁ ଆଗେଇ ଆସିଥାଏ ଓ ମଣିଷ ଯେତେବେଳେ ମନ୍ଦିରକୁ ଯାଏ ସେତେବେଳେ ଭଗବାନଙ୍କ ନିକଟରେ ନିଜର ମନୋବାଞ୍ଛା ପୂରଣ ପାଇଁ ଭିକ୍ଷା ମାଗିଥାଏ ଯାହା ଥାଏ ଅଲକ୍ଷ୍ୟ ଭିକ୍ଷା ଓ ସେ ମନ୍ଦିର ମଧ୍ୟରେ ଭଗବାନଙ୍କ ସମ୍ମୁଖରେ ଭିକ୍ଷୁକ। ତାହା ଥାଏ ଦ୍ୱିପାକ୍ଷିକ ଭିକ୍ଷା ଓ ଦାନ। ମାତ୍ର ସେତେବେଳେ ଉକ୍ତ 'ଭିକ୍ଷୁକ'ର ସଂଜ୍ଞା ପରିବର୍ତ୍ତନ ହୋଇ 'ଭକ୍ତ' ହୋଇଥାଏ ଓ ଭଗବାନଙ୍କୁ ନେହୁରା ହୋଇ ଅଭୀଷ୍ଟ ସିଦ୍ଧି ପାଇଁ ମାଗିଥାଏ, ଯାହାକୁ ଭିକ୍ଷା କୁହାଯାଏ। ଭଗବାନ ଦିଅନ୍ତି କି ନ ଦିଅନ୍ତି ତାହା ଦାତାଙ୍କ ଇଚ୍ଛା ଉପରେ ନିର୍ଭର କରିଥାଏ। ଠିକ ସେହିପରି ମନ୍ଦିରରୁ ବାହାରକୁ ଆସିଲେ ଉକ୍ତ ଭିକ୍ଷୁକ ଭକ୍ତ 'ଦାତା' ଭକ୍ତରେ ରୂପାନ୍ତରିତ ହୋଇ ଅନ୍ନଜଳର ସନ୍ଧାନରେ ଖୋଜି ବୋଲୁଥିବା ଭିକ୍ଷୁକମାନଙ୍କୁ ଦେଇଥାନ୍ତି କିଛି କିଛି ଅର୍ଥ ବା ସାମଗ୍ରୀ ଯାହା ଭିକ୍ଷା ନାମରେ ପରିଚିତ ଓ ଯିଏ ଗ୍ରହଣ କରେ ତାହାକୁ ଭିକ୍ଷୁକ କହନ୍ତି। ସ୍ଥିତି ପରିସ୍ଥିତିରେ ଯିଏ ଦିଅନ୍ତି ସେ ଆନନ୍ଦ ପାଇଥାନ୍ତି ଓ ଯେ ନିଅନ୍ତି ସେ ମଧ୍ୟ ଅପାର ଆନନ୍ଦ ପାଇଥାନ୍ତି। ମାତ୍ର ଉକ୍ତ ଦିଆ ନିଆ ଗୁଡିକ ସର୍ବଜନରେ ଦୃଶ୍ୟମାନ ହେଉଥିବାରୁ ତାହା ଆଲୋଚନାକୁ ଆସିଥାଏ। ମାତ୍ର ମନ୍ଦିର ମଧ୍ୟରେ ଭଗବାନ ଓ ଭକ୍ତ ମଧ୍ୟରେ ଯେଉଁ ଗୁହାରି ଓ ଭିକ୍ଷା ପ୍ରାର୍ଥନା ହୁଏ ତାହା ଥାଏ ଭିନ୍ନ। ସେଠାରେ ନ ଥାଏ ଅନ୍ନଜଳର ସନ୍ଧାନ ପାଇଁ ଭିକ୍ଷା, ତାହା ଥାଏ ସମ୍ପୂର୍ଣ୍ଣ ଭିନ୍ନ ଭିକ୍ଷା। ମାତ୍ର ସର୍ବଜନରେ ଭିକ୍ଷା ଥାଏ ଅନ୍ନ ଜଳର ସନ୍ଧାନର ଅନ୍ୱେଷଣର କର୍ମ।

ଧର୍ମଶାସ୍ତ୍ରର ନୀତି ଅନୁଯାୟୀ କଳିଯୁଗରେ ଦାନ ହେଉଛି ଏକ ବିଶେଷ ମହତ କାର୍ଯ୍ୟ। ବ୍ରାହ୍ମଣ ମାନଙ୍କର ଉପନୟନର ଶେଷ ପର୍ଯ୍ୟାୟରେ ବ୍ରହ୍ମଚାରୀ ଭିକ୍ଷା ମାଗିବା ପାଇଁ ରାସ୍ତାକୁ ଆସିଥାନ୍ତି, ଯାହା ସୂଚନା ଦେଇଥାଏ ଯେ ଭିକ୍ଷା ହେଉଛି ନିଷ୍କଳଙ୍କ ଜୀବନ ନିର୍ବାହ କରିବାର ପନ୍ଥା। ପତଞ୍ଜଳି ଋଷିଙ୍କ ମତରେ କୌଣସି ଦାନ ଗ୍ରହଣ କରିବା ହେଉଛି ଅପରାଧ ମାତ୍ର ମନୁ ଓ କୌଟିଲ୍ୟଙ୍କ ମତରେ ଦାନ ହେଉଛି ଆତ୍ମାର ପବିତ୍ରତାର ଏକ କର୍ମ। ଦାନ ସହ ଧର୍ମୀୟ ଚିନ୍ତା ଜଡିତ ରହିଥାଏ ଓ ଧର୍ମ ଯୁଗରୁ ବିଭିନ୍ନ ଯୁଗ ପରିବର୍ତ୍ତନ ହୋଇ ସାମାଜିକ ସ୍ଥିତି ଉପରେ ନିର୍ଭର କରିଥାଏ ଦାନ। ସ୍ୱାମୀ ବିବେକାନନ୍ଦ ମଧ୍ୟ ଭିକ୍ଷାର ପନ୍ଥାକୁ 'ପରିବ୍ରାଜକ' ନାମରେ ନାମିତ କରି ସନ୍ନ୍ୟାସ ଜୀବନରେ ଶିକ୍ଷାର ମହତ୍ତ୍ୱକୁ ଉପଲବ୍ଧି କରିଥିଲେ। ଉପାଦାନ କ'ଣ ଥାଏ ତାହା ଦାତାର ସାମର୍ଥ୍ୟ ଓ ଇଚ୍ଛା ଉପରେ ନିର୍ଭର କରିଥାଏ, ମାତ୍ର ଭିକ୍ଷା ଦେବା ଓ ଭିକ୍ଷା ଗ୍ରହଣ କରିବା ହେଉଛି ଏକ ନମ୍ରତାର ପ୍ରତୀକ। ଧର୍ମରେ ବର୍ଣ୍ଣ ଭେଦର ନିୟମ ଅନୁସାରେ ଭିକ୍ଷା ଦେବା ଓ ନେବାରେ କେତେକ ନିୟମ ରହିଥାଏ। ବିଷ୍ଣୁ ବାମନ ରୂପରେ ବଳି ରାଜାଙ୍କ ଠାରୁ ତିନି ପାଦ ଭୂମି ଭିକ୍ଷା କରିଥିଲେ ଓ ଇନ୍ଦ୍ର କର୍ଣ୍ଣଙ୍କର ଧର୍ମକୁ ଦୁର୍ବଳ କରିବାକୁ ଯାଇ ବ୍ରାହ୍ମଣ ବେଶରେ କର୍ଣ୍ଣଙ୍କର କର୍ଣ୍ଣ କୁଣ୍ଡଳୀକୁ ଭିକ୍ଷା ମାଗିଥିଲେ। ମାତ୍ର କୂପ ବା ପୁଷ୍କରିଣୀ ଖନନ, ଆଶ୍ରୟ ବିଶ୍ରାମ ଗୃହ ନିର୍ମାଣ, ଚିକିତ୍ସାଳୟ ନିର୍ମାଣ ଆଦି ଦାନ କାର୍ଯ୍ୟ ହେଉଛି ଉତ୍ତମ ଦାନ ଯାହା ଅହିଂସା, କରୁଣା ଓ ଦୟା ଦ୍ୱାରା ଆଚ୍ଛାଦିତ ହୋଇଥାଏ। ଗୀତାରେ ଦାନର ପ୍ରକାର ଭେଦକୁ ବର୍ଣ୍ଣନା କରି କୁହାଯାଇଛି ଯେ ସାତ୍ତ୍ୱିକ ଦାନ ହେଉଛି ଦାନ ଦେଇ ଦାତା କେବେ ପରବର୍ତ୍ତୀ ସମୟରେ ଦାନ ଗ୍ରହିତାଙ୍କ ଠାରୁ କେବେ କିଛି ଆଶା କରେ ନାହିଁ ତାହାକୁ ସାତ୍ତ୍ୱିକ ଦାନ କହନ୍ତି। ତାମସ ଦାନ ହେଉଛି ଅନୁପଯୁକ୍ତ ସମୟ, ଅନୁପଯୁକ୍ତ ସ୍ଥାନ ଓ ଅନୁପଯୁକ୍ତ ବ୍ୟକ୍ତିଙ୍କୁ ଦାନ ପ୍ରଦାନ କରିବା ଯାହାର ଦାନ ଗ୍ରହଣ କରିବାର ଆବଶ୍ୟକତା ନଥାଏ ବା ଉକ୍ତ ଦାନର ଗ୍ରହଣ କରିବାର ଯୋଗ୍ୟତା ନଥାଏ। ଗୀତା ତତ୍ତ୍ୱକୁ ବିନ୍ୟାସ କଲେ ମନ୍ଦିର ନିକଟରେ ଉପଯୁକ୍ତ ଗ୍ରହିତାଙ୍କୁ ଭିକ୍ଷା ଦେବା ବା ଦାନ କରିବା ହେଉଛି ସାତ୍ତ୍ୱିକ ଦାନ ବା ଭିକ୍ଷା, କାରଣ ସେଥିରେ ଦାତାର ଗ୍ରହିତାଙ୍କ ଠାରୁ ଭବିଷ୍ୟତରେ କିଛି ପାଇବାର ଆଶା ନଥାଏ। ବିନୋବା ଭାବେଙ୍କ ଅନୁଯାୟୀ ଭୂ-ଦାନ ଆନ୍ଦୋଳନ ହେଉଛି ଭୂମିହୀନଙ୍କୁ ଭୂମି ଦାନ ଯାହା ଆବଶ୍ୟକତାକୁ ଚରିତାର୍ଥ କରିଥାଏ। ତେଣୁ ଶ୍ରମ ଦାନ, ସମ୍ପତ୍ତି ଦାନ, ବିଦ୍ୟା ଦାନ, ଜୀବନ ଦାନ ଆଦି ଏକ ଏକ ମହତ୍ତ୍ୱର ପରାକାଷ୍ଠା। ଉକ୍ତ ଦାନ ଗୁଡିକର ଉଦ୍ଦେଶ୍ୟ ହେଉଛି ସମାଜରେ ପରିବର୍ତ୍ତିତ ପରିସ୍ଥିତିରେ ସମାନୁପାତିକ ସ୍ଥିତାବସ୍ଥାରେ ସମନ୍ୱୟ ରକ୍ଷା କରିବା। ଭିକ୍ଷା ବୃତ୍ତି ପାଇଁ ସମାଜରେ କେତେକ କାରଣ ମଧ୍ୟ ଦାୟୀ ସେଗୁଡିକ ହେଲା ଶାରୀରିକ ଓ ମାନସିକ ଅସନ୍ତୁଳନ, ଆର୍ଥିକ ଅସମାନତା, ସାମାଜିକ ବୈଷମ୍ୟ, ପ୍ରାକୃତିକ ବିପର୍ଯ୍ୟୟ, ମନସ୍ତତ୍ତ୍ୱ ଓ ବିଷାଦଗ୍ରସ୍ତ ପରିସ୍ଥିତି ଇତ୍ୟାଦି। କୌଣସି ବ୍ୟକ୍ତିର ବାହ୍ୟ ଆବରଣରୁ ତାହାର ପରିଚୟର ଗଭୀରତାକୁ ମୂଲ୍ୟାଙ୍କନ କରିବା ଉଚିତ୍ ନୁହେଁ, ଉକ୍ତ ବ୍ୟକ୍ତି ମଧ୍ୟରେ ସୁପ୍ତ ହୋଇଥିବା ଅନ୍ତରାତ୍ମାର ବିକାଶକୁ ଭଲ ଭାବରେ ନିରୀକ୍ଷଣ କରିପାରିଲେ ପ୍ରକୃତ ମଣିଷକୁ ଚିହ୍ନିବାର ପ୍ରୟାସ ସାର୍ଥକ ହୋଇଥାଏ। ସାମାଜିକ ସ୍ଥିତି ପରିସ୍ଥିତରେ ହେଉ ବା ମାନସିକ ବିକାରଗ୍ରସ୍ତ ହେତୁ ଯଦି ଜଣେ ଭିକ୍ଷା ବୃତ୍ତିକୁ ଆଦରି ଭିକ୍ଷୁକର ନାମାଙ୍କନରେ ଅବଶିଷ୍ଟ ଜୀବନକୁ ଅତିବାହିତ କରେ, ତେବେ ସମାଜର ଅବଶିଷ୍ଟ ସଚେତନ ବ୍ୟକ୍ତିମାନେ ଯଥା ସାଧ୍ୟ ସହଯୋଗ କଲେ ବଞ୍ଚିବାର ମୂଲ୍ୟବୋଧକୁ ମର୍ମେ ମର୍ମେ ଅନୁଭବ କରିହେବ। ପ୍ରତି କ୍ଷଣରେ ଜୀବନ ଚକ୍ରର ଘୂର୍ଣ୍ଣୟମାନ ପରିସ୍ଥିତିରେ କିଏ କେବେ ଚକ୍ରବ୍ୟୂହ ମଧ୍ୟରେ ଭିକ୍ଷୁକ ହୋଇଯାଇପାରେ, ତେଣୁ ସମାଜରେ ବଞ୍ଚିବାର ଅଧିକାରକୁ ସମ୍ମାନ ଦେଇ ସାମାଜିକ ମଙ୍ଗଳ କର୍ମରେ ନିଜକୁ ନିୟୋଜିତ କଲେ ଜନ ମଙ୍ଗଳ ରାଷ୍ଟ୍ରର ସଂଜ୍ଞାକୁ ଉପଲବ୍ଧି କରିହୁଏ, ଯେଉଁଥିରେ ନଥାଏ କିଛି କାହାଠାରୁ ଭବିଷ୍ୟତରେ ପାଇବାର ଆଶା।

### ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

## ମହିଳା ବିରୋଧୀ ହିଂସା



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦେଶରେ ମହିଳା ସୁରକ୍ଷା ତଥା ଘରୋଇ ହିଂସା, କର୍ମକ୍ଷେତ୍ରରେ ହିଂସା ନିବାରଣ ପାଇଁ ବହୁ କଠୋର ଆଇନ ଓ ଦଣ୍ଡବିଧାନ ରହିଛି। ଏହା ସତ୍ତ୍ୱେ ଦେଶରେ ମହିଳା ବିରୋଧୀ ହିଂସା ନେଇ ବିଭିନ୍ନ ଅନୁଧ୍ୟାନକାରୀ ସଂସ୍ଥାର ସର୍ଭେ ରିପୋର୍ଟରେ ଯାହା ପ୍ରକାଶ ପାଇଛି, ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ମହିଳାଙ୍କ ଘର ସବୁଠାରୁ ଅଧିକ ଅସୁରକ୍ଷିତ ହୋଇପଡିଛି। ବିଶେଷ କରି ସ୍ୱାମୀ କିମ୍ବା ପୁରୁଷ ବନ୍ଧୁଙ୍କ ଦ୍ୱାରା ମହିଳାମାନେ ଅଧିକମାତ୍ରାରେ ହିଂସାର ଶିକାର ହେଉଛନ୍ତି। ଏହାର ଉଦାହରଣ ହେଉଛି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ ରିପୋର୍ଟ, ଯେଉଁଥିରେ କୁହାଯାଇଛି ଯେ, ପ୍ରତି ୩ଜଣରେ ଜଣେ ଭାରତୀୟ ମହିଳା ଘରେ ସେମାନଙ୍କର ସ୍ୱାମୀ କିମ୍ବା ଜୀବନ ସାଥୀଙ୍କ ଦ୍ୱାରା ନିର୍ଯ୍ୟାତୀତ ହେଉଛନ୍ତି। ଶିକ୍ଷିତ ମହିଳା ଓ ଆର୍ଥିକ ସ୍ୱାଧୀନତା ସମ୍ପନ୍ନ ତଥା କର୍ମଜୀବୀ ମହିଳା ଘର ଭିତରେ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ବିଶେଷ କରି ଦେଶରେ ମହିଳା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ତରରେ ଥିବା କେରଳ, ତାମିଲନାଡୁ, କର୍ଣ୍ଣାଟକ ପରି ରାଜ୍ୟରେ ଯେଉଁଠାରେ ସ୍ୱାମୀଙ୍କ ଠାରୁ ପତ୍ନୀଙ୍କର ବେତନ ହାର ଅଧିକ ରହିଥାଏ, ସେହି ଘରେ ମହିଳାଙ୍କ ପ୍ରତି ନିର୍ଯ୍ୟାତନା ଅଧିକ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭାରତ ପରି ଏକ ପୁରୁଷ ପ୍ରଧାନ ଦେଶରେ ଏହି ହୀନମାନ୍ୟତା ଅଧିକ ମାତ୍ରାରେ ଦେଖାଯାଏ। ନିଜ ଅନ୍ତରଙ୍ଗ ଲୋକଙ୍କ ଦ୍ୱାରା ହିଂସା ବିରୁଦ୍ଧରେ କଠୋର ଆଇନ ପ୍ରଣୟନ ପାଇଁ ଅନୁଧ୍ୟାନକାରୀ ସଂସ୍ଥାଗୁଡିକ ପ୍ରସ୍ତାବ ଦେଇଥିଲେ ମଧ୍ୟ ତାହା ଆଦୌ ସମ୍ଭବ ନୁହେଁ। ଯେତେଦିନ ପର୍ଯ୍ୟନ୍ତ ପରିବାରରେ ପୁରୁଷ ପ୍ରାଧାନ୍ୟ ଅକ୍ଷୁର୍ଣ୍ଣ ରହିଥିବ, ସେତେଦିନ ପର୍ଯ୍ୟନ୍ତ ଘର ଭିତରେ ମହିଳା ବିରୋଧୀ ହିଂସା କମିବା ବା ସମ୍ପୂର୍ଣ୍ଣ ବନ୍ଦ ହେବା ଆଦୌ ସମ୍ଭାବନା ନାହିଁ ବୋଲି କୁହାଯାଇପାରେ। ଆହୁରି ମଧ୍ୟ ମହିଳା ସଶକ୍ତିକରଣ ଦ୍ୱାରା ଏହା ମଧ୍ୟ ସମାଧାନ ହେବା ସମ୍ଭାବନା ନାହିଁ। କେବଳ ଏତିକି ନୁହେଁ, ଜାତୀୟ ଅପରାଧ ବ୍ୟୁରୋ (ଏନ୍‌ସିପି) ରିପୋର୍ଟ ଅନୁଯାୟୀ ଦେଶରେ ୨୦୧୧ରେ ୨,୨୮,୬୫୦ ମହିଳା ବିରୋଧୀ ହିଂସା ଘଟଣା ଘଟିଥିଲା। ତେବେ ୨୦୧୨ରେ ବହୁ ଚର୍ଚ୍ଚିତ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ଦେଶରେ ମହିଳା ବିରୋଧୀ ହିଂସା ନିର୍ବାରଣ ପାଇଁ କଠୋର ଆଇନ ପ୍ରଣୟନ କରାଯାଇଥିଲା। ଯେଉଁ ଆଇନରେ ଜେଲ, ଜୋରିମାନା ସହ ମୃତ୍ୟୁଦଣ୍ଡ ବ୍ୟବସ୍ଥା ମଧ୍ୟ ରହିଛି। ଏହା ସତ୍ତ୍ୱେ ୨୦୨୧ରେ ଦେଶରେ ୪,୨୮,୨୭୮ଟି ମହିଳା ହିଂସା ଘଟଣା ଘଟିଥିଲା। ଯାହା କି ୮୭ ପ୍ରତିଶତ ଅଧିକ। ଆହୁରି ମଧ୍ୟ ୬୫ ପ୍ରତିଶତ ପୁରୁଷମାନେ କହନ୍ତି ଯେ, ପରିବାରକୁ ଏକାଠି ରଖିବା ପାଇଁ ମହିଳା ସବୁକିଛି ସହ୍ୟ କରିବା ଉଚିତ୍। ଏପରିକି ସେମାନଙ୍କୁ ମାଡ଼ଗାଳି ଦିଆଯିବା ଉଚିତ୍ ପଦକ୍ଷେପ ବୋଲି ସେମାନେ ମନେକରନ୍ତି। ଆହୁରି ମଧ୍ୟ ପରିବାରର ଇଜତ ପାଇଁ ବହୁ ଘଟଣା ଥାନାକୁ ଯାଏନାହିଁ କିମ୍ବା ପଞ୍ଜୀକରଣ ହୁଏନାହିଁ। ଯାହାକି ଲୋକଲୋଚନ ଠାରୁ ଲୁକ୍କାୟିତ ଭାବେ ରହିଯାଏ। ଯାହାଫଳରେ ଦେଶରେ ଲିଙ୍ଗଗତ ସମାନତା ଅଧିକାର ପାଇଁ ସମ୍ବିଧାନର ନିର୍ଦ୍ଦେଶ ଥିବାବେଳେ ଲିଙ୍ଗଗତ ପ୍ରଭେଦ ବଢିବାରେ ଲାଗିଛି। ୨୦୧୧ରେ ପ୍ରକାଶିତ ଆନ୍ତର୍ଜାତିକ ପୁରୁଷ ଓ ମହିଳା ସମାନତା ରିପୋର୍ଟରେ ଦେଶରେ ୨୪ପ୍ରତିଶତ ଯୌନ ନିର୍ଯ୍ୟାତନା ଘଟଣା ସାଂଘାତିକ ହୋଇଥିଲା। ସେହିପରି ବିଶ୍ୱରେ ଦେଶରେ ଲିଙ୍ଗଗତ ପ୍ରଭେଦ ସୂଚ୍ୟାଙ୍କ ହାର ୨୦୨୨ରେ ୦.୬୨୯ ରହିଥିଲା। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ୧୪୬ଟି ରାଷ୍ଟ୍ର ତାଲିକାରେ ଭାରତ ୧୩୫ତମ ସ୍ଥାନରେ ସ୍ଥାନୀତ ହୋଇଥିଲା। ଏହା ବ୍ୟତୀତ ଦେଶରେ ଯୌତୁକ ହତ୍ୟା, ବଧୂହତ୍ୟା, ବଧୂପୋଡି, ବଳାତ୍କାର, ଆତ୍ମହତ୍ୟା ଆଦି ଘଟଣା ମଧ୍ୟ ବଢିବାରେ ଲାଗିଛି। ଏହା ସତ୍ୟ ଯେ, ଦେଶରେ ଜନସଚେତନତା ସୃଷ୍ଟି ନହେଲେ, କିମ୍ବା ପରିବାରରେ ମୁଖ୍ୟ ସଚେତନ ହେବା ପର୍ଯ୍ୟନ୍ତ, ଦେଶରେ ଯେତେ କଠୋର ଆଇନ ପ୍ରଣୟନ ହେଲେ ମଧ୍ୟ ମହିଳା ବିରୋଧୀ ହିଂସା ବନ୍ଦ ହେବା ଆଦୌ ସମ୍ଭାବନା ନାହିଁ। ଆମ ରାଜ୍ୟରେ କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ନିରୋଧ ଆଇନ ( ପୋଶ ଆଇନ) ର କାର୍ଯ୍ୟକାରିତା ହେଉଛି। ଏହା ସତ୍ତ୍ୱେ ମହିଳା ବିରୋଧୀ ହିଂସା କମ୍ ନୁହେଁ।

## ପରାଜୟ ପଛରେ ଥାଏ ବିଜୟ



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

ଆମେ କଥାରେ କହୁ ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ। ବିଶ୍ୱରେ ଆଜିଯାଏ ଯାହା କିଛି ଉଦ୍ଭାବିତ ହୋଇଛି, ସେ ସବୁ ମଣିଷର ଆବଶ୍ୟକତାକୁ ନେଇ ହେଇଛି। ଗାଡ଼ି ମୋଟର, ଉଡାଜାହାଜ, ବୁଡାଜାହାଜ, ରେଳଗାଡ଼ି, କଳକାରଖାନା, ଚନ୍ଦ୍ରଯାନ, ମଙ୍ଗଳଯାନ, ଅତି କ୍ଷମତାଶାଳୀ କମ୍ପ୍ୟୁଟର ଇତ୍ୟାଦି ଇତ୍ୟାଦି ମଣିଷର ତୀକ୍ଷ୍ଣ ବୁଦ୍ଧି ଓ ବିଜ୍ଞାନର ଚମତ୍କାରିତା। ଏହି ଉଦ୍ଭାବନ ସବୁ କେଇ ଦିନରେ ବା କେଇ ମାସରେ ହେଇନି। ଅନେକ ବର୍ଷର କଠିନ ପରୀକ୍ଷା ନିରୀକ୍ଷା, ଗବେଷଣା, ଅସଫଳତା ପରେ ମଣିଷ ପାଇଛି ସଫଳତା। ଏସବୁ ଚମତ୍କାରିତା ଉପରେ କିନ୍ତୁ ରହିଛି ଲୀଳାମୟ ସର୍ବଶକ୍ତିମାନ ଈଶ୍ୱରଙ୍କ ଚମତ୍କାରିତା। ବେଳେ ବେଳେ ପରିଶ୍ରମ ସତ୍ତ୍ୱେ ଆମେ ଆଶା କରୁଥିବା ଫଳାଫଳ ନପାଇଲେ, ଦୁଃଖରେ ମ୍ରିୟମାଣ ହେଉ। ଆଖିରୁ ଲୁହଧାର ଝରିପଡ଼େ। ଆମ ବିଫଳତା ପଛରେ ନିଜର କେଉଁଠି ଭୁଲ୍ ରହିଲା, ସେକଥା ହଠାତ୍ ମୁଣ୍ଡକୁ ଆସେନା। ମନେ ମନେ ଈଶ୍ୱରଙ୍କୁ ଗାଳିଦେଉ। ନିଜ ଅସଫଳତା ପାଇଁ କ୍ଷଣିକ ମୁହୂର୍ତ୍ତରେ ବଶବର୍ତ୍ତୀ ହୋଇ ମଣିଷ କିଛି ଭୁଲ୍ କରିବାର ନିଷ୍ପତି ବି ନେଇଥାଏ। କେହି କେହି ଅମୂଲ୍ୟ ଜୀବନ ହାରି ଦିଅନ୍ତି। କଥା ହେଉଛି ମଣିଷର ଇଚ୍ଛାନୁଯାୟୀ ଯେ ସବୁ ଘଟିବ, ସେମିତି କେମିତି ହେବ। ଆମେ କର୍ମ କରିଥିଲେ, ପରିଶ୍ରମ କରିଥିଲେ, ଫଳ ପ୍ରାପ୍ତିର ଆଶା ସ୍ୱାଭାବିକ। କିନ୍ତୁ ଯଦି ସେଇଟା ହେଲାନାହିଁ, ତା'ହେଲେ ଭାଙ୍ଗି ପଡ଼ିବାର ନାହିଁ। ପରାଜୟ, ଅସଫଳତା ପଛରେ କେଉଁଠି ନିଶ୍ଚିତ ଅଧିକ ପ୍ରଶଂସନୀୟ ବିଜୟ ଓ ସଫଳତା ଲୁଚି ରହିଥାଇ ପାରେ। ଅତ୍ୟନ୍ତ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା, ଜୋତା ମରାମତି କରୁଥିବା ଜଣେ ସାଧାରଣ ପିତାଙ୍କର ସୁଯୋଗ୍ୟ ସନ୍ତାନ ଆବ୍ରାହାମ୍ ଲିଙ୍କନ ଜୀବନରେ ଅନେକଥର ନିର୍ବାଚନ ହାରିଛନ୍ତି କିନ୍ତୁ ନିର୍ବାଚନ ମୈଦାନ ଛାଡ଼ି ପଳେଇ ଯାଇ ନାହାଁନ୍ତି। ଏହି ଲଢିବାର, ଆଗକୁ ବଢ଼ିବାର ମନୋଭାବ ପାଇଁ ଆବ୍ରାହାମ୍ ଲିଙ୍କନ ଶେଷରେ ବିଜୟୀ ହୋଇ ହ୍ୱାଇଟ୍ ହାଉସ୍‌ର ଶ୍ରେଷ୍ଠ ପଦବୀ ଅଳଙ୍କୃତ କରିଥିଲେ ଦୁଇ ଦୁଇଥର। ପ୍ରଥମେ ୧୮୬୦ରେ ଓ ପୁନର୍ବାର ୧୮୬୪ରେ। କଳା ଗୋରା ଭେଦଭାବ ଦୂରେଇ ରଚିଗଲେ ଇତିହାସ। ବିଶ୍ୱର କୋଟି କୋଟି ଜନତାଙ୍କ ହୃଦୟରେ ଚିର ଅମର ରହିବା ସହିତ ଇତିହାସ ପୃଷ୍ଠାରେ ଜଣେ ବଡ଼ ମଣିଷ ଓ ଅସାଧାରଣ ଅବିଶ୍ୱସନୀୟ ଚେହେରା ଭାବରେ ଗଣାହେଲେ। ଜୀବନର ଯୁବାବସ୍ଥାରେ ପରାଜୟକୁ ଡରି ଯଦି ସେ ଅଟକି ଯାଇଥାନ୍ତେ, ତା'ହେଲେ ବିଶ୍ୱବ୍ୟାପୀ ତାଙ୍କୁ ଆଉ କିଏ ଜାଣିଥାନ୍ତା କି ? ଭାରତୀୟ ହିନ୍ଦୀ ସିନେମା ଜଗତରେ ବିଗ୍ ବି କୁହାଯାଉଥିବା ଅମିତାଭ ବଚ୍ଚନ ଫିଲ୍ମ ଜୀବନର କ୍ୟାରିୟର ଆରମ୍ଭ କରିଥିବାବେଳେ ତାଙ୍କ ଅଭିନୀତ ଅନେକ ଫିଲ୍ମ ଫ୍ଲପ୍ ହୋଇଛି। ବୋଧହୁଏ ଏଗାରଟା ଫିଲ୍ମ ଅସଫଳ ହେବା ପରେ, ସେ ପାଇଲେ ଅଭିନୟରେ ସଫଳତା। ଜଞ୍ଜିର ଫିଲ୍ମର ସଫଳତା ପରେ ରାତାରାତି ଅମିତାଭ ବଚ୍ଚନ ବନିଗଲେ ହିନ୍ଦୀ ସିନେମା ଜଗତରେ ବଡ଼ ଷ୍ଟାର। ଧୈର୍ଯ୍ୟ, ନିଷ୍ଠା, ଏକାଗ୍ରତା, ଆତ୍ମବିଶ୍ୱାସ ଓ ଈଶ୍ୱର ଭକ୍ତି ରହିଲେ ଅସଫଳତାର ଡରକୁ ହରେଇ ବିଜୟ ପଥରେ ଆଗେଇବା ନିଶ୍ଚିତ ସମ୍ଭବ। ଯଦି ଆଜିର ବିଗ୍ ବି ସେତେବେଳେ ନିରାଶହୋଇ ଫିଲ୍ମ ଦୁନିଆ ଛାଡ଼ି ଦେଇଥାନ୍ତେ, ତା'ହେଲେ ଆଜି ତାଙ୍କୁ କିଏ ଚିହ୍ନିଥାନ୍ତା। ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କଲାମ ଦିନେ ପାଇଲଟ୍ ହେଇପାରିଲେ ନାହିଁ ବୋଲି ଗଙ୍ଗା ନଦୀକୁ ଡ଼େଇଁ ଆତ୍ମହତ୍ୟା କରିବାର ନିଷ୍ପତି ନେଇଥିଲେ। ଯଦି ସ୍ୱାମୀ ଶିବାନନ୍ଦ ସ୍ୱରସତୀଙ୍କ ସହିତ ଦୈବୀ କୃପାରୁ ତାଙ୍କର ଦେଖାହେଇ ନଥାନ୍ତା, ତା'ହେଲେ ଭାରତ କ'ଣ ଏହି ମହାନ ରାଷ୍ଟ୍ରଭକ୍ତ, ବୈଜ୍ଞାନିକ ଓ ମିଜାଇଲ ମ୍ୟାନଙ୍କୁ ପାଇଥାନ୍ତା ? ଭାରତ ଓ ବିଶ୍ୱ ଇତିହାସ ପୃଷ୍ଠାରେ ଏମିତି ଅସଂଖ୍ୟ ଉଦାହରଣ ରହିଛି ଯେଉଁମାନେ ସମଗ୍ର ଦୁନିଆ ପାଇଁ ଯୁଗ ଯୁଗକୁ ପ୍ରେରଣାର ଉତ୍ସ।

ଜୀବନ ଅଛି ମାନେ ରାସ୍ତାରେ ଉଠାଣି ଗଡାଣି ଆସିବ। ବ୍ୟସ୍ତ ହେବାର ନାହିଁ କି ବିବ୍ରତ ହେବାର ନାହିଁ। ଡରକୁ ଡରିଲେ ଅସୁବିଧା। ସାହସର ସହିତ ଡରକୁ ହରେଇ ପାରିଲେ ଜୀବନରୁ ଅନ୍ଧାର ହଟିଯିବ। ଗୋଟିଏ ଦୁଇଟି ପରୀକ୍ଷାରେ ଫେଲ୍ ହେଲେ ବା ରାସ୍ତାରେ ଚାଲୁଚାଲୁ କେଇଥର ଝୁଣ୍ଟିପଡି କ୍ଷତାକ୍ତ ହେଲେ ଜୀବନର ରାସ୍ତା ବନ୍ଦ ହେଇଯାଏ ନାହିଁ। ଆମକୁ ଚାଲିବାର ଅଛି, ଆଗକୁ ବଢ଼ିବାର ଅଛି। ପାଦ ଘୋଷାରି ଘୋଷାରି ଚାଲିଲେ ସମୟର ବାଲିରେ ଆମ ପାଦଚିହ୍ନ କେବେବି ଦେଖାଯିବ ନାହିଁ। ଜୀବନରେ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଆମକୁ କେତେ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଆଜି ଶୀତ ଅଛି ମାନେ ଆସନ୍ତାକାଲି ଜୀବନରେ ବସନ୍ତର ଆଗମନ ହେବ। ଏହି ପରିପ୍ରେକ୍ଷୀରେ ବିଖ୍ୟାତ ଇଂରାଜୀ କବି ପିବି ଶେଲିଙ୍କର ' Ode to West Wind' କବିତାର 'If winter comes, can spring be far behind' ଧାଡିଟି ଉପାଦେୟ ଓ ଉଲ୍ଲେଖନୀୟ ଆମ ସମସ୍ତଙ୍କ ଜୀବନରେ। କେଉଁଠି ଅସଫଳ ହେଲେ ଭାଙ୍ଗି ନପଡ଼ି ନିଜର କର୍ମକୁ ବିଶ୍ଳେଷଣ କରି ଅଧିକ ଦୃଢ଼ ବିଶ୍ୱାସର ସହିତ ଆମକୁ ଆଗକୁ ଯିବାର ଅଛି। ବିଜୟରେ ଆତ୍ମହରା ହେବାର ନାହିଁ କି ପରାଜୟରେ ବିଚଳିତ ହେବାର ନାହିଁ। କେଉଁଠି ଯଦି ପରାଜୟ ଆମକୁ ଦୁଃଖ, କଷ୍ଟ, ଯନ୍ତ୍ରଣା ଦେଉଛି, ତା'ହେଲେ ଧରିନେବା ଈଶ୍ୱର ଚାହୁଁଛନ୍ତି ଯେ ଆମକୁ ଆହୁରି ଅଧିକ ପରିଶ୍ରମ କରିବାର ଅଛି ଓ ପରମେଶ୍ୱର ଆମ ପାଇଁ ଆଉ କିଛି ମହତ୍ତ୍ୱପୂର୍ଣ୍ଣ କାମ ଓ ପଦବୀ ସଂରକ୍ଷିତ କରି ରଖିଛନ୍ତି। ଅସଫଳତାକୁ ଧରି ବସିଲେ ସଫଳତା ହାସଲ କରିବା ଅସମ୍ଭବ। ପରାଜୟକୁ ଭୁଲି ଆଗକୁ ବଢ଼ିଲେ ବିଜୟୀ ହେବା ସମ୍ଭବ କାରଣ ପ୍ରତ୍ୟେକ ପରାଜୟ ପଛରେ କେଉଁଠି ନା କେଉଁଠି ବିଜୟ ଲୁଚି ରହିଥାଏ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ): ଏବେ ରାଷ୍ଟ୍ରୀୟ ସଂସ୍ଥାନ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା ପାଖରୁ ଦେଶ ବାହାରେ ବିଶ୍ୱ ଜନ ରଙ୍ଗ କାର୍ଯ୍ୟକ୍ରମ ହେଉଛି । ଭାରତୀୟ ନାଟ୍ୟ ସଂସ୍କୃତିର ପ୍ରଚାର ପ୍ରସାର ଲାଗି ଏହି ବଳିଷ୍ଠ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଓଡ଼ିଶା ପୁଅ କେନ୍ଦୁଝର ଜିଲ୍ଲାର ପ୍ରଦୀପ ମହାନ୍ତି ସେଠାରେ କୁଳସଚିବ ଥିଲା ବେଳେ କେନ୍ଦୁଝର ସହରରେ ଆଦି ରଙ୍ଗ ମହୋତ୍ସବ କାର୍ଯ୍ୟକ୍ରମ କରି ପ୍ରଶଂସିତ ହୋଇଥିଲେ ଓ ସେ ଏବେ ନେତୃତ୍ୱ ନେଉଛନ୍ତି । ତେଣୁ କେନ୍ଦୁଝର ସହରର ଅଗ୍ରଣୀ କଳା ନାଟ୍ୟ ଅନୁଷ୍ଠାନ ସ୍କିଳ୍‌ଜା ଏକାଡେମୀ ଅଫ ପରଫର୍ମି ଆର୍ଟ ପକ୍ଷରୁ କେନ୍ଦୁଝର ଜିଲ୍ଲାର ଖୁଣ୍ଟପଶି ଠାରେ ଥିବା ବିଦ୍ୟା ଭବନ ସ୍କୁଲ ପରିସରରେ ପଞ୍ଚମ ବେଦ ନାଟକ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟା ଭବନ ଅଧ୍ୟକ୍ଷ ମଳୟ ମହାପାତ୍ର ଓ ସ୍କିଳ୍‌ଜା ଅଧ୍ୟକ୍ଷା ଲିମା ମହାନ୍ତି ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ଏଠାରେ ପଞ୍ଚମ ବେଦ ନାଟ୍ୟ ଶାସ୍ତ୍ର ଉପରେ ବିଶଦ ଆଲୋଚନା ହୋଇଥିଲା । ଏହି ନାଟକକୁ ଆର୍ଯ୍ୟନ ରାୟ ନିର୍ଦ୍ଦେଶନା ଦେଇଥିଲା ବେଳେ ନାଟକରେ ଆକାଶ ରଂଜନ, ବେଦ ପ୍ରକାଶ, ଯଶୋବନ୍ତ, ଚରଣ, ସାଗରୀକା, ପ୍ରତ୍ୟୁଷ, ରାମିଲ, ସୃଷ୍ଟି ସାନ୍ତ୍ୱନା ଅଂଶଗ୍ରହଣ କରି ପରିବେଷଣ କରିଥିଲେ । ସ୍କୁଲର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ନାଟକର ମଜା ନେଇଥିଲେ ।



### ଗୋପ ବ୍ଲକରେ ଭତ୍ତା ଓ ସୁଭଦ୍ରା କେଳେଙ୍କାରୀ ଘଟଣା

# ଟଙ୍କା ଫେରାଇଲେ ୨ ହିତାଧିକାରୀ, ଘଟଣା ଚପାଇ ଦେବାକୁ ଉଦ୍ୟମ

ଗୋପ(ଭାସ୍କର ନ୍ୟୁଜ): ଗୋପ ବ୍ଲକର ଭତ୍ତା ଓ ସୁଭଦ୍ରା କେଳେଙ୍କାରୀ ଘଟଣାର ଖୋଳତାଡ଼ ପରେ ପାଇଥିବା ସୁଭଦ୍ରା ଟଙ୍କା ଫେରାଇଲେ ୨ ଅଯୋଗ୍ୟ ହିତାଧିକାରୀ । ଏହି ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ କେଉଁ ପରିସ୍ଥିତିରେ ଏକାଧିକ ବ୍ୟକ୍ତି ଉଭୟ ଯୋଜନାର ହିତାଧିକାରୀ ହେଲେ ଏବଂ ଉଭୟ ଯୋଜନାରୁ ଟଙ୍କା ପାଇଲେ ତାହାକୁ ନେଇ ଏବେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣା ପାଇଁ ଦାୟୀ କିଏ ଏବଂ ଦୋଷ କାହାର । ବ୍ଲକ ପ୍ରଶାସନର ନା କେହି ନେତା ନା ପାଇଥିବା ହିତାଧିକାରୀଙ୍କ, ତାହାକୁ ତଦନ୍ତ ନକରି କି ଟଙ୍କା ହାତାଇଥିବା ହିତାଧିକାରୀଙ୍କ ନାମରେ ଥାନାରେ ଅଭିଯୋଗ ନକରି ଏହି ଘଟଣାକୁ ଚପାଇ ଦେବା ପାଇଁ ବ୍ଲକ ପ୍ରଶାସନ ଜୋରସୋର ଉଦ୍ୟମ କରୁଛି । ଖାଲି ଏହି ୨ ଜଣ ନୁହେଁ ଯଦି ପ୍ରକୃତ ତଦନ୍ତ କରାଯାଏ ତେବେ ଗୋପ ବ୍ଲକରେ ସେହିପରି ଏକାଧିକ ବ୍ୟକ୍ତି ଉଭୟ ଟଙ୍କା ପାଉଥିବା ସାମ୍ନାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି । ହେଲେ କଣ ପାଇଁ ଗୋପ ବିଡିଓ ଏହି ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ହୋଇଥିବା ବେଳେ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ପଂଚାୟତବାସୀଙ୍କ ଏବଂ ଶୋଷଣ ଦୁର୍ନୀତି ନିବାରଣ ମଂଚ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ଲକ ଘେରାଉ କରିବ ବୋଲି ମଂଚର ଆବାହାକ ଗଙ୍ଗାଧର ପାଇକରାୟ ଚେତାବନୀ ଦେଇଛନ୍ତି । ସୂଚନା ମୁତାବକ ଗୋପ ବ୍ଲକ ଅର୍ନ୍ତଗତ ଦେସ୍ଥଳୀ ପଂଚାୟତର ଏକାଧିକ ବ୍ୟକ୍ତି ଚଞ୍ଚକତା କରି ଭତ୍ତା ପାଉଥିବା ବେଳେ ସୁଭଦ୍ରା ଯୋଜନା ହାତାଇଥିବା ନେଇ ୨୧ ଜଣଙ୍କ ନାମରେ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ କାକଟପୁର ବିଧାୟକ ଦୁଖାଶ୍ୟାମ ବେହେରା ବ୍ଲକକୁ ଆସି ବିଡିଓଙ୍କ ସହ ଆଲୋଚନା କରି ଏହାର ତଦନ୍ତ ଦାବି କରିଥିଲେ । ଏହି ଘଟଣାକୁ ନେଇ ଖୋଳତାଡ଼ ବେଳାରେ ଗୋପ ବିଡିଓ ଛବିରାଣୀ ସାହୁ ତଦନ୍ତ କରି ଜାଣିବାକୁ ପାଇଥିଲେ ଯେ ଓଟେର ସାମିଲ ବାଲି ଉପର ଗାଁର ମନୋରମା ମହାନ୍ତି ଏବଂ ଶୋଷଣ ଶାସନର ମମତା ମିଶ୍ର ଉଭୟ ସୁଭଦ୍ରା ଯୋଜନା ଓ ଭତ୍ତା ଟଙ୍କା ହାତାଇଛନ୍ତି । ମନୋରମା ୬୮ ବର୍ଷ ଦର୍ଶାଇ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବେଳେ ସୁଭଦ୍ରା ଯୋଜନା ହିତାଧିକାରୀ ଦର୍ଶାଇ ୨୦୨୪ ସେପ୍ଟେମ୍ବର ୮ରେ ସୁଭଦ୍ରା ଯୋଜନା ଟଙ୍କା ପାଇଛନ୍ତି । ସେହିପରି ମମତା ୬୪ ବର୍ଷ ଦର୍ଶାଇ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବେଳେ ସୁଭଦ୍ରା ଯୋଜନା ହିତାଧିକାରୀ ଦର୍ଶାଇ ୨୦୨୪ ସେପ୍ଟେମ୍ବର ୧୨ରେ ସୁଭଦ୍ରା ଟଙ୍କା ହାତାଇଛନ୍ତି । ଏହିପରି ୨୦୨୨ରେ ଯେଉଁ ମାନଙ୍କୁ ୬୦ ବର୍ଷ ପୂର୍ବିବାକୁ ୧୦/ ୧୨ ବର୍ଷ ବାକି ଥିଲା ସେମାନେ ୨୦୨୪ ମସିହା ଭୋଟର ତାଲିକାରେ ଚଂଚକତା କରି ନିଜକୁ ୬୫/୭୦ ବର୍ଷ ଦର୍ଶାଇ ଭତ୍ତା ପାଉଛନ୍ତି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଉପଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା । ହେଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ଘଟଣାକୁ ବିଡିଓ ତଦନ୍ତ କରିବାରେ ଦୁଇ ଅଯୋଗ୍ୟ ସୁଭଦ୍ରା ହିତାଧିକାରୀ ଧରାପଡିବା ପରେ ଘଟଣା ଚର୍ଚ୍ଚାକୁ ଆସିଥିଲା । ସୁଭଦ୍ରା ଟଙ୍କା ହାତାଇଥିବା ଦୁଇ ଅଯୋଗ୍ୟ ହିତାଧିକାରୀ ମମତା ଓ ମନୋରମାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯିବା ପରେ ଦୁଇ ହିତାଧିକାରୀ ବ୍ଲକରେ ଟଙ୍କା ଫେରାଇବା ସହ ଟଙ୍କାର ରସିଦ୍ ନେଇଛନ୍ତି । ବ୍ଲକରେ ଭତ୍ତା ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ଏହି ଘଟଣା ଦୁର୍ନିତିର ପେଡି ଖୋଲିଦେଇଛି । ସେହିପରି ବିଭିନ୍ନ ପଞ୍ଚାୟତରେ ଏକାଧିକ ବ୍ୟକ୍ତି ଉଭୟ ଯୋଜନା ଟଙ୍କା ହାତାଇଥିବା ମଧ୍ୟ ଅଭିଯୋଗ ହେଉଛି । ଏହି ଦୁର୍ନିତିର ଗୁମର ଖୋଲିବା ସହ ଦୁର୍ନିତିଗ୍ରସ୍ତ ଅଧିକାରୀଙ୍କ ଅସଲମୁଖା ଖୋଲିଯିବା ଭୟରେ ବିଡିଓ ଏହି ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି । ଏଥିପ୍ରତି ବିଭାଗୀୟ ସଚିବ, ମନ୍ତ୍ରୀ, ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି ।

### ପ୍ରେମିକାର ଝୁଲନ୍ତା ମୃତଦେହ ଜବତ ଘଟଣା

# ପ୍ରେମିକ ଓ ବଡ଼ଭାଇ କୋର୍ଟଚାଲାଣ



ଚିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ପୀରହାଟ ଥାନା ଗୋଟିପଦର ପଞ୍ଚାୟତ ଅଧୀନ ପଭିତ୍ରପୁର ଗ୍ରାମର ଅମୂଲ୍ୟ ଦାସ ନାମକ ଜଣେ ପ୍ରେମିକଙ୍କ ଘର ସାମ୍ନାରୁ ଝୁଲନ୍ତା ଅବସ୍ଥାରେ ପୁଲିସ ପ୍ରେମିକା ଗାୟତ୍ରୀ ଦାସ (୨୨)ର ମୃତଦେହକୁ ଉଦ୍ଧାର କରିଥିଲା । ଏହି ଘଟଣାରେ ପୁଲିସ ୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ମୃତା ଗାୟତ୍ରୀର ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତାର ପରିବାର ଉତ୍ତେଜିତ ହୋଇଥିଲା । ପ୍ରେମିକା ଗାୟତ୍ରୀର ପ୍ରେମିକ ଅମୂଲ୍ୟ ଦାସ ଓ ତାଙ୍କ ବଡ଼ଭାଇ ବିଜୟ ଦାସ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଘଟଣା ପଦାକୁ ଆସିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଛି । ପୁଲିସ ଏ ନେଇ ୨୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ପ୍ରେମିକ ଅମୂଲ୍ୟ ଓ ବଡ଼ଭାଇ ବିଜୟଙ୍କୁ କୋର୍ଟଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ, ବାଗସର ପଞ୍ଚାୟତ ଅଧୀନ ସାପକାଟିଆ ଗ୍ରାମର ଗାୟତ୍ରୀ ଦାସଙ୍କ ସହ ପଭିତ୍ରପୁର ଗ୍ରାମର ଅମୂଲ୍ୟଙ୍କର ପ୍ରେମ ସମ୍ପର୍କ ଥିଲା । ତେବେ ଗତମାସ ୩ତାରିଖ ସନ୍ଧ୍ୟାରେ ଗାୟତ୍ରୀ ଘରୁ କେଉଁଆଡ଼େ ଚାଲି ଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କଲା ପରେ ବି ସନ୍ଧାନ ପାଇନଥିଲେ । ପରଦିନ ସକାଳେ ଗାୟତ୍ରୀଙ୍କ ମୃତଦେହ ପ୍ରେମିକ ଅମୂଲ୍ୟଙ୍କ ଘର ସାମ୍ନାରେ ଓଢ଼ଣୀ ଲଗାଯାଇ ଝୁଲୁଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ଗାୟତ୍ରୀଙ୍କ ବାପା ନିରଂଜନ ଦାସ ଝିଅକୁ ମାରି ଝୁଲାଇ ଦିଆଯାଇଥିବା ନେଇ ପୀରହାଟ ଥାନାରେ ଅଭିଯୋଗ କରିଥିଲେ । ଘଟଣାରେ ପୀରହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ ତଦନ୍ତ କରୁଥିବା ବେଳେ ଏସଆଇ ସୁପ୍ରକାଶ ମହାନ୍ତି ତାଙ୍କୁ ତଦନ୍ତରେ ସହଯୋଗ କରୁଛନ୍ତି ।

# ବିଭିନ୍ନ ସ୍ଥାନରୁ ମହୁଲ ପୋଚ ସହ ମଦ ଜବତ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ମଦ କାରବାର ବୃଦ୍ଧି ପାଉଥିବା ବେଳେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଓ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶ ମତେ ଇନ୍ସପେକ୍ଟର ବିନୟ ତିର୍କୀଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକ, ଏଏସଆଇ ଫୁଲମଣି ନାଏକଙ୍କ ସହ ଠାକୁରମୁଣ୍ଡା ଅବକାରୀ ବିଭାଗର ଏକ ଦଳ ଦିନତମାମ କରଞ୍ଜିଆର ଜରାସାହି, ମଡା, ମୀର୍ଗିନୋଣ୍ଡି ଗ୍ରାମ ନିକଟରେ ଥିବା ନଦୀ ଓ ଜଙ୍ଗଲରେ ଚଢ଼ାଉ କରି ବିପୁଳ ପରିମାଣର ମହୁଲ ପୋଚ ସହିତ ମହୁଲି ମଦ ଜବତ କରି ନଷ୍ଟ କରିଛନ୍ତି । ଚଢ଼ାଉ ସମୟରେ ମଦ ମାଫିଆ ଚମ୍ପଟ ମାରିବାରେ ସକ୍ଷମ ହେଇଥିବା ବେଳେ ରବିବାର ୬,୮୦୦ ଲିଟର ମହୁଲ ପୋଚ ସହ ୨୩୦ ଲିଟର ମଦ ଜବତ ପରେ ନଷ୍ଟ କରାଯାଇଥିବା କରଞ୍ଜିଆ ଅବକାରୀ ଓଆଇସି ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ମାତୃ ପିତୃ ପୂଜନ ଦିବସ ପାଳିତ

ପୁରୀ(ଭାସ୍କର ନ୍ୟୁଜ): ପୁରୀ ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟ ମଙ୍ଗଳାଘାଟଠାରେ ମାତୃ ପିତୃ ପୂଜନ ଦିବସ ପାଳନ କରାଯାଇଛି । ଏହି ଅବସରରେ ମାତୃ ପିତୃ ଏବଂ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ କରାଯିବା ସହ ପୁଲବାମାରେ ସହିଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରିଅଲ ଇଷ୍ଟେଟ ଟ୍ରିବୁନାଲର ନ୍ୟାୟାଧିଷ ଜଷ୍ଟିସ ପ୍ରମୋଦ ପଟ୍ଟନାୟକ ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା ବିଭାଗର ବିଜ୍ଞାନ ଶିକ୍ଷୟତ୍ରୀ ସଞ୍ଚିତା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସୁଆର ମହାସୁଆର ନିଯୋଗର ପୂର୍ବତନ ସଭାପତି ଭଗବାନ ସୁଆର ଏବଂ ଅନୁଷ୍ଠାନର ପ୍ରତିଷ୍ଠାତ୍ରି ମିତା ପଣ୍ଡା ଯୋଗଦାନ କରିଥିଲେ । ସଭାରେ ବୃଦ୍ଧାଶ୍ରମରେ ଥିବା ସମସ୍ତ ଅନ୍ତେବାସୀ ତଥା ସଭାରେ ଉପସ୍ଥିତ ଥିବା ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତି ଏବଂ ପିତାମାତାଙ୍କୁ ଅନୁଷ୍ଠାନର ସଦସ୍ୟ ସଦସ୍ୟା ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଧନା ଜଣାଇଥିଲେ । ସଂଘର ସମ୍ପାଦିକା ଗିରିଜା ମଞ୍ଜରୀ ପଣ୍ଡାଙ୍କ ଦ୍ୱାରା ପୁଲବାମାରେ ସହିଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନ ତରଫରୁ ବହୁ ବ୍ୟକ୍ତି ବିଶେଷଙ୍କୁ ସମାଜ ସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ମଧୁବାବୁ ଯୋଜନାରେ ଭତ୍ତା ବୃଦ୍ଧି ଅଭିଯାନ ବୈଠକ




ପାରାଦ୍ୱୀପ(ଭାସ୍କର ନ୍ୟୁଜ): ରାଜ୍ୟରେ ମଧୁବାବୁ ଭତ୍ତା ଯୋଜନାରେ ଅବହେଳିତ ୬୦ରୁ ଉର୍ଦ୍ଧ ୭୯ବର୍ଷ ବୟସ୍କ ବୃଦ୍ଧ/ବୃଦ୍ଧା, ବିଧବା ଓ ବିକଳାଙ୍ଗମାନଙ୍କୁ ନେଇ ପାରାଦ୍ୱୀପସ୍ଥ ଷଣ୍ଢକୁଦ ଠାରେ ଭତ୍ତା ବୃଦ୍ଧି ଅଭିଯାନ ଓଡିଶା ସଂଗଠନର ଆହ୍ୱାନ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜଗତସିଂହପୁର ଜିଲ୍ଲା ସଂଯୋଜକ ସୁଶାନ୍ତ ଶେଖର ସ୍ୱାଇଁ ଓ ପ୍ରେମଲତା ବାରିକ ଯୋଗଦେଇ ଆଗାମୀ ଦିନରେ ଗଣତାନ୍ତ୍ରିକ ପଦ୍ଧତିରେ ଭତ୍ତା ବୃଦ୍ଧି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମିତ୍ତ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ । ସଂଗଠନ ତରଫରୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମିତ୍ତ ପାରାଦ୍ୱୀପସ୍ଥ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରେରଣ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ ସଂଗଠନର ସଂଯୋଜକ ରବି ନାରାୟଣ କର, ସୁଧାଂଶୁ ବାଇ, ସଂଯୁକ୍ତା ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବନ୍ଧୁ ମିଳନ ଉତ୍ସବ

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ଦୁର୍ଗା ମଣ୍ଡପ ପରିସରରେ ଜନତା ହାଇସ୍କୁଲର (୧୯୮୭) ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ସୁବାସ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ହରିହର ବେହେରା, ବିନୋଦ ସ୍ୱାଇଁ, ଦିଲ୍ଲୀପ ବିଶ୍ୱାଳ, ରମେଶ ନାୟକ, କାଳନ୍ଦୀ ରାଉତ, ସୁଚିତ୍ରା ପ୍ରଧାନ, ଡ଼ଲି ସାହୁ, ହେନା ପଣ୍ଡା, ସୁକାନ୍ତି ବିଶ୍ୱାଳ, କୃଷ୍ଣ ସାହୁ, କନିଷ୍କ ବେହେରା, ସୁବାଷ ସାହୁ, ନରେଶ ଓଝା, ପୂର୍ଣ୍ଣ ରାଉତ, ସୁବାଷ ପରିଡା, ଦୀନବନ୍ଧୁ ସ୍ୱାଇଁ, ଗିରିଧର, ଜ୍ୟୋସ୍ନା, ବିନତା, କଲ୍ୟାଣୀ ପ୍ରମୁଖ (୫୦)ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗଦେଇ ପରସ୍ପର ମଧ୍ୟରେ ହଜିଯାଇଥିବା ସ୍ମୃତିକୁ ମନେ ପକାଇ ଭାବର ଆଦାନ ପ୍ରଦାନ କରିଥିଲେ । ପରେ ଏକ ନୈଶଭୋଜିର ଆୟୋଜନ କରାଯାଇଥିଲା ।

# ପିଣ୍ଡି ନିର୍ମାଣ ପାଇଁ ନଦୀପଠାକୁ ଖୋଳିଦେଲା ଠିକାଦାର



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକର କସର୍ଦ ପଞ୍ଚାୟତ ଦୋପଟିମେଳନ ପଡ଼ିଆରେ ନିର୍ମାଣ ହେଉଛି ଦୋଳ ପିଣ୍ଡି । ଏହି ପିଣ୍ଡି ନିର୍ମାଣ ପାଇଁ ନଦୀ ପଠାକୁ ଖୋଳିଦେଲା ଠିକାଦାର । ଯାତ୍ରା ସମୟରେ ଏହି ପଠାରେ ଠିଆ ହୋଇ ବିଭିନ୍ନ ଆଡୁ ଆସୁଥିବା ଲୋକମାନେ ଯାତ୍ରାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ । ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ । ଏନେଇ ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁଙ୍କୁ ଫୋନ୍ ମାଧ୍ୟମରେ ସ୍ଥାନୀୟ ବାସିନ୍ଦା ଜଣାଇଛନ୍ତି । ଏଠାରେ ସୁଚନା ଥାଉ କି ମାଟି ଖୋଳୁଥିବା ସମୟରେ ଫାଣ୍ଡି ଅଧିକାରୀ ଦେଖି ମଧ ଚୁପ୍ ହେଇ ଫେରି ଆସିଥିଲେ ବୋଲି ସାଧାରଣରେ ଆଲୋଚନା ହୋଇଛି ।

# ସଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ

ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ୍ ମହୁଲିଆ ପଞ୍ଚାୟତ ସଦର ମହକୁମାରେ ଗତକାଲି ରାତି ପ୍ରାୟ ୮.୩୦ ସମୟରେ ବ୍ରଜବନ୍ଧୁ ପାତ୍ରଙ୍କ ଘରେ ସର୍ଟସର୍କିଟ ଯୋଗୁ ଚାଳଛପର ଘର ନିଆଁ ଲାଗି ପୋଡି ପାଉଁଶ ହୋଇଯାଇଛି । ଖବରପାଇ ଦମକଳ ପହଞ୍ଚିବା ବେଳକୁ ଘର ପୋଡି ପାଉଁଶ ହୋଇଯାଇଛି । ରାଜନଗରକୁ ଲୋକଙ୍କ ସେବାରେ ଆସିଥିବା ବିଜେପି ମଣ୍ଡଳ ସଭାପତି ରାଜୀବ ଲୋଚନ ନାୟକ ଖବର ପାଇ ଘଟଣା ସ୍ଥଳରେ ପହଁଞ୍ଚି ବ୍ରଜବନ୍ଧୁଙ୍କ ଦୁଃଖରେ ସମ୍ବେଦନା ଜଣାଇ ସାହାଯ୍ୟ କରିବା ସହ ଆରଆଇଙ୍କୁ ଖବର ଦେଇଥିଲେ । ଖବର ପାଇ ଆରଆଇ ତଦନ୍ତ କରିଥିଲେ । ପଟ୍ଟାମୁଣ୍ଡାଇରୁ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବ୍ରଜବନ୍ଧୁଙ୍କୁ ସହାୟତାର ହାତ ବଢାଇ ଥିଲେ । ବ୍ରଜବନ୍ଧୁଙ୍କ ଏହି ଦୁଃଖଦ ଖବର ପାଇ ରାଜନଗର ବିଜେପି ନେତା ଲଳିତ ବେହେରା ଓ ବିଜେପିର ବରିଷ୍ଠ ନେତା ଦିଲ୍ଲିପ କୁମାର ରାଉତ ଦୂରରେ ଥିଲେ ବି ପିଡିତାଙ୍କ ଦୁଃଖରେ ସମ୍ବେଦନା ଜଣାଇ ସହାୟତା ପାଇଁ ପ୍ରଶାସନ ସହିତ ଆଲୋଚନା କରିବେ ବୋଲି ସୂଚନା ମିଳିଛି ।

# ଧର୍ମାନ୍ତରୀକରଣ ନାମରେ ଅର୍ଥ ଲୁଣ୍ଠନ, ଶ୍ରଦ୍ଧାଳୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଧର୍ମାନ୍ତରୀକରଣ ନାମରେ ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ରୋଗ ଭଲ କରିଦେବା ନାମରେ ଲୁଣ୍ଠନ ହେଉଛି । ସ୍ୱାସ୍ଥ୍ୟକେନ୍ଦ୍ରକୁ ନଯାଇ ହୁକୁମ୍ ଖାଇଲେ ରୋଗ ଭଲ ହେବ କହିଥିବା ବେଳେ ଦୀର୍ଘଦିନ ହେବ ଏପରି ଘଟଣା ଚାଲୁଛି । ଅନେକ ସ୍ଥାନରେ ଠାକୁର ଓ ଠାକୁରାଣୀଙ୍କ ନାମ ନେଇ ଅର୍ଥ ଲୁଣ୍ଠନ ହେଉଥିବା ବେଳେ କଣ ପାଇଁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉନାହିଁ, ତାହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସଚେତନ ନାଗରିକମାନେ ଏହି ଘଟଣାକୁ ନାପସନ୍ଦ କରିବା ସହ ସାମ୍ବାଦିକ ସମ୍ମିଳନୀ କରିବେ କହି ଧର୍ମାନ୍ତିକରଣ ନାମରେ ଅର୍ଥ ଲୁଣ୍ଠନ ବନ୍ଦ ହେଉବୋଲି ଚେତାବନୀ ଦେଇଛନ୍ତି । ଭୁବନେଶ୍ୱରର କଳକି, ତ୍ରାହୀ ଅଚ୍ୟୁତ, ସାରଥୀ ଯୁଗର ଅବସାନ ଘଟିଥିବା ବେଳେ ନିମାପଡାରେ ଏହି ଘଟଣାର ପୁନରାବୃତ୍ତି ଘଟିଛି । କେତେକ ବ୍ୟକ୍ତି ନିଜକୁ ଠାକୁର ବୋଲାଇ ଅର୍ଥ ହାତେଇବା ସହ ଦୁର୍ବ୍ୟବହାର ଲୋକମାନଙ୍କୁ କରୁଛନ୍ତି । ଲୋକମାନେ ରୋଗ ଭଲ ହେବା ଆଶାରେ ଫାଳେ ଲେମ୍ବୁ ପାଇ ଟଙ୍କା ପକାଉଥିବା ଦେଖିବାକୁ ମିଳିଛି । ନିମାପଡା ପରି ସଚେତନ ଅଞ୍ଚଳରେ ଏପରି ଘଟଣା ଦୀର୍ଘଦିନ ହେବ ଘଟିଚାଲିଥିବା ବେଳେ କ'ଣ ପାଇଁ ବାବା ମାତାଙ୍କୁ ସୁରକ୍ଷା ଦିଆଯାଉଛି, ତାହାକୁ ନେଇ ଅସନ୍ତୋଷ ବଢିଚାଲିଛି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡାରେ ବିଭିନ୍ନ ଠାକୁର ଠାକୁରାଣୀଙ୍କ ଆଜ୍ଞା କହି କେତେଜଣ ବ୍ୟକ୍ତି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ଅର୍ଥ ଲୁଣ୍ଠନ କରି ବ୍ୟାଙ୍କରେ ଅର୍ଥ ଗଚ୍ଛିତ ରଖିବା ସହ କୋଠାଘର ନିର୍ମାଣ କରିଚାଲିଛନ୍ତି । ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅନେକ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ର ନଯାଇ ବିପଥଗାମୀ ହେଉଛନ୍ତି । ଏପରି କାର୍ଯ୍ୟ କରୁଥିବା କେତକ ବ୍ୟକ୍ତି କେତେକ ଗୁଣ୍ଡା ଶ୍ରେଣୀୟ ଲୋକଙ୍କୁ ଅଙ୍ଗରକ୍ଷୀ କରାଇଛନ୍ତି । ଅନେକ ଅସାଧୁ ବ୍ୟକ୍ତି ବିଭିନ୍ନ ଲୋକଙ୍କ ନାମରେ ଅପପ୍ରଚାର କରି ଧର୍ମାନ୍ତିକରଣ ନାମରେ ବ୍ୟକ୍ତିଙ୍କଠାରୁ ହାତଚିକ୍କଣ କରି ମଦପାଣି ଚଳାଇଛନ୍ତି । ନିମାପଡାରେ ଏପରି ଘଟଣା ଦୀର୍ଘଦିନ ହେବ ଚାଲିଥିବା ବେଳେ ପ୍ରଶାସନ ନୀରବ ରହିବା ପଛରେ କିଛି ଉଦ୍ଦେଶ୍ୟ ରହିଥିବା ବାରିହୋଇପଡୁଥିବା ଜନସାଧାରଣ ମତ ପ୍ରକଶ କରୁଛନ୍ତି । ଲୋକମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନଯାଇ ଅନ୍ଧବିଶ୍ୱାସର ବଶବର୍ତୀ ହୋଇ ନିଜର ସର୍ବନାଶକୁ ଡାକି ଆଣୁଛନ୍ତି । ଏହି ଘଟଣାପ୍ରତି ପ୍ରଶାସନ ଦୃଷ୍ଟିଦେବା ସହ ତୁରନ୍ତ ଧର୍ମାନ୍ତିକରଣ ନାମରେ ଏପରି କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଉଚିତ୍ ଦଣ୍ଡବିଧାନ ପାଇଁ ଦାବି ହୋଇଛି । କେତେକ ରାଜନୈତିକ ଦଳ ଏହି ପୀଠକୁ ଯାଇ ଗୁପ୍ତରେ ବୈଠକ ଚଳାଉଛନ୍ତି । ଧର୍ମାନ୍ତିକରଣ ନାମରେ ପୀଠ ଚଳାଉଥିବା ବ୍ୟକ୍ତି ରାଜନୈତିକ ଲୋକଙ୍କୁ ପ୍ରୋତ୍ସାହନ ଦେଉଥିବା ନିମାପଡାରେ ମୁଖ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଅଗ୍ନିକାଣ୍ଡରେ ଜଳିଗଲା ୭ ବଖରା

ଭଦ୍ରକ(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ବାସୁଦେବପୁର ତହସିଲ ଅଧୀନ ବାଲିମେଦ ଗ୍ରାମରେ ଅଗ୍ନିକାଣ୍ଡ ଘଟି କୃଷ୍ଣ ଚନ୍ଦ୍ର ସାହୁ, କଳ୍ପତରୁ ସାହୁ, ଜ୍ୟୋସ୍ନାରାଣୀ ସାହୁ ଓ ଭୋଳାନାଥ ସାହୁଙ୍କର ୭ବଖରା ଘର ଭସ୍ମୀଭୂତ ହୋଇଥିବା ଜଣାଯାଇଛି । ଏହି ଅଗ୍ନିକାଣ୍ଡରେ ସେମାନଙ୍କର ସମସ୍ତ ଧନସମ୍ପତ୍ତି ପୋଡ଼ି ପାଉଁଶ ହୋଇ ଯାଇଛି । ଖବର ପାଇ ବାସୁଦେବପୁର ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଶନିବାର ବିଳମ୍ବିତ ରାତିରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ବାସୁଦେବପୁରରୁ ଦମକଳ ପହଞ୍ଚିବା ବହୁ ବିଳମ୍ବ ହେବାରୁ ସମ୍ପୂର୍ଣ୍ଣ ଘର ପୋଡ଼ି ପାଉଁଶ ହୋଇ ଯାଇଥିଲା । ଖବର ପାଇଁ ଜିଲାପରିଷଦ ସଭ୍ୟ ଗୋଲକ ଘଡ଼େଇ ଓ ବାଲିମେଦ ସରପଞ୍ଚଙ୍କ ପ୍ରତିନିଧି ବାବୁଲା ମଲିକ ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ ।

# ଗନ୍ଧାପାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



କାଳିଆପାଣି(ଭାସ୍କର ନ୍ୟୁଜ): ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ଗ୍ରାମ ପଞ୍ଚାୟତର ଗନ୍ଧାପାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ନାମଯଜ୍ଞର ପ୍ରଥମ ଦିନ କଳସ ଶୋଭାଯାତ୍ରା କରାଯାଇ ପ୍ରଭୁଙ୍କ ମଣ୍ଡପ ସ୍ଥାପନ କରାଯାଇଥିଲା । ୮ ଗୋଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ପ୍ରଭୁଙ୍କ ହରିନାମ ଜପରେ ଗାଁ ପ୍ରକମ୍ପିତ ହୋଇଥିଲା । କର୍ତ୍ତାଭାବେ ସଞ୍ଜୟ ବାରିକ୍ ସହଯୋଗୀ ଭାବେ ଗୟାଧର ପରିଡ଼ା, ଜୁଲୁ ମହାକୁଡ଼, ଅଜୁ ପ୍ରଧାନ, ସଞ୍ଜୟ ନାୟକ, ଗୌରାଙ୍ଗ ଅରୁକ୍, ସୁଦର୍ଶନ ପ୍ରଧାନ, ସୁଶାନ୍ତ ମହାକୁଡ଼, ରୋହିତ ବାରିକ୍, ହରହରି ମହାକୁଡ଼, ଦିଗାମ୍ବର ନାୟକ ପ୍ରମୁଖ ଯୋଗଦେଇଥିଲେ । ଗ୍ରାମର ମୁରବି ତୁଲ୍ୟ ଭାଗିରଥି ବାରିକ୍, ମହେଶ୍ୱର ନାୟକ, ହୃଦାନନ୍ଦ ପ୍ରଧାନ, ଫକିର ପରିଡ଼ା, ଇଞ୍ଜିନି ପରିଡ଼ା, ସୌଭାଗ୍ୟ ବାରିକ୍, କୃଷ୍ଣଚନ୍ଦ୍ର ନାୟକ, ଅଜୟ କୁମାର ବେହେରା, ରଞ୍ଜନ ବାରିକ୍, ମୁନା ଆରୁକ, ଯୋଗଳ କିଶୋର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ । ଅପରାହ୍ନରେ ନଗର ଭ୍ରମଣ କାର୍ଯ୍ୟକ୍ରମ ଶେଷ ହୋଇଥିଲା ଏବଂ ସମୂହ ପ୍ରସାଦ ସେବନ କରାଯାଇଥିଲା ।

# ଯାଜପୁର ଜିଲ୍ଲାରେ ପୂର୍ବଠାରୁ ଅଧିକ ଲୁଟ୍ ହେଉଛି ଲଘୁ ଖଣିଜ ସମ୍ପଦ

ଯାଜପୁର(ଭାସ୍କର ନ୍ୟୁଜ): ସମଗ୍ର ଯାଜପୁର ଜିଲ୍ଲା ରେ ଗତ ସରକାର ସମୟରେ ବେଧଡକ ଭାବେ ଚାଲିଥିବା ଲଘୁ ଖଣିଜ ସମ୍ପଦର ଲୁଟ ହଠାତ୍ ଜୁନ ୪ ତାରିଖ ନୂଆ ସରକାର ଆସିଲା ଦିନ ବନ୍ଦ ହୋଇଗଲା । ଓଭରଲୋଡ ଟ୍ରକ, ଟ୍ରାକ୍ଟର, ହାଇୱା ଗୁଡିକ ଦିନରାତି ଧୂଳି ଧୂଆଁ ଉଡାଇ ଗୁରୁ ଗର୍ଜନ କରି ଯେପରି ଯାତାୟାତ କରୁଥିଲେ ତାହା ହଠାତ୍ ମନକୁ ମନ ବନ୍ଦ ହୋଇଯିବାରୁ ଲୋକେ ଆଶ୍ୱସ୍ତ ହୋଇଥିଲେ । ତତ୍ କାଳୀନ ଶାସକ ଦଳ ର ସମର୍ଥକ ବୋଲି ଦାବି କରି କ୍ଷମତାର ଦୁରୁପଯୋଗ ପୂର୍ବକ ଏପରି ବ୍ୟାପକ ରାଜସ୍ୱ ହାନି ସହିତ ପରିବେଶକୁ ପ୍ରଭାବିତ କରିବା, ରାସ୍ତାଘାଟକୁ କ୍ଷତି ପହଞ୍ଚାଇବା, ଦ୍ରୁତ ଓ ବେପରୁଆ ଗାଡ଼ିଚାଳନା ପାଇଁ ନୀରିହ ଲୋକଙ୍କର ଅକାଳରେ ଜୀବନ ଯିବା ପରି ନିୟମିତ ଘଟଣା ଗୁଡିକ ସରକାର ବଦଳିବା ସହିତ ବନ୍ଦ ହୋଇଯାଇଥିଲା । ମନେ ହେଲା ସତେ ଯେମିତି ରାମ ରାଜ୍ୟ ଆସିଗଲା କି? ପୂର୍ବ ସରକାରଙ୍କ ଏହି ଦୁର୍ନୀତି କୁ ନୂଆ ସରକାରଙ୍କ ବିଭିନ୍ନ ବିଭାଗ ମାଡିବସିବାକୁ ଆଗେଇ ଆସି ବାଲି ଘାଟ ଠାରୁ ଆରମ୍ଭ କରି ପଥର ମୋରମ ଖାଦାନରେ ଚଢ଼ାଉ କଲା । କହିବାକୁ ଗଲେ ନୂଆ ସରକାରଙ୍କ ଦାୟିତ୍ୱ ପରେ ଚୋରୀ ଲୁଟ୍ ସମ୍ପୂର୍ଣ୍ଣ ବନ୍ଦ ହେଲା । କିନ୍ତୁ ନୀତି ଆଦର୍ଶ ଏବଂ ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ନୂଆ ସରକାରଙ୍କ କୁଜୀନେତାଙ୍କଠାରୁ ଆରମ୍ଭକରି ବଡ଼ ବଡ଼ ନେତା ମାନେ ପ୍ରଚ୍ଛଦରେ ରହି ସେମାନଙ୍କର କିଛି ବିଶ୍ୱସ୍ତ କର୍ମୀମାନଙ୍କ ଜରିଆରେ ମାସେ ଦୁଇମାସ ପରେ ବାଲି, ମାଟି, ମୋରମ, କଳାପଥର ସବୁ ମନଇଚ୍ଛା ଲୁଟିବା ଆରମ୍ଭ କରି ଦେଲେଣି । ଶାସକ ଦଳ କ୍ଷମତାରେ ଥିବା ବିଧାନସଭା ନିର୍ବାଚନ ମଣ୍ଡଳୀ ଠାରୁ ଆରମ୍ଭ କରି ବିରୋଧୀ ବିଧାୟକ ଥିବା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ନଦୀରୁ ବାଲି ଚୋରି ବେପରୁଆ ଭାବେ ଚାଲିଛି । ଲିଜ ଘାଟରେ ମଧ ଉତ୍ତୋଳନ ପରିମାଣଠାରୁ ଢେର ଗୁଣା ବାଲି ଉଠୁଛି । ଧର୍ମଶାଳା, ଦର୍ପଣ ତହସିଲରେ ପୂର୍ବ ପରି କଳାପଥର ଲୁଟ୍ ଆରମ୍ଭ ହୋଇଗଲାଣି । ନାମକୁ ମାତ୍ର ଲିଜ ନେଇଥିବା ଲିଜଧାରୀ ନିର୍ଧାରିତ ସମୟ ପୂର୍ବରୁ ବିପୁଳ ପରିମାଣର କଳାପଥର ତାଡ଼ି ନେଇ ଗଲେଣି । ପୋଲିସ, ତହସିଲ, ରାଜନେତା ଓ ପ୍ରଭାବଶାଳୀଙ୍କୁ ମୋଟା ବଟି ଦେଇ କୋଟି କୋଟି ଟଙ୍କାର ଲଘୁ ଖଣିଜ ସଂପଦକୁ ଚଲୁ କରାଯାଉଛି । ଏ ପ୍ରସଙ୍ଗରେ ବିରୋଧି ରାଜନୈତିକ ଦଳ ମଧ ତୁଣ୍ଡ ଚୁପ୍ କରି ନିଜର ଫାଇଦା ହାସଲରେ ବ୍ୟସ୍ତ ଅଛନ୍ତି । ଗତ ସରକାର ସମୟରେ ସୁନାମଧନ୍ୟ ସୂଚନା କର୍ମୀଙ୍କ ଯୋଗୁଁ ବିପୁଳ ଲୁଟ୍‌ର ପର୍ଦ୍ଦାଫାଶ ହେବା ସହିତ ରାଜସ୍ୱ ହାନୀରେ ମଧ ଅନେକ ଭାବେ ରୋକ୍ ଲାଗିଥିଲା । ଏବେ କିନ୍ତୁ ସେମାନେ କାହିଁକି କେଉଁ ବିଶେଷ କାରଣ ଯୋଗୁଁ ନୀରବ ରହିଛନ୍ତି । ପୂର୍ବ ସରକାରଙ୍କ ଦୁର୍ନୀତିକୁ ଇସୁ କରି କ୍ଷମତାକୁ ଆସିଥିବା ମୋହନ ମାଝୀ ସରକାର ଏହି ବେଧଡକ ଲୁଟ୍ ପାଟ ଉପରେ ରୋକ୍ ଲଗାଇବେ ବୋଲି ଆଶା କରାଯାଉଛି ।

### ସୂଚନା ଅଧିକାର କର୍ମୀ ଚୁପ୍ କାହିଁକି ?

# ଜୋକବନ୍ଧ ପୋକବନ୍ଧରେ ପରିଣତ, ଲକ୍ଷାଧିକ ଟଙ୍କାର ଦୁର୍ନୀତି ଗନ୍ଧ



ଆସିକା(ଭାସ୍କର ନ୍ୟୁଜ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନଂ୧୫ ସ୍ଥିତ ସର୍ବ ପୁରାତନ ଜୋକବନ୍ଧ ପୁନଃ ଉଦ୍ଧାର ନାମରେ ୭୦ ଲକ୍ଷ ଟଙ୍କାର ଦୁର୍ନିତି ଅଭିଯୋଗ । ନିର୍ମାଣ ନିମ୍ନମାନର କାର୍ଯ୍ୟ ଅଧାପନ୍ତରିଆ ଯୋଗୁଁ ଜୋକବନ୍ଧ ଦୂଷିତ ହୋଇ ପୋକ ସାଲୁବାଲୁ ହେଲାଣି । ଏହି ଜୋକବନ୍ଧ ଉପର ଚତୁଃପାର୍ଶ୍ୱରେ ଥିବା ୱାର୍ଡ ବାସି ବନ୍ଧ ପାଣି ବ୍ୟବହାର କରିପାରୁ ନାହାଁନ୍ତି । ବନ୍ଧର ଦୂଷିତ ପାଣି ଦୁର୍ଗନ୍ଧରେ ୱାର୍ଡ ଫାଟି ପଡୁଛି । ଏନଏସି ନିର୍ବାଚନ ହେଉ କିମ୍ବା ସାଧାରଣ ନିର୍ବାଚନ ବେଳେ ଏହି ବନ୍ଧ ପୁନଃଉଦ୍ଧାର ପାଇଁ ମୁଖ୍ୟ ପ୍ରସଙ୍ଗ ସାଙ୍ଗକୁ ନେତାମାନେ ନିର୍ଭର ପ୍ରତିଶୃତି ଦେଇଥାନ୍ତି । ହେଲେ ନିର୍ବାଚନ ସରିଲା ପରେ ଦୀର୍ଘ ବର୍ଷ ହେଲି ନଟା, ବୁଡା ବନ୍ଧରେ ପରିପୂର୍ଣ୍ଣ ସାଙ୍ଗକୁ ୱାର୍ଡ ବାସି ଚତୁର୍ଦିଗରେ ଜବର ଦଖଲ କରି ଘର କରିବା ସହ ଲେଟିନ ଓ ନର୍ଦ୍ଦମା ପାଣି ଛାଡିବା, ବନ୍ଧର ଉତ୍ତର ଦିଗରେ ଗୋରୁ, ମଇଁଷି, କୁକୁଡା, ଛେଳି ଘୁଷୁରୀ ମଳମୂତ୍ର ବନ୍ଧ ମଧ୍ୟକୁ ଛାଡୁଛନ୍ତି । ଘରର ଦୈନ୍ୟଦିନ ଅଳିଆ ଆବର୍ଜନା ମଧ ପକାଉଥିବା ବହୁବାର ପତ୍ର, ପତ୍ରିକା, ସଚେତନ କାର୍ଯ୍ୟକ୍ରମ କରିଥିଲେ ମଧ ପ୍ରଭାବ ପଡୁନାହିଁ । ବନ୍ଧରେ ମାଛଚାଷ ନାମରେ ଅନେକ ବର୍ଷ ବନ୍ଧ ମଧ ଦୂଷିତ ହୋଇଥିଲା । ପ୍ରତିବର୍ଷ ବନ୍ଧ ପୁନଃଉଦ୍ଧାର ନାମରେ ଜଳନିଷ୍କାସନ, ପଙ୍କ ଉଦ୍ଧାର, ଗାଡଓ୍ୱାଲ ପାହାଚ ନାମରେ ଏନଏସି ର ବିଭିନ୍ନ ଯୋଜନାରେ ଟଙ୍କା ବ୍ୟୟକରି ନାମକୁମାତ୍ର କାର୍ଯ୍ୟକରି ଅର୍ଥ ଆତ୍ମସାତ ହେଉଛି । ପୂର୍ବରୁ ଆମ ପୋଖରୀ ଯୋଜନା, ମୁକ୍ତା ଯୋଜନା ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋ ପୋଖରୀ ଯୋଜନାରେ ନାମକୁ ମାତ୍ର ମହିଳା ସ୍ୱୟଂସହାୟକ ଗୋଷ୍ଠି ନାମରେ ୫ ଟି ମହିଳା ସ୍ୱୟଂସହାୟକ ନାମରେ ୭୦ ଲକ୍ଷ ଟଙ୍କାର ପୁନଃଉଦ୍ଧାର କାର୍ଯ୍ୟ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି ବୋଲି ବନ୍ଧ ନିକଟରେ ଥିବା ଫଳକରେ ଉଲ୍ଲେଖ ଅଛି । ୩୧.୦୮.୨୦୨୪ ରେ ୱାର୍ଡ ନଂ ୧୫ ସ୍ଥିତ ଜୋକ ବନ୍ଧ ପୁନଃ ନବିକରଣ କାର୍ଯ୍ୟ ୩ ଏକର ୬୩ ଡିସିମଲ ବନ୍ଧର ଆସିକା ଏନଏସି ଅଧିନର କାର୍ଯ୍ୟ କରୁଥିବା ମା' ଖମ୍ବେଶ୍ୱରୀ, ଦେବି ଲକ୍ଷ୍ମୀ ଓ ସାଇ ସସ୍କୃତି କାର୍ଯ୍ୟାଦେଶ ଦିଆଯାଇଛି । ଏହି ସବୁ ଗ୍ରୁପର କୌଣସି ମହିଳାଙ୍କ କାର୍ଯ୍ୟରେ ଦେଖା ନାହିଁ । ସେମାନଙ୍କ ନିଜସ୍ୱ ପୁଞ୍ଜି କିମ୍ବା ଅଭିଜ୍ଞତା ନାହିଁ । ନାମକୁ ମାତ୍ର ସେମାନଙ୍କ ନାମରେ ଯୋଜନାର ଗାଇଡ୍ ଲାଇନ ଥିବାବେଳେ ପ୍ରକୃତ ୱାର୍ଡର ୱାର୍ଡ ମେମ୍ବର ସାଙ୍ଗକୁ ଏନଏସି କେତେକ ଠିକାଦାର ଓ କର୍ମଚାରି ଏହି କାର୍ଯ୍ୟ ରାତାରାତି ସାରି ୭୦ ଲକ୍ଷର ବିଲ ପାଇଁ ବିଭିନ୍ନ ଚାପ ଚଳାଇ ଥିବା କଥା ଅଞ୍ଚଳରେ ଚର୍ଚ୍ଚା ହେଉଛି ।

### ବ୍ୟାସ୍ ଫାଉଣ୍ଡେସନର ପଞ୍ଚମ ବାର୍ଷିକୋତ୍ସବ ଓ ଗୀତା ଜ୍ଞାନାଯଜ୍ଞର ଲୋକାର୍ପଣ ଉତ୍ସବ

# ସ୍ନେହମୟୀ ଓ ସଂଗଠନର ସେବା କାର୍ଯ୍ୟକୁ ପ୍ରଶଂସା କଲେ ମନ୍ତ୍ରୀ



ପାରାଦୀପ(ଭାସ୍କର ନ୍ୟୁଜ): ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟର ପଞ୍ଚମ ବାର୍ଷିକୋତ୍ସବ ଏବଂ ତ୍ରୈମାସିକ ଆଧ୍ୟାତ୍ମିକ ପତ୍ରିକା ଗୀତାଜ୍ଞାନାଞ୍ଜନର ଏକାଦଶ ସଂସ୍କରଣ ଶୁଭୋନ୍ମୋଚନ ଓ ଲୋକାର୍ପଣ ଉତ୍ସବ ଏବଂ ପ୍ରତିଭା ପୂଜନ ସମାରୋହ ପାରାଦୀପ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରବିବାର ଦିନ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଂଗଠନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ସଭାପତିତ୍ୱ କରିଥିବା ବେଳେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ସନ୍ଥ ଡ. ଶ୍ରୁତି ସାଗରାନନ୍ଦ ଜୀ ମହାରାଜ, ଶିଳ୍ପ, ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶ୍ରୀସତ୍ୟସାଇ ଟ୍ରଷ୍ଟ, ଓଡ଼ିଶା ରାଜ୍ୟନ୍ୟାସୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଓ.ଟିଭି (ପ୍ରାର୍ଥନା)ର କାର୍ଯ୍ୟକାରୀ ପ୍ରଯୋଜକ ଅଭିନନ୍ଦନ ଦାସ, ବୁଦ୍ଧିଜୀବୀ ଫୋରମ୍, ନୂଆ ଦିଲ୍ଲୀର ଆବାହକ ଦେବେନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସଂଗଠନ ତରଫରୁ ବରେଣ୍ୟ ଅତିଥିଙ୍କୁ ମଞ୍ଚରେ ଫୁଲତୋଡ଼ା, ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା । ପ୍ରଦୀପ ପ୍ରଜ୍ୱଳନ ଓ ବେଦ ମନ୍ତ୍ର ଧ୍ୱନିରେ ସଂଗଠନର ଉପଦେଷ୍ଟା ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀ ପ୍ରତିଧ୍ୱନିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମଞ୍ଚ ଉପସ୍ଥାପକ ତଥା ବ୍ୟାସ ଫାଉଣ୍ଡେସନର ସଭାପତି ପଣ୍ଡିତ ଡ.ସିଦ୍ଧେଶ୍ୱର ପଣ୍ଡାଙ୍କ ଦ୍ୱାରା ସଂଗଠନ ସମ୍ପର୍କିତ ପ୍ରାକ୍ ଆଭିମୁଖ୍ୟ, ସଂଗଠନର ଲକ୍ଷ୍ୟ ଓ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ଅତିଥିମାନଙ୍କ ପବିତ୍ର କର ସ୍ପର୍ଶରେ ଗୀତା ଜ୍ଞାନାଞ୍ଜନ ଆଧ୍ୟାତ୍ମିକ ପତ୍ରିକାର ଏକାଦଶ ସଂଖ୍ୟା ଉନ୍ମୋଚିତ ହୋଇ ଉପସ୍ଥିତ ଶୁଭେଚ୍ଛୁ ମାନଙ୍କୁ ବଣ୍ଟନ କରାଯାଇଥିଲା । ପତ୍ରିକାର ଯୁଗ୍ମ ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ହୋତା, ଉପସଭାପତି ରଶ୍ମିତା ନାୟକ, ସଂଗଠନ ସମ୍ପାଦକ ଡ. ସୁନାକର ବେହେରା, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ସଂଗଠନର ଲକ୍ଷ୍ୟ ଓ ସ୍ୱପ୍ନ ସମ୍ପର୍କରେ ଉପସ୍ଥାପନ କରିଥିଲେ । ସଂଗଠନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଆମ ସଂଗଠନ ଓ ଆମ ଦାୟିତ୍ୱ ଶୀର୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏଠାରେ ସ୍ମରଣଯୋଗ୍ୟ ବ୍ୟାସ ଫାଉଣ୍ଡେସନର ପରିକଳ୍ପିତ ସ୍ୱପ୍ନ ଏକ ବ୍ୟାସ ବିଷ୍ଣୁ ସ୍ନେହାଳୟ ନିର୍ମାଣ, ଏକ ବ୍ୟାସ ମନ୍ଦିର ନିର୍ମାଣ ନିମନ୍ତେ ପ୍ରତିବନ୍ଧକ ଥିବା ଜମିକୁ ନାଳିଆପାଳ ଗ୍ରାମର ବରିଷ୍ଠ ନାଗରିକ, ସମାଜସେବୀ ବିଷ୍ଣୁ ଚରଣ ସ୍ୱାଇଁ ଗତ ଫେବୃଆରୀ ୧୪ ତାରିଖରେ ସଂଗଠନ ନାମରେ ୧୦ ଗୁଣ୍ଠ ଜମି ଦାନ ପୂର୍ବକ ରେଜିଷ୍ଟ୍ରେସନ କରାଇଛନ୍ତି । ଏଭଳି ଜଣେ ପୁଣ୍ୟାତ୍ମାଙ୍କୁ ମାନପତ୍ର, ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମୃତି ଆମ ଶ୍ରଦ୍ଧା ଓ ସମ୍ମାନନ୍ତ ଫଳକ ସଂଗଠନ ତରଫରୁ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଠନର ସକ୍ରିୟ କର୍ମୀ ରାକେଶ ପଟ୍ଟନାୟକ, ବନ୍ଦିତା ସୁଭଦର୍ଶିନୀ, ବ୍ରହ୍ମଚାରୀ ପ୍ରମୋଦ କର, ସଂଗ୍ରାମ ନାୟକ, ବିପିନ ମକ୍ଷଝି, ପ୍ରୀତିମୟୀ ଆଚାର୍ଯ୍ୟ, କ୍ଷେତ୍ରମୋହନ ଦାସ, ସୁରେଶ ଚନ୍ଦ୍ର ଦାସ, ଗଗନ ବିହାରୀ ପୃଷ୍ଟି, ଅକ୍ଷୟ କୁମାର ସାହୁ କ୍ୟାପଟେନ ଜ୍ଞାନଜ ସାମନ୍ତରାୟ, ରମାକାନ୍ତ ରାଉଳ, ରଂଜନ କୁମାର ପ୍ରଧାନ, ଆକାଶ କୁମାର ପ୍ରଧାନ, ହୃଷୀକେଶ ନନ୍ଦ, ଯଶୋବନ୍ତ ରାଉତ, ହେମନ୍ତ କୁମାର ନାୟକ, ନନ୍ଦିନୀ ପଣ୍ଡା, ମିହିର ରଂଜନ ସାହୁ, ଉମାକାନ୍ତ ନାୟକ, ପବିତ୍ର କୁମାର କର, ସଂଗ୍ରାମ ମନ୍ତ୍ରୀ, ପ୍ରଫୁଲ୍ଲ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : ଗ୍ରୀଷ୍ମ ଅବକାଶରେ ପ୍ରଥମେ କରଞ୍ଜିଆ ଡିଏମ. ପବ୍ଲିକ ସ୍କୁଲ ଦ୍ୱାରା ଜଳଛତ୍ର ଉଦଘାଟନ ହୋଇଯାଇଛି । କରଞ୍ଜିଆ ଡି.ଏମ. ପବ୍ଲିକ ସ୍କୁଲ ସମ୍ମୁଖରେ ପ୍ରସ୍ତୁତ ଜଳଛତ୍ରଟି କୁମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ ଯୋଗ ଦେଇ ଉଦଘାଟନ କରିଥିଲେ । ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରେ ରଖି କରଞ୍ଜିଆର ସର୍ବପ୍ରଥମ ଏହି ଜଳଛତ୍ରକୁ କରଞ୍ଜିଆ ଡ଼ିଏମ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ତଥା ଅଧକ୍ଷ ଅରୁଣ କୁମାର ମହାନ୍ତଙ୍କ ଉଦ୍ୟମ କ୍ରମେ ଜଳ ଛତ୍ରଟି ପ୍ରତିଷ୍ଠା କରାଯାଇଛି । ଏହି ଜଳଛତ୍ରର ଉଦଘାଟନ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେପି କରଞ୍ଜିଆ ନଗର ସଭାପତି ସମ୍ବିଧାନ ମହାପାତ୍ର, ପୂର୍ବତନ ଜିଲ୍ଲା ବିଜେପି ସଭାପତି କୃପାସିନ୍ଧୁ ମହନ୍ତ, ସାଂସଦଙ୍କ ପ୍ରତିନିଧି ଆଶିଷ ମହାନ୍ତ, ଲକ୍ଷ୍ମୀ ଝା, ଜିଲ୍ଲା ସଂଖ୍ୟାଲଘୁ ସେଲ ସଭାପତି ଅବଦୁଲ ଲତିଫ, ଜ୍ୟୋତି ଶଙ୍କର ଦାସ, ମାଧବ ଦେହୁରୀ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଜନସାଧାରଣ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



### ।।। ଚଢା ଦରରେ ବିକ୍ରୀ ହେଉଛି ମଦ ।।।

# ନିରବଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଓ ବାଲିମେଳାରେ ଥିବା ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ଅବକାରୀ ନିୟମର ଖୋଲାଖୋଲି ଉଲଙ୍ଘନ କରାଯାଉଛି । ମଦ ବିୟର ଧାର୍ଯ୍ୟ ଲେଖା ଠାରୁ ଅଧିକ ଟଙ୍କାରେ ବିକ୍ରି ହେଉଛି । ଏହା ବ୍ୟତୀତ ସାଧାରଣ ନାଗରିକଙ୍କ ପାଇଁ ଫଳକରେ ଆବଶ୍ୟକ ସୂଚନା ଦିଆଯାଉନାହିଁ । ଏହାକୁ ନେଇ ଅଧିକାଂଶ ଗ୍ରାହକ ସେମାନଙ୍କର ନିଜ ନାମ ଗୋପନ ରଖି ଅସନ୍ତୋଷ ପ୍ରକାଶ କରିବା ସହ ଏଭଳି ଅଭିଯୋଗ କରିଛନ୍ତି । ତେବେ ଅଭିଯୋଗକାରୀଙ୍କ କହିବା ଅନୁସାରେ, ବାଲିମେଳା ଏବଂ କୋରୁକୋଣ୍ଡା ସଦରରେ ଥିବା ଏକ ମଦ ଦୋକାନ ଓ ଏକ ମଦ ବାରରେ ପ୍ରିଣ୍ଟ ମୂଲ୍ୟଠାରୁ ଲୋକଙ୍କୁ ଅଧିକ ଦରରେ ମଦ ବିକ୍ରି କରାଯାଉଛି । ମଦ ଦର ତାଲିକା ଦୋକାନ ସମ୍ମୁଖରେ ଲୋକଙ୍କ ଉଦ୍ଦେଶ୍ୟରେ ଟାଙ୍ଗିବାର କଡା କଡ଼ି ଭାବେ ନିୟମ ରହିଛି । ହେଲେ କେଉଁଠି ହେଲେ ଏହି ନିୟମକୁ ଆଦୌ ପାଳନ କରାଯାଉନାହିଁ । ବାଲିମେଳା ଏନ୍ଏସିର ସ୍ୱର୍ଗଦ୍ୱାର ଠାରୁ ପ୍ରାୟ ୫ ଶହ ମିଟର ଦୂରରେ ଥିବା ବିଦେଶୀ ମଦ ଦୋକାନରେ ଦର ତାଲିକା ମରାଯାଇଛି ସତ, କିନ୍ତୁ ଲୋକଙ୍କ ଦୃଷ୍ଟିକୁ ଆସି ନ ପରିବା ଭଳି ଗୋଟିଏ କାନ୍ଥ ପାର୍ଶ୍ୱରେ ଏହାକୁ ରଖା ଯାଇଛି । ଅବକାରୀ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗରେ କୁହାଯାଇଛି । ଅଧିକ ଦରରେ ମଦ ବିକ୍ରି କରୁଥିବା ବ୍ୟବସାୟୀ ଅବା ଦୋକାନ ଉପରେ ବିଭାଗ ପକ୍ଷରୁ ଆଖିଦୃଷ୍ଟିଆ ଚଢ଼ାଉ କରାଯାଉନି । କେତେକ ସ୍ଥଳେ, ବିଭାଗୀୟ କର୍ତ୍ତୃପକ୍ଷ ଓ ବ୍ୟବସାୟୀଙ୍କ ଶଲାସୁତୁରାରେ କାରବାର ଚାଲିଥିବା ଗ୍ରାହକମାନଙ୍କ ଠାରୁ ଶୁଣିବାକୁ ମିଳୁଛି । ବାଲିମେଳା ବିଦେଶୀ ମଦ ଦୋକାନରେ ପ୍ରିଣ୍ଟ ଠାରୁ ୨୦/୩୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ମଦ ବିକ୍ରି ହେଉଛି । ୬୫୦ ମିଲି ବିୟର ବୋତଲରେ ପ୍ରିଣ୍ଟ ଦର ଠାରୁ ସେହିପରି ୨୦/୩୦ ଟଙ୍କା ଅଧିକ ଦରରେ ବିକ୍ରି କରାଯାଉଛି । ଅନେକ ସମୟରେ ବିଭିନ୍ନ ପ୍ରକାର ବ୍ରାଣ୍ଡ ମଦରେ ୩୦ ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ନିଆଯାଉଛି ବୋଲି ଅଭିଯୋଗ ହେଉଛି । ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏପରିକି ଅନେକ ସମୟରେ ମଦ ବ୍ୟବସାୟୀ ଓ ଗ୍ରହକଙ୍କ ମଧ୍ୟରେ ଗଣ୍ଡଗୋଳ ଓ ପାଟିତୁଣ୍ଡ ହେଉଅଛି । ଏନେଇ ଅଭିଯୋଗ ହେଲେ ମଧ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କେବଳ ଧର୍ମକୁ ଆଖିଠାର ବୋଲି ଅନେକ କହିଛନ୍ତି । ସେହିପରି କୋରୁକୋଣ୍ଡା ବାରରେ ମଦର ଧାର୍ଯ୍ୟ ଦର ଠାରୁ ଗ୍ରାହକ ମାନଙ୍କ ଠାରୁ ଅଧିକ ଟଙ୍କା ଦୋକାନୀ ନେଉଥିବା ନେଇ ଅଭିଯୋଗ ହୋଇଛି । ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ବେଆଇନ ମଦ କାରବାର ହେଉଛି । ହେଲେ ଏହାକୁ ରୋକିବାରେ ବିଭାଗ ମଧ ସେପରି ସଫଳତା ପାଇପାରିନି । ଏ ସମ୍ପର୍କରେ ବାଲିମେଳା ଅବକାରୀ ଓଆଇସି ରମେଶ ସହୁକାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରିଣ୍ଟ ରେଟ ଠାରୁ ଅଧିକ ଦରରେ ମଦ ବିକିବା ସମ୍ପୂର୍ଣ୍ଣ ଭାବେ ବେଆଇନ ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

# ଅସହାୟ ଶବରଙ୍କ ଭରସା ଭରସା ପରିବାର ଟ୍ରଷ୍ଟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ମଣ୍ଡୁଆ ଗ୍ରାମ ନିବାସୀ ବୁଧୁ ମୁଣ୍ଡା ଅନେକ ଦିନ ହେବ କୁଷ୍ଠ ରୋଗରେ ପୀଡିତ ଥିଲେ ଏବଂ ଗତ ଶୁକ୍ରବାର ଦିନ ଏହି ରୋଗରେ ସେ ମୃତ୍ୟୁବରଣ କରିଥିଲେ । ଏହି ରୋଗ ପାଇଁ ତାଙ୍କ ଡାହାଣ ଗୋଡ଼ଟି ତଳ ଭାଗରୁ ସଢି ଯାଇ ସେଥିରେ ପୋକ ହୋଇ ତାଙ୍କ ବାସସ୍ଥାନରେ ଏକ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା । ଏଭଳି ପରିସ୍ଥିତି ପାଇଁ ତାଙ୍କ ମୃତ ଶରୀରକୁ କେହି ହାତ ମଧ ଲଗାଉ ନଥିଲେ । ତାଙ୍କର ନିଜର ଛୋଟ ଛୋଟ ଛୁଆ (ପୁତୁରା , ଝିଆରୀ) ଏବଂ ବୁଢ଼ୀ ମାଙ୍କୁ ଛାଡିଦେଲେ ଆଉ ଏ ଦୁନିଆରେ ତାଙ୍କର କେହି ନାହାନ୍ତି । ଏହି ସମୟରେ ସାହାଯ୍ୟର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ, କେନ୍ଦୁଝର ଏବଂ ଏହି ମହତ୍ କାମରେ ଭରସା ପରିବାର ସହ ମଣ୍ଡୁଆ ଗ୍ରାମର ତିନି ଜଣ ଯୁବ ସମାଜସେବୀ ଯଥା ଅଂଶୁମାନ ଚକ୍ରବର୍ତ୍ତୀ, ସିଦ୍ଧାର୍ଥ ସାହୁ ଏବଂ ପ୍ରିୟାଂଶୁ ଶେଖର ବାରିକ ଓ ମିଡ଼ିଆ ସଂଯୋଜକ ମଗନ କୁମାର ମଲ୍ଲିକ ନିଜ ସାହାଯ୍ୟର ହାତ ମିଶାଇ ଥିଲେ ଏବଂ ମୃତ ଶରୀରକୁ ଉଦ୍ଧାର କରି ଶ୍ମଶାନ ନେବାର ବ୍ୟବସ୍ଥା କରିଥିଲେ । ଏହି ମହତ୍ କାର୍ଯ୍ୟକୁ ସମ୍ପନ୍ନ କରିବା ପାଇଁ ଟାଉନ ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ଭରସା ପରିବାରକୁ ଅନୁରୋଧ କରିଥିଲେ । ତେଣୁ ଶ୍ମଶାନରେ ପହଞ୍ଚିବା ପରେ ସେଠାରେ ଅନ୍ତିମ ସଂସ୍କାର ପାଇଁ ପୂର୍ବରୁ ସମସ୍ତ ପ୍ରସ୍ତୁତି ସାରି ପ୍ରସ୍ତୁତ ଥିଲେ ଭରସା ପରିବାର ଟ୍ରଷ୍ଟର ରାଜ୍ୟ ସଭାପତି ଲମ୍ବୋଦର ମହାନ୍ତ, ଭରସା ପରିବାରର ରକ୍ତଦାନ ବିଭାଗର ସଂଯୋଜକ ଶେଖ୍ ତାହିର, ଯୁବ ସମାଜସେବୀ ଶେଖର ସାମଲ, କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଫାର୍ଣ୍ଣି ଅଧିକାରୀ ତଥା ଭରସା ପରିବାରର ପ୍ରମୁଖ ସଦସ୍ୟ ରାଜେନ୍ଦ୍ର କୁମାର ସାହୁ ଏବଂ ଶ୍ମଶାନ ରକ୍ଷକ ସିଦ୍ଧେଶ୍ୱର ନାଏକ । ଅନ୍ତିମ ସଂସ୍କାର ସରିବା ପରେ ସମସ୍ତେ ଫେରିଥିଲେ ।

# ପୋଲାଭରମ କ୍ରିୟାନୁଷ୍ଠାନ କମିଟିର ଜନ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ମୋଟୁ ନିକଟସ୍ଥ ମୋଟୁ ବନ୍ୟା ଆଶ୍ରୟସ୍ଥଳୀ ଠାରେ ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୧ ୨ ଗୋଟି ଗ୍ରାମ ପଞ୍ଚାୟତର ଜନ ସାଧାରଣ ଏବଂ ବିଜୁ ଜନତା ଦଳର କର୍ମକର୍ତ୍ତାଙ୍କୁ ନେଇ ବିବାଦୀୟ ପୋଲାଭରମ୍ ପ୍ରକଳ୍ପ ବିରୋଧରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ହେବାକୁ ଥିବା ଜନ ଆନ୍ଦୋଳନ ଉପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇ ବିବାଦୀୟ ପୋଲାଭରମ୍ ପ୍ରକଳ୍ପ ଉପରେ ୧ ୨ଟି ଗ୍ରାମ ପଞ୍ଚାୟତର ମୁଖିଆ ମାନଙ୍କ ସହିତ ଆଲୋଚନା କରିବା ସହ ଆଗାମୀ ଦିନରେ ବିବାଦୀୟ ପୋଲାଭରମ୍ ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟି ମାଧ୍ୟମରେ ସମସ୍ତ ଜନ ସାଧାରଣଙ୍କୁ ଅବଗତ କରି ବିବାଦୀୟ ପୋଲାଭରମ୍ ପ୍ରକଳ୍ପ ବିରୋଧରେ ମୋଟୁ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ ଜାରି ରଖିବା ପାଇଁ ଆଜିର ପ୍ରସ୍ତୁତି ବୈଠକରେ ଆଲୋଚନା ହେଲା । ଏଥିରେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ମାନସ ମାଡକାମୀ, ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ଜିଲ୍ଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ନାୟକ, ଜିଲ୍ଲା ପରିଷଦ ମମତା ପଡ଼ିଆମୀ, ଜିଲ୍ଲା ପରିଷଦ ସୁରଭି ଭୌମିକ, ଜିଲ୍ଲା ପରିଷଦ ଅପର୍ଣ୍ଣା ମଣ୍ଡଳ, ଦାରୀ ଲିଙ୍ଗା, ଏ ଡି ଦାନମ୍, ମୁଚାଳ ରାଓ, ଶୁଭା ରାଓ, ରମା ରାବା, ବିଶ୍ୱନାଥ ରେଡ୍ଡୀ, ନାଗା କାରାମ, ଏମ୍ ଡି ଫାରୁକ, ମେସାକ ମାଦ୍ରୀ, ମୁକୁନ୍ଦ ପଡ଼ିଆମୀ, ଆଡ଼ମା ରାବା, ଶରତ ଚନ୍ଦ୍ର ବିଶ୍ୱାଳ, ରବି ରାଜେଶ, କେ ରାହୁଲ, ଶୁଭା ରାଓ, ଶ୍ୟାମପଦ ମଣ୍ଡଳ, ମିଡ଼ିଆମ ମୁତା, ଜଗା କାଟାମ୍, ଜଗନ୍ନାଥ ମାଝୀ, ବିଦ୍ୟା ପୂଜାରୀ ପ୍ରମୁଖଙ୍କ ଉପସ୍ଥିତ ଥିଲେ ।

## ହୃଦଘାତରେ ପୀଡିତ କୁମରଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୁତମୁଣ୍ଡାଇ ପଞ୍ଚାୟତର ଜଗତି ଗ୍ରାମର ହୃଦଘାତ ରୋଗରେ ପୀଡିତ କୁମର ପରିଡ଼ାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲ୍ପିଂ ହ୍ୟାଣ୍ଡସ୍ । ସୂଚନା ଯୋଗ୍ୟ କି, କୁମର ଜଣେ ଦିନ ମଜୁରିଆ ଭାବରେ କାମ କରନ୍ତି । ସେ ହୃଦଘାତ ରୋଗର ଶୀକାର ହୋଇ ଡାକ୍ତରଖାନାରେ ଅସ୍ତ୍ରୋପଚାର କରି ଏବେ ଘରେ ଚିକିତ୍ସାରତ । ବାପା ଜଣେ ପକ୍ଷାଘାତ ରୋଗୀ । ପାଖରେ ଯାହା ଅର୍ଥ ଥିଲା ସବୁ ଖର୍ଚ୍ଚ ସରିଲାଣି । ବର୍ତ୍ତମାନ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଅଭାବନୀୟ ଖବର ପାଇ ମା' ତାରିଣୀ ହେଲ୍ପିଂ ହ୍ୟାଣ୍ଡସ୍‌ର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ସଂଯୋଜକ ମାନସ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ଜ୍ୟୋତି ରଞ୍ଜନ ସ୍ୱାଇଁ, ଜୀବନଜ୍ୟୋତି ଜୟସିଂ, ହରେକୃଷ୍ଣ ବେହେରା, ସତ୍ୟବ୍ରତ ଦାସ ଏବଂ ସମ୍ବିତ ଦାସ ପ୍ରମୁଖ କୁମରଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ କୁମର ଏବଂ ତାଙ୍କ ପରିବାର ବର୍ଗ କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୁୟୋୟସୀ ପ୍ରଶଂସା କରାଯାଇଛି ।

## ଡାକ୍ତରଖାନାରୁ ଗାଡି ଚୋରି ଅଭିଯୋଗ

ଗୋପ, (ଭାସ୍କର ନ୍ୟୁଜ୍ ) : ୧୫ତାରିଖ ଅପରାହ୍ନ ପ୍ରାୟ ୧୧ ଟା ସମୟରେ ଗୋପ ଡାକ୍ତରଖାନା ପରିସରରୁ ଏକ ବାଇକ ଚୋରି ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି । ଏନେଇ ପୋଲିସ୍ ଛାନଭିନ୍ କରିଥିଲେ ମଧ ଅଭିଯୁକ୍ତଙ୍କ କୌଣସି ପତ୍ତା ପାରିନାହିଁ । ଅଭିଯୋଗ ମୁତାବକ ଗୋପ ଥାନା ଅଧିନ ଶୋରିଷିଆପଦା ଗ୍ରାମର ଦାଶରଥି ବେହେରା ତାଙ୍କ ବାଇକ୍ ନଂ ଓଡି ୦୫-ଏଚ୍ ୮୫୨୦ରେ ତାଙ୍କର ଜଣେ ସଂପର୍କୀୟଙ୍କୁ ଚିକିତ୍ସା ନିମନ୍ତେ । ଗୋପ ଡାକ୍ତରଖାନାକୁ ଆଣି ପରିସରରେ ବାଇକ୍‌ଟିକୁ ରଖି ଡାକ୍ତରଙ୍କୁ ଦେଖାଇବା ପାଇଁ ନେଇଥିଲେ । ପରେ ଆସି ଦେଖନ୍ତି ତ ରଖିଥିବା ସ୍ଥାନରେ ଗାଡିଟି ନାହିଁ । ଚାରିଆଡେ ଖୋଜାଖୋଜି କରିବା ପରେ ଗାଡିଟିକୁ ନପାଇବାରୁ ନିରାଶ ହୋଇ ଥାନାରେ ଅଭିଯୋଗ କରିଥିଲେ । ପରେ ପୋଲିସ ଘଟଣାସ୍ଥଳରେ ପହଁଚି ସିସିଟିଭି ଯାଂଚ କରିବା ସହ ଚାରିଆଡେ ଛାନଭିନ୍ କରିଥିଲେ ମଧ ଅଭିଯୁକ୍ତର କୌଣସି ପତ୍ତା ପାଇ ପାରି ନାହିଁ ।

### ସମସ୍ୟା ସମାଧାନ ହେବ କେବେ ?

## ଜଣେ ଡାକ୍ତରରେ ଚାଲିଛି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର



ଜଗତସିଂହପୁର, ( ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାର ପ୍ରାଥମିକ ସ୍ୱାସ୍ଥ୍ୟକୁ ସମସ୍ତ ପ୍ରକାର ଅଗ୍ରାଧିକାର ଦେଉଥିବା ବେଳେ ତାହା ବାସ୍ତବ କ୍ଷେତ୍ରରେ ସଫଳ ରୂପାୟନ ହୋଇପାରୁନାହିଁ । ଏହାର ନଗ୍ନ ନମୁନା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ପିତେଇପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ।ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି । ପିତେଇପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆଖପାଖ ଦଶଟି ରାଜସ୍ୱ ଗ୍ରାମର ଶତାଧିକ ଜନସାଧାରଣ ସ୍ୱାସ୍ଥ୍ୟ ସେବା ଉପରେ ନିର୍ଭର କରନ୍ତି । ହେଲେ ଦୁଃଖ ଓ ପରିତାପର ବିଷୟ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି । ପର୍ଯ୍ୟାପ୍ତ ଔଷଧ ଗଛିତ ଥିଲେ ମଧ୍ୟ ଫାର୍ମାସିଷ୍ଟ ନାହାନ୍ତି । ରୋଗୀସେବା କରିବାକୁ ଷ୍ଟାପ ନର୍ସ ନାହାନ୍ତି । ବ୍ୟାଣ୍ଡେଜ କରିବାକୁ କମ୍ପାଉଣ୍ଡର ନାହାନ୍ତି ତେବେ ଜଣେ ମାତ୍ର ଡାକ୍ତର କରିବେ କଣ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପିତେଇପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆବଶ୍ୟକୀୟ କର୍ମଚାରୀ ଯୋଗାଇଦେବାକୁ ଅଞ୍ଚଳବାସୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ ସମସ୍ୟା ସମାଧାନ ହୋଇନାହିଁ । ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

### ଆମ ସଂସ୍କୃତି ଓ ଆମ ଖେଳନା ପ୍ରଦର୍ଶନ

# 'ପୁରାତନ ସଂସ୍କୃତି ସମାଜକୁ ବିକଶିତ କରିଥାଏ'



ବୋଲଗଡ, ( ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ବୋଲଗଡ ଶିକ୍ଷା ବ୍ଲକ ଫାସୀଓଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ସରକାରୀ ରଘୁନାଥ ମଧୁସୂଦନ ନୋଡାଲ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଆବାହକତ୍ୱରେ ଶନିବାର ଦିନ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ସ୍କୁଲ ପରିସରରେ ପ୍ରଦର୍ଶନ କରାଯାଇଅଛି । ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମୁନା ଖଟୁଆ ଓ ଶିକ୍ଷୟିତ୍ରୀ ହିମାଦ୍ରୀ ମହାପାତ୍ର, ମନାଲି ବାଳା ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଯମୁନା ବିର, ସରସ୍ୱତୀ ସାହୁ ପ୍ରମୁଖଙ୍କ ମିଳିତ ସଂଯୋଜନାରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୧୧୫ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଆଜିର ଆଧୁନିକ ସମାଜରେ ପୁରାତନ କଳା, ସାହିତ୍ୟ, ସଂସ୍କୃତି ଓ ଲୋକ କଳା ଇତ୍ୟାଦି ଦିନକୁ ଦିନ ଅବକ୍ଷୟ ଘଟୁଥିବାରୁ ସମାଜର ପ୍ରଥା ବିକଶିତ ହୋଇପାରୁନାହିଁ । ଛାତ୍ରଛାତ୍ରୀମାନଙ୍କୁ ଉଚିତ କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା ପ୍ରଦାନ କରାଯାଇପାରୁ ନଥିବାରୁ ସେମାନେ ଏହାକୁ ଭୁଲିଯାଉଛନ୍ତି । ତେଣୁ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ସମାଜର ପୁରାତନ ପ୍ରଥା, କଳା, ସାହିତ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଆମ ସଂସ୍କୃତି ଓ ଆମ ଖେଳନା ମାଧ୍ୟମରେ ପ୍ରେରଣା ଦିଆଯାଉଅଛି ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ଘଟୁଅଛି ଓ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଆନନ୍ଦିତ ହେଉଅଛନ୍ତି ବୋଲି ଶିକ୍ଷୟିତ୍ରୀ ହିମାଦତ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଓ ଅଭିଭାବକ /ଅଭିଭାବିକା ମାନେ ମନ ଭରି ଉପଭୋଗ କରିଥିଲେ ।

## ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ୧୬ ଓ ୧୭ ତାରିଖ ଦୁଇଦିନ ଧରି ସ୍ଥାନୀୟ ମିନିଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ପ୍ରତିଷ୍ଠାନର କାର୍ଯ୍ୟାଳୟ ଠାରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ରାଜେନ୍ଦ୍ର କୁମାର ଦାସ ସୂଚନା ପ୍ରଦାନ କରି ୧୯୭୫ ମସିହାରୁ ଆରମ୍ଭ ହୋଇଥିବା ଏହି ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସର୍ବପୁରାତନ । ଦୀର୍ଘ ୫୦ ବର୍ଷ ଧରି ଏହି ସଂଘ ବ୍ୟବସାୟୀମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଆସୁଛି । ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରଥମଥର ପାଇଁ ଏହି ଅନୁଷ୍ଠାନ ପକ୍ଷରୁ ଉତ୍ସବ ଆୟୋଜନ କରାଯାଉଛି । ଦୁଇଦିନ ଧରି ସଂଧ୍ୟା ୬ ଟାରୁ ରାତି ୧୦ ଘଂଟା ପର୍ଯ୍ୟନ୍ତ ବୌଦ୍ଧିକ ସଭା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ । ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ୫୦ ଜଣ ପୂର୍ବତନ ବ୍ୟବସାୟୀ, ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜୟନ୍ତୀ କମିଟି ଅଧକ୍ଷ ବିନୋଦ ଅଗ୍ରୱାଲା ସୂଚନା ଦେଇଛନ୍ତି । ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ତାରକାମାନେ ମନୋରନ କରିବେ ବୋଲି ସେ କହିଥିଲେ । ଉପସଭାପତି ଶିବପ୍ରସାଦ ପଣ୍ଡା ପ୍ରଥମଥର କାର୍ଯ୍ୟକ୍ରମ ଆରମ୍ଭ ହେଉଥିବାରୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଉପସଭାପତି ରାଜକିଶୋର ବେହେରା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେବା ସହ ଧନ୍ୟବାଦ ଦେଇଥିଲେ । ସମ୍ମିଳନୀରେ ସଂପାଦକ ଲୋକନାଥ ମହାପାତ୍ର, ଅନ୍ୟତମ ଉପସଭାପତି ବିମଳ ପୋଦାର ଓ ମହେଶପ୍ରସାଦ ଅଗ୍ରୱାଲା, କୋଷାଧକ୍ଷ କୃଷ୍ଣଚନ୍ଦ୍ର ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ଲଷ୍ଟର ଯୁବି ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ଭଞ୍ଜନଗର ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବଡକୋଦଣ୍ଡା କ୍ଲଷ୍ଟର ଅନ୍ତର୍ଗତ ଭଞ୍ଜନଗର ଯୁବି ହାଇସ୍କୁଲରେ ୯ମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ୧ମ ଶ୍ରେଣୀ ଠାରୁ ୩ୟ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଦକ୍ଷତା ଅଭିବୃଦ୍ଧି ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ କଳା ଦକ୍ଷତାର ବିନୀମୟ ଓ ବିଭିନ୍ନ ଶୈକ୍ଷିକ ଆପୋଷ ଆଲୋଚନା ପାଇଁ ପ୍ରତି ମାସରେ ଥରେ ଏହି ମାସିକ ବୈଠକ ଅନୁଷ୍ଠିତ ହୋଇଥାଏ । ପ୍ରତ୍ୟେକ ମାସିକ ବୈଠକରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଏଫ୍ଏଲ୍ଏନ୍ ଏବଂ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକରେ ଯୋଗଦାନ କରିଥାନ୍ତି । କ୍ଲଷ୍ଟର ସିଆରସିସି ଦ୍ୱିତୀକୃଷ୍ଣ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି




କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଉମାକାନ୍ତ ନାୟକଙ୍କ ସୁପାରିଶ କ୍ରମେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ନାୟକ, ପ୍ରଶାନ୍ତ କୁମାର ପ୍ରଧାନ, ଶ୍ୟାମାପ୍ରସାଦ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ । ଏହି ମାସିକ ବୈଠକରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ସସ୍ମିତା ରାଣୀ ତ୍ରିପାଠୀ, ପୁଷ୍ପାଞ୍ଜଳୀ ଗୌଡ଼, ଆଶା କୁମାରୀ ମଲ୍ଲିକ, ସସ୍ମିତା କୁମାରୀ ପାତ୍ର, ଡ଼ି ଭାରତୀ, ସସ୍ମିତା ମିଶ୍ର, ସୁନୀଲ କାନ୍ତ ପଟ୍ଟନାୟକ, ସସ୍ମିତା ନାୟକ, ଆର୍ ସୁଧାଂଶୁ ଶେଖର ବେହେରା ଏବଂ ଏଫ୍ ଏଲ୍ ଏନ୍ ତଥା ସହକାରୀ ଶିକ୍ଷକ ରୂପେ ଲୋପାମୁଦ୍ରା ରଥ, ସଙ୍ଗୀତା ପ୍ରଧାନ, ଶୁଭଶ୍ରୀ ସାହୁ, ସଂଧ୍ୟା ରାଣୀ ପଟ୍ଟନାୟକ, ରଞ୍ଜିତା ପ୍ରଧାନ, ସବିତା କୁମାରୀ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଜାତା ଦାସ୍, ରାଜଲକ୍ଷ୍ମୀ ସାହୁ, ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ ଓ ମିନତି କୁମାରୀ ବିଷୋୟୀ ଅଂଶଗ୍ରହଣ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏବିଇଓ ଚରଣ ବେହେରା ଯୋଗଦାନ କରି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉଲ୍ଲେଖ କରିଥିଲେ । ବିଦ୍ୟାଳୟର ଶୈକ୍ଷିକ ଓ ଭୌତିକ ପରିବେଶ, ଏଫ୍ଏଲ୍ଏନ୍ ଶ୍ରେଣୀ କକ୍ଷ ସାଜସଜ୍ଜା, ବିଦ୍ୟାଳୟର ସହଯୋଗିତା ଏବଂ ସହଭାଗିତା ତଥା ଆତିଥେୟତା ପାଇଁ ସମସ୍ତେ ସନ୍ତୋଷ ବ୍ୟକ୍ତ କରିଥିଲେ ।

## ବିଦ୍ୟାଳୟରେ ମାତୃ-ପିତୃ ପୂଜନ ଉତ୍ସବ ପାଳିତ



ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଳା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟରେ ୧୪ତାରିଖରେ ବିଦ୍ୟାଳୟ ପକ୍ଷରୁ ମାତୃ-ପିତୃ ପୂଜନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରଛାତ୍ରୀ ନିଜ ପିତାମାତାଙ୍କୁ ବିଦ୍ୟାଳୟ ପରିସରରେ ଚନ୍ଦନ ଧୂପ ଦେଇ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା । ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାଶ୍ଚାତ୍ୟ ସଭ୍ୟତାକୁ ନ ଆପଣାଇ ନିଜ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ପରାମର୍ଶ ଦେଇଥିଲେ । ମଞ୍ଚାସୀନ ଅତିଥି ଭାବେ ବିଦ୍ୟାଳୟ ପୂର୍ବତନ ଉପସଭାପତି ଶିବପ୍ରସାଦ ଖାଡଙ୍ଗା, ପ୍ରାନ୍ତ ଶାରୀରିକ ସଂଯୋଜକ ଶିବରାମ ସାହୁ, ମୁଖ୍ୟବକ୍ତା ଭାବେ ରାମକୃଷ୍ଣ ପାଢ଼ୀ , ଅନ୍ୟତମ ଅତିଥି ଭାବେ କମିଟିର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ଉପସଭାପତି ବି ଅରୁଣ ପାତ୍ର, ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୌଭାଗ୍ୟ କୁମାର ପ୍ରମୁଖ ଯୋଗ ଦେଇଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ପୂର୍ବତନ ଗୁରୁଜୀ ଶୁଭାଶିଷ କର । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ବିଦ୍ୟଳୟ ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ସେହିଭଳି ସ୍ଥାନୀୟ ବିବେକାନନ୍ଦ ସ୍ମାର୍ଟ ସ୍କୁଲରେ ମଧ ସେହି କାର୍ଯ୍ୟକ୍ରମ ହେବାର ଦେଖିବାକୁ ମିଳିଥିଲା ଅତିଥି ଭାବରେ ଶିବପ୍ରସାଦ ଖାଡଙ୍ଗା, ସୁନିତା ଗୁରୁ ଓ ଶୁଭାଶିଷ କର ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରାଇବା ସହିତ ନିଜ ସଂସ୍କୃତିକୁ ଭଲପାଇବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେଶ ସାମଲ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସୌର ଉଦ୍ୟୋଗ ଉପରେ ପଥ ପ୍ରାନ୍ତ ନାଟକ ପରିବେଷଣ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍ ) : ବନ୍ଧୁଗାଁ ବ୍ଲକରେ ଏନ୍‌ଜିଓ ସ୍ରେଡ ତରଫରୁ ଆନ୍ଧ୍ର ସୀମାନ୍ତ ଗାଁ ଗୁଡ଼ିକୁ ଯାଇ ସୋଲାର ଲାଇଟ୍ ବ୍ୟବହାର ଉପରେ ଲୋକଙ୍କୁ ସଚେତନତା ପାଇଁ ସୁନ୍ଦର ନାଟକ ପରିବେଷଣ କରିଥିଲେ । ନାଟକରେ ନାଟ୍ୟକାର ଭାବରେ ନାଟ୍ୟ ଗୁରୁ ଭଗବାନ ନାଗ, ନାଟ୍ୟ କଳାକାର ଗଣ -କୁମର କନ୍ଧକି, ଦୈତାରି ଦିଶାରି, ମଧୁ ଦଳେଇ, ବଳରାମ ହନ୍ତାଳ, ଜୟନ୍ତପ୍ରଧାନ, ଚୈତନ୍ୟ ଦିଶାରି ଓ ମ୍ୟୁଜିକ ମାରିବା ବ୍ୟକ୍ତି କୃଷ୍ଣ ବିଷଇ ଏହି ସମସ୍ତେ ମିଶି ଏକ ଟିମ୍ ହୋଇ ଲୋକଙ୍କୁ ନାଟକ ମାଧ୍ୟମରେ ବିଦ୍ୟୁତ ବିଲ ହ୍ରାସ, ସହଜ ବ୍ୟବସ୍ଥା, ନିର୍ଭର ଯୋଗ୍ୟ ଏବଂ ବିଶ୍ୱାସ ଯୋଗ୍ୟ, ସର୍ବନିମ୍ନ ରକ୍ଷଣବେକ୍ଷଣା ଓ ସୌରଶକ୍ତି କଣ ଏହାକୁ ଆମ୍ଭେ କିପରି ଓ କେଉଁ ସ୍ଥାନରେ ଉପକୃତ ବ୍ୟବହାର କରିବା, ସୋଲାର ପ୍ୟାନେଲଗୁଡିକ କିପରି କାମ କରେ, ସୌରଶକ୍ତି ଦ୍ୱାରା କଣ କଣ ଲାଭ ହୋଇଥାଏ, ସୌରଶକ୍ତି କେତେ ପ୍ରକାରର ଉପଲବ୍ଧ, ସୌରଶକ୍ତି ପ୍ରଣାଳିର ମୂଲ୍ୟ କେତେ, ସମାଧାନ ସଂସ୍ଥାପନ ପାଇଁ ଆର୍ଥିକ ସହାୟତା କଣ, ସୋଲାର ପ୍ୟାନେଲ ଗୁଡିକ କେତେ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହେ, ମେଘୁଆ ଦିନରେ କିମ୍ବା ରାତିରେ ସୋଲାର ପ୍ୟାନେଲ କାମ କରେ କି, ସୋଲାର ପ୍ୟାନେଲ କେତେ ରକ୍ଷାଣବେକ୍ଷଣ ଆବଶ୍ୟକ କରେ, ସୋଲାର ଶକ୍ତି ବ୍ୟବସ୍ଥା କରିବାକୁ କେତେ ସମୟ ଲାଗିବ, ସୋଲାର ପ୍ୟାନେଲଗୁଡିକ ଛାତକୁ ନଷ୍ଟ କରିବ କି, ସୋଲାର ପ୍ୟାନେଲ ସ୍ଥାପନ କରିବା ପୂର୍ବରୁ ଛାତକୁ ବଦଳାଇବା ଆବଶ୍ୟକ କି, ଭବିଷ୍ୟତରେ ସୋଲାର ପ୍ରଣାଳୀକୁ ବିସ୍ତାର କରିହେବକି, ସୋଲାର ଇନଭର୍ଟର କଣ, ଏହି ସମସ୍ତ ବିଷୟକୁ ନେଇ ସଲ୍ୟୁସନ ପୋର୍ଟାଲ ମାଧ୍ୟମରେ ଏକ ଡିଜିଟାଲ ପ୍ଲାଟଫର୍ମ ଯାହା ଶକ୍ତି-ଦକ୍ଷତା ଏବଂ ନିର୍ମଳ ଶକ୍ତି ପ୍ରଯୁକ୍ତି ବିଦ୍ୟାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ ରଖିଥିବାବେଳେ ଆର୍ଥିକ ବିକାଶ ଏବଂ ଦାରିଦ୍ର୍ୟ ହ୍ରାସ କରିବାରେ ଏହି ଉପକରଣଗୁଡିକ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିଥାଏ । ଉକ୍ତ ସମସ୍ତ ବିଷୟ ଉପରେ ନେଇ ଏକ ନାଟ୍ୟ ଭାବରେ ଲୋକଙ୍କୁ ବୁଝେଇଥିଲେ । ଅଞ୍ଚଳବାସି ନିଜେ ଭଲ ଭାବରେ ବୁଝିବା ସହିତ ନାଟକକୁ ମନଭରି ଉପଭୋଗ କରି ଥିବା ଦେଖିବାକୁ ମିଳିଛି ।



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ସ୍ୱାଧୀନତା ସଂଗ୍ରାମୀ ଗ୍ରାମ ଚମ୍ପାଇଲୋରେ ଗ୍ରାମଦେବତୀ ମା' ବଘେଇଦେବୀଙ୍କ ସପ୍ତମ ବାର୍ଷିକ ଉତ୍ସବ ଚଳିତ ମାସ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ମହାସମାରୋହରେ ଅନୁଷ୍ଠିତ ହେଉଛି। ଏଥିସହ ଭାରତର ପ୍ରୟାଗରାଜ ମହାକୁମ୍ଭ ୨୦୨୫ ଚାଲିଛି। ମାତ୍ର ଉତ୍ତରପ୍ରଦେଶରେ ଟ୍ରାଫିକ ଜାମ୍ ନେଇ ସେଠାକାର ସରକାର ଭକ୍ତମାନଙ୍କୁ ଘରେ ରହି ନିଜ ଗ୍ରାମରେ ରହି ପାଳନ ପାଇଁ ନିବେଦନ କରୁଛନ୍ତି। ମହାକୁମ୍ଭ ୨୬ ତାରିଖ ଶେଷ ଦିନ ରହିଛି। ଏହା ମଧ୍ୟରେ ଏହି ଗ୍ରାମରେ ୧୭ତାରିଖ ଯଜ୍ଞ ପାଇଁ କଳସୀଯାତ୍ରା ରହିଛି। ଏନେଇ ଅଞ୍ଚଳରୁ ଯାଇଥିବା ଉତ୍ତର ପ୍ରଦେଶରୁ ଶୁକ୍ରବାର ଶିକ୍ଷକ ବିଜୟ ସାହୁ ଓ ଶ୍ରୀକାନ୍ତ କୁମାର ନାୟକଙ୍କ ନେତୃତ୍ୱ ଏକ ଦଳ ଗଙ୍ଗା, ଯମୁନା, ସରସ୍ୱତୀ ତ୍ରିବେଣୀ ସଙ୍ଗମ ଜଳ ସହ ପ୍ରଭୁ ରାମ ସ୍ନାନ କରିବା ସ୍ଥାନ ସରଜୁ ନଦୀରୁ ଜଳକୁ ୩ଟି କଳସରେ ଯୋଗାଇ ଦେଇଛନ୍ତି। ଏନେଇ ଆଜି ଗ୍ରାମରେ ନାମ ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମବାସୀଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ ବିଭୂତି ଭୂଷଣ ରଣସିଂହ, ବାସୁଦେବ ବରାଡ, ଆନନ୍ଦ ସାମନ୍ତରାୟ, ଗୌତମ ଜେନା, କୃପାସିନ୍ଧୁ ଜେନା, ଲକ୍ଷ୍ମଣ ଦଳସିଂହାର, ଗଙ୍ଗାଧର ଜେନା, ନୀଳାଚଳ ସତ୍‌ସଂଘ ପକ୍ଷରୁ ବିନୋଦିନୀ ରଣସିଂହ, ଅଞ୍ଜଳି ଗୁମାସିଂହଙ୍କ ପ୍ରମୁଖ ଉପସ୍ଥିତ ରହି ଜଳକୁ ମନ୍ଦିର ମଧ୍ୟରେ ଗ୍ରହଣ କରିଛନ୍ତି। ୧୭ତାରିଖ ଦିନ ଗ୍ରାମର ସମସ୍ତ ପୁଷ୍କରଣୀ ଓ ହଡା ନଈ ଘାଟରେ ପଣ୍ଡିତମାନଙ୍କ ଦ୍ୱାରା ମିଶ୍ରଣ କରାଯାଇ ସାମୂହିକ କୁମ୍ଭବୁଡ କରାଯିବ ବୋଲି କମିଟି ସୂଚନା ଦେଇଛି। ଯେଉଁମାନେ ପ୍ରୟାଗରାଜକୁ ୨୬ତାରିଖ ମଧ୍ୟରେ ଯାଇ ପାରୁନାହାନ୍ତି ସେମାନେ ଆସି ଏଠାରେ ସାମିଲ ହେବାକୁ ଗ୍ରାମବାସୀ କହିଛନ୍ତି।

# ବାଲି ମାଫିଆଙ୍କ ଦୌରାତ୍ମ୍ୟର ଅନ୍ତ କେବେ ?



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଦିନ ହେଉ କି ରାତି ଦେବୀ ନଦୀଶଯ୍ୟାରୁ ଉଠୁଛି ଟନ୍ ଟନ୍ ବାଲି। ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଲୁଟ୍ କରୁଛନ୍ତି ବାଲି ମାଫିଆ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଠାରୁ କିଛି ଦୂରରେ ଥିବା ତାଳଦା ପାର୍ଶ୍ୱବର୍ତ୍ତୀ ଗାଁ ନଦୀପଠାରେ ଚାଲିଛି ବାଲି ମାଫିଆଙ୍କ ରାଜ୍। ନିର୍ଦ୍ଧାରିତ ଲିଜ୍ ଏରିଆକୁ ବାଦ୍ ଦେଇ ବାଲି ଉଠାଉଛନ୍ତି ମାଫିଆ। ବାଲି ଲୁଟ୍ ଫଳରେ ନଦୀ ଜଳର ଗତିପଥ ବଦଳିବା ସହ ନଦୀକୂଳ ଖାଉଛି। ନଦୀଗର୍ଭରେ ସୃଷ୍ଟି ହେଉଛି ବଡ଼ ବଡ଼ ଗର୍ତ୍ତ। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ କାଳ କାଟୁଛନ୍ତି ନଦୀକୂଳରେ ରହୁଥିବା ତାଳଦା ପଞ୍ଚାୟତବାସୀ। ଦେବୀ ନଦୀକୂଳରେ ବାଲି ମାଫିଆଙ୍କ ରାଜ୍ ଚାଲିଥିବାରୁ ବର୍ଷାଦିନେ ଆଖପାଖ ଗାଁଗୁଡ଼ିକ ନଦୀଗର୍ଭରେ ଲୀନ ହୋଇଯିବାର ସମ୍ଭାବନା ରହିଛି। ରାତି ହେଲେ ବେଧଡକ ଚାଲିଛି ଚୋରା ଚାଲାଣ। କିଟିମିଟି ଅନ୍ଧାର ଭିତରେ ଚାଲିଛି କୋଟି କୋଟି ଟଙ୍କାର ଖେଳ। ରାତି ସହିତ ଶୋଇଯାଇଛି ପ୍ରଶାସନ। ଆଉ ଲୁଟ୍ ହେଉଛି ହଜାର ହଜାର ଟ୍ରାକ୍ଟର ବାଲି। ଦେବୀ ନଦୀ କୂଳ ଅସ୍ତରଙ୍ଗ ଓ ଜଗତସିଂହପୁର ଜିଲ୍ଲା ସଂଲଗ୍ନ ଅଞ୍ଚଳ। ନଦୀପଠାରେ ଲାଗୁଛି ଏକାଧିକ ଟ୍ରକ ଓ ଟ୍ରାକ୍ଟର। ବେଖାତିର ଓ ବେଫିକର ବାଲି ମାଫିଆ। ଯୁଆଡେ ଚାହିଁବେ କେବଳ ବଡ଼ ବଡ଼ ଗର୍ତ୍ତ। ସତେ ଯେମିତି ପୋଖରୀ ଖୋଳାଯାଇଛି। ଏହାର ପ୍ରକୃତ କାରଣ ସରକାରୀ ଜାଗାରୁ ବେଆଇନ ଭାବେ ଚାଲିଛି ବାଲି ଚୋରା ଚାଲାଣ। ନିଜକୁ କରିତ କର୍ମା ସହ ଗୁଣ୍ଡାରାଜ ଦେଖାଇ ଦିନ ହେଉ କି ରାତି ଜେସିବି ଟ୍ରାକ୍ଟର ଲଗାଇ ଲୁଟ୍ କରୁଛନ୍ତି ବାଲି। ଏହାର ପ୍ରତିବାଦ କଲେ ବାଲିମାଫିଆ ମାନେ ଧମକ ଦେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତାଳଦା ସହ ନିକଟ ଡାହାଣୀଖିଆ ପର୍ଯ୍ୟନ୍ତ ଦେବୀ ନଦୀ ସଂଲଗ୍ନ ବାଲିବନ୍ଧ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ଗତବର୍ଷ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ଠାରୁ ଜାଣିବା ପରେ ବାଲି ଉଠାଣ ସ୍ଥାନ ନିକଟରେ ପହଞ୍ଚି ଗାଁ ଲୋକ ଆଲୋଚନା କରିବା ସହ ମାଫିଆ ରାଜ୍ ବନ୍ଦ କରିବାକୁ ପ୍ରଶାସନ ସହ ଆଲୋଚନା କରିଥିଲେ ବୋଲି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି। ଅନ୍ୟପଟେ ପୁରୀଜିଲ୍ଲା ଖଣିଜ ବିଭାଗ ଅଧିକାରୀ ସମୀର ମିଶ୍ର କହିଛନ୍ତି କମ୍ ସଂଖ୍ୟକ କର୍ମଚାରୀ ଥିବାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇପାରୁନି, ଖୁବଶୀଘ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ବେଆଇନ ବାଲି ଉଠାଣ ହେଉଥିଲେ ନିୟମ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବେ ମାଫିଆଙ୍କ ରାଜ ବନ୍ଦ ହେବ ପ୍ରଶାସନ କେବେ ମାଫିଆଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ନେବ ତାହା ହିଁ ଅପେକ୍ଷା।

# ଅବ୍ୟବସ୍ଥା ଭିତରେ ଚାଲିଛି ଧାମନଗର ଥାନା

## ଥାନାର ନାହିଁ ନିଜସ୍ୱ ଗାଡ଼ି, ଭଡ଼ାରେ ଯୋଗାଇ ଦିଆଯାଇଛି ପାଟ୍ରୋଲିଂ ଗାଡ଼ି

ଧାମନଗର (ଭାସ୍କର ନ୍ୟୁଜ୍) : ଭାରି ଅବ୍ୟବସ୍ଥା ଭିତରେ ଚାଲିଛି ଧାମନଗର ଥାନା। ସାଂପ୍ରଦାୟିକ ସମ୍ବେଦନଶୀଳତା, ନିଶା କାରବାର, ସାହି ଗଣ୍ଡଗୋଳ, ଚୋରି ଡକାୟତି ପ୍ରବଣ ଅଞ୍ଚଳ। ଆନନ୍ଦପୁରରୁ ଚିଙ୍ଗୁଡ଼ିପୁର ୩୫ କିଲୋମିଟର ଲମ୍ୱର ପରିସୀମା। ତା' ଭିତରେ ପୁଣି ୧୩ କିଲୋମିଟର ଲମ୍ୱର ଜାତୀୟ ରାଜପଥ। ଖାଲି ଏତିକି ନୁହେଁ, ୧୭୦ଟି ରାଜସ୍ୱ ଗ୍ରାମ ଧାମନଗର ଥାନା ଅଧୀନରେ। ସବୁଆଡୁ ନଜର କଲେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏ ଥାନା। ବିରାଟ ଅଞ୍ଚଳକୁ ନେଇ ଗଠିତ ଧାମନଗର ଥାନାରେ ପାଟ୍ରୋଲିଂ ଗାଡ଼ି ନାହିଁ। ପାଞ୍ଚ ଛଅ ବର୍ଷ ତଳେ ଥାନାକୁ ଗୋଟିଏ ବୋଲେରୋ ମିଳିଥିଲା। ତାହା ପୁଣି କଟକ ମୁଖ୍ୟାଳୟରେ ବ୍ୟବହାର ହେଉଥିଲା। ସେଠାରୁ ଏଠିକୁ ଗାଡ଼ିଟି ଆସିଥିଲା। ବର୍ଷେ ତଳେ ସେ ଗାଡ଼ିଟି ଖରାପ ହେଲା। କୌଣସି କାମରେ ଗଲେ ଗାଡ଼ିକୁ ଆଗେ ଠେଲିବାକୁ ପଡୁଥିଲା। ଥରେ ଜାହାଙ୍ଗିରକୁ ୱାରେଣ୍ଟିକୁ ଧରିବାକୁ ଯାଉଥିଲେ। ବିରୁହାଁ ପାଖରେ ଗାଡ଼ିଟି ଧକେଇବା ଆରମ୍ଭ କଲା। ଗାଡ଼ି ଆଉ ଗଡ଼ିଲା ନାହିଁ। ଶେଷରେ ପୋଲିସ ଖାଲି ହାତରେ ଫେରିଲା। ଛଅ ମାସ ତଳେ ବିଷ୍ଣୁପୁର ଯାଉଥିବାବେଳେ ବୋଲେରୋଟି ଖରାପ ହୋଇଗଲା। ଆଉ ଷ୍ଟାର୍ଟ ହେଲାନାହିଁ। ପାଟ୍ରୋଲିଂରେ ଯାଇଥିବା ପୋଲିସ ଟିମ୍ ଗାଡ଼ିକୁ ଡ୍ରାଇଭରଙ୍କ ଜିମାରେ ଛାଡ଼ି ଆଉ ଗୋଟିଏ ଭଡ଼ା ଗାଡ଼ିରେ ଧାମନଗର ଫେରିଥିଲେ। ସେବେଠାରୁ ଜିଲ୍ଲା ପୋଲିସ ପକ୍ଷରୁ ଧାମନଗର ଥାନାକୁ ଗୋଟିଏ ମାରୁତି ସୁଜୁକି ଜିପସି ଗାଡ଼ି ଭଡ଼ାରେ ଯୋଗାଇ ଦିଆଯାଇଛି। ପୁରୁଣା ମଡେଲର ଗାଡ଼ି ହୋଇଥିବାରୁ ଏହାର ସୁରକ୍ଷା ଫିଚର୍ସ କିଛି ନାହିଁ। ଡ୍ରାଇଭର କି ଅନ୍ୟ ସହଯାତ୍ରୀଙ୍କ ପାଇଁ ଏୟାର ବ୍ୟାଗ ନାହିଁ। ସାମ୍ନାରେ ଫଗ୍ ଲାଇଟ୍ ବି ନାହିଁ। ତା'ସହିତ ଗାଡ଼ିର ପିକ୍‌ଅପ୍ ଠିକ୍ ନଥିବାରୁ ଚୋର କି ଅପରାଧୀ ପଛରେ ଦୌଡ଼ିବା ଲାଗି ଏହା ଉପଯୁକ୍ତ ନୁହଁ। ଅନ୍ୟପକ୍ଷରେ କମ୍ପାନୀ ପକ୍ଷରୁ ୨୦୧୯ରୁ ଏହାକୁ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ବନ୍ଦ କରି ଦିଆଯାଇଛି। କେବଳ ପ୍ରତିରକ୍ଷା ବାହିନୀ ସୀମାନ୍ତ ଓ ଯୁଦ୍ଧ କ୍ଷେତ୍ରକୁ ପରିବହନ ପାଇଁ ଏ ଗାଡ଼ିକୁ ବ୍ୟବହାର କରୁଛି। ଗତ ବର୍ଷକ ଭିତରେ ଧାମନଗର ଥାନା ଅଞ୍ଚଳରେ ଦୁଇରୁ ଅଧିକ ସାଂପ୍ରଦାୟିକ ଉତ୍ତେଜନା ଦେଖାଦେଇଛି। ଦୋବଲ, ଧାମନଗର ଏନଏସି, ସୋହଡ଼ା ଆଦି ଅଞ୍ଚଳରେ ସଂଖ୍ୟାଲଘୁ ସଂପ୍ରଦାୟର ଲୋକ ବସବାସ କରୁଛନ୍ତି। ଏମିତିକି



ଏସବୁ ଅଞ୍ଚଳରେ ପୂର୍ବରୁ ସାଂପ୍ରଦାୟିକ ଉତ୍ତେଜନା ଦେଖାଦେଇଛି। ପ୍ରତିବର୍ଷ ଉଭୟ ସଂପ୍ରଦାୟର ବଡ଼ ବଡ଼ ପର୍ବ ମଧ୍ୟ ପାଳନ ହୋଇଥାଏ। ପର୍ବ ବେଳେ ବି ସ୍ଥିତି ଉତ୍ତେଜନା ରହିଥାଏ। ତା' ଛଡ଼ା ଯାଜପୁର ସୀମା ଓ ସୀମାରେ ନଦୀ ପ୍ରବାହିତ ହେଉଥିବାରୁ ଧୀରେ ଧୀରେ ଧାମନଗର ଅଞ୍ଚଳରେ ଆନ୍ତଃରାଜ୍ୟ ଅପରାଧ ସଂଗଠିତ ହେଉଛି। ଚୋରି, ଡକାୟତି, ରାହାଜାନୀ ଓ ନିଶା କାରବାର ଭଳି ଅପରାଧ ବଢୁଛି। ଏସବୁକୁ ଦେଖିଲେ ଧାମନଗର ଥାନାକୁ ଅତି କମ୍‌ରେ ୨ଟି ପାଟ୍ରୋଲିଂ ଗାଡ଼ି, ଗୋଟିଏ ଏମରଜେନସି ରେସପନ୍ସ ସପୋର୍ଟ ସିଷ୍ଟମ ଗାଡ଼ି ଆବଶ୍ୟକ। ହେଲେ ଧାମନଗର ଥାନାକୁ ଗୋଟିଏ ବୋଲେରୋ ଦିଆଯାଇଥିଲା। ତାହା ଏବେ ଖରାପ ହୋଇପଡ଼ିଛି। କିଛି ମାସ ତଳେ ପୋଲିସ ମହାନିର୍ଦ୍ଦେଶକ ଧାମନଗର ଥାନାକୁ ପରିଦର୍ଶନରେ ଆସିଥିଲେ। ସେତେବେଳେ କହି ଯାଇଥିଲେ ଯେ ସପ୍ତାହେ ମଧ୍ୟରେ ପାଟ୍ରୋଲିଂ ଗାଡ଼ି ଯୋଗାଇ ଦିଆଯିବ। ହେଲେ ଆଜିଯାଏ ଏନେଇ କିଛି ପଦକ୍ଷେପ ନିଆଯାଇ ନାହିଁ। ସେପଟେ ଧାମନଗର ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ କହିଛନ୍ତି ଯେ, ଏ ସଂପର୍କରେ ଏସ୍‌ପି ସାହେବଙ୍କୁ ଜଣାଇଛୁ।

# ବିକଶିତ ଗାଁ ବିକଶିତ ଓଡ଼ିଶାର ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ



କଣିହାଁ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ନେଇ କଣିହାଁ ବ୍ଲକ ପବିତ୍ର ମୋହନ ସଭା ଗୃହରେ ସାଧାରଣ ସଭା ବୈଠକ ଅନୁଷ୍ଠିତ ହୋଇଛି। ଶନିବାର ଏହି ବୈଠକରେ ବ୍ଲକ ଅଧକ୍ଷ ରାମକ୍ରିଷ୍ଣା ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ବିଡ଼ିଓ ଦେବଦତ୍ତ ପ୍ରଧାନ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସଲିଳ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କଣିହାଁ ବ୍ଲକ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ବିଜୟ ସାହୁ ପରିଚାଳନା କରିଥିଲେ। ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରାଯିବା ସହ ଆଭ୍ୟନ୍ତରୀଣ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ ସହ ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକରଣ କରାଯିବା ସହ ଅଭିନବ ଭାବେ ଜନ ମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ କରାଯିବା ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ କଣିହାଁ ବ୍ଲକର ୨୭ଟି ପଞ୍ଚାୟତର ବିକାଶ କରାଯିବ ପାଇଁ ପଞ୍ଚାୟତସ୍ତରୀୟ ଗ୍ରାମସଭା ମଧ୍ୟରେ ବିଭିନ୍ନ ପ୍ରକଳ୍ପକୁ କର୍ଯ୍ୟ ଖସଡ଼ା ଏକ ବର୍ଷ ନିମନ୍ତେ କରାଯାଇଛି। ଏହି ଯୋଜନାକୁ ବ୍ଲକ କାର୍ଯ୍ୟାଳୟରେ ସାଧାରଣ ସଭାରେ ଆଜି ଅନୁମୋଦନ କରାଯାଇଛି। ଏହି ଯୋଜନା ଗୁଡିକ ଗାଁ ଗାଁରେ କଲ୍ୟାଣ ମଣ୍ଡପ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳ, ପୂଜାପୀଠ, ଗୋଷ୍ଠୀ ସଭାଗୃହ, ପିଇବାପାଣି, ରାସ୍ତାଘାଟ, ପୋଖରୀ ଖନନ ସମେତ ଅନେକ ଉନ୍ନୟନ କାର୍ଯ୍ୟ କରାଯିବ। ଏଥିପାଇଁ ପ୍ରତି ପଞ୍ଚାୟତରେ ଖସଡ଼ା ଓ ଯୋଜନା ପ୍ରସ୍ତୁତୀ କରାଯାଇଥିବା ନେଇ ପ୍ରକାଶ କରିଥିଲେ। ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମୁକୁନ୍ଦପୁର ୟୁଜିୟୁପି ବିଦ୍ୟାଳୟ ପରିସରରେ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ଦୋହଳୀ କେଶରପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଞ୍ଜନା ବାଳା ମହାନ୍ତିଙ୍କୁ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ



ଅତିଥି ଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଶିକ୍ଷକ ଅଭିରାମ ମିଶ୍ର, ଚୌଧୁରୀ ସରୋଜକାନ୍ତ ପ୍ରହରାଜ, ଅନିତା ରାଉତ, ମନୋରଞ୍ଜନ ଦାସ ଓ ବିଶ୍ୱବିଜୟ ଦାସ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତିଙ୍କ କାର୍ଯ୍ୟନିପୁଣତା, ସମୟାନୁବର୍ତ୍ତିତା ଓ ଶିକ୍ଷାଦାନର କୌଶଳ ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କର ଅବସର ଜୀବନ ଦୀର୍ଘ ଓ ନିରାମୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଭାବଗ୍ରାହୀ କର, ଜୀବନ କୁମାର ନାୟକ, ଦୀପକ କୁମାର ବାରିକ, ଉମାକାନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ସିର୍ଲୋ ସ୍କୁଲରେ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ନିକଟସ୍ଥ ସିର୍ଲୋ ନବଗ୍ରାମ ଉଚ୍ଚବିଦ୍ୟାଳୟର ୧୯୮୬ ମସିହା ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରବିବାର ବିଦ୍ୟାଳୟ ପରିସରରେ ଗୁରୁପୂଜନ, ବୃକ୍ଷରୋପଣ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗ୍ରାମର ସହିଦ୍ କୃଷ୍ଣଚନ୍ଦ୍ର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗୋଟିଏ ବୃକ୍ଷ ଗୋଟିଏ ଜୀବନ ଆହ୍ୱାନରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଉପଲକ୍ଷେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଛାତ୍ର ତଥା ବର୍ତ୍ତମାନର ରଘୁନାଥପୁର ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଆଶୁତୋଷ ବାନାର୍ଜୀଙ୍କ ସଂଯୋଜନାରେ ଏକ ସଭା କାର୍ଯ୍ୟର ଆୟୋଜନ କରାଯାଇଥିଲା। ଏଥିରେ ଗୁରୁ ଶ୍ରୀ ସୁମନ୍ତ ଚନ୍ଦ୍ର ସାହୁ, ଶିବରାମ ପୃଷ୍ଟି, ଅଶ୍ୱିନୀ କୁମାର ସିଂହ, ନିର୍ମଳା ସେନାପତି, ମହମଦ ଅଫସର, ସୁକାନ୍ତ କୁମାର ସାହୁ, ଦେବେନ୍ଦ୍ର ମହାନ୍ତି, ପ୍ରାଣକୃଷ୍ଣ ଦାସ ଓ ନକୁଳ ମଲ୍ଲିକଙ୍କୁ ଛାତ୍ରଛାତ୍ରମାନେ ଗୁରୁ ବନ୍ଦନା କରି ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ। ଏହି



କାର୍ଯ୍ୟକ୍ରମରେ ଗୁରୁମାନେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ମାଧ୍ୟମରେ କହିଥିଲେ ବର୍ତ୍ତମାନ ସମାଜରେ ଶିକ୍ଷାର ମୂଲ୍ୟବୋଧ ଅବକ୍ଷୟ ଘଟିଛି ତୁମେମାନେ ଆମ୍ଭମାନଙ୍କ ଠାରୁ ଗ୍ରହଣ କରିଥିବା ଶିକ୍ଷାକୁ ଆଧାର କରି ତୁମ ପିଲାମାନଙ୍କୁ ଏକ ଭଲମଣିଷ କରି ଗଢିତୋଳ ବୋଲି ପରାର୍ମଶ ଦେଇ ଆର୍ଶୀବାଦ ପ୍ରଦାନ କରିଥିଲେ। ଏଥିରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଏକତ୍ରୀତ ହୋଇ ସୁଖ, ଦୁଃଖ ବାଣ୍ଟିଥିଲେ। ପ୍ରତିବର୍ଷ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବାର ବ୍ୟବସ୍ଥା ଉପରେ ସମସ୍ତେ ସହମତି ପ୍ରକାଶ କରିଥିଲେ। ଶେଷରେ ଆୟୋଜନ କରାଯାଇଥିବା ଭୋଜିର ମଜା ନେଇଥିଲେ ସମସ୍ତେ। ଏଥିରେ ୬ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ ଚନ୍ଦ୍ର ଦାସ, ପିତାମ୍ବର ବାରିକ, ଶାମସୁନ୍ଦର ସାହୁ, ଅଭିରାମ ଦାସ, ଚନ୍ଦ୍ରଶେଖର ମାଦେଳି, ମହମଦ ଆଜିଜ, ପ୍ରଶାନ୍ତ ମହାରଣା, ରାମଚନ୍ଦ୍ର ସେଠୀ, କୈଳାସ ଦାସ ପ୍ରମୁଖଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ସୂଚାରୁରୂପେ ହୋଇଥିଲା।

# ସାଇ ପରିବାର ପକ୍ଷରୁ ରକ୍ତଦାନ ଶିବିର

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ସନ୍ତରା କୃଷ୍ଣଚନ୍ଦ୍ରପୁରସ୍ଥିତ ଶିରିଡ଼ି ସାଇବାବାଙ୍କ ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ସାଇ ପରିବାର ତରଫରୁ ହୋଇଥିବା ବେଳେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦ୍ୱୀପ ବିଧାୟକ ତଥା ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନା ରାଣୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା ପ୍ରମୁଖ ଯୋଗ ଦେଇ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ତେବେ ଚଳିତ ବର୍ଷ ଶିରିଡ଼ି ସାଇ ପରିବାର ପକ୍ଷରୁ ହୋଇଥିବା ରକ୍ତଦାନ ଶିବିରରେ ୧ଶହ ୩୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ସାଇ ପରିବାର ସଭାପତି ସନ୍ତୋଷ ଦଳାଇ, ସମ୍ପାଦକ ସୁବ୍ରତ ଶେଖର ବିଶ୍ୱାଳ, ସଞ୍ଜୟ ଚୌଧୁରୀ, ମମତା ନାୟକ, ସଞ୍ଜୟ ପ୍ରଧାନ, ପ୍ରଶାନ୍ତ ପରିଡ଼ା, ଗଜେନ୍ଦ୍ର ଦାସ, ପ୍ରଭାସ ବେହେରା, ପ୍ରକାଶ ସାମନ୍ତରାୟ, ସୁଧୀର ସ୍ୱାଇଁ, ଅମିତ୍ ମହାପାତ୍ର, ବିପିନ୍ ତ୍ରିପାଠୀ ଓ ସଞ୍ଜୟ ସାମନ୍ତରାୟ ପ୍ରମୁଖଙ୍କ ସମେତ ସାଇ ପରିବାରର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



## ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ

# 'ସମାଜକୁ ବିକଶିତ କରିଥାଏ ପୁରାତନ ସଂସ୍କୃତି'



ବୋଲଗଡ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ବୋଲଗଡ ଶିକ୍ଷା ବ୍ଲକ ଫାସୀଓଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ସରକାରୀ ରଘୁନାଥ ମଧୁସୂଦନ ନୋଡାଲ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଆବାହକତ୍ୱରେ ଶନିବାର ଦିନ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ସ୍କୁଲ ପରିସରରେ ପ୍ରଦର୍ଶନ କରାଯାଇଛି। ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମୁନା ଖଟୁଆ ଓ ଶିକ୍ଷୟିତ୍ରୀ ହିମାଦ୍ରୀ ମହାପାତ୍ର, ମନାଲି ବାଳା ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଯମୁନା ବିର, ସରସ୍ୱତୀ ସାହୁ ପ୍ରମୁଖଙ୍କ ମିଳିତ ସଂଯୋଜନାରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୧୧୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଜିର ଆଧୁନିକ ସମାଜରେ ପୁରାତନ କଳା, ସାହିତ୍ୟ, ସଂସ୍କୃତି ଓ ଲୋକ କଳା ଇତ୍ୟାଦି ଦିନକୁ ଦିନ ଅବକ୍ଷୟ ଘଟୁଥିବାରୁ ସମାଜର ପ୍ରଥା ବିକଶିତ ହୋଇପାରୁନାହିଁ। ଛାତ୍ର ଛାତ୍ରୀମାନଙ୍କୁ ଉଚିତ କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା ପ୍ରଦାନ କରାଯାଇପାରୁ ନଥିବାରୁ ସେମାନେ ଏହାକୁ ଭୁଲି ଯାଉଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ସମାଜର ପୁରାତନ ପ୍ରଥା, କଳା, ସାହିତ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଆମ ସଂସ୍କୃତି ଓ ଆମ ଖେଳନା ମାଧ୍ୟମରେ ପ୍ରେରଣା ଦିଆଯାଉଅଛି ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ଘଟୁଅଛି ଓ ଛାତ୍ର ଛାତ୍ରୀମାନେ ଅତ୍ୟନ୍ତ ଆନନ୍ଦିତ ହେଉଅଛନ୍ତି ବୋଲି ଶିକ୍ଷୟିତ୍ରୀ ହିମାଦତ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ /ଅଭିଭାବିକାମାନେ ମନଭରି ଉପଭୋଗ କରିଥିଲେ।

# ଜଙ୍ଗଲ ନିଆଁ ନିରାକରଣ ନିମନ୍ତେ ସଚେତନତା

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ବନାଞ୍ଚଳ ପକ୍ଷରୁ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ପାଲା ମାଧ୍ୟମରେ ସଚେତନ କରାଯାଇଛି । ଶନିବାର ଦିନ ବନାଞ୍ଚଳ ଅଧିକାରିଣୀ ରିସ୍ମା ଜାମଡାଲିଆଙ୍କ ନେତୃତ୍ୱରେ କେଛୋବାହାଲ, କନ୍ଦାକୁଡା, ବଡଜୋବ, ଉଲାବ, ଲିଆଖାଇ ଠାରେ ଗାଁ ଗାଁ ବୁଲି ଜଙ୍ଗଲ ନିଆଁ ନିରାକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ପାଲା ମାଧ୍ୟମରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଗ୍ରାମବାସୀଙ୍କ ସହିତ ଉପବନାଞ୍ଚଳ ଅଧିକାରୀ ସୁଧେସ୍ନା ପ୍ରଧାନ, ବନ ପାଲ ଅଜୟ ବିଶ୍ୱାଳ, ଉପେନ୍ଦ୍ର ବେସନ, ସରୋଜ କୁମାର ଭୋଇ ବନରକ୍ଷୀ କିଶୋର କୁମାର ସଣ୍ଢ, ସଙ୍ଘମିତ୍ରା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ଧବଟ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଗରଦପୁର (ଭାସ୍କର ନ୍ୟୁଜ୍) : ଗରଦପୁର ବ୍ଲକ୍ ତଳକୁସୁମା ପଞ୍ଚାୟତ ଅଧିନ ବଙ୍ଗାରୀ ଗ୍ରାମରେ ଥିବା ଅନ୍ଧବଟ ମହାପୁରୁଷ ଙ୍କ ନିକଟରେ ୫୫ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଚିତ୍ରୋତ୍ପଳା ନଦୀରୁ ଶହ ଶହ ମହିଳା କଳସ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିବା ପରେ ଅଙ୍କୁରାୟନ କରାଯାଇଥିଲା.ଏହି ଅବସରରେ ମହାପୁରୁଷ ଙ୍କ ନିକଟରେ ଦୈନିକ ସୂର୍ଯ୍ୟପୂଜା, ଗୋ-ପୂଜା, ପ୍ରବଚନ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଗତ ୧୪ ତାରିଖରୁ ଅପେରା ତାରିଣୀ ଓ ଅପେରା ସାଇ ରୁଦ୍ର ପକ୍ଷରୁ ଯାତ୍ରା ମଞ୍ଚସ୍ଥ କରାଯାଉଅଛି। ବିଶ୍ୱ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ଅନ୍ଧବଟ ପୀଠରେ ଅନୁଷ୍ଠିତ ହେଉଥିବା ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦାନ କରି ଅନ୍ଧବଟ ପୀଠର ବିକାଶ ଓ ଭକ୍ତମାନଙ୍କ ସୁବିଧା ପାଇଁ ଯାହା ଆବଶ୍ୟକ ତାହା ତାଙ୍କ ତରଫରୁ କରାଯିବ ବୋଲି ଘୋଷଣା କରିଥିଲେ। ଅନ୍ଧବଟ ସାଂସ୍କୃତିକ ପରିଷଦର ସଭାପତି ସନ୍ତୋଷ ସାମଲ, ସମ୍ପାଦକ ପ୍ରହଲ୍ଲାଦ ସାହୁ, ଅମର ନାୟକ ଅରୁଣ କୁମାର ପରିଡା, ସୁକାନ୍ତ କୁମାର ବେହେରା, ଗଜେନ୍ଦ୍ର ସ୍ୱାଇଁ, ପ୍ରୀୟମ୍ୱଦା ନାୟକ, ଗୟାଧର ନାୟକ, ଗୋଲକ ସ୍ୱାଇଁ, ସୁବ ପରିଡା, କୁଳମଣୀ ବେହେରା ପ୍ରମୁଖଙ୍କ ଦ୍ୱାରା ଯଜ୍ଞ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରାଯାଇଥିବା ବେଳେ ଯଜ୍ଞର କର୍ତ୍ତା ବନିଥିଲେ ଅନିରୁଦ୍ଧ ସାମଲ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଧାୟକଙ୍କ ପ୍ରତିନିଧି କ୍ଷିତିଶ୍ ଚନ୍ଦ୍ର ଦାଶ୍, ଗରଦପୁର ବ୍ଲକ୍ ଅଧକ୍ଷ ଅଭୟ ମହାରାଜ, ସମାଜସେବୀ ଅଧ୍ୟାପକ ଅଜୟ ରାଉତ, ତଳକୁସୁମା ସରପଞ୍ଚ ପ୍ରଭାତ ନଳୀନି ଜେନା, ପୂର୍ବତନ ସରପଞ୍ଚ ଅଜୟ ଦାଶ, ଅଶୋକ ଜେନା ପ୍ରମୁଖ ସହଯୋଗର ହାତ ବଢାଇ ଥିଲେ।

# ରାଶିଫଳ

**ସୋମବାର, ୧୭ ଫେବୃଆରୀ ୨୦୨୫**

**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ, ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ, ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ୍ୟ ବକ୍ତବ୍ୟରେ ସଂଯମ ରଖନ୍ତୁ। ଅନୈତିକ କାର୍ଯ୍ୟରୁ ଦୂରରେ ରୁହନ୍ତୁ।

**ବୃଷ:** ଆଜି ଆପଣ କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିଯିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। ସାହିତ୍ୟ କିମ୍ବା ଅନ୍ୟ କୌଣସି ସୃଜନଶୀଳ କଳା ପ୍ରତି ଆଗ୍ରହୀ ହେବେ। ପିଲାମାନଙ୍କ ପାଇଁ ଚିନ୍ତା ଯୋଗୁଁ, ମନରେ ଚିନ୍ତା ହେବ।

**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ।

**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ସାଙ୍ଗମାନେ ଉପକୃତ ହେବେ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ୍ୟ ସମ୍ଭବ। ଜୀବନ ସାଥୀ ପାଇବା ସମ୍ଭବ ହେବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।

**ସିଂହ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତିତ ହେବେ। ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ, ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ୍ୟ ହୋଇପାରେ, ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ।

**କନ୍ୟା:** ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ବିଶେଷକରି ଭାଇଭଉଣୀଙ୍କ ସହ ସମ୍ପର୍କ ଭଲ ରହିବ। ସ୍ୱଳ୍ପ ଖର୍ଚ୍ଚ ହେବାର ସମ୍ଭାବନା ମଧ୍ୟ ଅଛି।

**ତୁଳା:** ଆଜି ଅଳସୁଆ ଏବଂ ଥକାପଣର ଦିନ ହେବ। ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ବିପଜ୍ଜନକ ଚିନ୍ତାଧାରା, ଗତିବିଧି ଏବଂ ସଂଗଠିତ ଠାରୁ ଦୂରରେ ରୁହନ୍ତୁ।

**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଅନ୍ତୁ। ଆଜି ଧନ ରାଶି ହାସଲ କରାଯାଉଛି।

**ଧନୁ:** ଆଜି, ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ସ୍ୱଳ୍ପ ରହଣି ସଂଗଠିତ ହେବ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ୍ୟ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି। କଣ୍ଟିଜେନ୍ସି ଟଙ୍କା ଲାଭର ସମ୍ଭାବନା ଅଛି।

**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରୀ ପାଇଁ ପରିଲକ୍ଷିତ। ପରିବାରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ରହିବ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ୍ୟ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ।

**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରୀ କରନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ। ଏକ ଲାଭ ହେବାର ସମ୍ଭାବନା।

**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।



ପ୍ରସ୍ତୁତିରେ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡ଼ ପଞ୍ଚାୟତ ସମିତି ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଅଛି। ଏହି ବ୍ଲକର ବିଭିନ୍ନ ଗ୍ରାମର ୪୫୨ ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଦଳ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ୧୬ ଜଣ ଦୃଷ୍ଟିଶକ୍ତି ବାଧିତ, ୨୮ ଜଣ କର୍ଣ୍ଣ, ନାସା ଓ ଗଳା। ଶକ୍ତି ବାଧିତ, ୬୬ ଜଣ ଶାରୀରିକ ବାଧିତ, ୨୧ ଜଣ ମାନସିକ ଭିନ୍ନକ୍ଷମ, ୧୬ ଜଣ ସିପି ଓ ୧୨ ଜଣ ରକ୍ତହୀନତା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ୪ ଜଣଙ୍କୁ ଚକଲଗା ଚଉକି, ୨ ଜଣଙ୍କୁ ସିପି ଚଉକି, ୧ ଜଣଙ୍କୁ ଆଶା ବାଡି, ୧୦ ଜଣଙ୍କୁ ତିନି ଚକିଆ ସାଇକେଲ ଓ ୫ ଜଣଙ୍କୁ ଧଳାବାଡି ପ୍ରଦାନ କରାଗଲା। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବାବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲ୍ଲା ପରିଷଦ ସଦସ୍ୟା ସନ୍ଧ୍ୟା ପୁଲାକା, ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା ବୃନ୍ଦ, ଭାରପ୍ରାପ୍ତ ଉପଜିଲ୍ଲାପାଳ ରାୟଗଡ଼ ସୁଶ୍ରୀ ପ୍ରଜ୍ଞା ପାରମିତା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ପିଏ ଶ୍ରୀକାନ୍ତ ପେଦିନା, କନିଷ୍ଠ ସହାୟକ ସମୀର ପଦକା ପ୍ରମୁଖ ସହଯୋଗ କରିଥିଲେ।



# କଂଗ୍ରେସର ନୂତନ ରାଜ୍ୟ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡିଆଳ ଠାରେ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନବ ନିଯୁକ୍ତ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କୁ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର କଂଗ୍ରେସର ବିଧାୟକ ପ୍ରାର୍ଥୀ ନେତା କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଖଡ଼ିଆଳ ଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଭକ୍ତ ଚରଣ ଦାସ ରାଜ୍ୟର ମୁଖିଆ ଘୋଷଣା ପରେ ନିଜ ବାସ ଭାବନ କଳାହାଣ୍ଡି ରୁ ବାହାରି ଦିଲ୍ଲୀ ଅଭିମୁଖେ ନୂଆପଡା ଜିଲ୍ଲା ଦେଇ ବାହାରି ଥିବାବେଳେ ଖଡ଼ିଆଳ ଠାରେ ବାଣ ଫୁଟାଇ ଫୁଲମାଳା ସହ ଉଭୟ କଂଗ୍ରେସର ନାରୀ ନେତ୍ରୀ ଓ ଯୁବକ ନେତାମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ଖଡ଼ିଆଳ କଂଗ୍ରେସର ବରିଷ୍ଠ ନେତା ପ୍ରବୀଣ ପଟ୍ଟନାୟକ, ରାଜେଶ ବେହେରା, ମାୟାଧର ସୁନାନୀ, ଦେବରାଜ ସୁନାନୀ, ଗିରିଧାରୀ ସୁନା, ସୁବାଷ ମେହେର ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

# ସରକାରୀ ସୁବିଧାରୁ ବଞ୍ଚିତ ବସ୍ତିଙ୍ଗିଆବାସୀ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଦୟନୀୟ ଅବସ୍ଥାରେ ବସ୍ତିଙ୍ଗିଆ ବାସୀ । ସମସ୍ତ ପ୍ରକାରର ସରକାରୀ ସୁବିଧା ଥାଇ ମଧ୍ୟ ସୁବିଧାରୁ ବଞ୍ଚିତ ଏମାନେ । ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ୍‌ର ବସ୍ତିଙ୍ଗିଆରେ ସରକାରଙ୍କ କୋଟି କୋଟି ଟଙ୍କା ବିନିମୟରେ ଦୀର୍ଘ ବର୍ଷ ଧରି ଠିଆ ହୋଇଛି ତିନୋଟି ବିଏସଏନଏଲ ଟାୱାର । କିନ୍ତୁ କୌଣସିଗୋଟିଏ ବି କାର୍ଯ୍ୟକାରୀ ହୋଇନଥିବାରୁ ନାହିଁ ନଥିବା ହଇରାଣ ହେଉଛନ୍ତି ଅଞ୍ଚଳବାସୀ। ଏହାକୁ ନେଇ ଚକାପାଦ ବସ୍ତିଙ୍ଗିଆ ଚେୟାରମ୍ୟାନ ବଇଦୈତ୍ରି କହଁର କନ୍ଧମାଳ ଜିଲ୍ଲାପାଳଙ୍କ ଗ୍ରିଭାନ୍ସ ରେ ଦୁଇ ଦୁଇ ଥର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଣୁ ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀଙ୍କ ଠାରେ ଜଣାଇବେ ବୋଲି କହିଛନ୍ତି ଚେୟାରମେନ ବଇଦୈତ୍ରି କହଁର।

# ବ୍ଲକସ୍ତରୀୟ ଆଇନ ସଚେତନତା କର୍ମଶାଳା




ମାଲକାନଗିରି(ଭାସ୍କର ନ୍ୟୁଜ୍): ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ବ୍ଲକ ସ୍ତରୀୟ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲୁ ଯୋଗ ଦେଇଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ୨୦୦ କଲେଜ ଛାତ୍ରୀ ଓ ୧୦୦ ଅନ୍ୟାନ୍ୟ ମହିଳା ମାନେ ଯୋଗଦାନ କରିଥିଲେ । ବରିଷ୍ଠ ଓକିଲ ଅଶୋକ କୁମାର ପଟ୍ଟନାୟକ ଆଇନ ସଚେତନତା ଉପରେ ଶ୍ରୋତାମାନଙ୍କୁ ବୁଝାଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତେରେସ୍କେଭୋ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ଅବକାରୀ ବିଭାଗର ନିଘା ନାହିଁ, ଚଢ଼ାଦରରେ ମଦ ବିକ୍ରି

କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଓ ବାଲିମେଳାରେ ଥିବା ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ଅବକାରୀ ନିୟମର ଖୋଲାଖୋଲି ଉଲଙ୍ଘନ କରାଯାଉଛି। ମଦ ବିୟର ମୂଲ୍ୟଠାରୁ ଲୋକଙ୍କୁ ଅଧିକ ଦରରେ ମଦ ବିକ୍ରୀ କରାଯାଉଛି। ମଦ ଦର ତାଲିକା ଦୋକାନ ସମ୍ମୁଖରେ ଲୋକଙ୍କ ଉଦ୍ଦେଶ୍ୟରେ ଟାଙ୍ଗିବାର କଡାକଡ଼ି ଭାବେ ନିୟମ ରହିଛି। ହେଲେ କେଉଁଠି ହେଲେ ଏହି

## ନିୟମ ଉଲ୍ଲଙ୍ଘନ ଅଭିଯୋଗ

ଧାର୍ଯ୍ୟ ଲେଖା ଠାରୁ ଅଧିକ ଟଙ୍କାରେ ବିକ୍ରୀ ହେଉଥିବା ଅଭିଯୋଗ ହୋଇଛି। ଏହା ବ୍ୟତୀତ ସାଧାରଣ ନାଗରିକଙ୍କ ପାଇଁ ଫଳକରେ ଆବଶ୍ୟକ ସୂଚନା ଦିଆଯାଉନାହିଁ। ଏହାକୁ ନେଇ ଅଧିକାଂଶ ଗ୍ରାହକ ସେମାନଙ୍କର ନିଜ ନାମ ଗୋପନ ରଖି ଅସନ୍ତୋଷ ପ୍ରକାଶ କରିବା ସହ ଏଭଳି ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗକାରୀଙ୍କ କହିବା ଅନୁସାରେ, ବାଲିମେଳାରେ ଏକ ଠିପି ବନ୍ଦ ମଦ ଦୋକାନ ରହିଛି। କୋରୁକୋଣ୍ଡା ସଦରରେ ଏକ ମଦ ବାର ରହିଛି। ଉଭୟଙ୍କ ଠାରେ ପ୍ରିଣ୍ଟ ନିୟମକୁ ଆଦୌ ପାଳନ କରାଯାଉନାହିଁ। ବାଲିମେଳା ଏନଏସିର ସ୍ୱର୍ଗଦ୍ୱାର ଠାରୁ ପ୍ରାୟ ୫ ଶହ ମିଟର ଦୂରରେ ଥିବା ବିଦେଶୀ ମଦ ଦୋକାନରେ ଦର ତାଲିକା ମରାଯାଇଛି ସତ, କିନ୍ତୁ ଲୋକଙ୍କ ଦୃଷ୍ଟିକୁ ଆସି ନପାରିବା ଭଳି ଗୋଟିଏ କାନ୍ଥ ପାର୍ଶ୍ୱରେ ଏହାକୁ ରଖାଯାଇଛି। ଅବକାରୀ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗରେ କୁହାଯାଇଛି। ଅଧିକ ଦରରେ ମଦ ବିକ୍ରୀ କରୁଥିବା ବ୍ୟବସାୟୀ ଅବା ଦୋକାନ ଉପରେ ବିଭାଗ ପକ୍ଷରୁ ଆଖିଦୃଶିଆ ଚଢ଼ାଉ କରାଯାଉନି।



କେତେକ ସ୍ଥଳେ, ବିଭାଗୀୟ କର୍ତ୍ତୃପକ୍ଷ ଓ ବ୍ୟବସାୟୀଙ୍କ ସଲାସୁତୁରାରେ କାରବାର ଚାଲିଥିବା ଗ୍ରାହକମାନଙ୍କ ଠାରୁ ଶୁଣିବାକୁ ମିଳୁଛି। ବାଲିମେଳା ବିଦେଶୀ ମଦ ଦୋକାନରେ ପ୍ରିଣ୍ଟ ଠାରୁ ୨୦/୩୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ମଦ ବିକ୍ରୀ ହେଉଛି। ୬୫୦ ମିଲି ବିୟର ବୋତଲରେ ପ୍ରିଣ୍ଟ ଦର ଠାରୁ ସେହିପରି ୨୦/୩୦ ଟଙ୍କା ଅଧିକ ଦରରେ ବିକ୍ରୀ କରାଯାଉଛି। ଅନେକ ସମୟରେ ବିଭିନ୍ନ ପ୍ରକାର ବ୍ରାଣ୍ଡ ମଦରେ ୩୦ ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ନିଆଯାଉଛି ବୋଲି ଅଭିଯୋଗ ହେଉଛି। ଏହାକୁ ନେଇ ଗ୍ରହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ଅନେକ ସମୟରେ ମଦ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଗଣ୍ଡଗୋଳ ଓ ପାଟିତୁଣ୍ଡ ହେଉଅଛି। ଏନେଇ ଅଭିଯୋଗ ହେଲେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କେବଳ ଧର୍ମକୁ ଆଖିଠାର ବୋଲି ଅନେକ କହିଛନ୍ତି। ସେହିପରି କୋରୁକୋଣ୍ଡା ବାରରେ ମଦର ଧାର୍ଯ୍ୟ ଦର ଠାରୁ ଗ୍ରାହକ ମାନଙ୍କ ଠାରୁ ଅଧିକ ଟଙ୍କା ଦୋକାନୀ ନେଉଥିବା ନେଇ ଅଭିଯୋଗ ହୋଇଛି। ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ବେଆଇନ ମଦ କାରବାର ହେଉଛି। ହେଲେ ଏହାକୁ ରୋକିବାରେ ବିଭାଗ ମଧ୍ୟ ସେପରି ସଫଳତା ପାଇପାରିନି। ଏ ସମ୍ପର୍କରେ ବାଲିମେଳା ଅବକାରୀ ଓଆଇସି ରମେଶ ସାହୁକାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରିଣ୍ଟ ରେଟ୍ ଠାରୁ ଅଧିକ ଦରରେ ମଦ ବିକିବା ସମ୍ପୂର୍ଣ୍ଣ ଭାବେ ବେଆଇନ ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ବିଧାୟକଙ୍କ ବିରୁଦ୍ଧରେ ଏତଲା ଦେଲେ 'ଆପ୍' ନେତା

ମାଲକାନଗିରି (ଭାସ୍କର ନ୍ୟୁଜ୍): ନିର୍ବାଚନ ପ୍ରକ୍ରିୟା ସମୟରେ ଚିତ୍ରକୋଣ୍ଡାର କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ମିଥ୍ୟା କାଗଜପତ୍ର ଦର୍ଶାଇବା ଓ ତାଙ୍କ ନାମରେ ଦୌରାଜଜ୍‌ଙ୍କ ନିକଟରେ ମାମଲା ଥିବା ସତ୍ତ୍ୱେ ତାହା ଆଫିଡେଭିଟ୍ ସମୟରେ ଉଲ୍ଲେଖ ନ କରିବା ଅଭିଯୋଗ ନେଇ ଚିତ୍ରକୋଣ୍ଡାର ଆପ୍ ବିଧାୟକ ପ୍ରାର୍ଥୀ ଶରତ ବୁରୁଦା ମାଲକାନଗିରି ଆଦର୍ଶ ଥାନାରେ ଶୁକ୍ରବାର ଦିନ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ଶ୍ରୀ ଖିଲଙ୍କ ନାମରେ ନଂ.୧୬/୨୫ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି । ବୁରୁଦାଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ସାଧାରଣ ନିର୍ବାଚନ ସମୟରେ ମଙ୍ଗୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇଥିବାବେଳେ ପ୍ରାର୍ଥୀପତ୍ର ଦାଖଲ ସମୟରେ ସେ ବହୁ ବିଷୟ ଉଲ୍ଲେଖ କରି ନଥିବା ଅଭିଯୋଗ କରିଛନ୍ତି। ବିଶେଷକରି ତାଙ୍କ ନାମରେ ମାଥିଲି ଜେଏମ୍‌ଏଫ୍‌ସି କୋର୍ଟରେ କ୍ରିମିନାଲ କେସ୍ ଥିବା, କଦମଗୁଡ଼ା ମୌଜାରେ ତାଙ୍କ ନାମରେ ୨.୭୫୯ ଜମି ଥିବା ପ୍ରାର୍ଥୀପତ୍ର ଦାଖଲ ବେଳେ ଉଲ୍ଲେଖ କରିନାହାନ୍ତି ଓ ସେ ଜାଲିଆତି କରି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେଣୁ ଏ ସମ୍ପର୍କରେ ତଦନ୍ତ କରାଯିବା ପାଇଁ ଶ୍ରୀ ବୁରୁଦା ଦାବିକରି ଥାନାରେ ଅଭିଯୋଗ କରିଛନ୍ତି। ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ପଚାରିବାରୁ ଶରତ ବୁରୁଦା ମହୋଦୟ ଯେଉଁ ଅଭିଯୋଗ କରିଛନ୍ତି, ତାହା ମିଥ୍ୟା ଓ କପୋଳକଳ୍ପିତ । ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି।

# ମୃତଦେହ ଉଦ୍ଧାର

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ଧୋଡ୍ରା ପାରା ଠାରେ ଥିବା ଇଟା ଭାଟି ନିକଟରୁ ମୃତ ଦେହ ଉଦ୍ଧାର କରଯାଇଥିବା ଜଣାପଡିଛି। ଖବର ନେବାରେ ଜଣାଯାଇଛି ପବିତ୍ର ହରିଜନ ବୟସ ୩୦ ଗତକାଲି ଘରୁ ବାହାରି ଆସି ଆଉ ଘରକୁ ଫେରିନଥିଲା। ଆଜି ତାର ମୃତଦେହ ଇଟା ଭାଟି ନିକଟରୁ ମିଳିଛି। ସୂଚନା ଅନୁଯାୟୀ ପବିତ୍ର ହରିଜନର ବାପା ଲକିନାଥ ହରିଜନ ରାଇଘର ଥାନାରେ ଚୌକିଦାର ଭାବେ କାର୍ଯ୍ୟ କରୁଅଛି। ପବିତ୍ର ବାହାରେ ରହି କାମ କରୁଥିଲା । ଗତ କିଛି ଦିନ ତଳେ ଘରକୁ ଫେରିଆସି ଥିଲା। ତାରି ଶବ ନିକଟରେ ମଦ ବୋତଲ ପଡି ଥିବାବେଳେ ଲଙ୍କା ଗୁଣ୍ଡ ପ୍ୟାକେଟ ପାଖରେ ପଡିଥିବା ଏବଂ ମୁହଁ ରେ ବୋଳା ଯାଇଥିବା ଦେଖିବାକୁ ମିଳିଛି। କିଏ କାହିଁକି ମାରିଚି ତାହା ଜଣାପଡ଼ି ନଥିବା ବେଳେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିବା ସହ ଶବ ବ୍ୟବଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ଦାଦନ ହୋଇ ଗଲେ, ଶବ ହୋଇ ଫେରିଲେ




ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ସାନ ମହେଶ୍ୱର ପଞ୍ଚାୟତର ଝୋଳପଥର ଗ୍ରାମର ସ୍ୱଗର୍ତ ସାଗର ତାଣ୍ଡିଙ୍କ ଝିଅ କଳ୍ପନା ତାଣ୍ଡି (୧୭) ଦାଦନ ଶ୍ରମିକଙ୍କ ମୃତ୍ୟୁହୋଇଥିବା ପରିବାର ପକ୍ଷରୁ ଅଭିଯୋଗ । ଧାର କରଜ କରି ଶନିବାର ଗ୍ରାମରେ ଶବ ପହଞ୍ଚିଲା। ପରିବାର ପକ୍ଷରୁ ପ୍ରକାଶ ଯେ ଗତ ଛଅ ମାସ ପୂର୍ବେ ଖୁଟୁଲୁମୁଣ୍ଡା ଗ୍ରାମ, ଥାନା କଣ୍ଟାବାଞ୍ଜି, ଜିଲ୍ଲା ବଲାଙ୍ଗୀର ଦାଦନ ସର୍ଦାର ଅଗ୍ରୀମ ଦେଇ ସୁଦୂର ଆନ୍ଧ୍ରପ୍ରଦେଶ ରାଜ୍ୟର କୁଲିନାନ ଥାନା ଅଞ୍ଚଳରେ ଇଟା ଗଢ଼ା କାର୍ଯ୍ୟରେ ନିୟୋଜିତ କରିଥିଲେ। ସେଠାରେ କାର୍ଯ୍ୟ କରୁଥିବା ସମୟରେ ଶାରୀରିକ ସମସ୍ୟା ଦେଖାଦେଲା ହେଲେ ଶାରୀରିକ ସମସ୍ୟା ଥାଇ ମଧ୍ୟ ଇଟା ତିଆରି କାର୍ଯ୍ୟରେ ନିୟୋଜିତ ରହୁଥିଲେ। କାରଣ କାର୍ଯ୍ୟ ନକଲେ ଦାଦନ ସର୍ଦ୍ଦାର ଗାଳି ଗୁଲଜ କରି ନିର୍ଯାତନା ଦେଉଥିଲେ । ଶାରୀରିକ ଅସୁସ୍ଥତା ମଧ୍ୟରେ କାର୍ଯ୍ୟ କରୁଥିବା ବେଳେ ତିନି ଦିନ ତଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ ସେଠାରେ ଦାଦନ ସର୍ଦ୍ଦାରଙ୍କ ଅସହଯୋଗ ଯୋଗୁ ଚିକିତ୍ସା ଅଭାବରୁ କଳ୍ପନା ତାଣ୍ଡିଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ କରିଛନ୍ତି ।

# ଶ୍ରମିକ ଚାଲାଣ ଓ ଗୋତି ଶ୍ରମିକ ନିରୋଧ ସଚେତନତା କର୍ମଶାଳା



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକଳ୍ପ ଓ ଶ୍ରମିକ ବାହିନୀର ମିଳିତ ଉଦ୍ୟମରେ ଶ୍ରମିକ ଚାଲାଣ ଓ ଗୋତି ଶ୍ରମିକ ନିରୋଧ ସମ୍ପର୍କିତ ସଚେତନତା କର୍ମଶାଳା ମହିନାଥ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ସି ଡ଼ି ପି ଓ ଅମିତା ପଣ୍ଡା, ମୁଖ୍ୟ ବକ୍ତା ରୁପେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ବିକଳ୍ପ ର ପ୍ରକଳ୍ପ ପରିଚାଳକ ସମୀର ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଦାଦନ ମୁକ୍ତ ପଞ୍ଚାୟତ ଗଢିବା ବିଷୟ ରେ ଆଲୋଚନା କରିବା ସହିତ ଗୋତି ଶ୍ରମିକ ନିରୋଧ ଉପରେ ବକ୍ତବ୍ୟ ରଖି ଏକ ଶପଥ ପାଠ କରିଥିଲେ। ଏହି ଅବସରରେ ସୁରେଶ ବେହେରା, ଲିଙ୍ଗରାଜ ପୁଟେଲ, ତପନ କଲାରୀ, ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ହନୁମାନ ଚାଳିଶା, ସଂକୀର୍ତ୍ତନ, ଭଜନ ଓ ପ୍ରାର୍ଥନା କାର୍ଯ୍ୟକ୍ରମ



ରାୟଗଡ଼ା: (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ଆପ୍ ଭାରତ ପକ୍ଷରୁ ରାୟଗଡ଼ ସହରର ମାଁ ମଙ୍ଗଳା ମନ୍ଦିର ସ୍ଥିତ ଶ୍ରୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ହନୁମାନ ଚାଳିଶା ପାଠ , ସଂକୀର୍ତ୍ତନ, ଭଜନ ଓ ପ୍ରାର୍ଥନା ମହା ଆଡମ୍ବରରେ ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସଭାପତି ଦୁର୍ଗା ମାଧବ ଘୋଷ ଏବଂ ସଂପାଦକ ଶ୍ରୀଗଣେଶ କୁମାର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଏବଂ ସହରର ବହୁ ସଂଖ୍ୟାରେ ରାଷ୍ଟ୍ର ପ୍ରେମୀ, ଈଶ୍ୱର ଭକ୍ତ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ମଙ୍ଗଳା ମନ୍ଦିର ଟ୍ରଷ୍ଟର ମୁଖ୍ୟ ପରିଚାଳକ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସାହୁ ଓ ଅନ୍ୟ ସଦସ୍ୟ ବୃନ୍ଦଙ୍କ ସହିତ ୨୦୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରୀୟ ଭକ୍ତ ଉପସ୍ଥିତ ରହିଥିଲେ । ସେଠାରେ ଗୋଟିଏ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଦୁର୍ଗା ମାଧବ ଘୋଷ ସମସ୍ତ ପରିଜନଙ୍କୁ ଜନ ସଂଖ୍ୟା ସମାଧାନ ଫାଉଣ୍ଡେସନର ମୁଖ୍ୟ ଉଦ୍ଦେଶ୍ୟ ଓ ଦେଶ ପାଇଁ , ହିନ୍ଦୁତ୍ୱ ପାଇଁ ସଂସ୍କାର କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ଶ୍ରୀଯୁକ୍ତ ଦାସ ଜନସଂଖ୍ୟା ଫାଉଣ୍ଡେସନର ମୁଖ୍ୟ ଉଦ୍ଦେଶ୍ୟ ହିନ୍ଦୁରାଷ୍ଟ୍ରର ବିଧିବଦ୍ଧ ଘୋଷଣା ଆଦି ୧.ଜନସଂଖ୍ୟା ନିୟନ୍ତ୍ରଣ କାନୁନ, ୨ ୟୁନିଫର୍ମ ସିଭିଲ୍ କୋଡ଼, ୩ ବକ୍ଫ ବୋର୍ଡ଼ର ପୂର୍ଣ୍ଣ ସମାପ୍ତି ଏବଂ ୪. କାଶି - ମଥୁରା ସହିତ ସମସ୍ତ ଧର୍ମସ୍ଥଳର ମୁକ୍ତି ଆଦି ଓ ମିଶନ ହିନ୍ଦୁ ରାଷ୍ଟ୍ର ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ସଂପାଦକ ଶ୍ରୀଯୁକ୍ତ ଗଣେଶ କୁମାର ସାହୁ ବର୍ତ୍ତମାନ ଠାରୁ ଆରମ୍ଭ କରି ଜିଲ୍ଲାର ଯେକୌଣସି ହିନ୍ଦୁ ମନ୍ଦିରରେ ପ୍ରତ୍ୟେକ ସପ୍ତାହରେ ଗୋଟିଏ ଦିନ ସମସ୍ତ ହିନ୍ଦୁ ଭାଇ ଭଉଣୀମାନେ ହିନ୍ଦୁ ରାଷ୍ଟ୍ରର ହିତ ପାଇଁ ନିଜର ଅମୂଲ୍ୟ ସମୟ ବାହାର କରି ଯୋଗଦାନ ଦେବା ପାଇଁ ଜିଲ୍ଲା ବାସୀମାନଙ୍କୁ ଆହ୍ୱାନ ଦେଇ ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ଅଫ୍ ରାୟଗଡ଼ ଜିଲ୍ଲାର ଉଦ୍ଦେଶ୍ୟକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ନିବେଦନ କରିବା ସହିତ ସମସ୍ତ ରାଷ୍ଟ୍ରପ୍ରେମୀ, ହିନ୍ଦୁପ୍ରେମୀ ଭାଇ ଭଉଣୀମାନଙ୍କୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଞ୍ଚଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବରଗଡ(ଭାସ୍କର ନ୍ୟୁଜ୍):ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରରେ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରାଧ୍ୟାପକ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ଉପଦେଷ୍ଟା ପ୍ରାଧ୍ୟାପକ ଖଗେଶ୍ୱର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ର ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପ ତଥା ବିଭିନ୍ନ ସ୍ତରରେ ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ ବିଷୟରେ ଅବଗତ କରିଥିଲେ। ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଅଶୋକ ପୂଜାରୀ ଯୋଗଦାନ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜ ଲକ୍ଷ୍ୟ ହାସଲ କରିବା ଦିଗରେ କଠିନ ପରିଶ୍ରମ କରିବାକୁ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବରେ ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ ଯୋଗ ଦେଇ ନିଜସ୍ୱ ହାସ୍ୟ କବିତାଗୁଡ଼ିକୁ ଗାନ କରି ସମସ୍ତଙ୍କୁ ଆନନ୍ଦିତ କରିବା ସଙ୍ଗେସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଜ୍ଞାବଦ୍ଧ ହୋଇ ଜୀବନରେ ଆସୁଥିବା ସମସ୍ୟାବଳୀକୁ ହସିହସି ସମ୍ମୁଖୀନ କରିବାପାଇଁ ପ୍ରେରଣା ଦେଇଥିଲେ। ପରିଶେଷରେ ସାଂସ୍କୃତିକ ସଂସଦ ଉପଦେଷ୍ଟା ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା ଡଃ ସରୋଜ କୁମାର ନାଏକ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରମୋଦ କୁମାର ତ୍ରିପାଠୀ, ପ୍ରମୋଦ କୁମାର ପାଣିଗ୍ରାହୀ, ତାରା ପ୍ରସାଦ ଶତପଥୀ, ନବକୃଷ୍ଣ ମିଶ୍ର, ଝୁନୁ ପରିଡ଼ା, ଶର୍ମିଳା ପଣ୍ଡା ଆଦିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଅନ୍ତର୍ଗତ ଝରିଗୁମା ପଞ୍ଚାୟତ ଘୁମରେଶ୍ୱର ଶୈବ ପୀଠ ପ୍ରାଙ୍ଗଣରେ ଶନିବାର ଦିବା ୧୨ ସମୟରେ ମହାଶିବରାତ୍ରି ନିମନ୍ତେ ପ୍ରସ୍ତୁତି ବୈଠକ ସଭାପତି ପିତାମ୍ବର ବିଶୋୟୀଙ୍କ ସଭାପତିତ୍ୱ ରେ ମନ୍ଦିର କମିଟିର ସମସ୍ତ ସଦସ୍ୟ ଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।



ଏହି ବୈଠକରେ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ଭିଡକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଜଳଯୋଗାଣ ,ସାଜସଜ୍ଜା, ଆଲୋକ ବ୍ୟବସ୍ଥା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଏହା ସହିତ ପୋଲିସ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗର ସାହାଯ୍ୟ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଚଳିତ ବର୍ଷ ମହାଶିବରାତ୍ରି ଦିନ ଅମରନାଥ ସେବା ସଂଘ ନବରଙ୍ଗପୁର ପକ୍ଷରୁ ଅନ୍ନ ପ୍ରସାଦ ମାଗଣାରେ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।ପ୍ରାୟ ୧୦ ହଜାର ଭକ୍ତ ଙ୍କ ପାଇଁ ଏହି ଅନ୍ନ ଭୋଗ ର ବ୍ୟବସ୍ଥା କରାଯିବ ବୋଲି ଅମରନାଥ ସେବା ସଂଘ କହିଛନ୍ତି। ଏହି ବୈଠକରେ ସମ୍ପାଦକ ପ୍ରମୋଦ କୁମାର ଦାସ, ଯୁବ ସରପଞ୍ଚ ମନମୋହନ ଦଳପତି, ଡାକ୍ତର ଅମରେଶ ମହାନ୍ତି,ହରି ନାୟକ,ପର୍ଶୁରାମ ବିଷୋୟୀ,କ୍ରୀଷ୍ଣା ରାଓ, ଭବାନୀ ବିଷୋୟୀ , କ୍ଷମାଶିଳ ମହାପାତ୍ର, ମେଘ ବିଷୋୟୀ, ଅନାମୁ ପ୍ରଧାନୀ, ପୂର୍ଣ୍ଣଚନ୍ଦ୍ର ଦଳପତି, ସତ୍ୟ ନାରାୟଣ ତରାସିଆ, କମଲୁ ପ୍ରଧାନୀ , ଲକ୍ଷ୍ମଣ ବିଷୋୟୀ ,ଉମା ହରିଜନ , ସତ୍ୟ ହରିଜନ, ଦାମ ବିଷୋୟୀ,ତ୍ରିନାଥ ନାୟକ,ହରେକୃଷ୍ଣ ଭତରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଥିଲେ । ଶେଷରେ ପର୍ଶୁରାମ ବିଷୋୟୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ ।


# 'ସୁବର୍ଣ୍ଣଦୀପ' ସଂପାଦକ ସମ୍ବର୍ଦ୍ଧିତ

ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ରୁ ନିରବଛିନ୍ନ ଭାବରେ ଦୀର୍ଘ ୩୦ ବର୍ଷ ହେଲା ପ୍ରକାଶିତ ହୋଇ ଆସୁଥିବା ଶିଶୁ କିଶୋର ପତ୍ରିକା ଯୁଗୋପଯୋଗୀ ସୁବର୍ଣ୍ଣଦୀପର ସଂପାଦକ ପ୍ରଦୀପ୍ତଭାନୁ ମହାନ୍ତିଙ୍କୁ ପ୍ରିୟପତ୍ରର ବାର୍ଷିକ ଉତ୍ସବ ପାଳନ ଅବସରରେ ପୁରୀ ଠାରେ ସମ୍ମାନୀତ କରାଯାଇଛି । ପତ୍ରିକାର ସଂପାଦକ ବିପିନ ବିହାରୀ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୈଳାସ ଚନ୍ଦ୍ର ଟିକାୟତ ରାୟ, ବିଜୟଲକ୍ଷ୍ମୀ ଦାଶ ମିଶ୍ର ଓ ଡ.ତୋଫାନ ଜେନା ମାନପତ୍ର ଉପଢୌକନ ଦେଇ ଶ୍ରୀମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସାରସ୍ୱତ ସମାରୋହରେ ରାଜ୍ୟର ବହୁ ସାରସ୍ୱତ ସାଧକ ଯୋଗଦାନ କରିଥିଲେ। ବରଗଡ଼ ଜିଲ୍ଲାର ବହୁ ଅନୁଷ୍ଠାନ ତଥା ସାହିତ୍ୟ ସାଧକମାନେ ପ୍ରଦୀପ୍ତଭାନୁ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।




# ଜିଲ୍ଲାପାଳଙ୍କ ଦ୍ୱାରା ସହରାଞ୍ଚଳ ଉନ୍ନୟନ ସଂସ୍ଥା କାର୍ଯ୍ୟ ସମୀକ୍ଷା

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦ ନୂଆପଡ଼ା, ଖରୀଆର ରୋଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏନ୍ ଏ ସି ନୂଆପଡାରେ ୩୯.୮୩ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ, ଜିମ୍ନାସିୟମ୍, ବଜାର , ଏକ କୋଟି ଅଠର ଲକ୍ଷ ଟଙ୍କାରେ ଧୂସର ଜଳ ପ୍ରକଳ୍ପ, ୪୦.୩୦ ଲକ୍ଷ ଟଙ୍କାରେ ଜଳଉତ୍ସ ମାନଙ୍କ ବିକାଶ, ୫୨.୦୫ ଲକ୍ଷ ଟଙ୍କାରେ ମୁକ୍ତା ଯୋଜନା, ୯୨.୫୩ଲକ୍ଷ ଟଙ୍କାରେ ରାସ୍ତା ଓ ପୋଲ ନିର୍ମାଣ ଅର୍ଥ



କମିଶନ୍ ର ୭କୋଟି ୮ଲକ୍ଷ ଅନୁଦାନ ଟଙ୍କାରେ ମୋ ପୋଖରୀ, ପରିମଳ ସୁଧାର ବ୍ୟବସ୍ଥା କରାଯିବ। ସେହିପରି ଖରିଆର ରୋଡ ଏନ୍ଏସି ରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଅତ୍ୟାଧୁନିକ ଶ୍ମଶାନ ଗୃହ- ୭୫.୦୦ ଲକ୍ଷ, ପକ୍କା ରାସ୍ତା ଓ ପେଭର ରାସ୍ତା ନିର୍ମାଣ:୧.୪୦ କୋଟି, ମଳ ଉପଚାର କେନ୍ଦ୍ର ୨.୫୦ କୋଟି, ସଂପଦ କେନ୍ଦ୍ର୧.୦୦ କୋଟି, ଜନତା ଶୌଚାଳୟ ଓ ଗୋଷ୍ଠୀ ଶୌଚାଳୟ ୪୦ ଲକ୍ଷ, ମୁକ୍ତା ଯୋଜନା ୨.୭୯ ଲକ୍ଷ, ମିଶନ ଶକ୍ତି ଗୃହ୧୮ ଗୋଟି ୧.୫ କୋଟି, ଅଙ୍ଗନବାଡି କେନ୍ଦ୍ର ୫ ଟି ୬୦ ଲକ୍ଷରେ,ବ୍ୟକ୍ତି ଗତ ଶୌଚାଳୟ ୧୨୦ ଟି ୧.୯୨ କୋଟି ଟଙ୍କା । ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ସମସ୍ତ କାର୍ଯ୍ୟ ଅତ୍ୟନ୍ତ ସ୍ୱଚ୍ଛତା ଓ ପାରଦର୍ଶିତା ସହ ସମୟ ସୀମା ମଧ୍ୟରେ ସମ୍ପନ୍ନ ହେବ। କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ପ୍ରତିଦିନ ନିଜେ ବୁଲି କେତୋଟି ୱାର୍ଡର ସଫେଇ, ଜଳ ନିଷ୍କାସନ ତଥା ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିବେ। ରାସ୍ତା ଉପରେ ଦୀର୍ଘ ଦିନ ଧରି କେହି ଗୃହ ନିର୍ମାଣ ସାମଗ୍ରୀ ଜମା କରିବେ ନାହିଁ। ସବୁ ଦୋକାନ ବଜାର ତଥା ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କରୁ ଠିକ୍ ଭାବରେ ଖଜଣା ଆଦାୟ ହେବ। ସହାରାଞ୍ଚଳ ର ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ୍ ଡାକ୍ତରଖାନା ସବୁ ଠିକ୍ ହିସାବରେ ଚାଲିବ। ସମସ୍ତଙ୍କ ପ୍ରଚେଷ୍ଟାରେ ସହର ମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି ତଥା ଗତିଶୀଳତା ପରିଦୃଷ୍ଟ ହେବ।

# ପୁଲୱାମା ସହିଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା




ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଠାରେ ପୁଲୱାମା ସହିଦଙ୍କ ସ୍ମୃତିରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଉଚ୍ଚ ବିଦ୍ୟାଳୟ ଛକରେ ପହଞ୍ଚିଥିଲା। ଏହି ଅବସରରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ସହିଦମାନଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ସରପଞ୍ଚ ବୈଦ୍ୟନାଥ ମିଶ୍ର, ଦେବକାନ୍ତ ପାଣିଗ୍ରାହୀ, ପବିତ୍ର ପଟେଲ, ଶୋଭନମୟ ମିଶ୍ର, ଆଶିଷ ସାହୁ, ଅଭୟ ତ୍ରିପାଠୀ ସମେତ ଶତାଧିକ ମହିଳା, ପୁରୁଷ, ଯୁବକ ସାମିଲ ହୋଇଥିବାବେଳେ ସାଇରାମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୋଲଗଡ (ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଡାବାଡ ସରସ୍ୱତୀ ଶିଶୁ ମନ୍ଦିରର ସପ୍ତଦଶ ସାମ୍ବତ୍ସରିକ ଓ ଦୀକ୍ଷାନ୍ତ ଉତ୍ସବ ଉଦଯାପିତ ହୋଇଛି ।ଏଥିରେ ଉପ ସଭାପତି ରାଜଶ୍ରୀ ପଣ୍ଡାଙ୍କ ଅଧକ୍ଷତା ଓ ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂଜିନିୟର ଅମୂଲ୍ୟ କୁମାର ବାହିନୀପତି ବିଶିଷ୍ଟ ଅତିଥି ଓ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିକ୍ଷା ଅନ୍ତର୍ନିହିତ ଗୁଣର ପରି ପ୍ରକାଶ କରିଥାଏ ବୋଲି ଅତିଥି ମାନେ ମତ ପ୍ରକାଶ କରିବା ସହ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।ସଭାର ପ୍ରାରମ୍ଭରେ ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଅତିଥି ପରିଚୟ ଓ ବିଦ୍ୱତ ପରିଷଦ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ପ୍ରଧାନ ଆଚାର୍ଯ୍ୟ ମନ ରଞ୍ଜନ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଓ ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର ସ୍ୱ ରଚିତ ସଙ୍ଗୀତ ପରିବେଷଣ କରିଥିଲେ। ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ପୁରସ୍କାର ବିତରଣରେ ସହଯୋଗ କରିଥିବା ବେଳେ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆଚାର୍ଯ୍ୟା ପ୍ରଣତି ମାନସିଂହ ବନ୍ଦେ ମାତରଂ ଓ ସୂଚନା ସହ ପରିଚାଳନା ସଦସ୍ୟ ସରୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉଦଘାଟନୀ ଉତ୍ସବରେ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧକ୍ଷତାରେ ଅବସରପ୍ରାପ୍ତ ଅଧକ୍ଷ ତଥା ସାହିତ୍ୟିକ ପ୍ରଫେସର ଡ଼ଃ ବୈରାଗୀ ଚରଣ ପଟ୍ଟନାୟକ ବିଶିଷ୍ଟ ଅତିଥି, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟଅତିଥି ଓ ଶିକ୍ଷା ବିକାଶ ସମିତିର ଖୋର୍ଦ୍ଧା ଜିଲ୍ଲା ପ୍ରମୁଖ ପଦ୍ମ ଚରଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ।



# ସତ୍ୟବାଦୀ ଓଡ଼ିଆ ନବଜାଗରଣ, ଜାତୀୟ ଚେତନାର କେନ୍ଦ୍ର: ମୁଖ୍ୟମନ୍ତ୍ରୀ



ପୁରୀ (ଭାସ୍କର ନ୍ୟୁଜ) : ଓଡ଼ିଆ ନବଜାଗରଣର ପୀଠ ହେଉଛି ସତ୍ୟବାଦୀ ଏବଂ ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ଓଡ଼ିଆ ଜାତୀୟ ଚେତନାର କେନ୍ଦ୍ର । ସତ୍ୟବାଦୀର ପଞ୍ଚସଖା ଥିଲେ ସମାଜର ଆଇନା ସଦୃଶ । ସେମାନେ ଶିକ୍ଷା ଦ୍ୱାରା ମାନବ ଜୀବନର ନୀତି ଆଦର୍ଶକୁ ପ୍ରତିଫଳନ କରାଇବା ସହିତ ଓଡ଼ିଶାର ବୌଦ୍ଧିକ ସ୍ୱତନ୍ତ୍ରତାର ବାର୍ତ୍ତାବହକ ଥିଲେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାକ୍ଷୀଗୋପାଳ ଠାରେ ସତ୍ୟବାଦୀ ମହୋତ୍ସବ ୨୦୨୫ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ।ସତ୍ୟବାଦୀର ଅସ୍ମିତା ଓ ଗୌରବକୁ ଆଧାର କରି ଏ ଅଞ୍ଚଳର ଆବଶ୍ୟକୀୟ ଭିତ୍ତିଭୂମି ଏବଂ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମଗ୍ର ଓଡ଼ିଶାକୁ ଶିକ୍ଷାର ଜ୍ୟୋତିରେ ଆଲୋକିତ କରୁଥିବା ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବନ ବିଦ୍ୟାଳୟର ପୁନରୁଦ୍ଧାର ପାଇଁ ଆମ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଏହି ବିଦ୍ୟାଳୟର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ବର୍ତ୍ତମାନର ପିଢ଼ିକୁ ଅବଗତ କରାଇବା ପାଇଁ ବକୁଳ ବନରେ ଏହାର ମୌଳିକ ଢାଞ୍ଚା ଅନୁରୂପ ଶିକ୍ଷା ପରିବେଶ ବିକଶିତ କରାଯିବ । ବକୁଳ ବନ ଓ ସତ୍ୟବାଦୀ ବନ ବିଦ୍ୟାଳୟର ପୁନରୁଦ୍ଧାର ଓ ବିକାଶ କରାଯାଇ ଏହାକୁ ଏକ ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ ବୋଲି ସେ କହିଥିଲେ ।ସେ ପୁଣି କହିଥିଲେ, ଏଥିସହିତ ସାକ୍ଷୀଗୋପାଳ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ମଧ୍ୟ ବିକାଶ କରାଯିବ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ସେ ସମୟରେ ଓଡ଼ିଶାର ଏକ ମଣିଷ ତିଆରି କାରଖାନା । ପଣ୍ଡିତ ଗୋପବନ୍ଧୁଙ୍କ ତତ୍ତ୍ୱାବଧାନରେ ଗୁରୁମାନଙ୍କ ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଫଳରେ ଏହି ବନ ବିଦ୍ୟାଳୟ ସମଗ୍ର ରାଜ୍ୟରେ ଏକ ଆଦର୍ଶ ଶିକ୍ଷାକେନ୍ଦ୍ର ଭାବରେ ପରିଗଣିତ ହେଉଥିଲା । ଏହି ବିଦ୍ୟାଳୟ ଛାତ୍ରମାନଙ୍କୁ ଚରିତ୍ରବାନ୍ ?, ସେବା ପରାୟଣ ଓ ସ୍ୱାର୍ଥତ୍ୟାଗୀ କରି ଗଢ଼ି ତୋଳୁଥିଲା ଫଳରେ ସେମାନେ ମାନବ ସେବାକୁ ପ୍ରକୃତ ସେବା ଭାବେ ଗ୍ରହଣ କରୁଥିଲେ । ସତ୍ୟବାଦୀ ମହୋତ୍ସବରେ ଯୋଗ ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ପରିଦର୍ଶନ କରି ଏହାର ଭିତ୍ତିଭୂମି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ବିଶ୍ୱ ବିଦ୍ୟାଳୟର କୁଳପତି, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ । ମହୋତ୍ସବରେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର ଉନ୍ନତି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସତ୍ୟବାଦୀ ଠାରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ତ୍ୱରାନିତ କରାଯିବ । ଏହାକୁ ଓଡ଼ିଆ ଭାଷା ସାହିତ୍ୟର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ । ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସତ୍ୟବାଦୀର ଇତିହାସକୁ ଅବତାରଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶ ସ୍ୱାଧୀନତାର ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ପଞ୍ଚସଖା ସତ୍ୟବାଦୀ ବନ ବିଦ୍ୟାଳୟ ପରିଚାଳନା କରିବା ସହିତ ନିଜ ନିଜ ଲେଖନୀ ଚାଳନା ବଳରେ ସ୍ୱାଧୀନତା ସଂଗ୍ରାମକୁ ମଧ୍ୟ ଏଠାରୁ ଇନ୍ଧନ ଯୋଗାଉଥିଲେ । ପ୍ରାଚୀନ ଗୁରୁକୁଳ ଆଦର୍ଶରେ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ଆଭିମୁଖ୍ୟ ରଖିଥିବା ଏହି ବନ ବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁଙ୍କ ଅଟଳ ମନୋବୃତ୍ତି, ନୀଳକଣ୍ଠଙ୍କ ସାଙ୍ଗଠନିକ ଶକ୍ତି, ଗୋଦାବରୀଶଙ୍କ ଶିକ୍ଷାଦାନର ଆଦର୍ଶ, କୃପାସିନ୍ଧୁଙ୍କ ଐତିହ୍ୟ ଓ ପରମ୍ପରା ପ୍ରତି ଅଗାଧ ବିଶ୍ୱାସ ଏବଂ ଆଚାର୍ଯ୍ୟ ହରିହରଙ୍କ ଋଷିପ୍ରାଣତା ଓ ପିତୃସୁଲଭ ବାତ୍ସଲ୍ୟ ମନୋଭାବ ଶିଷ୍ୟମାନଙ୍କୁ ବାନ୍ଧି ରଖିଥିଲା ଓ ଅନୁପ୍ରାଣିତ କରୁଥିଲା । ଓଡ଼ିଆ ଭାଷା ସାହିତ୍ୟକୁ ମଧ୍ୟ ସତ୍ୟବାଦୀର ଅବଦାନ ଅତୁଳନୀୟ । ସତ୍ୟବାଦୀ ସାହିତ୍ୟ ଥିଲା ଓଡ଼ିଆ ଜାତି ଗଠନର ପ୍ରେରଣା ଓ ପ୍ରୋତ୍ସାହନ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ୮ ମାସ ମଧ୍ୟରେ ଆମ ସରକାର ରାଜ୍ୟବାସୀଙ୍କ ପାଇଁ ଅନେକ କଲ୍ୟାଣକାରୀ ପଦକ୍ଷେପ ନେଇଛନ୍ତି । ସୁଭଦ୍ରା ଯୋଜନାରେ ୯୮ ଲକ୍ଷ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେଇଥିବା ୭୦ ରୁ ଊର୍ଦ୍ଧ୍ୱ ଦେଶରୁ ଆସିଥିବା ପ୍ରବାସୀ ଭାରତୀୟମାନଙ୍କୁ ପୁରୀର ସୌନ୍ଦର୍ଯ୍ୟ ବିମୋହିତ କରିଛି । ବିକଶିତ ଓ ସମୃଦ୍ଧ ଓଡ଼ିଶାର ଏକ ପ୍ରମୁଖ ଅଂଶ ପୁରୀ ଜିଲ୍ଲାର ବିକାଶରେ ସତ୍ୟବାଦୀର ପ୍ରମୁଖ ଭୂମିକା ରହିବ । ସତ୍ୟବାଦୀର ଅସ୍ମିତା ଓ ଗୌରବକୁ ଆଧାର କରି ଏ ଅଞ୍ଚଳର ଆବଶ୍ୟକୀୟ ଭିତ୍ତିଭୂମି ଓ ମୌଳିକ ସୁବିଧା ସୁଯୋଗର ବିକାଶ କରାଯାଇ ସତ୍ୟବାଦୀକୁ ବିକଶିତ ଓଡ଼ିଶା ଗଠନର ମୁଖ୍ୟ ସ୍ରୋତରେ ସାମିଲ କରାଯିବ । କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସତ୍ୟବାଦୀର ବିକାଶ ସହିତ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ପୁରଣ ଦିଗରେ ସମସ୍ତେ ମିଳିମିଶି କାମ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଆଦି ମହୋତ୍ସବ ଉଦ୍‌ଘାଟନ କଲେ ରାଷ୍ଟ୍ରପତି




ନୂଆଦିଲ୍ଲୀ: ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ଆଦିବାସୀ ମହୋତ୍ସବ ; ଆଦି ମହୋତ୍ସବକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଆଦିବାସୀ ଐତିହ୍ୟକୁ ଉଜାଗର କରିବା ତଥା ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି 'ଆଦି ମହୋତ୍ସବ'। ଏପରି ମହୋତ୍ସବ ଆଦିବାସୀ ସମାଜର ଉଦ୍ୟୋଗୀ, କାରିଗର ଏବଂ କଳାକାରମାନଙ୍କୁ ବଜାର ସହିତ ଯୋଡ଼ି ହେବାର ଏକ ଅନନ୍ୟ ସୁଯୋଗ ପ୍ରଦାନ। ଆଦିବାସୀ ସମାଜର ହସ୍ତଶିଳ୍ପ, ଖାଦ୍ୟ, ପୋଷାକ ଏବଂ ଅଳଙ୍କାର, ଚିକିତ୍ସା ପଦ୍ଧତି, ଘରୋଇ ଉପକରଣ ଏବଂ କ୍ରୀଡ଼ାକୁ ଆମ ଦେଶର ମୂଲ୍ୟବାନ ଐତିହ୍ୟ ହେବା ସହ ଏଗୁଡ଼ିକ ଆଧୁନିକ ଏବଂ ବୈଜ୍ଞାନିକ ସମ୍ମତ ବୋଲି ମଧ୍ୟ ରାଷ୍ଟ୍ରପତି କହିଛନ୍ତି। କାରଣ ସେମାନେ ପ୍ରକୃତି ସହିତ ସୁଗମ ସମନ୍ୱୟ ଏବଂ ଏକ ସ୍ଥାୟୀ ଜୀବନଶୈଳୀର ଆଦର୍ଶକୁ ପ୍ରତିଫଳିତ କରନ୍ତି ବୋଲି ସେ ମତ ରଖିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଆଦିବାସୀ ସମାଜର ସାମଗ୍ରିକ ବିକାଶ ପାଇଁ ଅନେକ ପ୍ରଭାବଶାଳୀ ପଦକ୍ଷେପ ନିଆଯାଇଛି। ଆଦିବାସୀ ବିକାଶ ବଜେଟକୁ ପାଞ୍ଚ ଗୁଣ ବୃଦ୍ଧି କରି ପ୍ରାୟ ଏକ ଲକ୍ଷ ପଚିଶ ହଜାର କୋଟି ଟଙ୍କା କରାଯାଇଛି। ଏହା ବ୍ୟତୀତ, ଆଦିବାସୀ କଲ୍ୟାଣ ବାବଦରେ ବଜେଟ ଆବଣ୍ଟନ ତିନି ଗୁଣ ବୃଦ୍ଧି ପାଇ ପ୍ରାୟ ୧୫ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଯେତେବେଳେ ଆଦିବାସୀ ସମାଜ ପ୍ରଗତି କରିବ, ସେତେବେଳେ ଆମ ଦେଶ ମଧ୍ୟ ପ୍ରକୃତ ଅର୍ଥରେ ପ୍ରଗତି କରିବ, ଏହା ହିଁ ହେଉଛି ଆଦିବସୀ ବିକାଶକୁ ଧ୍ୟାନ ଦେବା ପଛରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା। ଏହିକ୍ରମରେ ଆଦିବାସୀ ପରିଚୟକୁ ନେଇ ଗର୍ବିତ ଅନୁଭବ କରିବା ତଥା ଆଦିବାସୀ ସମାଜର ବିକାଶ ପାଇଁ ଦ୍ରୁତ ଗତିରେ ବହୁମୁଖୀ ପ୍ରୟାସ କରାଯାଉଛି। ଜନଜାତି ସମ୍ପ୍ରଦାୟର ଆର୍ଥିକ ସଶକ୍ତିକରଣ ଏବଂ ନିଯୁକ୍ତି ଦିଗରେ ଯଥେଷ୍ଟ ପ୍ରଗତି ହେଉଥିବା ଜାଣି ରାଷ୍ଟ୍ରପତି ଖୁସି ପ୍ରକାଶ କରିଥିଲେ। ଯେକୌଣସି ସମାଜର ବିକାଶରେ ଶିକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ସେ ମତବ୍ୟକ୍ତ କରିବା ସହ ଦେଶର ପ୍ରାୟ ୧ଲକ୍ଷ ୨୫ ହଜାର ଆଦିବାସୀ ପିଲା ୪୭୦ ରୁ ଅଧିକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ସେ କହିଥିଲେ। ଗତ ୧୦ବର୍ଷ ମଧ୍ୟରେ, ଆଦିବାସୀ ବହୁଳ ଅଞ୍ଚଳରେ ୩୦ଟି ନୂତନ ମେଡିକାଲ କଲେଜ ଆରମ୍ଭ ହୋଇଛି। ଆଦିବାସୀ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାର ସମାଧାନ ପାଇଁ ଏକ ନିର୍ଦ୍ଦିଷ୍ଟ ଜାତୀୟ ମିଶନ ଆରମ୍ଭ କରାଯାଇଛି। ଏହି ମିଶନ ଅଧୀନରେ, ୨୦୪୭ ସୁଦ୍ଧା ସିକଲ୍ ସେଲ୍ ଆନିମିଆକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆଜି ଉଦ୍ ?ଘାଟନ ହୋଇଥିବା 'ଆଦି ମହୋତ୍ସବ' ୨୪ ଫେବୃଆରୀ, ୨୦୨୫ ପର୍ଯ୍ୟନ୍ତ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମରେ ଚାଲିବ। ଆମ ଦେଶର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ଏବଂ ବିବିଧ ପାରମ୍ପରିକ ସଂସ୍କୃତିର ଏକ ଝଲକ ପ୍ରଦାନ କରିବା ଏହି ମହୋତ୍ସବର ଲକ୍ଷ୍ୟ।

## ୧୩ ସାଙ୍ଗଠନିକ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କଲା ବିଜେପି

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରବିବାର ବିଜେପିର ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୧୩ ସାଙ୍ଗଠନିକ ଜିଲ୍ଲାର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଅନୁଗୋଳ ପାଇଁ ଯଯାତି କେଶରୀ ପଟ୍ଟନାୟକ, ଭଦ୍ରକ ପାଇଁ ଭଗବାନ ପଣ୍ଡା, ଭୁବନେଶ୍ୱର ପାଇଁ ନିରଞ୍ଜନ ମିଶ୍ର, ଗଜପତି ପାଇଁ ନବକିଶୋର ଶବର, ଯାଜପୁର ପାଇଁ ଦେବଯାନି ପ୍ରଧାନ, ଝାରସୁଗୁଡ଼ା ପାଇଁ ରଘୁନନ୍ଦନ ପଣ୍ଡା, କନ୍ଧମାଳ ପାଇଁ ପଣ୍ଡିତ କୁମାର ବିସମାଝୀ। ଖୋର୍ଦ୍ଧା ପାଇଁ ବିଶ୍ୱରଞ୍ଜନ ବଡ଼ଜେନା, କୋରାପୁଟ ପାଇଁ ଶିବ ମୁଦୁଲି, ନୟାଗଡ଼ ପାଇଁ ତାପସରଞ୍ଜନ ମାର୍ଥା, ରାୟଗଡ଼ା ପାଇଁ ଗୋପୀ ଆନନ୍ଦ, ସୁବର୍ଣ୍ଣପୁର ପାଇଁ ବେଣୁଧର ଦାଶ ଏବଂ ରାଉରକେଲା ପାଇଁ ପୂର୍ଣ୍ଣିମା କେର୍କେଟାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି।

## ନୀଳଚକ୍ରରେ ଲାଗିଲା ନୂଆ ଅକ୍ଷୟ ଦଣ୍ଡ

ପୁରୀ (ଭାସ୍କର ନ୍ୟୁଜ) : ନୀଳଚକ୍ରରେ ଲାଗିଲା ନୂଆ ଅକ୍ଷୟ ଦଣ୍ଡ । ନୀଳଚକ୍ରରେ ନୂଆ ଅକ୍ଷୟ ଦଣ୍ଡ ଲଗାଇଛନ୍ତି ଚୂନରା ସେବାୟତ । ୧୭ ଫୁଟିଆ ନୂତନ ଅକ୍ଷୟ ଦଣ୍ଡ ସ୍ଥାପନ କରାଯାଇଛି ।ନୀଳଚକ୍ରରେ ଲାଗିଥିବା ଅକ୍ଷୟ ଦଣ୍ଡ, ପତିତପାବନ ବାନାକୁ ଧରି ରଖିଥିବା ବାଉଁଶ ଭାଙ୍ଗିଯାଇଥିଲା । ଗତକାଲି ଏଥିରେ ପତିତପାବନ ବାନା ବାନ୍ଧିବା ସମ୍ଭବପର ହୋଇନଥିଲା ।ଏଥିପାଇଁ ଗତକାଲି କେବଳ ନୀଳଚକ୍ରରେ ବାନା ବାନ୍ଧିଥିଲେ ଚୂନରା ସେବକ । ଏହା ପରେ ଆଜି ନୂତନ ଅକ୍ଷୟ ଦଣ୍ଡ ସ୍ଥାପନ କରାଯାଇଛି। ଅକ୍ଷୟ ଦଣ୍ଡ ପୁରୁଣା ହୋଇଗଲେ, ଏହାକୁ ବଦଳା ଯାଇଥାଏ । କିନ୍ତୁ ବିଗତ ଦିନ ମାନଙ୍କରେ ଏହା କେବେ ଭାଙ୍ଗିଯିବାର ଖବର ସାମ୍ନାକୁ ଆସିନଥିଲା । ସେପଟେ ଗତକାଲି ଭାଙ୍ଗିଯାଇଥିବା

## ପାଣିପାଗ ବିଭାଗର ସୂଚନା
# ୧୯ରୁ ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ୧୯ ତାରିଖରୁ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଏହି କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ୧୯ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର ଜିଲ୍ଲାର କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ ଓ ବାଲେଶ୍ୱରର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷାର ସମ୍ଭାବନା ରହିଛି। ତେବେ ୨୦ ତାରିଖରେ ବର୍ଷାର ପ୍ରଭାବ ସାମାନ୍ୟ ବୃଦ୍ଧି ପାଇବ। ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଏବଂ ବାଲେଶ୍ୱରରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ୨୧ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଗତ ଦୁଇଦିନ ମଧ୍ୟରେ ରାଜ୍ୟର ତାପମାତ୍ରା ହ୍ରାସ ପାଇଛି। ରବିବାର ସକାଳେ ୭.୪ ଡିଗ୍ରୀ ସହ ଜି. ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସ୍ଥାନଭାବେ ବିବେଚିତ ହୋଇଛି। ସେହିପରି କୋରାପୁଟର ଶିମିଳିଗୁଡ଼ାରେ ତାପମାତ୍ରା ୧୦.୨ ଡିଗ୍ରୀ ରହିଥିବାବେଳେ ଫୁଲବାଣୀରେ ୧୦.୫, ରାଉରକେଲାରେ ୧୧.୩ ଏବଂ ଝାରସୁଗୁଡ଼ାରେ ୧୧.୮ ଡିଗ୍ରୀ ଥିବା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭୁବନେଶ୍ୱରର ତାପମାତ୍ରା ୧୭.୪ ଡିଗ୍ରୀ ସେଲସିୟସ ରହିଛି, ଯାହା ସ୍ୱାଭାବିକଠାରୁ ୧.୮ ଡିଗ୍ରୀ କମ୍ ବୋଲି ବିଭାଗ କହିଛି। ତେବେ ଆସନ୍ତା ୩ ଦିନ ମଧ୍ୟରେ ଓଡ଼ିଶାରେ ରାତିର ତାପମାତ୍ରାରେ ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଶ୍ରୀମନ୍ଦିରରେ ଖୁବଶୀଘ୍ର ଲାଗିବ ଏଆଇ କ୍ୟାମେରା

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିରରେ ଖୁବଶୀଘ୍ର ଲଗାଯିବ ଅତ୍ୟାଧୁନିକ ଏଆଇ କ୍ୟାମେରା । ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ବେଶ ଗୁରୁତ୍ୱ ଦେଉଛନ୍ତି । ଶ୍ରୀମନ୍ଦିର ବାହାରେ ଏବଂ ଭିତରେ ୧୪ଟି ସ୍ଥାନରେ ଏଆଇ କ୍ୟାମେରା ସ୍ଥାପନ କରାଯିବ । ଯାହାଦ୍ୱାରା ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବା ଭକ୍ତଙ୍କ ଭିଡ ନିୟନ୍ତ୍ରଣ କରାଯିବା ସହ ଭକ୍ତମାନେ କିଭଳି ଶୃଙ୍ଖଳିତ ଦର୍ଶନ କରିପାରିବେ ସେନେଇ ଏଆଇ କ୍ୟାମେରା ଦ୍ୱାରା ପରିଚାଳନା କରାଯିବ । ଏହାକୁ ନେଇ ଖୁବଶୀଘ୍ର ଟେଣ୍ଡର ପ୍ରକ୍ରିୟା ଶେଷ ହେବ ଏବଂ ଶ୍ରୀମନ୍ଦିର ଭିତରେ ଏଆଇ କ୍ୟାମେରା ସ୍ଥାପନ କରାଯିବ । ସେପଟେ ଏଆଇ କ୍ୟାମେରା ସ୍ଥାପନକୁ ଭକ୍ତ ଓ ସେବାୟତ ସ୍ୱାଗତ କରିଥିବାବେଳେ ଶ୍ରୀମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବା ସହ ନାଟମଣ୍ଡପ ଭିତରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ କରାଇବାକୁ ଭକ୍ତ ଓ ସେବାୟତ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ।ଭିଡ଼ ନିୟନ୍ତ୍ରଣ କରିବ ଏଆଇ କ୍ୟାମେରା ଅତ୍ୟାଧୁନିକ ଏଆଇ କ୍ୟାମେରା ଦ୍ୱାରା ଫୁଟଫଲ କାଉଣ୍ଟିଂ କରାଯିବ । ଶ୍ରୀମନ୍ଦିରକୁ ଦୈନିକ କେତେ ଭକ୍ତ ଆସୁଛନ୍ତି ତାହା ଏହି ଫୁଟଫଲ କାଉଣ୍ଟିଂ ଜରିଆରେ ଜଣାପଡିବ। ସେହିପରି ଶ୍ରୀମନ୍ଦିର ଭିତରକୁ କେହି ଯଦି ବେଆଇନ ଭାବେ ମୋବାଇଲ ନେଉଛି ତା'କୁ ମଧ୍ୟ ଏହି ଏଆଇ କ୍ୟାମେରା ଚିହ୍ନଟ କରିପାରିବ । ଏହି କ୍ୟାମେରା ଦ୍ୱାରା ଶ୍ରୀମନ୍ଦିରରେ ଶୃଙ୍ଖଳା ଆସିବାର ଯଥେଷ୍ଟ ସମ୍ଭାବନା ରହିଛି । ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଭକ୍ତ ଓ ସେବାୟତ ଦାବି କରିଛନ୍ତି । ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ ମୁତୟନ କରିବା ଶ୍ରୀମନ୍ଦିର ଉପରେ ଉଡୁଥିବା ଡ୍ରୋନକୁ ଠାବ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ କାର୍ଯ୍ୟକାରୀ କରିବା । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୱାଚ୍ ଟାୱାରରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବା ପାଇଁ ଭକ୍ତ ଓ ସେବାୟତ ମହଲରେ ମତପ୍ରକାଶ ପାଇଛି । ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି ଆସନ୍ତା ୧୮ ତାରିଖରେ ଏଆଇ କ୍ୟାମେରା ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟା ଶେଷ ହେବ । ଏହାପରେ ଟେଣ୍ଡର ପାଇଥିବା ସଂସ୍ଥା ଶ୍ରୀମନ୍ଦିର ଭିତରେ ଓ ବାହାରେ ଏଆଇ କ୍ୟାମେରା ଲଗାଇବେ। କେଉଁ ସ୍ଥାନରେ କେତେ ଭକ୍ତଙ୍କ ଭିଡ ରହିଛି, ତାହା ଜଣାପଡ଼ିବ । ଏହାଦ୍ୱାରା ଭିଡକୁ ନିୟନ୍ତ୍ରଣ କରିବାରେ ସହଜ ହେବ। ଶ୍ରୀମନ୍ଦିର ଚାରି ଦ୍ୱାରରେ ଭକ୍ତଙ୍କୁ ସୂଚନା ପ୍ରଦାନ ପାଇଁ ସୂଚନା କେନ୍ଦ୍ର ହେବ । ଖୁବଶୀଘ୍ର ଭକ୍ତଙ୍କ ପାଇଁ ଛାଇ ବ୍ୟବସ୍ଥା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ହେବ ।

# ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସଭା

ବାଲୁଗାଁ ବାଣପୁର (ଭାସ୍କର ନ୍ୟୁଜ): ରବିବାର ଦିନ ହିନ୍ଦୁ ଏକତା ମଞ୍ଚ, ଭାରତ ବାଣପୁର ଶାଖା ଦ୍ୱାରା ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ଭଗବଦ ଗୀତା ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ସଂଗଠନ ର ସଭାପତି ପ୍ରଦୀପ୍ତ କୁମାର ଜେନା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଡକ୍ଟର ଚିନ୍ତାମଣି ମିଶ୍ର, ସତ୍ୟନାରାୟଣ ଷଡ଼ଙ୍ଗୀ, ରଙ୍ଗନାଥ ସେଠି, ଇଂ. ଶେଷଦେବ ବରାଳ,ପଣ୍ଡିତ ବାଲ୍ମୀକି ଦାସ, ସଞ୍ଜୟ କୁମାର ଦାଶ, ଅଧାପିକା ସୁଜାତା ମିଶ୍ର, ବ୍ରଜକିଶୋର ଜେନା ପ୍ରଭୃତି ଯୋଗ ଦେଇ ଭଗବଦ ଗୀତା ର ମହାତ୍ମ୍ୟ ଓ ଏହା ମାନବ ଜୀବନ ପାଇଁ କେତେ ମୂଲ୍ୟବାନ, ସେ ସମ୍ପର୍କରେ ମତ ରଖିଥିଲେ। ସଭାପତି ଶ୍ରୀ ଜେନା ସଂଗଠନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ବାଣପୁର ପାଇଁ ଏକ କମିଟି ଘୋଷଣା କରିଥିଲେ। କୃତି ଛାତ୍ର ଛାତ୍ରୀ ମାନେ ଅତିଥିମାନଙ୍କ ଠାରୁ ପ୍ରମାଣପତ୍ର, ଗୀତା ବହି ଓ ଟ୍ରଫି ଗ୍ରହଣ କରିବା ପରେ ଅଧାପିକା ସୁସ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାର୍ଚ୍ଚ ୨୨ରୁ...

ଆଇପିଏଲରେ ୧୩ଟି ସହରର ୧୦ଟି ଦଳ ମଧ୍ୟରେ ନକ୍‌ଆଉଟ୍ କିମ୍ବା ପ୍ଲେଅଫ୍ ମ୍ୟାଚ୍‌କୁ ମିଶାଇ ମୋଟ ୭୪ଟି ମ୍ୟାଚ୍ ଖେଳାଯିବ। ମାର୍ଚ୍ଚ ୨୨ରୁ ମଇ ୧୮ ପର୍ଯ୍ୟନ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ପାଇଁ ୧୩ଟି ସହର ନିର୍ବାଚିତ କରାଯାଇଛି। ସେଗୁଡ଼ିକ ମଧ୍ୟରେ ଲକ୍ଷ୍ନୌ, ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ବିଶାଖାପାଟଣା, ଗୌହାଟୀ, ବେଙ୍ଗାଲୁରୁ, ନ୍ୟୁଚଣ୍ଡିଗଡ଼, ଜୟପୁର, ଦିଲ୍ଲୀ, କୋଲକାତା ଏବଂ ଧର୍ମଶାଳା ରହିଛି। ଏହି ମ୍ୟାଚ୍‌ରେ ମୋଟ ୧୨ଟି ଡବଲ ହେଡର ମ୍ୟାଚ୍ ଖେଳାଯିବ ଅର୍ଥାତ୍ ଗୋଟିଏ ଦିନରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ।

### ଉଚ୍ଚସ୍ତରୀୟ ତଦନ୍ତ...

ସ୍ୱତନ୍ତ୍ର ଟ୍ରେନ୍ ପ୍ରୟାଗରାଜ ଏକ୍ସପ୍ରେସ ୧୪ ନମ୍ବର ପ୍ଲାଟଫର୍ମରୁ ଛାଡ଼ିବାର ସମୟ ମଧ୍ୟ ହୋଇ ଆସୁଥିଲା। ପ୍ରୟାଗରାଜ ଏକ୍ସପ୍ରେସରେ ଯିବାପାଇଁ ୧୫୦୦ରୁ ଅଧିକ ଜେନେରାଲ ଟିକେଟ ବିକ୍ରି ହୋଇଥିଲା। ଏହା ଷ୍ଟେସନର ଭିଡ଼କୁ ବଢାଇ ଦେଇଥିଲା। ପ୍ରୟାଗରାଜ ଏକ୍ସପ୍ରେସରେ ଯିବାପାଇଁ ଟିକେଟ କରିଥିବା ଯାତ୍ରୀମାନେ ୧୪ ନମ୍ବର ପ୍ଲାଟଫର୍ମକୁ ଆସିଥିଲେ। ପୂର୍ବରୁ ୧୩ ଓ ୧୪ ନମ୍ବର ପ୍ଲାଟଫର୍ମରେ ଭିଡ଼ ଜମିଥିବାବେଳେ ପ୍ରୟାଗରାଜ ଯିବାକୁ ଥିବା ଯାତ୍ରୀମାନେ ସେଠାକୁ ଆସିବା ଯୋଗୁ ଭିଡ଼ ଅଧିକ ହୋଇଯାଇଥିଲା। ଫଳରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ପ୍ରତ୍ୟକ୍ଷ ଦର୍ଶୀ କହିଛନ୍ତି ଯେ ୧୩ ଓ ୧୪ ନମ୍ବର ପ୍ଲାଟଫର୍ମରେ ପ୍ରବଳ ଭିଡ଼ ହୋଇଥିବାବେଳେ ସେତିକିବେଳେ ପ୍ରଚାର ହେଲା ଯେ ୧୪ ନମ୍ବର ପ୍ଲାଟଫର୍ମରେ ଆସିବାକୁ ଥିବା ପ୍ରୟାଗରାଜ ଏକ୍ସପ୍ରେସ ୧୬ ନମ୍ବର ପ୍ଲାଟଫର୍ମରେ ଆସିବ । ଏହାପରେ ଲୋକେ ୧୬ ନମ୍ବରକୁ ଯିବାପାଇଁ ପ୍ରସ୍ତୁତ ହେଉଥିବାବେଳେ ଦଳାଚକଟା ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ନୂଆଦିଲ୍ଲୀ ଓ ବିହାରର ଅଧିକାଂଶ ଯାତ୍ରୀ ଥିବା କୁହାଯାଉଛି। ବିହାର ବକ୍ସରର ଆହା ଦେବୀ, ଦିଲ୍ଲୀ ସଂଗମ ବିହାରର ପିଙ୍କି ଦେବୀ, ଦିଲ୍ଲୀ ସରିତା ବିହାରର ଶିଲା ଦେବୀ, ଦିଲ୍ଲୀ ବଭାନାର ବ୍ୟୋମ, ବିହାର ସାରଣର ପୁନମ ଦେବୀ, ବିହାର ପରନାରର ଲଳିତା ଦେବୀ, ବିହାର ମୁଜାଫରପୁରର ସୁରୁଚି, ବିହାର ସମସ୍ତିପୁରର କୃଷ୍ଣା ଦେବୀ, ସମସ୍ତିପୁରର ବିଜୟ ଶାହା, ବିହାର ବୈଶାଳୀର ନୀରଜ, ବିହାର ନଭାଦାର ଶାନ୍ତି ଦେବୀ, ନଭାଦାର ପୂଜା କୁମାର, ହରିଆଣା ଭିୱାନିର ସଂଗୀତା ମଲ୍ଲିକ, ମହାବୀର ଏନକ୍ଲେଭର ପୁନମ, ଦିଲ୍ଲୀ ନାଙ୍ଗଲୋଇର ମମତା ଝା, ସାଗରପୁରର ରିୟା ସିଂ, ବିଜଭାସନର ବେବି କୁମାରୀ ଓ ନାଙ୍ଗଲୋରର ମନୋଜ କୁଶବାହ ରହିଛନ୍ତି।

## ଦଳାଚକଟା ଘଟଣାକୁ ନେଇ ଧର୍ମେନ୍ଦ୍ରଙ୍କ ଦୁଃଖ ପ୍ରକାଶ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ନୂଆଦିଲ୍ଲୀ ରେଳ ଷ୍ଟେସନରେ ଘଟିଥିବା ଦୁର୍ଘଟଣାକୁ ନେଇ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଦୁଖ ବ୍ୟକ୍ତ କରିଛନ୍ତି । ସେ ସୋସିଆଲ୍ ମିଡିଆରେ ଲେଖିଛନ୍ତି, ' ନୂଆଦିଲ୍ଲୀ ରେଳ ଷ୍ଟେସନରେ ଘଟିଥିବା ଦୁର୍ଘଟଣାକୁ ନେଇ ମନ ବ୍ୟଥିତ । ଏହି ଦୁର୍ଘଟଣାରେ ଜୀବନ ହାରାଇଥିବା ଲୋକଙ୍କର ପରିବାର ସଦସ୍ୟଙ୍କ ପ୍ରତି ସମ୍ବେଦନା ଜଣାଉଛି। ମହାଦେବ ଦିବଙ୍ଗତ ଆତ୍ମାଙ୍କୁ ସଦ୍ଗତି ପ୍ରଦାନ କରନ୍ତୁ ଏବଂ ଆହତ ଲୋକମାନେ ଶୀଘ୍ର ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରନ୍ତୁ।

## ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଘଟିଥିବା ଦୁର୍ଘଟଣାକୁ ନେଇ ଗଭୀର ଶୋକ ପ୍ରକଟ କରିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ, ସେ ଏହି ଦୁଃଖଦ ଘଟଣାରେ ତାଙ୍କର ପ୍ରିୟଜନଙ୍କୁ ହରାଇଥିବା ପରିବାରମାନେ ପ୍ରତି ତାଙ୍କର ସମ୍ବେଦନା ଜଣାଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, 'ନୂଆଦିଲ୍ଲୀ ରେଳ ଷ୍ଟେସନରେ ଘଟିଥିବା ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଯାଇଥିବା ଶୁଣି ମୁଁ ଦୁଃଖିତ। ଶୋକ ସନ୍ତପ୍ତ ପରିବାରମାନେ ପ୍ରତି ମୋର ସମ୍ବେଦନା। ମୁଁ ଆହତ ବ୍ୟକ୍ତିମାନଙ୍କର ଶୀଘ୍ର ଆରୋଗ୍ୟ ପ୍ରାର୍ଥନା କରୁଛି ।'

# ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ କର୍ମଶାଳା



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷାବ୍ଲକ ଅନ୍ତର୍ଗତ ୨୮ଟି ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ମାନଙ୍କ ମିଳିତ ସହଯୋଗରେ ଓ କ୍ରୀଡା ସଂଗଠନର ସମ୍ପାଦକ ମାନସ କୁମାର ବେହେରାଙ୍କ ସଭାପତିତ୍ୱରେ ରବିବାର ଦିନ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ କର୍ମଶାଳା ବୋଲଗଡସ୍ଥିତ ମା' ଭୂଇଁଆଣୀ ଶକ୍ତିପୀଠରେ ଅନୁଷ୍ଠିତ ହୋଇ ଯାଇଛି । ଏହି କ୍ରୀଡା ସଂଗଠନ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବୋଲଗଡ ଗୋଷ୍ଠୀ ଶିକ୍ଷାଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସନାଥ ସ୍ୱାଇଁ ଓ ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧାଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଦିଲ୍ଲିପ କୁମାର ମୋଦୀ , ଖୋର୍ଦ୍ଧାଜିଲ୍ଲା ଖେଳ ସଂଗଠନ ସମ୍ପାଦକ କାଳିଚରଣ ମୁଖୀ , ଭୁବନେଶ୍ୱର ଖେଳ ସଂଗଠନ ସମ୍ପାଦକ ଅଜୟ କୁମାର ତୁଙ୍ଗସାମନ୍ତ, ବେଗୁନିଆ ଖେଳ ସଂଗଠନ ସମ୍ପାଦକ ପ୍ରଭାତ କୁମାର ନିଶଙ୍କ ପ୍ରମୁଖ ଯୋଗ ଦେଇଥିଲେ । କର୍ମଶାଳାର ପ୍ରାରମ୍ଭରେ ସଭାପତି ମାନସ କୁମାର ବେହେରା ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ଖେଳ ଶିକ୍ଷକ ରମେଶଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପଠନ କରି ବିଦାୟୀ ଖେଳ ଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦଙ୍କ ମାନପତ୍ର ପଠନ କରିଥିଲେ । କ୍ରୀଡା ଶରୀରକୁ ସୁସ୍ଥ ଓ ନୀରୋଗ ରଖିଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ବଳବନ୍ତରାୟ ଖେଳ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ । ବୋଲଗଡ ଶିକ୍ଷାବ୍ଲକ ଅଧିନରେ ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ସ୍ଥାପନ କରାଯାଇଥିବାରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସନାଥ ସ୍ୱାଇଁ ଉଚ୍ଚ ପ୍ରଶଂସା କରିଥିଲେ । ଯଦି ବୋଲଗଡ ଶିକ୍ଷାବ୍ଲକରେ ସମସ୍ତ ଖେଳ ଶିକ୍ଷକ ମାନଙ୍କର ଏକତା , ସହଯୋଗ , ସଂଗଠନ ଓ ସମନ୍ୱୟ ରହିଲେ ପ୍ରତ୍ୟେକ କ୍ରୀଡାର ବିକାଶ ହୋଇପାରିବ ବୋଲି ମୁଖ୍ୟ ବକ୍ତା ଶ୍ରୀସ୍ୱାଇଁ ସୂଚନା ଦେଇଥିଲେ । ଧଳାପଥର- କଳାପଥର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଖେଳ ଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦଙ୍କୁ ଫୁଲତୋଡା , ଉତ୍ତରୀୟ ଓ ମାନପତ୍ର ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ଭଗବତ ପ୍ରସାଦ ପାଣ୍ଡେ , ରଜନୀ ପୃଷ୍ଟି , ପଦ୍ମଚରଣ ବିଶୋଇ ଓ ଖେଳ ଶିକ୍ଷୟିତ୍ରୀ ସୌଦାମିନୀ ବେହେରା ଙ୍କ ସମେତ ୪୦ଜଣ ଖେଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରି ପରିଚାଳନା କରିଥିଲେ ।

## ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ସୂଚନା

କଳାହାଣ୍ଡି ଜିଲ୍ଲାରେ ଖାଲି ପଡିଥିବା ଗୃହରକ୍ଷୀ ପଦବୀ ପୂରଣ ନିମନ୍ତେ କୁଶଳ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ଠାରୁ ନୂତନ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଗୁଡିକ ଦୁର୍ଗପତି, ଗୃହରକ୍ଷୀ ବାହିନୀ, କଳାହାଣ୍ଡିଙ୍କ କାର୍ଯ୍ୟାଳୟରେ ତା.୧୫.୦୨.୨୦୨୫, ଠାରୁ ତା.୦୧-୦୩-୨୦୨୫ ତାରିଖ ସୁଦ୍ଧା ପହଞ୍ଚିଯିବା ଆବଶ୍ୟକ। ବିଶେଷ ବିବରଣୀ କଳାହାଣ୍ଡି ଜିଲ୍ଲାର ସମସ୍ତ ଥାନା/ଫାଣ୍ଡିମାନଙ୍କରେ ଉପଲବ୍ଧ ଅଛି ।

**ଅଭିଲାଷ ଜି (ଭା.ପୋ.ସେ)**
**ଦୁର୍ଗପତି, ଗୃହରକ୍ଷୀ ବାହିନୀ,କଳାହାଣ୍ଡି**

## ନୋଟିସ୍/ବିଜ୍ଞପ୍ତି

ଅକ୍ଳେଶ ସାମଲ ପିତା ଅମରେନ୍ଦ୍ର ସାମଲ, ଗ୍ରାମ-ବାହାଦୁରନଗର, ପୋଷ୍ଟ-ଚାରିନଙ୍ଗଲ, ଥାନା-ବାଲିଚନ୍ଦ୍ରପୁର, ଜିଲ୍ଲା-ଯାଜପୁର ଦର୍ଶାଇଛନ୍ତି ଯେ, ଆର.ଏସ.ଡ଼ି ତାରିଖ ୨୮.୦୬.୧୯୯୬ରେ ନବ କିଶୋର ରାଉତ ଏବଂ ତାଙ୍କ ପତ୍ନୀ ଦ୍ରୌପଦୀ ରାଉତ, ଗ୍ରାମ- ଜିଆଗୋରଡ଼ା, ପୋଷ୍ଟ-ଶାଳପଡ଼ା, ଥାନା-ବଡ଼ଚଣା, ଜିଲ୍ଲା-ଯାଜପୁର, ଅଲେଖ ଚନ୍ଦ୍ର ଧିର, ପିତା ଜୟଦେବ ଧିର ଏବଂ ପତ୍ନୀ ପ୍ରତିମା ଧିର, ଗ୍ରାମ- ଅଞ୍ଜିରା, ପୋଷ୍ଟ-ସରଗଡ଼ା ମୁକୁନ୍ଦପୁର, ଥାନା-ଧର୍ମଶାଳା, ଜିଲ୍ଲା-ଯାଜପୁର ମୌଜା ତିଳପଦାର ଖାତା ନଂ ୯୬, ପ୍ଲଟ ନଂ ୬୭୪ ଏ.୦.୩୪୦ଡ଼ି, ପ୍ଲଟ ନଂ ୫୩୪ ଏ୦.୦୨୦ଡ଼ି ଏବଂ ପ୍ଲଟ ନଂ ୫୩୮ ଏ୦.୨୨୦ଡ଼ି ଏବଂ ମୂଳ ଆର.ଓ.ଆର ଖାତା ନଂ ୯୬ର ପ୍ଲଟ ନଂ ୬୭୪ ଏ୦.୩୪୦ଡ଼ି, ପ୍ଲଟ ନଂ ୫୩୪ ଏ୦.୦୨୦ଡ଼ି ଏବଂ ପ୍ଲଟ ନଂ ୫୩୮ଉପରଲିଖିତ କ୍ରେତା ଅଲେଖ ଚନ୍ଦ୍ର ଧିର ଓ ପତ୍ନୀ ପ୍ରତିମା ଧିରଙ୍କୁ ମ୍ୟୁଟେସନ୍ କେଶ ନଂ ୧୪୦୬/୨୦୦୬ ଏବଂ ୧୭୩୭/୨୦୧୬ ମ୍ୟୁଟେସନ୍ କେଶ ଦ୍ୱାରା ପ୍ରସ୍ତୁତ ଏବଂ ପ୍ରଦାନ କରାଯାଇଥିବାରୁ ମୁଁ ମୋ ଅଧିନ/ଅଧିକାରରୁ ବଞ୍ଚିତ ହୋଇଅଛି। ଯାହା ମୋ ଦ୍ୱାରା ଲିଖିତ ଭାବେ ବାଲିଚନ୍ଦ୍ରପୁର ଥାନା ଦୈନିକ ବିବରଣୀ (ଜି.ଡ଼ି କେଶ ନଂ ୧୦/୦୬.୦୨.୨୦୨୫)ରେ ବାଲିଚନ୍ଦ୍ରପୁର ଥାନାରେ ପଞ୍ଜିକରଣ କରାଯାଇଛି। ଉପରୋକ୍ତ ବର୍ଣ୍ଣିତ ଆର.ଏସ.ଡ଼ି ଏବଂ ଆର.ଓ.ଆର ର (ମୂଳ) ପ୍ରକୃତ ଦସ୍ତାବିଜ ବଦଳରେ ମୁ ତାହାର ସମାନ ମୂଲ୍ୟର ବନ୍ଧକ/ଦାବିପତ୍ର/ସିକ୍ୟୁରିଟି ରେ ଋଣ କୌଣସି ବ୍ୟାଙ୍କ, ଅର୍ଥ ପ୍ରଦାନକାରୀଙ୍କ ପାଖରେ ବନ୍ଧକ ଦେଇ କୌଣସି ଅଗ୍ରୀମ/ଋଣ ଗ୍ରହଣ କରିନାହିଁ। ଯଦି କୌଣସି ବ୍ୟକ୍ତି ବିଶେଷ, ବ୍ୟାଙ୍କ, ଅର୍ଥପ୍ରଦାନକାରୀ ସଂସ୍ଥା ଉଲ୍ଲିଖିତ ଆର.ଏସ.ଡ଼ି ଏବଂ ଆର.ଓ.ଆର ର ଓରିଜିନାଲ (ମୂଳ ଲିପି) ବ୍ୟବହାର କରି ସିକ୍ୟୁରିଟି (ଅମାନତ) ଦେଇ ଅଗ୍ରୀମ ଋଣ ଗ୍ରହଣ କରିଥାନ୍ତି ତାହା ଶାଖା ପରିଚାଳକ ବ୍ୟାଙ୍କ ଅଫ ବରୋଦା, ପତରାଜପୁରଙ୍କୁ ଅବଗତ କରିବାକୁ ଅନୁରୋଧ କରାଯାଇଛି। ମୁଁ ପୂର୍ବରୁ ବର୍ଣ୍ଣିତ ଉକ୍ତ ଆର.ଓ.ଆର ଏବଂ ଆର.ଏସ.ଡ଼ି ର ସାର୍ଟିଫାଏଡ଼ ନକଲ ଋଣ ପ୍ରଦାନ ପାଇଁ ଦାଖଲ କରିଅଛି। ଏହି ନୋଟିସ୍/ବିଜ୍ଞପ୍ତୀ ପ୍ରକାଶନର ଏକ ମାସ ମଧ୍ୟରେ ଯଦି କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ତରଫରୁ ଏହା ବିରୁଦ୍ଧରେ କୌଣସି ଅଭିଯୋଗ ଦାଖଲ କରାନଯାଏ ଏହି ସମ୍ପତ୍ତି ଉପରେ କାହାର ଅଧିକାର ରହିବନାହିଁ ବୋଲି ପ୍ରମାଣିତ ହେବ।

**ଅକ୍ଳେଶ ସାମଲ**
**ମୋ-୮୦୫୦୩୯୮୦୭୮**



ପାଟନା : ନୂଆଦିଲ୍ଲୀ ରେଳ ଷ୍ଟେସନରେ ହୋଇଥିବା ଦଳାଚକଟାରେ ୧୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଗୁରୁତର ହୋଇଥିଲେ। ଆହତମାନଙ୍କ ଦିଲ୍ଲୀର ଲେଡି ହାର୍ଡିଂ ଓ ଏଲଏନଜିପି ହସ୍ପିଟାଲରେ ଚିକିତ୍ସି ହେଉଛନ୍ତି। ଶନିବାର ରାତିରେ ଏହି ଘଟଣା ଦିଲ୍ଲୀ ଷ୍ଟେସନର ୧୪ ଓ ୧୬ ନମ୍ବର ପ୍ଲାଟଫର୍ମରେ ହୋଇଥିଲା। ବିହାର ଆରଜେଡି ମୁଖ୍ୟ ତଥା ପୂର୍ବତନ କେନ୍ଦ୍ର ରେଳ ମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ନୂଆଦିଲ୍ଲୀ ରେଳ ଷ୍ଟେସନ ଘଟଣାକୁ ଦୁର୍ଭାଗ୍ୟପୂର୍ଣ୍ଣ କହିଛନ୍ତି। ଲାଲୁ କହିଛନ୍ତି ଯେ କୁମ୍ଭମେଳାରେ ସ୍ନାନ କରିବା ପାଇଁ ଜାତୀୟ ରାଜଧାନୀରେ ଏତେବଡ଼ ଦୁର୍ଘଟଣା ଘଟିଯାଇଛି। କୁମ୍ଭ ମେଳା ଏକ ଫାଲତୁ କଥା, ଏହାର କୌଣସି ଯଥାର୍ଥତା ନାହିଁ। ଲୋକେ ଏଥିରେ ସ୍ନାନ କରିବା ପାଇଁ ଜୀବନକୁ ବିପଦରେ ପକାଇବା ବାସ୍ତବିତ ଦୁର୍ଭାଗ୍ୟଜନକ। ଦଳାଚକଟା ମୃତକଙ୍କୁ ଲାଲୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ଘଟଣା ପାଇଁ ଲାଲୁ ରେଳବାଇକୁ ଦାୟି କରିଛନ୍ତି।

## ୧୯ରେ ବୁଡ ପକାଇବେ ରାହୁଲ ଏବଂ ପ୍ରିୟଙ୍କା



ନୂଆଦିଲ୍ଲୀ: ୧୯ ତାରିଖରେ ମହାକୁମ୍ଭରେ ବୁଡ ପକାଇବେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ଭଉଣୀ ପ୍ରିୟଙ୍କା ଗାନ୍ଧୀ। ଏନେଇ କଂଗ୍ରେସ ନେତା ଅଜୟ ରାୟ ବଡ ଖୁଲାସା କରିଛନ୍ତି। ଅଜୟ ଆହୁରି ମଧ କହିଛନ୍ତି, ପ୍ରିୟଙ୍କା ଗାନ୍ଧୀ ପୂର୍ବରୁ ମଧ କୁମ୍ଭ ପରିଦର୍ଶନ କରିଛନ୍ତି। ପ୍ରିୟଙ୍କା ଗାନ୍ଧୀଙ୍କ ପୂର୍ବରୁ ଆମର ଅନେକ ନେତା କୁମ୍ଭ ଯାଇଛନ୍ତି। ମହାକୁମ୍ଭରେ ସ୍ନାନ କରିବା ପାଇଁ ସାରା ବିଶ୍ୱରୁ ଭକ୍ତମାନେ ପ୍ରୟାଗରାଜରେ ପହଞ୍ଚିଛନ୍ତି। ଏହା ୨୬ ମାର୍ଚ୍ଚରେ ଶେଷ ହେବ। ଏହାବ୍ୟତୀତ ଅଜୟ ରାୟ ଦିଲ୍ଲୀ ରେଳ ଷ୍ଟେସନରେ ଘଟିଥିବା ଦଳାଚକଟା ଘଟଣାକୁ ନେଇ ମଧ ବିଜେପି ସରକାରଙ୍କୁ ଘେରିଛନ୍ତି। ଏହା ଏକ ଦୁଃଖଦ ଘଟଣା। ଏଥିପାଇଁ ସରକାର ଦାୟୀ। ତୁମେ ସମସ୍ତଙ୍କୁ ଡାକିଲ, କିନ୍ତୁ କୌଣସି ବ୍ୟବସ୍ଥା ନାହିଁ। ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ଅଜୟ ଦାବି କରିଛନ୍ତି। ସେପଟେ ବିଜେପି ଏହାକୁ ଏକ ନାଟକ ବୋଲି କହିଛି। ରାହୁଲ ଗାନ୍ଧୀ ମହାକୁମ୍ଭ ଯିବା ଆଲୋଚନାକୁ ନେଇ ରାଜନୈତିକ ବୟାନବାଜି ତୀବ୍ର ହୋଇଥିବା ବେଳେ ବିଜେପି ନେତାମାନେ କହିଛନ୍ତି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ସଙ୍ଗମ ଯାଉଛନ୍ତି।

# ଦିବ୍ୟାଙ୍ଗଜନଙ୍କ ସାମୂହିକ ବିବାହ ସମାରୋହରେ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କଲେ ବିଷ୍ଣୁଦେବ




ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ଅଖିଳ ଭାରତୀୟ ବିକଳାଙ୍ଗ ଚେତନା ପରିଷଦ ଦ୍ୱାରା ଆୟୋଜିତ ଦିବ୍ୟାଙ୍ଗଜନ ସାମୂହିକ ବିବାହ ସମାରୋହରେ ଯୋଗଦେଇ ୩୧ ଯୋଡ଼ା ଦିବ୍ୟାଙ୍ଗ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସମସ୍ତ ବିବାହିତ ଦମ୍ପତିଙ୍କ ସୁଖି, ବୈବାହିକ ଜୀବନ କାମନା କରିବା ସହ ସାମାଜିକ କ୍ଷେତ୍ରରେ ଏହା ଦିବ୍ୟାଙ୍ଗଜନଙ୍କ ପାଇଁ ଏକ ପ୍ରକୃଷ୍ଟ ଉଦାହରଣ ବୋଲି କହିଥିଲେ। ଶ୍ରୀ ସାଏ କହିଥିଲେ ସ୍ୱାମୀ ବିବେକାନନ୍ଦ କହିଥିଲେ ମଣିଷଙ୍କ ସେବା ହେଉଛି ନାରାୟଣ ସେବା। ଏହି ଆୟୋଜନ ଦେବତୁଲ୍ୟ ଦିବ୍ୟାଙ୍ଗଜନଙ୍କ ସେବାର ଏକ ଉତ୍କୃଷ୍ଟ ଉଦାହରଣ। ଏହି ପରିଷଦ ଦ୍ୱାରା ବିଗତ ବର୍ଷମାନଙ୍କରେ ଅନେକ ବିବାହ ଉତ୍ସବ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହା ଆମ ସମାଜ ପାଇଁ ଏକ ସକରାତ୍ମକ ବାର୍ତ୍ତା ଦେବ ବୋଲି ଶ୍ରୀ ସାଏ କହିଥିଲେ। ସେ ଆହୁରି କହିଥିଲେ ଯେ, ଦେଶ ସେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦିବ୍ୟାଙ୍ଗଜନଙ୍କ ସେବା ଏକ ସାମାଜିକ ଦାୟିତ୍ୱ ନୁହେଁ ବରଂ ସବୁଠାରୁ ବଡ ପୁଣ୍ୟ କାର୍ଯ୍ୟ। ୩୧ ଯୋଡା ନବଦମ୍ପତି ଦିବ୍ୟାଙ୍ଗ ଯୋଡି ସେମାନଙ୍କ ଦାମ୍ପତ୍ୟ ଜୀବନ ସଫଳତାର ସହ ନିର୍ବାହ କରିବେ ବୋଲି ଶ୍ରୀ ସାଏ କହିବା ସହ ପ୍ରତ୍ୟେକ ଯୋଡିଙ୍କୁ ୫୦ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ଯଦି ପତିପତ୍ନୀ ଉଭୟ ଦିବ୍ୟାଙ୍ଗ ହୋଇଥାନ୍ତି ତେବେ ସେ କ୍ଷେତ୍ରରେ ୧ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଶ୍ରୀ ସାଏ କହିଥିଲେ। ସେ କହିଥିଲେ ମୋ ସରକାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆରମ୍ଭ କରିଛନ୍ତି। ମହିଳାମାନେ ସଶକ୍ତ ହେଲେ ଦେଶର ବିକାଶ ସମ୍ଭବ ବୋଲି ସେ କହିଥିଲେ।

## ତାମିଲନାଡୁକୁ ଫେରିଲା ଜୟଲଳିତାଙ୍କ ଜବତ ସମ୍ପତ୍ତି



ବେଙ୍ଗାଲୁରୁ : କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାମିଲନାଡୁ ସରକାରଙ୍କୁ ଦିବଙ୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିତାଙ୍କ ସମ୍ପର୍କିତ ଆୟ ବହିର୍ଭୁତ ସମ୍ପତ୍ତି ମାମଲାରେ ଜବତ ହୋଇଥିବା ସମ୍ପତ୍ତିକୁ କର୍ଣ୍ଣାଟକ ସରକାର ଶନିବାର ତାମିଲନାଡୁ ସରକାରଙ୍କୁ ଔପଚାରିକ ରୂପେ ସମର୍ପି ଦେଇଛନ୍ତି। ଏହି ସବୁ ମୂଲ୍ୟବାନ ସାମଗ୍ରୀ କର୍ଣ୍ଣାଟକ ବିଧାନସୌଧ କୋଷାଗାରରେ ସୁରକ୍ଷିତ ଥିଲା। ଏହି ହସ୍ତାନ୍ତରଣ ପ୍ରକ୍ରିୟାରେ କର୍ଣ୍ଣାଟକ ସରକାରଙ୍କ ନିକଟରେ ଜମା ୨୭.୫୫୮ କେଜି ସ୍ୱର୍ଣ୍ଣାଭୂଷଣ ସମେତ ୧,୧୧୬ କେଜି ରୁପା, ୧ ହଜାର ୫୨୬ ଏକର ଜମି କାଗଜପତ୍ର, ନଗଦ ୨.୨୦ ଲକ୍ଷ ଟଙ୍କା ଓ ଅନ୍ୟ ମୂଲ୍ୟବାନ ବସ୍ତୁ ତାମିଲନାଡୁ ସରକାରଙ୍କୁ ସମର୍ପି ଦିଆଯାଇଛି। ବେଙ୍ଗାଲୁରୁ ସ୍ୱତନ୍ତ୍ର ନ୍ୟାୟାଳୟ ଜେ. ଜୟଲଳିତାଙ୍କ ଜବତ ସମ୍ପତ୍ତି ଓ ମୂଲ୍ୟବାନ ସାମଗ୍ରୀକୁ ତାମିଲନାଡୁ ସରକାରଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜବତ ସମ୍ପତ୍ତିରେ ୧୧,୩୪୪ଟି ରେସମୀ ସାଢୀ, ୪୬୮ଟି ସୁନା ଓ ହୀରାର ଆଭୂଷଣ, ୭୫୦ ହଳ ଚପଲ, ଘଡ଼ି, ୨୫୦ଟି ଶାଲ, ୧୨ଟି ରେଫ୍ରିଜେରେଟର, ୧୦ଟି ଟେଲିଭିଜନ ସେଟ, ୮ଟି ଭିସିଆର, ୪ଟି ସିଡି ପ୍ଲେୟର, ୨୪ଟି ଟେପ ରେକର୍ଡର, ୧ହଜାର ୪୦ଟି ଭିଡିଓ କ୍ୟାସେଟ୍ ଓ ୫ଟି ଲୁହା ଲକର ରହିଛି। ଏହି ସମ୍ପତ୍ତି ଗ୍ରହଣ କରିବା ପାଇଁ ତାମିଲନାଡୁ ପୋଲିସ ଅଧିକାରୀଙ୍କ ଏକ ଟିମ୍ ବେଙ୍ଗାଲୁରୁ ପହଞ୍ଚିଥିଲେ। ଅଧିକାରୀଙ୍କ ଉପସ୍ଥିତିରେ ସମ୍ପତ୍ତି ହସ୍ତାନ୍ତରଣର ଔପଚାରିକ ପ୍ରକ୍ରିୟା ପୂରଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଜୟଲଳିତାଙ୍କ ଝିଆରୀ ଜେ.ଦୀପା ଓ ପୁତୁରା ଜେ. ଦୀପକ ଜବତ ସାମଗ୍ରୀ ନିଜର ବୋଲି ଦାବି କରି କର୍ଣ୍ଣାଟକ ହାଇକୋର୍ଟରେ ଅପିଲ ଦାୟର କରିଥିଲେ। ହାଇକୋର୍ଟଙ୍କ ଏକକ ପୀଠ ଆବେଦନ ଖାରଜ କରିଦେଇଥିଲେ। ଏହା ପରେ ସମ୍ପତ୍ତି ହସ୍ତାନ୍ତରଣ ପ୍ରକ୍ରିୟା ପୂରଣ କରାଯାଇଛି। ଆୟ ବହିର୍ଭୁତ ସମ୍ପତ୍ତି ମାମଲାରେ ଜେ. ଜୟଲଳିତା ଓ ତାଙ୍କ ନିକଟ ସହଯୋଗୀଙ୍କ ଉପରେ ଅବୈଧ ସମ୍ପତ୍ତି ଅର୍ଜନ କରିବାର ଅଭିଯୋଗ ଥିଲା। କୋର୍ଟ କାର୍ଯ୍ୟାନୁଷ୍ଠାନ ପରେ ସମ୍ପତ୍ତି ଜବତ କରି କର୍ଣ୍ଣାଟକ ସରକାରଙ୍କ ଅଧିକାରରେ ରଖାଯାଇଥିଲା।

# ପୁଣି ହାତ ଗୋଡ ବାନ୍ଧି ପ୍ରବାସୀ ଭାରତକୁ ଛାଡିଲା ଆମେରିକା




ନୂଆଦିଲ୍ଲୀ: ପୁଣି ଆମେରିକା ପ୍ରବାସୀ ଭାରତୀଙ୍କ ହାତ ଗୋଡି ଓ ଅଣ୍ଟାରେ ବେଡି ପକାଇ ଭାରତରେ ଛାଡିଛି। ଆମେରିକା ସେନାର ହେଲିକପ୍ଟରରେ ୧୧୬ ଜଣ ଭାରତୀୟଙ୍କୁ ଆଣି ପଞ୍ଜାବର ଅମୃତସରରେ ଛାଡ଼ିଯାଇଛି। ଏହା ହେଉଛି ଆମେରିକାରୁ ଭାରତ ଆସିଥିବା ବେଆଇନ ନାଗରିକଙ୍କ ଦ୍ୱିତୀୟ ବ୍ୟାଚ। ଏମାନଙ୍କ ମଧ୍ୟରୁ ୬୫ ଜଣ ପଞ୍ଜାବର ହୋଇଥିବା ବେଳେ ୮ ଜଣ ଗୁଜରାଟର। ଉତ୍ତର ପ୍ରଦେଶ, ଗୋଆ, ମହାରାଷ୍ଟ୍ର ଓ ରାଜସ୍ଥାନରୁ ଜଣେ ଲେଖାଏଁ ଅଛନ୍ତି। ସେହିଭଳି ହିମାଚଳ ପ୍ରଦେଶ ଓ ଜାମ୍ମୁ-କାଶ୍ମୀରରୁ ମଧ ଜଣେ ଲେଖାଏଁ ଥିଲେ। ଅଧିକାଂଶଙ୍କ ବୟସ ୧୮ରୁ ୩୦ ବର୍ଷ ମଧ୍ୟରେ। ଆମେରିକାରେ ଗିରଫ ହେବା ପରେ ଏମାନଙ୍କ ହାତ, ଗୋଡ଼ ଓ ଅଣ୍ଟାରେ ବେଡ଼ି ପକାଇ ଏମାନଙ୍କୁ ସି-୧୭ ସାମରିକ ହେଲିକପ୍ଟରରେ ଅମୃତସର ଅଣାଯାଇଛି। ପୁରୁଷ-ମହିଳା ସମସ୍ତଙ୍କଠାରେ ବେଡ଼ି ପଡ଼ିଥିଲା। ହେଲିକପ୍ଟରରେ ଗୋଟେ ୱାସରୁମ୍ ରହିଛି। ପୁରୁଷ ହୁଅନ୍ତୁ ବା ମହିଳା, ୱାସରୁମ୍ ଗଲା ବେଳେ ମଧ କାହାଠାରୁ ବେଡ଼ି ଖୋଲାଯାଇ ନଥିଲା। ଖାଇଲା ବେଳେ ବି ସେମାନଙ୍କ ଦେହରେ ବେଡ଼ି ରହିଥିଲା। ୪୦ ଘଣ୍ଟାର ଯାତ୍ରା ବେଳେ ଏମାନଙ୍କୁ କେବଳ ଗୋଟେ ଲେଖାଏଁ ଲେଜ୍ ଓ ଜୁସ୍ ଦିଆଯାଇଥିଲା। ପୁଣି ୧୫୭ ଜଣଙ୍କୁ ଧରି ରବିବାର ରାତିରେ ଆମେରିକାର ତୃତୀୟ ସାମରିକ ବିମାନ ଭାରତରେ ପହଞ୍ଚିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ଫେରିବାର ଦିନକ ପରେ ଏହି ଭାରତୀୟମାନେ ଅମୃତସରରେ ପହଞ୍ଚିଛନ୍ତି। ସୂଚନା ଥାଉକି, ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ବିନା କାଗଜପତ୍ରରେ ବେଆଇନ ଭାବେ ଯେଉଁମାନେ ଆମେରିକାରେ ରହୁଥିଲେ, ଏବେ ସେମାନଙ୍କୁ ଆମେରିକାରୁ ତଡ଼ି ଦିଆଯାଉଛି। ରାଷ୍ଟ୍ରପତିଙ୍କ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେରିକାରେ ବେଆଇନ ଭାବେ ଥିବା ଅନ୍ୟ ଦେଶର ନାଗରିକଙ୍କୁ ଖୋଜି ଖୋଜି ତଡ଼ାଯାଉଛି। ପୂର୍ବରୁ ବ୍ରାଜିଲ, କଲମ୍ବିଆ ଏବଂ ଗୁଏତମାଲା ନାଗରିକଙ୍କୁ ସେମାନଙ୍କ ଦେଶକୁ ଠିକ ଏମିତି ହାତ, ଗୋଡ଼ ଓ ଅଣ୍ଟାରେ ବେଡ଼ି ପକାଇ ପଠାଇ ଥିଲା ଆମେରିକା। ଆଉ ଏବେ ଭାରତ ସହ ପେରୁ ଓ ହଣ୍ଡୁରାସ୍ ଏବଂ ଗୁଏତମାଲାକୁ ନାଗରିକଙ୍କୁ ପଠାଯାଇଛି। ସୂଚନାଯୋଗ୍ୟ ଯେ, ଫେବ୍ରୁଆରୀ ୫ରେ ପ୍ରଥମ ପର୍ଯ୍ୟାୟରେ ଆମେରିକା ୧୦୪ ନିର୍ବାସିତ ଭାରତୀୟଙ୍କୁ ଧରି ଗୋଡ଼ାହାତ ବାନ୍ଧି ଆଣି ଭାରତରେ ଛାଡ଼ିଥିଲା। ଯେଉଁଥିରେ ୧୩ ଛୋଟ ପିଲା ଥିଲେ।

## ୧୮ରେ ଶପଥ ନେବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ: ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ପାଇଁ ତାରିଖ ଘୋଷଣା କରାଯାଇଛି। ୧୮ ତାରିଖ ମଧାହ୍ନ ୧୨ଟାରେ ରାଜଧାନୀର ରାମଲୀଳା ମଇଦାନରେ ଶପଥ ଗ୍ରହଣ କରିବେ। ଏହା ପୂର୍ବରୁ ସୋମବାର ବିଜେପି ବିଧାୟକ ଦଳର ବୈଠକ ବସିବ, ଯେଉଁଥିରେ ମୁଖ୍ୟମନ୍ତ୍ରୀ ନିର୍ବାଚିତ ହେବେ। ମୁଖ୍ୟମନ୍ତ୍ରୀଙ୍କ ନାମ ନିର୍ଦ୍ଧାରଣ ପାଇଁ ବିଜେପି ସୋମବାର ବିଧାୟକ ଦଳ ବୈଠକ ଡକା ଯାଇଛି। ଦିଲ୍ଲୀ ରାଜ୍ୟ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୧୯ ତାରିଖରେ କେଶବ କୁଞ୍ଜଙ୍କ ନୂଆ କାର୍ଯ୍ୟାଳୟର ଉଦଘାଟନ ହେବ। ସଂଘ କାର୍ଯ୍ୟାଳୟ ଉଦଘାଟନ ଅବସରରେ ବିଜେପି ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ। ୧୦ ଦିନ ପରେ ଶପଥ ଗ୍ରହଣ ହେବ।

**ଦିଲ୍ଲୀ ଷ୍ଟେସନ ଦଳାଟକଟା ଘଟଣା**

## କ୍ଷତିପୂରଣ ଘୋଷଣା କଲେ ନିତିଶ କୁମାର



ପାଟନା : ରାଜଧାନୀ ଦିଲ୍ଲୀ ରେଳ ଷ୍ଟେସନରେ ଶନିବାର ରାତିରେ ହୋଇଥିବା ଦଳାଚକଟାରେ ୧୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ମୃତକଙ୍କ ମଧ୍ୟରେ ୯ ଜଣ ବିହାରର। ରାଜ୍ୟ ମୁଖ୍ୟମନ୍ତ୍ରୀ ନିତିଶ କୁମାର ନୂଆ ଦିଲ୍ଲୀ ଷ୍ଟେସନ ଦଳାଚକଟା ଘଟଣାରେ ରବିବାର ଦୁଃଖ ବ୍ୟକ୍ତ କରିଥିବା ବେଳ ସୋସିଆଲ ମିଡିଆ ଏକ୍ସରେ ମୃତାହତଙ୍କ ପରିଜନଙ୍କ ନିମନ୍ତେ କ୍ଷତିପୂରଣ ଘୋଷଣା କରିଛନ୍ତି। ଏଥିରେ ପ୍ରତି ମୃତକଙ୍କ ନିମନ୍ତେ ୨ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଥିବା ବେଳେ ଆହତଙ୍କ ଚିକିତ୍ସା ନିମନ୍ତେ ୫୦ ହଜାର ଟଙ୍କା ଘୋଷଣା କରିଛନ୍ତି। ମୃତାହତଙ୍କୁ ଏହି କ୍ଷତିପୂରଣ ରାଶି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦିଲ୍ଲୀ ରେଳ ଷ୍ଟେସନ ଦଳାଚକଟା ଘଟଣାରେ ରେଳବାଇ ମଧ କ୍ଷତିପୂରଣ ଘୋଷଣା କରିଛନ୍ତି। ଏଥିରେ ପ୍ରତି ମୃତକଙ୍କ ନିମନ୍ତେ ୧୦ ଲକ୍ଷ ଟଙ୍କାର ସହାୟତା ଘୋଷଣା ହୋଇଥିବା ବେଳେ ଆହତଙ୍କ ନିମନ୍ତେ ଅଢେଇଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କ ନିମନ୍ତେ ୧ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରାଯାଇଛି। ନୂଆଦିଲ୍ଲୀ ରେଳ ଷ୍ଟେସନରେ ଶନିବାର ରାତିରେ ଘଟିଥିବା ଦଳାଚକଟା ଘଟଣାରେ ଏବେବି ଅନେକ ଲୋକ ନିଖୋଜ ଅଛନ୍ତି। ଏଥିରେ ବିହାର ନାଭଦାର ରାଜ କୁମାର ମାଁଝୀଙ୍କ ୫ ବର୍ଷର ପୁଅ ନିଖୋଜ ଅଛନ୍ତି। ଏହି ଦୁର୍ଘଟଣାରେ ରାଜକୁମାର ତାଙ୍କ ପତ୍ନୀ ଓ ଗୋଟିଏ ଝିଅକୁ ହରାଇଛନ୍ତି। ତେବେ ରାଜକୁମାରଙ୍କ ପୁଅର ତଲାସ ଏବେ ଜାରି ରହିଛି

## ଅଂଶୁଘାତ ଓ ଅଗ୍ନିକାଣ୍ଡକୁ ନେଇ ସତର୍କ କରାଇଲେ ମୁଖ୍ୟମନ୍ତ୍ରୀ

ତିରୁଅନନ୍ତପୁରମ : କେରଳ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ରବିବାର ଲୋକଙ୍କୁ ରାଜ୍ୟରେ ବଢୁଥିବା ତାପମାତ୍ରାକୁ ନେଇ ସତର୍କ କରାଇଛନ୍ତି। ସେ କହିଛନ୍ତି ଯେ ଉତ୍ତାପ ବୃଦ୍ଧି ଯୋଗୁ ଲୁ, ସନବର୍ଣ୍ଣ ଓ ଅଂଶୁଘାତ ଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିପାରେ। ଏ ନେଇ ମୁଖ୍ୟମନ୍ତ୍ରୀ ଫେସବୁକ୍‌ରେ ଏକ ପୋଷ୍ଟ କରିଥିବା ବେଳେ କିଛି ସ୍ଥାନର ତାପମାତ୍ରା ବୃଦ୍ଧି ନେଇ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟିଙ୍କ ଆଶଙ୍କା ସମ୍ପର୍କରେ ସୂଚିତ କରିଛନ୍ତି। ଏଥିରେ କେତେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରି ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପରିସ୍ଥିତିରେ ସମସ୍ତଙ୍କୁ ପାଣିପାଗ ବିଜ୍ଞାନ ବିଭାଗ ଓ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣଙ୍କ ଗାଇଡଲାଇନ ଅନୁସାରେ ଆବଶ୍ୟକ ସାବଧାନତା ଅବଲମ୍ବନ କରିବା ସହ ପ୍ରସ୍ତୁତ ରହିବା ଆବଶ୍ୟକ। ବିଜୟନ ଲୋକଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟାଣ ଖରାରୁ ବର୍ତ୍ତିବା ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ହାଟବଜାର, ଆବର୍ଜନା ଘର, ଡମ୍ପିଂ ୟାର୍ଡ ଓ ବିଲ୍ଡିଂମାନଙ୍କରେ ନିଆଁ ଲାଗିବା ଓ ବ୍ୟାପିବାର ଅନେକ ସମ୍ଭାବନା ରହିଛି। ଏଣୁ ଏଭଳି ସ୍ଥାନ ପ୍ରତି ସତର୍କତା ଅବଲମ୍ବନ କରାଯିବା ଦରକାର। ସେହିପରି ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ସହ ଶ୍ରେଣୀଗୃହକୁ ମୁକ୍ତ ପବନ ଯାତାୟାତର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବାଣିଜ୍ୟ



ନୂଆଦିଲ୍ଲୀ: କୋଭିଡ୍ ମହାମାରୀ ପରେ ବିଭିନ୍ନ ଦେଶର କମ୍ପାନୀମାନେ ଆଉ ଚୀନ ଉପରେ ନିର୍ଭରଶୀଳ ହେବାକୁ ଚାହୁଁ ନାହାନ୍ତି। ଏଥିପାଇଁ କମ୍ପାନୀମାନେ ବର୍ତ୍ତମାନ ଚୀନ ପ୍ଲସ୍ ୱାନ୍ ରଣନୀତି ଉପରେ ଗୁରୁତ୍ୱ ଦେଉଛନ୍ତି। ଅର୍ଥାତ୍ ଚୀନ ସହିତ ଅନ୍ୟ ଏକ ଦେଶରେ ନିଜ ବ୍ୟବସାୟର ହବ୍ କରିବାକୁ ଲକ୍ଷ୍ୟ ରଖୁଛନ୍ତି। ଠିକ୍ ଯେମିତି ଜାପାନୀ କମ୍ପାନୀ। ଜାପାନର କମ୍ପାନୀଗୁଡ଼ିକ ମଧ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସେମାନଙ୍କର ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳାରେ ବିବିଧତା ଆଣିବାକୁ 'ଚୀନ ପ୍ଲସ୍ ୱାନ୍' ରଣନୀତି ଉପରେ କାମ କରୁଛନ୍ତି। ଏବଂ ସେମାନଙ୍କ ଆଖି ବର୍ତ୍ତମାନ ଭାରତ ଉପରେ ରହିଛି। ଭାରତ ହିଁ ଚୀନର ବିକଳ୍ପ ହୋଇପାରିବ ବୋଲି ଜାପାନ କମ୍ପାନୀମାନେ ଚିନ୍ତା କରୁଥିବା ସଫ୍ଟୱେୟାର କମ୍ପାନୀ ଡେଲୋଇଟ୍ ?ର ଏକ୍ସପର୍ଟ କହିଛନ୍ତି। ଏନେଇ ଇକୋନୋମିକ୍ସ ଟାଇମ୍ସରେ ଖବର ପ୍ରକାଶ ପାଇଛି। ଡେଲୋଇଟ୍ ଜାପାନର ସିଇଓ କେନିଚି କିମୁରା କହିଛନ୍ତି 'କୋଭିଡ୍ ପରେ, ଜାପାନୀ କମ୍ପାନୀଗୁଡ଼ିକ ବଡ଼ ସକ୍ରିୟ ଭାବରେ ଚୀନ୍ ପ୍ଲସ୍ ସପ୍ଲାଏ ଚେନ୍ ରଣନୀତିର ସନ୍ଧାନରେ ଲାଗି ପଡ଼ିଛନ୍ତି। ଆଉ ଏପଟେ ଭାରତ ଏକ ପ୍ରମୁଖ ଆକର୍ଷଣୀୟ ସ୍ଥଳ ଭାବେ ଉଭା ହୋଇଛି। କିଛି କମ୍ପାନୀ ଚୀନରୁ ଜାପାନକୁ ଫେରି ଯାଇଥିବା ବେଳେ, ଅନ୍ୟମାନେ ଭାରତକୁ କେବଳ ଏକ ଉତ୍ପାଦନ କେନ୍ଦ୍ର ଭାବରେ ନୁହେଁ, ବରଂ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ଭଳି ହାଇ ଗ୍ରୋଥ୍ ମାର୍କେଟ୍‌ର ପ୍ରବେଶ ଦ୍ୱାର ଭାବରେ ଦେଖୁଛନ୍ତି।

## ଆର୍‌ଏସ୍‌ପି ପକ୍ଷରୁ ଜଟିଳ ଯନ୍ତ୍ରୋପକରଣର ପୁନରୁଦ୍ଧାର



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନାର ସିଲିକନ୍ ଷ୍ଟିଲ୍ ମିଲ୍ (ଏସଏସଏମ) ବିଭାଗ ଜଟିଳ ଯନ୍ତ୍ରୋପକରଣକୁ ପୁନରୁଦ୍ଧାର କରିବା ପାଇଁ ସଫଳତାର ସହିତ ପ୍ରମୁଖ ଆଭ୍ୟନ୍ତରୀଣ ପଦକ୍ଷେପ ଗ୍ରହଣ କରିଛି। ଯାହା ଫଳରେ ଯଥେଷ୍ଟ ଖର୍ଚ୍ଚ ସଞ୍ଚୟ ସାଧନ ହେବା ସହିତ ପରିବେଶଗତ ସ୍ଥାୟୀତ୍ୱ ମଧ ବୃଦ୍ଧି ପାଇଛି। ବିଭାଗ ସଫଳତା ସହକାରେ କ୍ଲାରିଫାୟର ୟୁନିଟ୍ ? ପୁନରୁଦ୍ଧାର କରିବା ସହିତ ଏସିଡ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ବର୍ଜ୍ୟଜଳ ବିଶୋଧନ ସୁବିଧାରେ ଏକ ନୂତନ ନିଜସ୍ୱ ନିର୍ମିତ ତୈଳ ସ୍କିମର୍ ମେସିନ୍ ମଧ ସ୍ଥାପନ କରିଛି। ଏହି ପଦକ୍ଷେପର ସଫଳ କାର୍ଯ୍ୟାନ୍ୱୟନରେ ଏସଏସଏମ ବିଭାଗର ପ୍ରମୁଖ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଯୋଗଦାନ ଦେଇଥିଲା। ଏହି ଦଳରେ ଏସଏସଏମ ମେକାନିକାଲ୍ ବିଭାଗର ଜିଏମ ଦେବଜିତ ବାନାର୍ଜୀ, ଏଜିଏମ ଏମ ଆର ପଣ୍ଡା, ସିନିୟର ମ୍ୟାନେଜର କେସି ଜେନା ଏବଂ ସିନିୟର ମ୍ୟାନେଜର ପିକେ ପାସୱାନ ସାମିଲ ଥିଲେ। ଏସଏସଏମ ବିଭାଗର ଜିଏମ ଇନଚାର୍ଜ ସି ଆର ମିଶ୍ରଙ୍କ ନେତୃତ୍ୱରେ ଉଭୟ ପ୍ରକଳ୍ପକୁ ସମାପ୍ତ କରିବାରେ ଉକ୍ତ ବିଭାଗ ର କର୍ମଚାରୀ ମାନଙ୍କର ନିଷ୍ଠା ଏବଂ ବୈଷୟିକ ଜ୍ଞାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।



ରିଲାନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧକ୍ଷା ନିତା ଅମ୍ବାନୀଙ୍କୁ 'ନାସାଚୁସେଟ୍ସ'ର ରାଜ୍ୟପାଳ ମୌରା ହିଲ୍ଲି ସମ୍ମାନୀତ କରୁଛନ୍ତି।

## ସିଏସ୍‌ଇଏସ୍ ପକ୍ଷରୁ ଭାଇବ୍ରାଣ୍ଟ ଓଡ଼ିଶା ସମ୍ମିଳନୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଇଣ୍ଡସ ଭେଲି ଟାଇମ୍ସ ଓ ସେଣ୍ଟର ଫର୍ ସୋସିଓ ଇକୋନୋମିକ ଷ୍ଟଡିଜ୍ (ସିଏସ୍‌ଇଏସ୍) ପକ୍ଷରୁ ଭାଇବ୍ରାଣ୍ଟ ଓଡ଼ିଶା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭାଇବ୍ରାଣ୍ଟ ଓଡ଼ିଶା ସମ୍ମିଳନୀ ପକ୍ଷରୁ ଟିପିଏନଓଡିଏଲ୍ ଲୋକ ସମ୍ପର୍କ ଅଧିକାରୀ ଚିତ୍ତ ରଞ୍ଜନ ପ୍ରଧାନଙ୍କୁ ସମ୍ମାନୀତ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଲୋକ ସମ୍ପର୍କ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଉପମୁଖ୍ୟ ମନ୍ତ୍ରୀ ଶ୍ରୀ ସିଂ ଦେଓଙ୍କ ସମେତ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଭାରତକୁ ଆମେରିକାର ଝଟ୍‌କା : ବନ୍ଦ କଲା ୧୮୨ କୋଟିର ଆର୍ଥିକ ସହାୟତା



ନୂଆଦିଲ୍ଲୀ : ଆମେରିକାର ଡୋନାଲ୍ଡ ଟ୍ରମ୍ପ ସରକାର ଦେଶର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ଲାଗି ଖର୍ଚ୍ଚ କାଟ ଜାରି ରଖିଛି। ଏହି ଅବସରରେ ଆମେରିକା ଭାରତକୁ ଦେବାକୁ ଥିବା ୧୮୨ କୋଟି ଟଙ୍କାର ଆର୍ଥିକ ସହାୟତା ଉପରେ ରୋକ୍ ଲଗାଇଛି। ଏଲନ ମସ୍କଙ୍କ ସରକାରୀ ଦକ୍ଷତା ବିଭାଗ(ଡିଓଜିଇ) ରବିବାର ଘୋଷଣା କରି କହିଛି ଯେ, ଆମେରିକା ଭାରତରେ ମତଦାନ ପ୍ରତିଶତ ବୃଦ୍ଧି କରିବା ଲାଗି ଦେଉଥିବା ୨୧ ନିୟୁତ ଡଲାର କାର୍ଯ୍ୟକ୍ରମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, ଡୋନାଲ୍ଡ ଟ୍ରମ୍ପ ସରକାରୀ ଖର୍ଚ୍ଚ କାଟ କରିବା ଲାଗି ଏକ ନୂଆ ବିଭାଗ ସୃଷ୍ଟି କରିଛନ୍ତି। ଏହାର ନାଁ ହେଉଛି ଡିପାର୍ଟମେଣ୍ଟ ଅଫ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ)। ଏହି ବିଭାଗ ସରକାରଙ୍କ ଖର୍ଚ୍ଚ ହ୍ରାସ କରିବା ଦିଗରେ ପଦକ୍ଷେପ ନେଉଛି। ଟ୍ରମ୍ପ ଟେସଲା ମାଲିକ ଏଲନ ମସ୍କଙ୍କୁ ଏହି ବିଭାଗର ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି। ମସ୍କ ଅତି ଗମ୍ଭୀରତାର ସହିତ ବିଶ୍ୱବ୍ୟାପୀ ଆମେରିକା ଦେଉଥିବା ସମସ୍ତ ଅନୁଦାନର ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି ଏବଂ ସରକାରୀ ନୀତି ଅନୁସାରେ ନିଷ୍ପତ୍ତି ନେଉଛନ୍ତି। ଡିଓଜିଇ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ ଜରିଆରେ ଘୋଷଣା କରାଯାଇଛି ଯେ, ଆମେରିକା କରଦାତାଙ୍କ ଅର୍ଥ ଯେଉଁ ସବୁ ଉପାୟରେ ଖର୍ଚ୍ଚ କରାଯିବାର ଥିଲା ତାହାକୁ ରଦ୍ଦ କରିଦିଆଯାଇଛି।

## କମିଲା ସୁନା ଦାମ୍



ନୂଆଦିଲ୍ଲୀ : ଦୀର୍ଘ ଦିନ ଧରି ସୁନାର ମୂଲ୍ୟ ଅହେତୁକ ଭାବରେ ବୃଦ୍ଧି ଘଟୁଥିବା ବେଳେ ଆଜି ଏହାର ମୂଲ୍ୟ କମିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୦୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ ସୁନା ମୂଲ୍ୟ ୭୮ ହଜାର ୯୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ୭୮ ହଜାର ୯୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ ସୁନାଦର ୮୬ ହଜାର ୦୭୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ ଓ ୨୪ କ୍ୟାରେଟ ମୂଲ୍ୟ ୭୮,୯୦୦ ଟଙ୍କା ଓ ୮୬,୦୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯,୦୫୦ ଟଙ୍କା ଓ ୮୬,୨୨୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୮,୯୦୦ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬,୦୭୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୮,୯୦୦ ଟଙ୍କା ଓ ୮୬,୦୭୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୫୦୦ ଟଙ୍କା ହୋଇଛି।

## ନୂଆ ମଡେଲରେ ବଜାରକୁ ଆସିବ ୱାଗନ୍‌ଆର

ନୂଆଦିଲ୍ଲୀ: ଦେଶର ସର୍ବବୃହତ କାର ନିର୍ମାତା ମାରୁତି ସୁଜୁକି ଏବେ ଏହାର ନୂତନ ପିଢ଼ିର ୱାଗନ ଆର ଉପରେ କାମ କରୁଛି। ଯାହାକୁ ଖୁବ୍ ଶୀଘ୍ର ବଜାରରେ ଲଞ୍ଚ ହେବ। ଚଳିତ ବର୍ଷ ଅଟୋ ଏକ୍ସପୋ ୨୦୨୫ରେ, ମାରୁତି ଫ୍ଲେକ୍ସ ଫୁଏଲ (ଇଥାନଲ୍) ଦ୍ୱାରା ଚାଳିତ ନୂତନ ୱାଗନ୍ ଆରକୁ ଉନ୍ମୋଚନ କରିଥିଲା। ମିଡିଆ ରିପୋର୍ଟ ଅନୁଯାୟୀ, ଏଥର କମ୍ପାନୀ ହାଇବ୍ରିଡ୍ ଏବଂ ଫ୍ଲେକ୍ସ ଫୁଏଲ ସହିତ ପରବର୍ତ୍ତୀ ପିଢ଼ିର ୱାଗନ୍ ଆର୍ ବଜାରରେ ପ୍ରବେଶ କରିବ। ଏହା କମ୍ପାନୀର ପ୍ରଥମ ଫ୍ଲେକ୍ସ ଇନ୍ଧନ କାର ହେବ ବୋଲି ବିଶ୍ୱାସ କରାଯାଉଛି। ଫ୍ଲେକ୍ସ ଇନ୍ଧନ ସହିତ, କମ୍ପାନୀ ଏହି କାରକୁ ହାଇବ୍ରିଡ୍ ସଂସ୍କରଣରେ ମଧ ଆଣିବ। ୱାଗନ୍ ଆର୍ ଦେଶର ସର୍ବାଧିକ ବିକ୍ରି ହେଉଥିବା କାର ଏବଂ ଏବେ ଏଥିରେ ବହୁତ କମ ଖର୍ଚ୍ଚ ହେବାକୁ ଯାଉଛି। ଏ ନେଇ କମ୍ପାନି ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

## ଜିଓ ବଦଳାଇଲା ଶସ୍ତା ପ୍ଲାନ

ନୂଆଦିଲ୍ଲୀ : ରିଲାଏନ୍ସ ଜିଓ ଦୁଇଟି ଶସ୍ତା ରିଚାର୍ଜ ପ୍ଲାନର ବୈଧତା ପରିବର୍ତ୍ତନ କରି ପ୍ରିପେଡ ଉପଭୋକ୍ତାମାନଙ୍କୁ ପୁଣି ଥରେ ବଡ଼ ଝଟକା ଦେଇଛି। ଏହି ପ୍ଲାନ୍ ଗୁଡ଼ିକର ମୂଲ୍ୟ ୬୯ ଏବଂ ୧୩୯ ଟଙ୍କା, ବୈଧତା ପରିବର୍ତ୍ତନ ପରେ ଏହା ଆପଣଙ୍କୁ ଲାଭ ହୋଇଛି କି କ୍ଷତି ହୋଇଛି ଆମେ ସୂଚନା ଦେବାକୁ ଯାଉଛୁ। ରିଲାଏନ୍ସ ଜିଓ ରିଚାର୍ଜର ୬୯ ଟଙ୍କାର ପ୍ଲାନ ସହିତ, କମ୍ପାନୀ ୬ ଜିବି ହାଇ ସ୍ପିଡ ଡାଟା ପ୍ରଦାନ କରୁଛି। ପୂର୍ବରୁ ଏହି ପ୍ଲାନ ଆପଣଙ୍କୁ ଆପଣଙ୍କର ପୂର୍ବ ପ୍ଲାନ ପରି ସମାନ ବୈଧତା ଦେଉଥିଲା, କିନ୍ତୁ ଏବେ ଏହି ପ୍ଲାନ ସହିତ ଆପଣଙ୍କୁ କେବଳ ସାତ ଦିନର ବୈଧତା ମିଳିବ। ଏହି ରିଲାଏନ୍ସ ଜିଓର ୧୩୯ ଟଙ୍କାର ପ୍ଲାନରେ, ଆପଣଙ୍କୁ ୧୨ ଜିବି ହାଇ ସ୍ପିଡ ଡାଟାର ସୁବିଧା ମିଳିବ। ପୂର୍ବରୁ, ଏହି ପ୍ଲାନ ଆପଣଙ୍କ ମୂଳ ପ୍ଲାନର ବୈଧତା ସମାନ ଦିନ ପାଇଁ ସକ୍ରିୟ ରହୁଥିଲା, କିନ୍ତୁ ଏବେ ଏହି ପ୍ଲାନ ସହିତ, ଆପଣଙ୍କୁ ୬୯ ଟଙ୍କାର ପ୍ଲାନ ପରି କେବଳ ୭ ଦିନର ବୈଧତା ଦିଆଯିବ।

## ଉତ୍ତରାଖଣ୍ଡର ମୁଣ୍ଡପିଛା ଆୟ ୧୧.୩% ବୃଦ୍ଧି



ନୂଆଦିଲ୍ଲୀ: ୧୮ ଫେବୃଆରୀରୁ ଉତ୍ତରାଖଣ୍ଡରେ ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନ ପୂର୍ବରୁ, ଯୋଜନା ବିଭାଗର ଅର୍ଥନୈତିକ ସର୍ଭେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଉତ୍ତରାଖଣ୍ଡର ମୁଣ୍ଡପିଛା ଆୟ ୨.୭୪ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରିଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଆର ମୀନାକ୍ଷୀ ସୁନ୍ଦରମ୍ କହିଛନ୍ତି ଯେ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ ୧୧.୩୩% ବୃଦ୍ଧି ରେକର୍ଡ କରାଯାଇଛି। ଏହା ଆନୁମାନିକ ୨,୦୦,୧୬୨ ଟଙ୍କା ହେବ। ଏହା ୨୦୨୪-୨୫ ପାଇଁ ଜାତୀୟ ମୁଣ୍ଡପିଛା ଆୟ ଠାରୁ ଅଧିକ ହେବ ବୋଲି ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଘଝଙ) କହିଛି। ସୁନ୍ଦରମ୍ ଆହୁରି କହିଛନ୍ତି ଯେ ବର୍ତ୍ତମାନର ମୂଲ୍ୟରେ ମୋଟ ରାଜ୍ୟ ଘରୋଇ ଉତ୍ପାଦ ୨୦୨୪-୨୫ ଆର୍ଥିକ ବର୍ଷରେ ୩.୭୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହା ୨୦୨୩-୨୪ ରେ ୩.୩୨ ଲକ୍ଷ କୋଟି ଟଙ୍କା ଥିଲା। ଏଥିରେ ଅଭିବୃଦ୍ଧି ୧୩.୫୯% ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି। ସେହିପରି, କନଷ୍ଟାଣ୍ଟ ପ୍ରାଇସ୍‌ରେ (ମୂଳ ବର୍ଷ ୨୦୧୧-୧୨) ରେ ରିୟଲ ଗ୍ରସ ଷ୍ଟେଟ୍ ଡୋମେଷ୍ଟିକ ପ୍ରଡକ୍ଟ (ଏଝଉଚ) ଦୃଷ୍ଟିରୁ, ୨୦୨୪-୨୫ ରେ ଅର୍ଥନୀତି ୨.୧୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଯାହା ପୂର୍ବ ବର୍ଷ ଆନୁମାନିକ ୨.୦୪ ଲକ୍ଷ କୋଟି ଟଙ୍କା ଥିଲା।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଓମେନ୍ସ ପ୍ରିମିୟର ଲିଗ୍ ୧୪ ଫେବୃଆରୀରୁ ଆରମ୍ଭ ହୋଇଯାଇଛି। ଯେଉଁଥିରେ ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍ ଗୁଜୁରାଟ ଜାଏଣ୍ଟ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯାଇଥିଲା। ଏହି ଲିଗର ତୃତୀୟ ମ୍ୟାଚ୍ ୧୬ ଫେବୃଆରୀରେ ଗୁଜରାଟ ଜାଏଣ୍ଟ୍ସ ଏବଂ ୟୁପି ୱାରିୟର୍ସ ମଧ୍ୟରେ ଖେଳାଯିବ। ଏହା ପୂର୍ବରୁ, ବେଙ୍ଗାଲୁରୁ ଶିବିର ପାଇଁ ଏକ ଦୁଃଖଦ ଖବର ଆସିଛି। ରୟାଲ ଚ୍ୟାଲେଞ୍ଜର୍ସର ପ୍ରମୁଖ ଖେଳାଳି ଶ୍ରେୟଙ୍କା ପାଟିଲ ଡ଼ବ୍ଲ୍ୟୁପିଏଲ ୨୦୨୫ରୁ ବାଦ ପଡ଼ିଛନ୍ତି। ଏବେ ତାଙ୍କ ସ୍ଥାନରେ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଗୁଜରାଟ ଜାଏଣ୍ଟସର ଜଣେ ଖେଳାଳିଙ୍କୁ ଦଳରେ ସାମିଲ କରିଛି। ଶ୍ରେୟଙ୍କା ପାଟିଲଙ୍କ ବାଦ ଦିଆଯିବାର ଖବର ଡ଼ବ୍ଲ୍ୟୁପିଏଲ ଏକ ପ୍ରେସ୍ ରିଲିଜ୍ ମାଧ୍ୟମରେ ଦେଇଥିଲା। ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସ୍ନେହା ରାଣାଙ୍କୁ ୩୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଛି। ଆଘାତ ଯୋଗୁଁ ଶ୍ରେୟଙ୍କା ପାଟିଲ ଡ଼ବ୍ଲ୍ୟୁପିଏଲ ୨୦୨୫ ରୁ ବାଦ ପଡ଼ିବା ପରେ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସେମାନଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ଭାବପ୍ରବଣ ପୋଷ୍ଟ ସେୟାର କରି ଲେଖିଥିଲା, 'ଆମେ ଜାଣୁ ଡ଼ବ୍ଲ୍ୟୁପିଏଲ ୨୦୨୫ ପୂର୍ବରୁ ତୁମେ ଫିଟ୍ ହେବା ପାଇଁ କେତେ ଚେଷ୍ଟା କରିଥିଲ ଏବଂ ଏହି ଟୁର୍ଣ୍ଣାମେଣ୍ଟର ଅଂଶ ନହେବାରୁ ତୁମେ କେତେ ପଶ୍ଚାତାପ କରିବ। କିନ୍ତୁ ଆମେ ତୁମର ଶକ୍ତି ଏବଂ ଉତ୍ସାହକୁ ଆମ ସହିତ ପଡିଆକୁ ନେଇଯିବୁ।' ପୋଷ୍ଟରେ ଆହୁରି ଲେଖାଯାଇଛି, 'ଶୀଘ୍ର ସୁସ୍ଥ ହୁଅ ଏବଂ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇ ଫେରିଆସ। ଶ୍ରେୟଙ୍କା ପାଟିଲ ତାଙ୍କ ଡ଼ବ୍ଲ୍ୟୁପିଏଲ କ୍ୟାରିୟରରେ ଏପର୍ଯ୍ୟନ୍ତ ୧୫ଟି ମ୍ୟାଚ୍ ଖେଳିସାରିଛନ୍ତି। ଏହି ୧୫ଟି ମ୍ୟାଚ୍‌ରେ ସେ ୧୪୭.୨୭ ଷ୍ଟ୍ରାଇକ୍ ରେଟ୍‌ରେ ୮୧ ରନ୍ କରିଛନ୍ତି। ଏହା ବ୍ୟତୀତ ଶ୍ରେୟଙ୍କା ଏପର୍ଯ୍ୟନ୍ତ ୧୮.୩୬ ବୋଲିଂ ହାରରେ ୧୯ଟି ୱିକେଟ୍ ନେଇଛନ୍ତି।

### ହକି ପ୍ରୋ ଲିଗ୍

## ଭୁବନେଶ୍ୱରରେ ପହଞ୍ଚିଲେ ନେଦରଲ୍ୟାଣ୍ଡ ଟିମ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ ପାଇଁ ରବିବାର ନେଦରଲ୍ୟାଣ୍ଡର ମହିଳା ହକି ଦଳ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ଏହି ଦଳ ଚାରିଟି ଖେଳରୁ ନଅ ପଏଣ୍ଟ ହାସଲ କରି ବର୍ତ୍ତମାନ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନେଦରଲ୍ୟାଣ୍ଡ ମହିଳା ଦଳ ଫେବୃଆରୀ ୨୧ରେ ଇଂଲଣ୍ଡ ସହ କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଖେଳିବ। ଏହାପରେ ଫେବୃଆରୀ ୨୪,୨୫ ତାରିଖ ଦିନ ଭାରତ ସହ ଖେଳିବ ନେଦରଲ୍ୟାଣ୍ଡ। ଭୁବନେଶ୍ୱରରେ ପହଞ୍ଚିବା ପରେ ନେଦରଲ୍ୟାଣ୍ଡର କ୍ୟାପଟେନ ପିଏନ୍ ସାଣ୍ଡର୍ସ କହିଛନ୍ତି, 'ଏଠାକୁ ଆସିକି ଆମେ ବେଶ୍ ଉତ୍ସାହିତ ଅଛୁ, କାରଣ ଏଠାକାର ପରିବେଶ ସବୁବେଳେ ବହୁତ ଭଲ ଥାଏ ଏବଂ ଆମେ ଏବେ ଆଗାମୀ ମ୍ୟାଚକୁ ଅପେକ୍ଷା କରିଛୁ। ଆମର ଲକ୍ଷ୍ୟ ହେଉଛି ଟାଇଟଲ୍ ରକ୍ଷା କରିବା। ଭାରତରେ ଚାରୋଟି ମ୍ୟାଚ ଖେଳି ଆମେ ସମସ୍ତ ୧୨ ପଏଣ୍ଟ ହାସଲ କରିବାର ଲକ୍ଷ୍ୟ ରଖିଛୁ। ଆହୁରି ମଧ୍ୟ ସେ କହିଛନ୍ତି, ଭାରତ ବିପକ୍ଷରେ ଖେଳିବା ଆମ ପାଇଁ କଠିନ ହେବ, କାରଣ ଘରୋଇ ଫ୍ୟାନ୍ସଙ୍କ ସମ୍ପୂର୍ଣ୍ଣ ସମର୍ଥନ ଭାରତକୁ ମିଳିବ।

## ୨୦୩୪ ଫିଫା ବିଶ୍ୱକପ୍‌ରେ ମଦ ନିଷେଧ



ନୂଆଦିଲ୍ଲୀ: ସାଉଦି ଆରବରେ ଅନୁଷ୍ଠିତ ହେବାକୁ ଥିବା ୨୦୩୪ ଫିଫା ବିଶ୍ୱକପରେ ମଦ୍ୟପାନକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯିବ। ବ୍ରିଟେନରେ ସାଉଦି ଆରବର ରାଷ୍ଟ୍ରଦୂତ ପ୍ରିନ୍ସ ଖାଲିଦ ବିନ ବନ୍ଦର ଅଲ ସାଉଦ ଏହି ସୂଚନା ଦେଇଛନ୍ତି। ପ୍ରଥମ ଥର ଫିଫା ଟୁର୍ଣ୍ଣାମେଣ୍ଟ ସମୟରେ ପ୍ରଶଂସକମାନେ ଷ୍ଟାଡିୟମରେ ମଦ୍ୟପାନ କରିପାରିବେ ନାହିଁ। ଗତ ଡିସେମ୍ବରରେ ସାଉଦି ଆରବ ୨୦୩୪ ବିଶ୍ୱକପ ଆୟୋଜନ କରିବ ବୋଲି ଫିଫା ଘୋଷଣା କରିଥିଲା। ୨୦୨୨ କାତାର ବିଶ୍ୱକପ ଠାରୁ ଭିନ୍ନହେବ । କାରଣ କତାରରେ ବିଶ୍ୱକପ ଆୟୋଜନ ବେଳେ ଫ୍ୟାନ୍ସ ଏରିଆ ଏବଂ ପାଞ୍ଚ ତାରକା ହୋଟେଲରେ ଅଧିକ ମୂଲ୍ୟରେ ମଦ ଉପଲବ୍ଧ ହେଉଥିଲା। କିନ୍ତୁ ୨୦୩୪ ବିଶ୍ୱକପରେ ଏପରି ହେବ ନାହିଁ । ପ୍ରିନ୍ସ ଖାଲିଦ ସ୍ପଷ୍ଟ ଭାବେ କହିଛନ୍ତି ଯେ ସାଉଦି ଆରବରେ କୌଣସି ସ୍ଥାନରେ ମଦ ବିକ୍ରି ହେବ ନାହିଁ। ସାଉଦି ଆରବ ଏକ ମୁସଲିମ୍ ଦେଶ ହୋଇବାରୁ ୧୯୫୨ରୁ ମଦକୁ ବ୍ୟାନ କରାଯାଇଛି । ରାଷ୍ଟ୍ରଦୂତ ପ୍ରିନ୍ସ ଖାଲିଦ ସ୍ପଷ୍ଟ କରିଛନ୍ତି ଯେ, ଦେଶ ନିଜର ଇସଲାମିକ ନିୟମକୁ ଭାଙ୍ଗିବ ନାହିଁ। ଏକ ସାକ୍ଷାତକାରରେ ପ୍ରିନ୍ସ ଖାଲିଦ କହିଛନ୍ତି, ଆମେ ଏବେ ମଦ୍ୟପାନକୁ ଅନୁମତି ଦେଉନାହୁଁ ଏବଂ ବିଶ୍ୱକପ ସମୟରେ ସେହି ନୟମ କାର୍ଯ୍ୟକାରୀ ହେବ। ସାଉଦି ଆରବ ନିଜର ସାଂସ୍କୃତିକ ଓ ଧାର୍ମିକ ପରମ୍ପରାକୁ ସମ୍ମାନ ଦେଇ ଦେଶ ବିଶ୍ୱକପ୍ ଆୟୋଜନ କରିବ ବୋଲି ପ୍ରିନ୍ସ କହିଛନ୍ତି । ଆହୁରି ମଧ୍ୟ ସେ କହିଛନ୍ତି ଯେ, 'ପ୍ରତ୍ୟେକ ଦେଶର ନିଜସ୍ୱ ସଂସ୍କୃତି ଅଛି। ଆମେ ଆମ ସଂସ୍କୃତି ମଧ୍ୟରେ ବିଶ୍ୱକପ୍ ଆୟୋଜନ କରିବୁ। ଅନ୍ୟମାନଙ୍କ ପାଇଁ ଆମର ସଂସ୍କୃତି ବଦଳାଇବୁ ନାହିଁ । ଅନ୍ୟପଟେ ସୋସିଆଲ ମିଡିଆରେ ଇଂଲଣ୍ଡର ଅନେକ ଫୁଟବଲ ପ୍ରଶଂସକ ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।



ରବିବାର କଟକ ବାରବାଟୀରେ ସେଲିବ୍ରିଟି କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖେଳ ଦେଖିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବାରବାଟିରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ଟସ୍ ପକାଇଥିଲେ ଏବଂ ଖେଳାଳିମାନଙ୍କ ସହ ପରିଚିତ ହୋଇ କରମର୍ଦ୍ଦନ କରିଥିଲେ। ଏହି ଅବସରରେ ସେ କହିଥିଲେ ରାଜ୍ୟ ସରକାର କ୍ରିକେଟର ବିକାଶ ପାଇଁ ପ୍ରୋତ୍ସାହନ ଦେବାକୁ ପ୍ରତିଶ୍ରୁତି ବଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଆଜି ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମେଘା ଇଭେଣ୍ଟକୁ ଦେଖିବା ପାଇଁ ବହୁ ଦର୍ଶକ ଉପସ୍ଥିତ ହୋଇଥିଲେ।

## ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଜେକେସିସି ବିଜୟୀ



ବାରିପଦା(ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ଆନୁକୂଲ୍ୟରେ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ ବିର ୨ୟ ମ୍ୟାଚରେ ଜେକେସିସି ମୟୁରଭଞ୍ଜ ରେଡକୁ ୮ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମୟୁରଭଞ୍ଜ ରେଡ ୧୦.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶ୍ୟାମଳ ମହାନ୍ତି ୧୭ ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରୀତମ ପଣ୍ଡା ୪ ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜେକେସିସି କ୍ଲବ ୬.୨ ଓଭରରେ ୨ଟି ଉଇକେଟ ହରାଇ ୪୩ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ଶ୍ୱେତ ଦାସ ୧୭ ଓ ହୃକେଶ ଦଣ୍ଡପାଟ ୧୬ ରନ କରିଥିଲେ। ପ୍ରୀତମ ପଣ୍ଡା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ପୂର୍ବତନ କ୍ରିକେଟ ଖେଳାଳି ଯତୀନ୍ଦ୍ର ଷଡଙ୍ଗୀ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍‌ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୋମବାର ବିଜେଏମ୍‌ସିସି ଓ ମୟୁରଭଞ୍ଜ ରେଡ ମଧ୍ୟରେ ଖେଳ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ଶ୍ରୀକ୍ଷେତ୍ରରେ ଆଇପିଏଲ୍ ଟ୍ରଫି



ପୁରୀ (ଭାସ୍କର ନ୍ୟୁଜ) : ଆଇପିଏଲ୍ ୨୦୨୫ ଆରମ୍ଭ ପୂର୍ବରୁ ଜଗା ଦୁଆରେ ପହଞ୍ଚିଛି ଟ୍ରଫି । ଆଇପିଏଲ୍ ଉଦ୍‌ଘାଟନ ପୂର୍ବରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆଇପିଏଲ ଟ୍ରଫିକୁ ପୂଜାର୍ଚ୍ଚନା କରାଯାଇଛି। ଟ୍ରଫି ଟୁର୍ ପ୍ରୋଗ୍ରାମରେ ଦେଶର ବିଭିନ୍ନ ସ୍ଥାନରେ ପହଞ୍ଚିଥାଏ ଆଇପିଏଲ ଟ୍ରଫି। ପୁରୀରେ ଆଇପିଏଲ ଟ୍ରଫି । ଆସନ୍ତା ମାର୍ଚ୍ଚ ୨୨ରେ ଆଇପିଏଲ୍ ଉଦ୍ଘାଟନ । ବିଶ୍ୱ କ୍ରିକେଟର ସବୁଠୁ ବିତ୍ତଶାଳୀ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ଆଇପିଏଲ ଟ୍ରଫିକୁ ଶ୍ରୀମନ୍ଦିର ଅଣାଯାଇ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଛି । କୋଲକତା ନାଇଟ ରାଇଡର୍ସ ଟିମର ସଦସ୍ୟମାନେ ଏହି ଟ୍ରଫି ଆଜି ଶ୍ରୀମନ୍ଦିରକୁ ଆଣି ପୂଜାର୍ଚ୍ଚନା କରିଛନ୍ତି।ଏହି ଟ୍ରଫିକୁ ଦେଖିବା ପାଇଁ ପ୍ରବଳ ଲୋକଙ୍କ ସମାଗମ ହୋଇଥିଲା। ତେବେ ଗତବର୍ଷ କୋଲକାତା ନାଇଟ ରାଇଡର୍ସ ଆଇପିଏଲ୍ ଟ୍ରଫି ହାତେଇଥିବା ବେଳେ ଚଳିତ ଆଇପିଏଲ ଟ୍ରଫି ପୁନର୍ବାର କିଭଳି ନିଜ କବଜାରେ ରଖିବ ସେନେଇ ସଦସ୍ୟ ମାନେ ଆଶାବାଦୀ ଅଛନ୍ତି । ଏଥିପାଇଁ ମହାପ୍ରଭୂଙ୍କ ଆଶୀର୍ବାଦ ପାଇଁ କେକେଆର ଟିମ୍ ଅଫିସିଆଲ୍ ସଦସ୍ୟ ମହାପ୍ରଭୁଙ୍କ ନିକଟ କୁ ଟ୍ରଫିକୁ ଆଣି ପୂଜା କରିଛନ୍ତି। ଆଇପିଏଲ୍ ଟ୍ରଫିକୁ ସିଂହ ଦ୍ୱାର ସମ୍ମୁଖରେ ରଖାଯାଇ ସେବାୟତଙ୍କ ଦ୍ୱାରା ପୂଜା କରାଯାଇଥିଲା । ଅନ୍ୟପଟେ ଆଇପିଏଲ୍ ଟ୍ରଫି ଦେଖି ସେବାୟତ ଓ ଶ୍ରୀ ମନ୍ଦିରକୁ ଆସିଥିବା ଶ୍ରଦ୍ଧାଳୁ ମାନେ ବେଶ୍ ଉତ୍ସାହିତ ହୋଇ ପଡିଥିଲେ । କେକେଆର ଟିମ୍ ଆଇପିଏଲରେ ୨୦୧୨, ୨୦୧୪ ଓ ୨୦୨୪ ରେ ତିନି ଥର ଚମ୍ପିଆନ ହୋଇଥିଲା । ତେବେ ଆଇପିଏଲ୍ ଟ୍ରଫି କୁ ପୂଜା କରିଥିବା ଶ୍ରୀମନ୍ଦିର ସେବାୟତ ଚନ୍ଦ୍ରଶେଖର ଖୁଣ୍ଟିଆ କହିଛନ୍ତି ଗତ ୨୦୨୪ ରେ କେକେଆର ଟିମ୍ ଆଇପିଏଲ ରେ ଟ୍ରଫି ଜିତିଥିଲା । ତେବେ ଚଳିତ ବର୍ଷ ୨୦୨୫ ଆଇପିଏଲ୍ ଟ୍ରଫି ପୁଣି କେକେଆର ଟିମ୍ ଜିତିବା ପାଇଁ ଆଶା ରଖିଛି । ଏଣୁ କେକେଆର ଟିମ୍ କିଛି ଅଫିସିଆଲ୍ ସଦସ୍ୟ ଭାରତ ବିଭିନ୍ନ ରାଜ୍ୟରେ ପ୍ରସିଦ୍ଧ ମନ୍ଦିରକୁ ଯାଇ ଠାକୁର ଆଶୀର୍ବାଦ ପାଇଁ ଟ୍ରଫିକୁ ପୂଜା କରୁଛନ୍ତି । ଏହି କ୍ରମରେ ଆଜି ପୁରୀକୁ ଟ୍ରଫିକୁ ଅଣାଯାଇ ମହାପ୍ରଭୁଙ୍କ ନିକଟରେ ପୂଜା କରାଯାଇଛି । 'ଶ୍ରୀମନ୍ଦିର ଆସିବା ପୂର୍ବରୁ କେକେଆର ଟିମ୍ ଅଫିସିଆଲ୍ ସଦସ୍ୟ ଆସାମ ସ୍ଥିତ ମା କାମାକ୍ଷା ଦେବୀଙ୍କ ପୀଠରେ ଆଇପିଏଲ୍ ଟ୍ରଫିକୁ ପୂଜାର୍ଚ୍ଚନା କରିସାରିଛନ୍ତି । ଏହାସହିତ ବିଭିନ୍ନ ପ୍ରସିଦ୍ଧ ମନ୍ଦିରରେ ଏହି ଟ୍ରଫିକୁ ପୂଜାର୍ଚ୍ଚନା କରାଯାଉଛି । କେକେଆର ଟିମ୍ ଅଫିସିଆଲ ଏକ୍ସ ସାଇଟରେ ଲେଖାଯାଇଛି କି, ଆମ୍ଭେ ଗତ ବର୍ଷ ମାଙ୍କ ପାଖରେ ପହଞ୍ଚି ଆଶୀର୍ବାଦ ନେଇଥିଲେ । ହେଲେ ଏଥର ଚାମ୍ପିଆନ ହେଲା ପରେ ଟ୍ରଫି ଧରି ମାଙ୍କ ପାଖକୁ ଆସିଛୁ ଆଶୀର୍ବାଦ ପାଇଁ ।ଗତ ୨୦୨୪ରେ ଆପିଏଲ୍ ଚାମ୍ପିଆନ ହୋଇଥିଲା ଟିମ୍ କେକେଆର । ଫାଇନାଲ ମ୍ୟାଚରେ କେକେଆର ଟିମ୍ ହାଇଦ୍ରାବାଦ ଟିମକୁ ୮ ୱିକେଟରେ ହରାଇଥିଲା । ଲୋ ସ୍କୋରିଂ ମ୍ୟାଚରେ ହାଇଦ୍ରାବାଦ ଆଗ ବ୍ୟାଟିଂ କରି ମାତ୍ର ୧୧୩ ରନ ସ୍କୋର କରିଥିଲା । କେକେଆର ୨ଟି ୱିକେଟ ହରାଇ ବିଜୟ ରନ ସ୍କୋର କରିଥିଲା । ଦଳ ଅଧିନାୟକ ଥିଲେ ଶ୍ରେୟସ ଆୟର ଏବଂ କୋଚ ଥିଲେ ଗୌତମ ଗମ୍ଭୀର ।

## ବନ ବିଭାଗ ତରଫରୁ ମିନି ମାରାଥନ ଆୟୋଜିତ



ଆଠମଲ୍ଲିକ (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବନ ବିଭାଗ ତରଫରୁ ରବିବାର ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଏବଂ ୫ କିଲୋମିଟର ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବନ ବିଭାଗ ତରଫରୁ ଆଠମଲ୍ଲିକ ମିନି ଷ୍ଟାଡିୟମ ପରିସରରେ ବହୁ ଯୁବକ, ଯୁବତୀ, ଛାତ୍ର ଛାତ୍ରୀମାନଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ଆଠମଲ୍ଲିକ ଡିଏଫଓ ସନ୍ତୋଷ କାପୁଲା ଯୋଗଦେଇ ସବୁଜ ପତାକା ଦେଖାଇ ୫ କିଲୋମିଟର ମିନି ମାରାଥନର ଶୁଭାରମ୍ଭ କରିଥିଲେ। ତତ୍ ପରେ ମିନି ମାରାଥାନଟି ଆଠମଲ୍ଲିକ ସହର ପରିକ୍ରମା କରି କଲେଜ ଛକ ନିକଟସ୍ଥ ଖେଳ ପଡିଆରେ ପହଞ୍ଚିଥିଲା। ସେଠାରେ ଜଙ୍ଗଲ ନିଆଁ ବିରୁଦ୍ଧରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଇଥିଲା। ଆଜିର ଏହି ମିନି ମାରାଥନରେ କେନ୍ଦୁପତ୍ର ଡିଏଫଓ ଜ୍ୟୋତି କୋଟାଲ, ଆଠମଲ୍ଲିକ ଆଇଆଇସି ଚିତ୍ତ ରଞ୍ଜନ ବେହେରା, ଏସିଏଫ ସଚ୍ଚିଦାନନ୍ଦ ସେଠୀ, ଦିବ୍ୟସିଂ ମାଝୀ, ଆଠମଲ୍ଲିକ ରେଞ୍ଜର ସୁନିଲ କୁମାର ସାହୁ, ଧଣ୍ଡାତୋପା ରେଞ୍ଜର ବବ୍ରୁ ବାହନ ସାହୁ , ମାଧପୁର ରେଞ୍ଜର ବିଜୟ କୁମାର୍ ସାହୁ, ହାଣ୍ଡପା ରେଞ୍ଜର ନରେନ୍ଦ୍ର ଗମାଙ୍ଗୋ, ବାମୂର୍ ରେଞ୍ଜର ସରୋଜ କୁମାର୍ ମିଶ୍ରଙ୍କ ସମେତ ବନଖଣ୍ଡ ଅଧିକାରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମିନି ମାରାଥନର ପ୍ରତିଯୋଗିତାରେ ବାଳକ ବିଭାଗରେ ପ୍ରଥମ ଅର୍ଜୁନ ନାଏକ, ଦ୍ୱିତୀୟ ଚନ୍ଦ୍ରକାନ୍ତ ମହାକୁଡ, ତୃତୀୟ ଦୁଃଖିଶ୍ୟାମ ଭୁକ୍ତା ଏବଂ ବାଳିକା ବିଭାଗରେ ପ୍ରଥମ ସନ୍ଧ୍ୟାରାଣି ନାଏକ, ଦ୍ୱିତୀୟ ଅର୍ଚ୍ଚନା ମୁଣ୍ଡା, ଲିଜା ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏଥିରେ ୩୫୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଡିଏଫ ଓ ସନ୍ତୋଷ କାପୁଲା ଜଙ୍ଗଲ ସଚେତନତା ଉପରେ ବିଭିନ୍ନ ପ୍ରକାର ବକ୍ତବ୍ୟ ପ୍ରଦାନ କରିଥିଲେ।

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ୍ ଉଦ୍‌ଘାଟିତ: ସେମିରେ ଉତ୍କଳିକା



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବଜାର ଚନ୍ଦ୍ରଭାନୁପୁର କ୍ରିକେଟ ପଡିଆରେ ରବିବାର ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ସବ୍‌ଇନ୍ସପେକ୍ଟର ଇଭାରାଣୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ସମାଜସେବୀ ରଜନୀକାନ୍ତ ଚନ୍ଦ, ଲଳିତ ରାଉତ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ଗିରିଶ ସାମଲ, ଦିବ୍ୟଜ୍ୟୋତି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ବାଲେଶ୍ୱର ୟୁ ଆଣ୍ଡ ମି ଦଳ ସହ ବାସୁଦେବପୁର ଉତ୍କଳିକା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉତ୍କଳିକା ଦଳ ଅଧିନାୟକ ଟସ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟି କରି ୟୁ ଆଣ୍ଡ ମି ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୭ ରନ ସ୍କୋର କରିଥିଲେ। ବ୍ୟାଟ୍ସମ୍ୟାନ ଦିନବନ୍ଧୁ ବେହେରା ସର୍ବାଧିକ ୩୦ ରନ ହାସଲ କରିଥିଲେ। ବିପକ୍ଷ ବୋଲର ମାନସ ମୁଦୁଲି ୪ ଓଭର ବୋଲିଂ କରି ୨୩ ରନ ବିନିମୟରେ ୩ ଉଇକେଟ ଓ ରାକେଶ ପଣ୍ଡା ୪ ଓଭର ବୋଲିଂ କରି ୧୭ ରନ ବିନିମୟରେ ୨ଉଇକେଟ ଅକ୍ତିଆର କରିଥିଲେ। ଉତ୍କଳିକା ଦଳ ୧୫.୩ ଓଭରରେ ୬ ଉଇକେଟ ହରାଇ ୧୬୮ ରନ କରି ମ୍ୟାଚ ବିଜୟୀ ହୋଇ ସେମିରେ ପ୍ରବେଶ କରିଥିଲେ। ଦଳ ପକ୍ଷରୁ ବସନ୍ତ ମହାଳିକ ୫୯ ଓ ସାଭଲିନ ମଲ୍ଲିକ୍ ୫୮ ରନ ସ୍କୋର କରିଥିଲେ। ବିପକ୍ଷ ବୋଲର ମାନସ ପାତ୍ର ୪ ଓଭର ବୋଲିଂ କରି ୫୫ ରନ ଦେଇ ୩ ଉଇକେଟ ଓ ରୋନାଲ୍ଡ ଦାସ ୩ ଓଭର ବୋଲିଂ କରି ୨୪ ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ମାନସ ମଲ୍ଲିକ ମ୍ୟାନ ଅଫ ଦି ମ୍ୟାନ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅଶୋକ ରାଉ ଓ ରାମଚନ୍ଦ୍ର ଦାସ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଶୋଭନ ଶଙ୍ଖୁଆ ଓ ଜ୍ୟୋତିରଞ୍ଜନ ଚନ୍ଦ ସ୍କୋରର, ପ୍ରଦୀପ ଜେନା ଓ ମନୋରଞ୍ଜନ ନାୟକ ଭାଷ୍ୟକାର ଦାଇତ୍ୱ ତୁଲାଇଥିଲେ।

## ସର୍ବ ଭାରତୀୟ ବୃହତ୍ ବନ୍ଦର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ : ପାରାଦୀପ ବନ୍ଦର ଚାମ୍ପିଅନ୍




ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ୪୬ତମ ସର୍ବ ଭାରତୀୟ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତାର ରବିବାର ଦିନ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପାରାଦୀପ ବନ୍ଦର ଏବଂ ଭିଓ ଚିଦାମ୍ବରନାର ବନ୍ଦରକୁ ପେନାଲ୍ଟୀ ଶୁଟ ଆଉଟ୍ ବଳରେ ୫-୪ ଗୋଲ ବ୍ୟବଧାନରେ ପରାସ୍ତ କରି ଚମ୍ପିଅନ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ ଦେଇ ନପାରିବାରୁ ପେନାଲ୍ଟି ସୁଟ ଆଉଟ୍ କରାଯାଇଥିଲା । ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି ଏନ୍ ସୋନ୍ଧୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗଦେଇ ବିଜୟୀ ଓ ରନରଅର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ, ସିଏମଇ ସୁଶିଲ ନାହାକ, ସି ଆଇଏସଏଫ୍ କାମାଣ୍ଡାଣ୍ଟ ଅକ୍ଷତ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ସର୍ବପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉଲ୍ଲେଖନୀୟ ଏହିକି ଯେ ଏହି ବର୍ଷ ବନ୍ଦର ସେବାରୁ ଅବସର ଗ୍ରହଣ କରୁଥିବା ବିଭିନ୍ନ ବନ୍ଦରର ଫୁଟବଲ ଖେଳାଳୀ ମାନଙ୍କୁ ପାରାଦୀପ ବନ୍ଦର ତରଫରୁ ସମ୍ମାନିତ କରାଯାଇଥିଲା । ସମ୍ପାଦକ ରଞ୍ଜନ ରଶ୍ମି ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଫୁଟବଲ କୋଚ ରବି ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ଏଫଆଇଏଚ୍ ହକି ପ୍ରୋ-ଲିଗ୍‌ର ଦ୍ୱିତୀୟ ଦିନ

# ଭାରତୀୟ ପୁରୁଷ, ସ୍ପେନ୍ ମହିଳା, ଇଂଲଣ୍ଡ ମହିଳା ହକି ଦଳ ବିଜୟୀ







ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିୟମ୍‌ରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ଆଜି ଥିଲା ଦ୍ୱିତୀୟ ଦିବସ। ପ୍ରଥମେ ଟର୍ଫକୁ ଓହ୍ଲାଇଥିଲା ପୁରୁଷ ଭାରତୀୟ ହକି ଦଳ ଓ ସ୍ପେନ୍ ପୁରୁଷ ହକି ଦଳ। ଏହି ମ୍ୟାଚ୍‌ରେ ଦୁଇ କ୍ୱାର୍ଟରରେ କେହି କାହାରିକୁ ଗୋଲ ଦେବାରେ ସଫଳ ହୋଇପାରିନଥିଲେ। ତେବେ ତୃତୀୟ କ୍ୱାର୍ଟରରେ ଭାରତୀୟ ପୁରୁଷ ହକି ଦଳ ଦୁଇଟି ଗୋଲ ଦେବା ସହ ଚତୁର୍ଥ କ୍ୱାର୍ଟରରେ ମଧ୍ୟ ଭାରତୀୟ ପୁରୁଷ ହକି ଦଳ ଦୁଇଟି ଗୋଲ୍ କରିବାରେ ସଫଳ ହୋଇଥିଲା। ଶେଷରେ ୪-୦ ଗୋଲ୍‌ରେ ସ୍ପେନ୍ ପୁରୁଷ ହକି ଦଳକୁ ପରାସ୍ତ କରି ମ୍ୟାଚ୍ ଜିଣିଥିଲା ଭାରତୀୟ ପୁରୁଷ ହକି ଦଳ। ପରେ ମୈଦାନକୁ ଓହ୍ଲାଇଥିଲେ ସ୍ପେନ୍ ମହିଳା ହକି ଦଳ ଓ ଜର୍ମାନୀ ମହିଳା ହକି ଦଳ। ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଉଭୟ ଉଭୟଙ୍କୁ ଗୋଟିଏ ଲେଖାଏଁ ଗୋଲ ଦେବାରେ ସମର୍ଥ ହୋଇଥିବା ବେଳେ ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଉଭୟଙ୍କୁ ଗୋଟିଏ ଲେଖାଏଁ ଗୋଲ ଦେବାରେ ସମର୍ଥ ହୋଇଥିଲେ। ସେହଭଳି ତୃତୀୟ କ୍ୱାର୍ଟରରେ ସ୍ପେନ ୨ଟି ଗୋଲ୍ କରିଥିବା ବେଳେ ଜର୍ମାନୀ ଗୋଟିଏ ଗୋଲ୍ କରିଥିଲା। ସେହିପରି ଚତୁର୍ଥ କ୍ୱାର୍ଟରରେ ସ୍ପେନ୍ ମଧ୍ୟ ୨ଟି ଗୋଲ କରିବା ସହ ଜର୍ମାନୀ ଗୋଟିଏ ଗୋଲ୍ କରିଥିଲା। ଏହି କ୍ରମରେ ସ୍ପେନ ୬-୪ଗୋଲ୍‌ରେ ଜର୍ମାନୀ ମହିଳା ହକିଦଳକୁ ପରାସ୍ତ କରିଥିଲା। ପରେ ମୈଦାନକୁ ଓହ୍ଲାଇଥିଲେ ଭାରତୀୟ ମହିଳା ହକି ଦଳ ଓ ଇଂଲଣ୍ଡ ମହିଳା ହକି ଦଳ। ଶେଷ ପର୍ଯ୍ୟନ୍ତ ମ୍ୟାଚ ହୋଇଥିଲା ରୋମାଞ୍ଚକର। ସଡନ୍ ?ଡେଥରେ ଭାରତକୁ ପରାସ୍ତ କରିଛି ଇଂଲଣ୍ଡ। ମ୍ୟାଚର ସମସ୍ତ କ୍ୱାଟରରେ ରୋମାଞ୍ଚକର ମ୍ୟାଚ ଦେଖିବାକୁ ମିଳିଥିବାବେଳେ ଶେଷ ସୁଦ୍ଧା ସ୍କୋର ୨-୨ ଗୋଲରେ ବରାବର ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସୁଟ ଆଉଟରେ ମଧ୍ୟ ସ୍କୋର ସମାନ ରହିବା ପରେ ସଡନ ଡେଥରେ ବିଜୟ ହାସଲ କରିଛି ଇଂଲଣ୍ଡ ମହିଳା ଦଳ। ଭାରତୀୟ ଦଳ ସୁଟଆଉଟ ଅନେକ ସୁଯୋଗ ହାତଛଡ଼ା କରିଥିବା ବେଳେ ଆଗକୁ କମବ୍ୟାକ କରିବାକୁ ଆଶାବାଦୀ ରହିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ଭୋଜନ ହିଁ ଜୀବନର ଆଧାର । ତେଣୁ ଶାସ୍ତ୍ରରେ ମଧ୍ୟ ଭୋଜନର ମହତ୍ତ୍ୱ ବର୍ଣ୍ଣନା କରାଯାଇଛି । ଏହାସହ ଭୋଜନ ସହ ଜଡିତ ଅନେକ ନିୟମ ମଧ୍ୟ ବର୍ଣ୍ଣନା କରାଯାଇଛି । ମାତ୍ର ଆପଣ ଜାଣନ୍ତି କି ଭୋଜନକୁ ନେଇ ଅନେକ ଶୁଭ ଓ ଅଶୁଭ ଘଟଣାର ସଙ୍କେତ ମଧ୍ୟ ମିଳିଥାଏ । ଅନେକ ସମୟରେ ଦେଖିଥିବେ ଖାଦ୍ୟରୁ ବାରମ୍ବାର କେଶ ବାହାରିଥାଏ । ଭୋଜନ ଗ୍ରହଣ ସମୟରେ ବାରମ୍ବାର କେଶ ବାହାରିବା ଶୁଭଙ୍କର ନୁହେଁ । ମାନ୍ୟତା ଅନୁଯାୟୀ ଗ୍ରହଙ୍କ ଅଶୁଭ ପ୍ରଭାବ ଥିଲେ ଏପରି ହୋଇଥାଏ । ରାହୁଙ୍କ ସ୍ଥିତି ଖରାପ ଥିଲେ କେବଳ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଲାଗି ରୁହେ ନାହିଁ ବରଂ ଧନହାନୀ, ଆର୍ଥିକ କ୍ଷେତ୍ରରେ ସମସ୍ୟା, ଅକାରଣେ କ୍ଷତିର କାରଣ ପାଲଟିଥାଏ । ରୋଗ ଲାଗି ରହି ଅଯଥାରେ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଥାଏ । ଭୋଜନରେ ସର୍ବଦା କେଶ ବାହାରିବା ପିତୃଦୋଷ ରହିଥିବାର ସଙ୍କେତ ଦେଇଥାଏ । ଖାଦ୍ୟ ଖାଇବାକୁ ବସିବା ମାତ୍ରେ ସେଥିରୁ କେଶ ବାହାରିବା ପିତୃ ଦୋଷର ସଙ୍କେତ ଦେଇଥାଏ । ଆପଣଙ୍କ ସହ ଏଭଳି ହେଉଥିଲେ, ରାହୁ ଓ ପିତୃଦୋଷରୁ ମୁକ୍ତି ପାଇବା ପାଇଁ ଉପାୟ ଆପଣାନ୍ତୁ । ଭୋଜନ କରିବା ପୂର୍ବରୁ କେଶକୁ ଭଲ ଭାବେ ବାନ୍ଧି ଭୋଜନ କରନ୍ତୁ । ମାନ୍ୟତା ଅନୁଯାୟୀ, ଭୋଜନ ପରଷିବା ସମୟରେ ଖାଦ୍ୟ ବାରମ୍ବାର ହାତରୁ ଖସିବା, ଭୋଜନ କରିବା ସମୟରେ ଅଶୁଭ ଖବର ଶୁଣିବା ମଧ୍ୟ ଶୁଭ ନୁହେଁ । ଭୋଜନ ପୂର୍ବରୁ ଭଗବାନଙ୍କୁ ସ୍ମରଣ କରି ହାତଗୋଡ ପରିଷ୍କାର ଭାବେ ଧୋଇ ଆସନରେ ବସି ଭୋଜନ ଗ୍ରହଣ କରନ୍ତୁ ।






## ରଶ୍ମିକା ନିଜକୁ ହାଇଦ୍ରାବାଦୀ କହି ଟ୍ରୋଲ

ରଶ୍ମିକା ମନ୍ଦାନା କର୍ଣ୍ଣାଟକର କୁର୍ଗ ଅଞ୍ଚଳର । ଯଦିଓ ଏହି ଅଭିନେତ୍ରୀ କନ୍ନଡ ଚଳଚ୍ଚିତ୍ର ମାଧ୍ୟମରେ ସିନେମାରେ ଡେବ୍ୟୁ କରିଥିଲେ, ସେ ତେଲୁଗୁ ସିନେମାରୁ ପ୍ରସିଦ୍ଧି ହାସଲ କରିଥିଲେ । ଗତ କିଛି ବର୍ଷ ଧରି, ତାଙ୍କର ଅନେକ କନ୍ନଡ ପ୍ରଶଂସକ ତାଙ୍କୁ ତାଙ୍କର ମୂଳକୁ 'ପ୍ରତ୍ୟାଖ୍ୟାନ' କରିବାର ଅଭିଯୋଗ ଆଣିଛନ୍ତି । ନିକଟରେ, ଅଭିନେତ୍ରୀଙ୍କର ଏକ ଭିଡିଓ କ୍ଲିପ୍ ସାମ୍ନାକୁ ଆସିଛି ଯେଉଁଥିରେ ସେ କହୁଛନ୍ତି ଯେ, ସେ ହାଇଦ୍ରାବାଦର । ଏହି ମନ୍ତବ୍ୟ ୟୁଜରଙ୍କ କ୍ରୋଧର ନିଆଁରେ ଘିଅ ଢାଳିଛି । ସୋସିଆଲ ମିଡିଆରେ ସେୟାର ହୋଇଥିବା କ୍ଲିପ୍ଟି ତାଙ୍କ ନୂତନ ଫିଲ୍ମ 'ଛାୱା'ର ପ୍ରି-ରିଲିଜ୍ ଇଭେଣ୍ଟର । ଏଥିରେ ରଶ୍ମିକା ମଞ୍ଚ ଉପରୁ ଲୋକଙ୍କ ସହ କଥା ହେଉଥିବାର ଦେଖାଯାଉଛି । ସେ କହିଥିଲେ, ମୁଁ ହାଇଦ୍ରାବାଦରୁ ଆସିଛି ଏବଂ ମୁଁ ଏକା ଆସିଛି । ଆଜି ମୁଁ ଆଶା କରୁଛି ଯେ ମୁଁ ତୁମ ପରିବାରର ଏକ ଅଂଶ ହୋଇଯିବି ।' ଦର୍ଶକମାନେ ଏହାକୁ ଶୁଣି କରତାଳି ଦେଇଥିଲେ ଏବଂ ରଶ୍ମିକା ହସି ସେମାନଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଛୋଟ କ୍ଲିପ୍ଟି ସୋସିଆଲ ମିଡିଆ ଏକ୍ସରେ କୌଣସି ଶୀର୍ଷକ ବିନା ସେୟାର କରାଯାଇଥିଲା ଏବଂ କ୍ୟାପସନ୍ ଦିଆଯାଇଥିଲା, ଯେତେବେଳେ ତୁମେ ଆମ କନ୍ନଡଙ୍କଠାରୁ ନକାରାତ୍ମକତା ମନ୍ତବ୍ୟ ପାଅ, ମୁଁ ତୁମ ପାଇଁ ଦୟା ଅନୁଭବ କରେ ।' କିନ୍ତୁ ଯେତେବେଳେ ତୁମେ ଏପରି ମନ୍ତବ୍ୟ ଦେଉଛ, ମୁଁ ଭାବୁଛି ସେସବୁ ଠିକ୍, ଏବଂ ତୁମେ ଏହା ପାଇବାକୁ ଯୋଗ୍ୟ ।' ଅନେକ ୟୁଜର ମନ୍ତବ୍ୟ ଦେଇଛନ୍ତି ଯେ, ରଶ୍ମିକା ଏପରି ମନ୍ତବ୍ୟ ଦେବା ସାଧାରଣ କଥା । ଜଣେ ଲେଖିଛନ୍ତି: ମୁଁ ଭାବୁଛି ସେ ଏପରି ମନ୍ତବ୍ୟ ଦେଇ ତେଲୁଗୁ ଦର୍ଶକ ଏବଂ ତେଲୁଗୁ ଫିଲ୍ମ ଶିଳ୍ପକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି । ଅନ୍ୟ ଜଣେ କହିଛନ୍ତି, ରଶ୍ମିକା ଜଣେ ସୁବିଧାବାଦୀ । କିଛି ୟୁଜର ଏଥିରେ ତାଙ୍କୁ ସମର୍ଥନ କରିଥିଲେ କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ କହିଥିଲେ ଯେ, ଏହା ଭୁଲ । ଅନ୍ୟ ଜଣେ ଲେଖିଛନ୍ତି, ଏହା ଏକ ବଡ଼ ବଜାର, ତେଣୁ ଏହା ବିଶ୍ୱସ୍ତତା ଅପେକ୍ଷା ଏକ ସ୍ମାର୍ଟ କ୍ୟାରିଅରର ବିକଳ୍ପ । ଅଭିନେତ୍ରୀଙ୍କ ଅନେକ ପ୍ରଶଂସକ ମଧ୍ୟ ତାଙ୍କୁ ସୁରକ୍ଷା ପ୍ରଦାନ କରିଛନ୍ତି । ଜଣେ ୨୦୨୪ ମସିହାର ରଶ୍ମିକାଙ୍କର ଏକ ଟ୍ୱିଟ୍ ସେୟାର କରିଛନ୍ତି, ଯେଉଁଥିରେ ସେ କୁର୍ଗ ପ୍ରତି ତାଙ୍କର ପ୍ରେମ ବିଷୟରେ କହିଥିଲେ ଏବଂ ଲେଖିଛନ୍ତି, 'ସେ ସବୁବେଳେ ଦାବି କରନ୍ତି ଯେ, ସେ କୁର୍ଗରୁ ଆସିଛନ୍ତି ଏବଂ କୋଡାଭା ଶାଢ଼ି ପିନ୍ଧନ୍ତି । ତୁମେମାନେ ପ୍ରସଙ୍ଗ ବିନା ଯେକୌଣସି କ୍ଲିପ୍ ନେଇ ତାଙ୍କୁ ଦୋଷ ଦେଉଛ ବୋଲି ସେ କହିଛନ୍ତି । ତାଙ୍କ କହିବାର ଅର୍ଥ ଥିଲା ଯେ, ସେ ଏବେ ହାଇଦ୍ରାବାଦରେ ରହୁଛନ୍ତି, ସେ ହାଇଦ୍ରାବାଦରୁ ଏକ ଭଙ୍ଗା ଗୋଡ ନେଇ ମୁମ୍ବାଇ ଆସିଥିଲେ ।

## 'ନାଦାନିୟାଁରେ ନଜର ଆସିବେ ଖୁସି-ଇବ୍ରାହିମ୍



୨୦୨୫ ମସିହାରେ ଅନେକ ଷ୍ଟାର ସେମାନଙ୍କର ଡେବ୍ୟୁ ପାଇଁ ପ୍ରସ୍ତୁତ ହେଉଥିବାବେଳେ ସୈଫ୍ ଅଲ୍ଲୀ ଖାନଙ୍କ ପୁଅ ଇବ୍ରାହିମ୍ ଅଲ୍ଲୀ ଖାନ ଡେବ୍ୟୁ କରିବାକୁ ଯାଉଛନ୍ତି । ତାଙ୍କର ଫିଲ୍ମ ନାଦାନିୟାଁ ନେଟଫ୍ଲିକ୍ସରେ ଷ୍ଟ୍ରିମ୍ ହେବ । ଏଥିରେ ତାଙ୍କ ବିପକ୍ଷରେ ଖୁସି କପୁର ନଜର ଆସିବେ... । ପ୍ରଶଂସକମାନଙ୍କୁ ତାଙ୍କର ବଲିଉଡ ଡେବ୍ୟୁ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପଡିବ । କିନ୍ତୁ ତାଙ୍କର ଓଟିଟି ଡେବ୍ୟୁ ପାଇଁ ଅଧିକ ସମୟ ବାକି ନାହିଁ । ଅଭିନେତାଙ୍କ ଫିଲ୍ମ ନାଦାନିୟାଁ କେବେ ରିଲିଜ୍ ହେବ ସେ ବିଷୟରେ ଏକ ସଦ୍ୟତମ ଅପଡେଟ୍ ପ୍ରକାଶ ପାଇଛି । ଫିଲ୍ମ ନାଦାନିୟାଁ ନେଇ ନିର୍ମାତାମାନେ ନିକଟରେ ପ୍ରକାଶ କରିଥିଲେ ଯେ, ଏହି ଫିଲ୍ମଟି ନେଟଫ୍ଲିକ୍ସରେ ଷ୍ଟ୍ରିମ୍ ହେବ । ତଥାପି, ଏହାର ରିଲିଜ୍ ତାରିଖ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । କିନ୍ତୁ ଏବେ ନିର୍ମାତାମାନେ ପ୍ରଶଂସକମାନଙ୍କୁ ଏକ ବଡ଼ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରଦାନ କରିଛନ୍ତି । ଇବ୍ରାହିମ୍ ଅଲ୍ଲୀ ଖାନଙ୍କ ଏହି ଫିଲ୍ମ ୨୦୨୫ ଫେବୃଆରି ମାସରେ ହିଁ ଷ୍ଟ୍ରିମ୍ ହେବାକୁ ପ୍ରସ୍ତୁତ ହୋଇ ରହିଛି । ଫିଲ୍ମର ରିଲିଜ୍ ତାରିଖ କେବେ ସେନେଇ ଏପର୍ଯ୍ୟନ୍ତ କୁହାଯାଇ ନାହିଁ । କିନ୍ତୁ ଏହା ନିଶ୍ଚିତ ଭାବରେ ଏକ ଅପଡେଟ୍ ଯେ, ଫିଲ୍ମର ରିଲିଜ୍ ତାରିଖ ମଧ୍ୟ ଖୁବ୍ ଶୀଘ୍ର ପ୍ରକାଶ ପାଇବ । ନେଟଫ୍ଲିକ୍ସ ଏହାର ନୂତନ ଭିଡିଓରେ ଫେବୃଆରି ମାସର ବାକି ଦିନଗୁଡ଼ିକର ଓଟିଟିଇ ରିଲିଜ୍ ବିଷୟରେ ସୂଚନା ଦେଇଛି । ଏଥିରେ ନାଦାନିୟାଁର ନାମ ମଧ୍ୟ ସାମିଲ ଅଛି । ଏହା ସହିତ, ଏହାର ରିଲିଜ୍ ତାରିଖ ପାଖରେ 'କମିଂ ସୁନ୍' ଲେଖାଯାଇଛି । ଏବେ, ଏହା କେତେ ଶୀଘ୍ର ଆସିବ ସେ ବିଷୟରେ ସସପେନ୍ସ ରହିଛି । ୨୦୨୫ ମସିହାରେ ମାତ୍ର ୨ ମାସ ମଧ୍ୟରେ ଖୁସି କପୁରଙ୍କର ଦୁଇଟି ଫିଲ୍ମ ମୁକ୍ତିଲାଭ କରିଛି । ତାଙ୍କର ପ୍ରଥମ ଚଳଚ୍ଚିତ୍ର ଥିଲା ଲଭୟାପା । ଏହି ଫିଲ୍ମରେ ସେ ଜୁନୈଦ ଖାନଙ୍କ ସହ ନଜର ଆସିଥିଲେ । ତଥାପି, ଫିଲ୍ମଟି ଥିଏଟରରେ କିଛି ବିଶେଷ କମାଲ କରିବାରେ ସଫଳ ହୋଇ ନଥିଲା । ଅନ୍ୟପକ୍ଷରେ ତାଙ୍କର ଦ୍ୱିତୀୟ ଫିଲ୍ମ ଭାବେ ଇବ୍ରାହିମ୍ ଅଲ୍ଲୀ ଖାନଙ୍କ ରୋମାଣ୍ଟିକ ଫିଲ୍ମ 'ନାଦାନିୟାଁ'ରେ ସେ ନଜର ଆସିବେ । ଏହି ଯୋଡ଼ିକୁ ପ୍ରଶଂସକଙ୍କଠାରୁ କି ପ୍ରକାରର ପ୍ରତିକ୍ରିୟା ମିଳୁଛି ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।



## ନକଲି ଅଣ୍ଡା ଜାଣିବେ କେମିତି ? ଜାଣନ୍ତୁ...

*ଅଣ୍ଡା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ । କିନ୍ତୁ ବର୍ତ୍ତମାନ ବଜାରରେ ଅନେକ ନକଲି ଅଣ୍ଡା ଦେଖିବାକୁ ମିଳୁଛି । ଏଗୁଡ଼ିକ ଖାଇବା ଅତ୍ୟନ୍ତ ବିପଦପୂର୍ଣ୍ଣ । ତେବେ ଆଜି ଆସନ୍ତୁ ଜାଣିବା ଏହି ନକଲି ଅଣ୍ଡାକୁ ଆପଣ କେମିତି ଚିହ୍ନିବେ....*

ଅଣ୍ଡା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ । ଏଥିରେ ଅନେକ ପ୍ରକାରର ଭିଟାମିନ୍, ଖଣିଜ ପଦାର୍ଥ ଏବଂ ସୂକ୍ଷ୍ମ ପୋଷକ ତତ୍ତ୍ୱ ରହିଛି । ସେଥିପାଇଁ ଅଣ୍ଡାକୁ ଏକ ସୁପରଫୁଡ୍ କୁହାଯାଏ । ପ୍ରତିଦିନ ଗୋଟିଏ ଅଣ୍ଡା ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ମିଳିଥାଏ । ଅଣ୍ଡାରେ ଥିବା ଉଚ୍ଚମାନର ପ୍ରୋଟିନ୍, ଭିଟାମିନ୍ ଏବଂ ଖଣିଜ ପଦାର୍ଥ ମସ୍ତିଷ୍କକୁ ସକ୍ରିୟ ରଖିବା ଏବଂ ମାଂସପେଶୀ ଶକ୍ତିକୁ ଉନ୍ନତ କରିବା ପାଇଁ ଉପଯୋଗୀ ।ତଥାପି, ବର୍ତ୍ତମାନ ଅନେକ ଅଞ୍ଚଳରେ ନକଲି ଅଣ୍ଡା ବିକ୍ରି ହେଉଥିବାର ରିପୋର୍ଟ ଆସିଛି । ଏଗୁଡ଼ିକ ଖାଇବା ଅତ୍ୟନ୍ତ ବିପଦପୂର୍ଣ୍ଣ । ଏଗୁଡ଼ିକ ଦେଖିବାକୁ ଅସଲି ଅଣ୍ଡା ପରି । ପ୍ରଥମେ ପ୍ରଥମେ ଦେଖିଲେ ଆପଣ ଏହାକୁ ଚିହ୍ନିବା ବହୁ କଷ୍ଟକର । ତଥାପି, କିଛି ପାର୍ଥକ୍ୟ ଦ୍ୱାରା ସେମାନଙ୍କୁ ଚିହ୍ନଟ କରାଯାଇପାରିବ । ଆସନ୍ତୁ ଜାଣିବା କେମିତି ?

### ଅଣ୍ଡାଖୋଳ ଆକୃତି

ସାଧାରଣ ଅଣ୍ଡା ତୁଳନାରେ ନକଲି ଅଣ୍ଡାଖୋଳ ଅଧିକ ଚମକିଥାଏ । ସେମାନଙ୍କର ଆକୃତି ଯଦିଓ ସମାନ । କିନ୍ତୁ ଯଦି ଆପଣ କପଡ଼ାରେ ଖୋଳକୁ ଘଷିବେ, ତେବେ ଏହା ପ୍ଲାଷ୍ଟିକ୍ ପରି ଶବ୍ଦ କରିବ ।

**ଗନ୍ଧ:** ଯଦି ତୁମେ ଅସଲି ଅଣ୍ଡା ଭାଙ୍ଗିବ, ତେବେ ସେଥିରୁ ଦୁର୍ଗନ୍ଧ ଆସିବ । ଯଦି ଏହା ନକଲି, ତେବେ ଏଥିରେ ପ୍ଲାଷ୍ଟିକ୍ କିମ୍ବା ରାସାୟନିକ ଗନ୍ଧ ରହିବ ।

### ପାଣି ପରୀକ୍ଷା

ଯଦି ତୁମେ ପାଣିରେ ଅସଲି ଅଣ୍ଡା ପକାଅ, ତେବେ ତାଜା ଥିବା ଅଣ୍ଡା ବୁଡ଼ିଯିବ, ଆଉ ନଷ୍ଟ ହୋଇଥିବା ଅଣ୍ଡାଗୁଡ଼ିକ ଭାସିବ । କିନ୍ତୁ ଯଦି ସେଗୁଡ଼ିକ ନକଲି ହୋଇଥାଏ, ତେବେ କୃତ୍ରିମ ରଚନା ଦ୍ୱାରା ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ବୁଡ଼ିଯିବ ।

### ରୋଷେଇରୁ ଜାଣନ୍ତୁ

ଯଦି ରାନ୍ଧିବା ପରେ ମଧ୍ୟ ଅଣ୍ଡାର ଧଳା ଅଂଶ ପାଣିରେ ବହିଯାଏ, ତେବେ ତାହା ନକଲି ଅଣ୍ଡା । ଏହା ସହିତ, ଯେତେବେଳେ ସିଝାଯାଏ, ହଳଦିଆ ଅଂଶ ଅଣ୍ଡାର ଧଳା ଅଂଶ ସହିତ ବହୁତ ସହଜରେ ମିଶିଯାଏ । ଏହା ଜଣାଶୁଣା ଯେ ପ୍ରାକୃତିକ ଅଣ୍ଡା ମିଶ୍ରଣ କରିବା ଏତେ ସହଜ ନୁହେଁ ।

### ନକଲି ଅଣ୍ଡା ବହୁତ ବିପଦପୂର୍ଣ୍ଣ

ନକଲି ଅଣ୍ଡା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଅନେକ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ବିଷାକ୍ତ ରାସାୟନିକ ପଦାର୍ଥ ଯୋଗୁଁ ସମସ୍ୟା ଅନିବାର୍ଯ୍ୟ । ପେଟ ଯନ୍ତ୍ରଣା, ବାନ୍ତି ଏବଂ ଝାଡ଼ା ଭଳି ସମସ୍ୟା ଦେଖାଦିଏ । ଏଥିରେ ବ୍ୟବହୃତ ବେଞ୍ଜୋଫେନୋନ୍ ଭଳି ରାସାୟନିକ ପଦାର୍ଥ ସ୍ନାୟୁତନ୍ତ୍ର ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ଯଦି ଆପଣ ନଜାଣି ଏସବୁ ଖାଇ ଚାଲିବେ, ତେବେ ଆପଣଙ୍କର ଯକୃତ ଏବଂ କିଡନୀ କ୍ଷତିଗ୍ରସ୍ତ ହେବ । ହରମୋନରେ ଅସନ୍ତୁଳନ ଦେଖାଦିଏ । କର୍କଟ ରୋଗର ଆଶଙ୍କା ବଢ଼ିଯାଏ ।



ନକଲି ଅଣ୍ଡାର ବିପଦରୁ ନିଜକୁ ରକ୍ଷା କରିବା ପାଇଁ ଆମକୁ କିଛି ସତର୍କତା ଅବଲମ୍ବନ କରିବାକୁ ପଡିବ । କେବଳ ବିଶ୍ୱସ୍ତ ବିକ୍ରେତାଙ୍କଠାରୁ କିଣନ୍ତୁ । ଯଦି ସମ୍ଭବ ହୁଏ, ତେବେ ନିକଟସ୍ଥ ଫାର୍ମରୁ ସିଧାସଳଖ ଏହାକୁ ଆଣିବା



### ସତର୍କତା ଆପଣାନ୍ତୁ...

ଭଲ ।ଅଣ୍ଡାର ରଙ୍ଗ, ଆକାର ଏବଂ ଆକୃତି ଦୁଇଥର ଯାଞ୍ଚ କରନ୍ତୁ । ଘରକୁ ଫେରିବା ପରେ, ତୁମେ ଏକ କ୍ରାକ୍ ପରୀକ୍ଷା ଏବଂ ଏକ ଜଳ ପରୀକ୍ଷା କରିବା ଉଚିତ । ସମୟ ସମୟରେ ଏଗୁଡ଼ିକ ବିଷୟରେ ସଚେତନତା ବୃଦ୍ଧି କରାଯିବା ଉଚିତ । ଆପଣଙ୍କ ଆଖପାଖରେ ସମାନ ଘଟଣା ସାମ୍ନାକୁ ଆସିଛି କି ନାହିଁ ଜାଣିବା ପାଇଁ ଆପଣ ଖବର ଯାଞ୍ଚ କରିବା ଉଚିତ ।





## ସବୁଠୁ କ୍ଷୁଦ୍ରତମ ଗାଈ

ବିଶ୍ୱର କ୍ଷୁଦ୍ରତମ କୁଜଥିବା ଗୋ ପ୍ରଜାତି 'ପୁଙ୍ଗାନୁର' ଗାଈ । ଏହାର ଉଚ୍ଚତା ପ୍ରାୟ ୭୦-୯୦ ସେଣ୍ଟିମିଟର, ଓଜନ ୧୧୫-୨୦୦ କିଲୋଗ୍ରାମ । ଏହି ଗାଈ ଦୈନିକ ଦେଇଥାଏ ହାରାହାରି ୩.୫ ଲିଟର ଦୁଗ୍ଧ ଦେଇଥାଏ । ଆମ ଭାରତରେ ହିଁ ରହିଛି ଏଭଳି ପ୍ରଜାତି । ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରୁ ଆସି ଚଳିତବର୍ଷ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶାର ପହଞ୍ଚିଛି । ଏହି ଗାଈ କମ୍ ଖାଦ୍ୟ ଆବଶ୍ୟକ କରିଥାଏ ଏବଂ ଉଭୟ ଶୁଷ୍କ ଓ ଉଷ୍ଣ ଜଳବାୟୁରେ ମଧ୍ୟ ଜୀବନଯାପନ କରିପାରେ । ଏହି ପ୍ରଜାତି ଭାରତୀୟ ଜଳବାୟୁ ସହ ଖାପ ଖୁଆଇ ରହିପାରିବ । ଏମାନେ ମୁଖ୍ୟତଃ ଶାନ୍ତ ସ୍ୱଭାବର ଅଟନ୍ତି । ଏହି ପ୍ରଜାତି ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ । ଏହାର ଦୁଗ୍ଧରେ ଘିଅ ଅଂଶ ୮ ପ୍ରତିଶତ ରହିଛି । ବିଶ୍ୱ ପ୍ରସିଦ୍ଧ ତିରୁପତି ଲଡୁ ପୁଙ୍ଗାନୁର ଗାଈର ଘିଅରୁ ପ୍ରସ୍ତୁତ ହୋଇଥାଏ । ଏହି ଗାଈ ଆଞ୍ଚଳିକ ପର୍ବ ପର୍ବାଣୀ, ଉତ୍ସବ ଓ ସମୃଦ୍ଧିର ପ୍ରତୀକ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର କାଳୀ ପଡିଆ ଠାରେ ଆୟୋଜିତ ଚତୁର୍ଥ ଗ୍ରାମଶ୍ରୀ ମେଳାରେ ଏକ୍ସଟ୍ରିମ ଡ୍ୟାନ୍ସ ସ୍କୁଲର କଳାକାରମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମଶ୍ରୀ ମେଳାର ନିର୍ଦ୍ଦେଶକ ସଞ୍ଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦୁଝରର କଳା ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ୧୫ ଜଣ ନୃତ୍ୟଶିଳ୍ପୀଙ୍କୁ ନେଇ କେନ୍ଦୁଝରରେ ଏକ ଲୋକ ନୃତ୍ୟ ପରିବେଷଣ କରିଥିଲେ। ପରେପରେ ବିଭିନ୍ନ ପାରମ୍ପାରିକ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ କେନ୍ଦୁଝର ଏକ୍ସଟ୍ରିମ ଡ୍ୟାନ୍ସ ସ୍କୁଲର ସମ୍ପାଦକ ଗୌତମ କୁମାର ସାହୁ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନ ଉପଦେଷ୍ଟା ଦୁର୍ଯ୍ୟୋଧନ ମୁଦୁଲି ଓ ତାରିଣୀସେନ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ହେମନ୍ତ କୁମାର ତନ୍ତୀ ଓ ସୁଜନ୍ଦେବ ତନ୍ତୀ ନିର୍ଦ୍ଦେଶନା ଦେଇ ଥିବା ବେଳେ ଅନୁଷ୍ଠାନର ଅସୀମା କର, ମନୋରଞ୍ଜନ ମିଶ୍ର, ନିବେଦିତା ବାରିକ, ସନ୍ତୋଷୀ ସରଣ, ବାସନ୍ତୀ ସାହୁ, ମନୋଜ ଚଉଡ଼ା, ସୁନିତା ସାହୁ, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



## କାହା କୃପାରେ କୃପାଳୁ ଧାନ ମିଲ୍ ଚାଷୀଙ୍କୁ ଶୋଷୁଛି !

କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ୍ ଏକ ଧାନ ଚାଷ ଉପରେ ନିର୍ଭର କରୁଥିବା ବ୍ଲକ ଭାବରେ ଜିଲ୍ଲାରେ ଜଣାଯାଏ। ରାଜ୍ୟର ନୂତନ ସରକାର ଧାନର ମୂଲ୍ୟ ୩୧୦୦ ଟଙ୍କା କରିବା ପରେ ଚାଷୀମାନେ ବେଶ ଖୁସି ଅଛନ୍ତି। କିନ୍ତୁ ଦୁଃଖର ବିଷୟ ଉତ୍ପାଦିତ ଧାନ ସମବାୟ ସମିତି ରେ ଦେବା ପାଇଁ ସରକାର ଯେଉଁ ନିୟମ କରିଛନ୍ତି ତାକୁ କୋରେଇର କୌଣସି ସମବାୟ ସମିତି ମାନୁ ନଥିବ ଦେଖିବାକୁ ମିଳୁଛି। କୋରେଇ ବ୍ଲକ୍‌ରେ ୩ ଟି ଧାନ ମିଲ ଥିବାବେଳେ ସମବାୟ ସମିତି କେବଳ ଟୁକନ୍ ଧରାଇଦେଇ ଚାଷୀଙ୍କୁ ମିଲରେ ଧାନ ଦେବାକୁ ବାଧ କରୁଥିବା ଅଭିଯୋଗ ହେଉଛି। ମିଲଗୁଡ଼ିକୁ ଚାଷୀ ଧାନ ନେଇ ଗଲାବେଳକୁ ଧାନ ଅନଲୋଡ ହେବା ପାଇଁ ୪ରୁ ୫ ଦିନ ଅପେକ୍ଷା କରିବାକୁ ପଡୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଯେଉଁ ଚାଷୀଟି କୃପାଳୁ ମିଲକୁ ଧାନ ନେଇ ଯାଉଛି ଏକାଧିକ ଦିନ ଅପେକ୍ଷା କରି ଗାଡ଼ି ମାଲିକଙ୍କୁ ଅଯଥା ଟଙ୍କା ଗଣୁଥିବା ବେଳେ ମିଲରେ ବିଭିନ୍ନପ୍ରକାର ଆଳ ଦେଖାଇ ଏକ କ୍ୱିଣ୍ଟାଲ୍ ପିଛା ୫ ରୁ ୧୦କେଜି କାଟୁଥିବା ଅଭିଯୋଗ ହେଉଛି। ଏହି ଧାନ କାଟିବା ପଛରେ କୁଆଡ଼େ ମିଲମାନଙ୍କ ସହ କୋରେଇ ବ୍ଲକ୍‌ର ସିଓ ପ୍ରଶାନ୍ତ କର ମୋଟା ଅଙ୍କରେ ହାତଗୁଞ୍ଜି ନେଇ ଚାଷୀଙ୍କୁ ଲୁଟୁଥିବା ଆଲୋଚନା ହେଉଛି। ଯଦି ଚାଷୀଙ୍କ ସୁରକ୍ଷା ସୁବିଧା ପାଇଁ ରହିଥିବା ସରକାରୀ ବାବୁ ଅସାଧୁ ମିଲରଙ୍କ ସହ ମିଶି ମାସମାସ ଧରି ଝାଳ ବୁହାଇ ଧାନଚାଷୀକୁ ଲୁଟିବେ, ତେବେ କିଏ ଚାଷୀଙ୍କୁ ସାହା ହେବ ତାକୁ ନେଇ ବିରାଟ ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି। ଏହି କୃପାଳୁ ମିଲ ନାମରେ ଜବରଦଖଲ ଚାଷ ଜମିକୁ ଦୂଷିତ ଜଳ ଛାଡ଼ିବା, ମିଲରୁ ନିର୍ଗତ କୁଣ୍ଡା ଦ୍ୱାରା ଜାତୀୟ ରାଜପଥରେ ଯାତାୟାତରେ ଅନେକ ଅସୁବିଧା ଭୋଗୁଥିଲେ ମଧ ବ୍ୟାସନଗର ତହସିଲ ଓ ପ୍ରଦୂଷଣ ବିଭାଗ ମଧ ହାତବାନ୍ଧି ବସିଛି। ଖୋଦ୍ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ପଡ଼ୋଶୀ ନିର୍ବାଚନ ମଣ୍ଡଳୀ କୋରେଇ ହୋଇଥିବା ବେଳେ ଦୁର୍ନୀତିଖୋର ଅଫିସର କରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ କୃପାଳୁ ଧାନ ମିଲ ଉପରେ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳର ଚାଷୀମାନେ ଦାବୀ କରିଛନ୍ତି।

## ସୁରେନ୍ଦ୍ରସାଏ ଦିବ୍ୟ ଦୃଷ୍ଟି ଯୋଜନା ଅନୁଷ୍ଠିତ



ବାରିପଦା, (ଭାସ୍କର ନ୍ୟୁଜ୍): ସମଗ୍ର ଶିକ୍ଷା, ମୟୁରଭଞ୍ଜ ଆନୁକୂଲ୍ୟରେ ବାରିପଦା ବ୍ଲକ୍‌ର ସେଣ୍ଟ ମେରି ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳ, ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁର ଉଚ୍ଚ ବିଦ୍ୟାଳୟ ଓ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ୫ଟି ଶିବିରରେ ସୁରେନ୍ଦ୍ରସାଏ ଦିବ୍ୟ ଦୃଷ୍ଟି ଯୋଜନା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରେଖାରାଣୀ ଦାସ ଓ ଶିକ୍ଷକ ଦିଲ୍ଲୀପ କୁମାର ଦାସଙ୍କ ସଂଯୋଜନାରେ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ଅରୁଣ ସାହୁ, ଜୟନ୍ତୀ ସୁର ଓ ଜ୍ୟୋତ୍ସ୍ନା ସ୍ୱାଇଁ ପ୍ରମୁଖ ଯୋଗଦେଇ ୮୭୪ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୨୭୫ ଜଣଙ୍କର ଚଷମା ଆବଶ୍ୟକ ହୋଇଥିବା ବେଳେ ୮୨ ଜଣକୁ ଉଚ୍ଚ ଚିକିତ୍ସା ପାଇଁ ପିଆରଏମ ଡାକ୍ତରଖାନାକୁ ପଠାଯାଇଥିଲା। ଏହି ଅବସରରେ ବିଆରସିସି ତପସ୍ୱିନୀ ଦାଶ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ସ୍ନେହଲତା ବେହେରା ଶିବିର ପରିଦର୍ଶନ କରିଥିବା ବେଳେ ଆରବିଏସକେର ଆୟୁଷ ଡ. ଅଭିଜିତ ରାଉତ ଉଦୟ ମାରାଣ୍ଡି ତଥା ସମସ୍ତ ସିଆରସିସି ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ସ୍ୱାମୀ ପରିତ୍ୟକ୍ତା ଦିବ୍ୟାଙ୍ଗ ମହିଳାଙ୍କୁ ପ୍ରଶାସନିକ ସ୍ତରରେ ନିର୍ଯାତନା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଦିବ୍ୟାଙ୍ଗଙ୍କୁ ସରକାର ମାଗଣାରେ ୩ ଚକିଆଗାଡି, ଶ୍ରବଣଯନ୍ତ୍ର, ଆଶାବାଡି ଯୋଗାଇ ଦେବା ସହ ଭତ୍ତା ମଧ ପ୍ରଦାନ କରୁଛନ୍ତି। ଦିବ୍ୟାଙ୍ଗଙ୍କୁ ଆତ୍ମ ନିର୍ଭରଶୀଳ କରିବା ନିମନ୍ତେ ଚାକିରୀ ଯୋଗାଇଦେବା ସହ ଦିବ୍ୟାଙ୍ଗ ନିମନ୍ତେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି। ଏପରି ସ୍ଥଳେ କଟକ ଜିଲ୍ଲା ପ୍ରଶାସନର ଏକ ବିଚିତ୍ର ନୀତି ପଦାରେ ପଡ଼ିଛି। ସମସ୍ତ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ଜଣେ ସ୍ୱାମୀ ପରିତ୍ୟକ୍ତା ଦଳିତ ଦିବ୍ୟାଙ୍ଗ ମହିଳାଙ୍କୁ ଭୁବନେଶ୍ୱର ବଦଳୀ କରାଯାଇଥିବାର ଅଭିଯୋଗ ହୋଇଛି। ଏହା ଦିବ୍ୟାଙ୍ଗଙ୍କ ପ୍ରତି ଏକ ଉପହାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ୍ ବଡଖିର ଗ୍ରାମର ବାସନ୍ତୀ ଦାସ(୫୦) ଜଣେ ସ୍ୱାମୀ ପରିତ୍ୟକ୍ତା ଦଳିତ ଏବଂ ଦିବ୍ୟାଙ୍ଗ ମହିଳା ଅଟନ୍ତି। ବାସନ୍ତୀ ସ୍ଥାନୀୟ କଟକ ଜିଲ୍ଲା ଜୋବ୍ରା ବନ୍ଦୋବସ୍ତ କାର୍ଯ୍ୟାଳୟରେ ପେସକାର ରୂପେ କାର୍ଯ୍ୟ କରିଆସୁଥିଲେ। ବାସନ୍ତୀ ଜଣେ ସ୍ୱାମୀ ପରିତ୍ୟକ୍ତା ହୋଇଥିଲା ବେଳେ ତାଙ୍କର ଏକମାତ୍ର କନ୍ୟା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ଶେଷବର୍ଷ ଛାତ୍ରୀ ରୂପେ ଅଧ୍ୟୟନରତ ରହିଛନ୍ତି। ଏକମାତ୍ର କନ୍ୟାର ଭବିଷ୍ୟତକୁ ଆଖି ଆଗରେ ରଖି ବାସନ୍ତୀ ସାଲେପୁର ଠାରେ ଭଡ଼ାସୂତରେ ରହିଆସୁଥିଲେ। ବାସନ୍ତୀ ଦୈନନ୍ଦିନ କାର୍ଯ୍ୟାଳୟକୁ ବସ ଯୋଗେ ଅତ୍ୟନ୍ତ ଦୟନୀୟ ଭାବେ ଯାଇଥାନ୍ତି। ଏପରିସ୍ଥଳେ କଟକ ସେଟଲମେଣ୍ଟ ଅଫିସ ତରଫରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଅତିରିକ୍ତ ସବକଲେକ୍ଟରଙ୍କ ଅଦାଲତକୁ ବଦଳୀ କରାଯାଇଥିଲା। ତାଙ୍କର ବଦଳୀ ଆଦେଶକୁ ବାତିଲ କରିବା ନିମନ୍ତେ ବାସନ୍ତୀ ନିର୍ଦ୍ଦେଶକ ଅଭିଲେଖ ମାନଚିତ୍ର ପ୍ରକାଶନ ବନ୍ଦୋବସ୍ତ ଓ ଚକବନ୍ଦୀ କଟକଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ନିର୍ଦ୍ଦେଶକ



ବାସନ୍ତୀଙ୍କ ଅଭିଯୋଗକୁ ଭିତ୍ତି କରି ତାଙ୍କୁ କଟକସଦର ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଡେପୁଟେସନରେ ପଠାଇ ଥିଲେ। ବାସନ୍ତୀ ସେଠାରେ କାର୍ଯ୍ୟରେ ଯୋଗଦାନ କରିବା ପରେ ତାଙ୍କୁ ଗତ ନଭେମ୍ବର ମାସର ଦରମା ପ୍ରଦାନ କରାଯାଇଛି। କିନ୍ତୁ ବାସନ୍ତୀଙ୍କୁ ଗତ ଜୁନ ୨୧ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଓ ଗତ ଡିସେମ୍ବର ଓ ଜାନୁଆରୀ ମାସର ଦରମା ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନଥିବାର ଅଭିଯୋଗ ହୋଇଛି। ଦରମା ନପାଇ ବାସନ୍ତୀଙ୍କ ପରିବାର ଆଜିର ମହଙ୍ଗା ଦୁନିଆରେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ବିଭାଗୀୟ ଅଧିକାରୀ ବାସନ୍ତୀଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଥିବାର ଜଣାଯାଇଛି। ତେବେ ବିଭାଗୀୟ ଅଧିକାରୀ ଦିବ୍ୟାଙ୍ଗ ବାସନ୍ତୀଙ୍କୁ ବାରମ୍ବାର ମାନସିକ ସ୍ତରରେ ଆଘାତ ଦେଉଥିବାର ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦିବ୍ୟାଙ୍ଗ ବାସନ୍ତୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ନିମନ୍ତେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ପରିବାର ସ୍ୱେଚ୍ଛାସେବୀ ସଙ୍ଗଠନର ସଭାପତି ବଲ୍ଲଭ ଚରଣ ପଲେଇ ପ୍ରମୁଖ ଦୃଢ ଦାବି କରିଛନ୍ତି।

## ଶିକ୍ଷାଦାନ ପ୍ରକ୍ରିୟାକୁ ପରିପୁଷ୍ଟ କରୁଛି ମାସିକ ବୈଠକ : ବିଇଓ

କୋଣାର୍କ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ଚଳିତ ଶିକ୍ଷାବର୍ଷରେ ଜୁନରୁ ଫେବୃଆରୀ ମାସ ମଧ୍ୟରେ ୯ଟି କ୍ଲଷ୍ଟର ସ୍ତରୀୟ ବୈଠକ ସମ୍ପନ୍ନ ହୋଇଛି। ଉକ୍ତ ବୈଠକଗୁଡ଼ିକରେ ପ୍ରତି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ ଶିକ୍ଷକ ଉପସ୍ଥିତ ରହି ପ୍ରତ୍ୟେକ ମାସର ଶୈକ୍ଷିକ କ୍ୟାଲେଣ୍ଡର ଅନୁଯାୟୀ ପାଠ୍ୟ ଯୋଜନା ପ୍ରସ୍ତୁତି ଏବଂ ବିଷୟଭିତ୍ତିକ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଆସିଛନ୍ତି। ମୁଖ୍ୟତଃ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରିତ ନିପୁଣ ଓଡ଼ିଶା ମିଶନକୁ ସଫଳ କରିବା ନିମନ୍ତେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ) ସମ୍ପର୍କିତ ଶିକ୍ଷଣ କୌଶଳକୁ ନେଇ ଶିକ୍ଷକମାନେ ପରସ୍ପର ଭାବବିନିମୟ କରୁଛନ୍ତି। ଏହାଦ୍ୱାରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ପ୍ରକ୍ରିୟା ଅଧିକରୁ ଅଧିକ ତ୍ୱରାନ୍ୱିତ ତଥା ପରିପୁଷ୍ଟ ହେଉଛି ବୋଲି ଗୋପ ବ୍ଲକ୍ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ପ୍ରକାଶ କରିଛନ୍ତି। ଗୋପ ବ୍ଲକ୍ ଅନ୍ତର୍ଗତ ଭୈରବ ନୋଡ଼ାଲ ୟୁପିଏସ କ୍ଲଷ୍ଟର ପକ୍ଷରୁ ଚଳିତ ଶିକ୍ଷାବର୍ଷର ଶେଷ ତଥା ନବମ କ୍ଲଷ୍ଟରସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଗୋପ ବିଇଓ ବ୍ରହ୍ମା, ବିଆରସିସି ବେଣୁଧର ମଲ୍ଲିକ, ଏବିଇଓ ବିନୋଦିନୀ ମହାପାତ୍ର, ଏବିଇଓ ପୁଷ୍ପମିତ୍ରା ମିଶ୍ର ଓ ଏବିଇଓ ଅଶୋକ କୁମାର ବେହେରା ଅତିଥି ରୂପେ ଯୋଗଦେବା ସହିତ କାର୍ଯ୍ୟକ୍ରମର ମନିଟରିଂ କରିଥିଲେ। ବିଇଓ ବ୍ରହ୍ମା ଏଫ୍‌ଏଲ୍‌ଏନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ଏଫ୍‌ଏଲ୍‌ଏନ ଟ୍ରାକର୍ ରେଜିଷ୍ଟର ଦେଖିଥିଲେ। ଏହି ଶୈକ୍ଷିକ ବୈଠକରେ କ୍ଲଷ୍ଟର ଅନ୍ତର୍ଗତ ୧୩ଟି ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଏଫ୍‌ଏଲ୍‌ଏନ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଭୈରବ ନୋଡ଼ାଲ ୟୁପିଏସ ପ୍ରଧାନଶିକ୍ଷୟିତ୍ରୀ ଜାଜଲବାଳା ପରିଡ଼ା, ବାହାରଣା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପୃଷ୍ଟି, କୁନଙ୍ଗ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରେଖା ଦେଇ, ଶିକ୍ଷୟିତ୍ରୀ ପ୍ରୀତି ଶତପଥୀ, ସ୍ୱର୍ଣ୍ଣଲତା ବେହେରା, ଗଙ୍ଗାଧର ରାଉତ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।




## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ-ପିତୃ ପୂଜନ ଉତ୍ସବ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଳାଶୋଳ, ସମଙ୍ଗ ପରିସରରେ ପୂଜ୍ୟ ସନ୍ଥ ଶ୍ରୀ ଶ୍ରୀ ଆଶାରାମ ବାପୁଙ୍କ ଦ୍ୱାରା ସ୍ଥାପିତ ବେଦାନ୍ତ ସେବା ସମିତି ପାରାଦ୍ୱୀପଙ୍କ ତରଫରୁ ମାତୃ-ପିତୃ ପୂଜନ ଦିବସ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଦିବସରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସେମାନଙ୍କର ମାତାପିତାଙ୍କୁ ପୂଜା କରିବା ସହ ଉପସ୍ଥିତ ସମସ୍ତ ଗୁରୁଜନମାନଙ୍କ ଠାରୁ ଆଶିଷ କାମନା କରିଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କର ମାତାପିତାଙ୍କୁ ଏକ ଆଧାତ୍ମିକ ପରିବେଶରେ ପୂଜନ କରିବାର ଅବସର ପାଇଥିବାରୁ ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଭାଲେଣ୍ଟାଇନଡେରେ ଏଭଳି ସମୟ ଉପଯୋଗୀ ମାତୃ-ପିତୃ ପୂଜନ କାର୍ଯ୍ୟକ୍ରମକୁ ସମସ୍ତେ ଭୂୟସୀ ପ୍ରଂଶସା କରିବା ସହ ବେଦାନ୍ତ ସେବା ସମିତିର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କର୍ମକର୍ତ୍ତା ଓ ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପ୍ରକାଶ ଥାଉ କି,ବିଦ୍ୟାଳୟ ଆସନ୍ତା ବର୍ଷ ତା'ର ରଜତ ଜୟନ୍ତୀ ଉତ୍ସବ ପାଳନ କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବିଭିନ୍ନ ସଂସ୍କାର ଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜର ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କରୁଛି। ମାତୃ-ପିତୃ ପୂଜନ ଉତ୍ସବ ଏହାର ଏକ ଉଦାହରଣ ଅଟେ।

## ସିଦ୍ଧାର୍ଥ ଶଙ୍କର ରଥ ନୂତନ ସାଂସଦ ପ୍ରତିନିଧି



ଖଇରପୁଟ, (ଭାସ୍କର ନ୍ୟୁଜ): ଖଇରପୁଟ ବ୍ଲକ୍ ସାଂସଦ ପ୍ରତିନିଧି ହେଲେ ସିଦ୍ଧାର୍ଥ ଶଙ୍କର ରଥ। ମାନ୍ୟବର ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ପତ୍ରସଂଖ୍ୟା ୧୧୬୯/୨୦୨୫ରେ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିଛନ୍ତି। ସିଦ୍ଧାର୍ଥ ଶଙ୍କର ରଥ ଖଇରପୁଟ ବ୍ଲକ୍‌ର ଜଣେ ଆଗ ଧାଡ଼ିର କାର୍ଯ୍ୟକର୍ତ୍ତା ଅଟନ୍ତି। ମାନ୍ୟବର ସାଂସଦ ରଥଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରତିନିଧି ରୂପେ ଚୟନ କରିଥିବା ଯୋଗୁଁ ଜିଲ୍ଲା ସଭାପତି ଅଶୋକ ପରିଡ଼ା ଖଇରପୁଟ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଜ୍ୟୋତିରଞ୍ଜନ ବେହେରାଙ୍କ ସହିତ ବାବୁ ପାଣିଗ୍ରାହୀ, ମଣ୍ଟୁ ଜେନା, ପପୁ ସାହୁ ଚିତ୍ରସେନ ମାଲି ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି। ସିଦ୍ଧାର୍ଥ ଶଙ୍କର ରଥ ସାଂସଦ ପ୍ରତିନିଧି ଭାବେ ଚୟନ ହେବାପରେ ସାରା ବ୍ଲକ୍‌ରେ ଖୁସିର ଲହରୀ ଖେଳିଯାଇଛି।

## ନଦୀବନ୍ଧ ମାପ ବେଳେ ବିଦ୍ୟୁତ୍ ଆଘାତରେ କର୍ମଚାରୀ ଗୁରୁତର

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବିଦ୍ୟୁତ୍ ଆଘାତରେ ଜଣେ ଖଲାସୀ ଗୁରୁତର ଆହତ ହୋଇ କଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ କିପରି ବିଦ୍ୟୁତ୍ ଆଘାତ ଲାଗି ଜଣେ ତଳିଆ କର୍ମଚାରୀଙ୍କ ଏପରି ଅବସ୍ଥା ଘଟିଲା, ଏହି ଘଟଣାକୁ ଜଳସେଚନ ବିଭାଗ ଚାପି ଦେବା ପାଇଁ ଉଦ୍ୟମ ଚଳାଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। କର୍ମଚାରୀ ଜଣକ ନିହାତି ଗରୀବ ହୋଇଥିବା ବେଳେ ଜଳସେଚନ ବିଭାଗ କର୍ମଚାରୀଙ୍କ ଚିକିତ୍ସା ଖର୍ଚ୍ଚ କ'ଣ ପାଇଁ ବହନ କରୁନାହିଁ, ତାହା ଏବେ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ ରୂପଦେଈପୁର ଗ୍ରାମର ରବିନାରାୟଣ ନାୟକ ବଳଙ୍ଗା ଜଳସମ୍ପଦ ବିଭାଗ ଓଡ଼ିଶା ସରକାର ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ବଳଙ୍ଗା ଜଳସେଚନ ଉପଖଣ୍ଡରେ କାର୍ଯ୍ୟ କରନ୍ତି। ଭାର୍ଗବୀ ନଦୀବନ୍ଧ ମାପଚୁପ ହେଉଥିବା ବେଳେ ବନ୍ଧ ମାପ ଚାଲିଥିଲା। ବନ୍ଧ ଠାରୁ କମ୍ ଉଚ୍ଚତାରେ ବିଦ୍ୟୁତ୍ ବିଭାଗର ୩୩କେଭି ବିଦ୍ୟୁତ୍ ତାର ଯାଇଥିବାରୁ ମାପ ମେସିନ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ରବିନାରାୟଣ ସେଠାରେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ରବିନାରାୟଣଙ୍କୁ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ଗୁରୁତର ରହିବାରୁ କଟକ ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବର୍ତ୍ତମାନ ସୁଦ୍ଧା ରବିନାରାୟଣଙ୍କ ଅବସ୍ଥା ଗୁରୁତର ରହିଛି। ଜଳସେଚନ ବିଭାଗର ଅନ୍ୟ କର୍ମଚାରୀ ମାନେ ସୁରକ୍ଷିତ ଥିବା ଜଣେ ଖଲାସୀ ତଳିଆ କର୍ମଚାରୀ ଏପରି ଅବସ୍ଥାରେ ଏହି ଘଟଣା ଉପରେ ଜଳସେଚନ ବିଭାଗ କ'ଣ ପଦକ୍ଷେପ ନେଇଛି ତାହାକୁ ନେଇ ସଧାରଣରେ ଅସନ୍ତୋଷ ଦେଖା ଦେଇଛି। ଏହି ଘଟଣାକୁ ଜଳସେଚନ ବିଭାଗ ଚାପିଦେବା ପାଇଁ ଉଦ୍ୟମ କରୁଛି ବୋଲି ସ୍ଥାନୀୟ ଅଞ୍ଚଳରୁ ଶୁଣିବାକୁ ମିଳିଛି।



## ସମନ୍ୱିତ ସ୍ଥାୟୀ ଚାଷରେ ଶ୍ରେଷ୍ଠତ୍ୱ ପାଇଁ ତାପସ ରାଉତ ପୁରସ୍କୃତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଉନ୍ନତ ଚାଷ ପ୍ରଣାଳୀ, ଓଡ଼ିଶାରେ ସମନ୍ୱିତ କୃଷି ଅଭ୍ୟାସ ଜାରି ରଖି ସଫଳ ଚାଷୀ ତଥା ସ୍ଥାୟୀ ଚାଷର ଏକ ମଡେଲ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, କେନ୍ଦୁଝରର ସଫଳ ଚାଷୀ ତାପସ କୁମାର ରାଉତ। ଏକ ଅଭିନବ ଫାର୍ମ କୃଷି ବଳରେ ସେ ଓଡ଼ିଶା ରାଜ୍ୟ ସରକାରଙ୍କ ଠାରୁ ଶ୍ରେଷ୍ଠ କୃଷକ ପୁରସ୍କାର ହାସଲ କରିଛନ୍ତି। ବସୁନ୍ଧରା ଦୁଗ୍ଧ: ଓଡ଼ିଶାରେ ସମନ୍ୱିତ ଏବଂ ସ୍ଥାୟୀ ଚାଷର ଏକ ମଡେଲ ହୋଇଛି ଏବଂ ଏହାର ସୁଯୋଗ ନେଇ ତାପସ ଏ କ୍ଷେତ୍ରରେ ସଫଳତା ହାସଲ କରିଥିବା ଯୋଗୁଁ ଫେବୃୟାରୀ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ମତ୍ସ୍ୟ ଓପ୍ରାଣୀ ସମାବେଶ-୨୦୨୫ର ଉଦ୍‌ଘାଟନୀ ଦିବସରେ ଶୁକ୍ରବାର ସମନ୍ୱିତ କୃଷି ଏବଂ ପରିପୂରକ ତୃଣ ଚାଷ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ରାଉତ ପୁରସ୍କୃତ ହୋଇଛନ୍ତି। ଉତ୍ସବରେ ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ରାଉତଙ୍କୁ ସମ୍ବର୍ଦ୍ଧିତ କରିବା ସହ ପୁରସ୍କୃତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପରିବେଶ ସନ୍ତୁଳନ, ଅର୍ଥନୈତିକ ସମୃଦ୍ଧି ଏବଂ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବିବିଧ କୃଷି ପଦ୍ଧତିର ସମନ୍ୱିତ କରି ତାପସଙ୍କ ଦ୍ୱାରା ପରିଚାଳିତ ଏହି ଫାର୍ମ ଆଧୁନିକ, ସ୍ଥାୟୀ କୃଷିର ଏକ ପ୍ରମୁଖ ଉଦାହରଣ ଭାବେ ଉଭା ହୋଇଛି। ବିଭିନ୍ନ କ୍ଷେତ୍ରକୁ ଏହି ଫାର୍ମ ସମନ୍ୱିତ କରୁଛି, ଯେଉଁଠାରେ ଉତ୍ତମ ମାନର କ୍ଷୀର, ଉତ୍ତମ ରକ୍ଷଣାବେକ୍ଷଣ ହୋଇଥିବା ଗୋପ୍ରଜାତି ମାଧ୍ୟମରେ ଦୁଗ୍ଧ ଉତ୍ପାଦନ କରାଯାଉଛି। ଏଠାରେ ଛେଳି ପାଳନ, ବିବିଧ ମାଂସ ଉତ୍ପାଦନକୁ ସୁନିଶ୍ଚିତ କରୁଥିବା ସହ ଫାର୍ମରେଅନାବନା ଗଛ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରୁଛି। ଏହାବ୍ୟତୀତ, ଫାର୍ମରେ ଗୋଖାଦ୍ୟ ପାଇଁ ସ୍ୱତନ୍ତ୍ର ଚାଷ ଜମି ଅଛି, ଯାହା ଦୁଗ୍ଧ, ଗୋରୁ ଏବଂ ଛେଳି ସମେତ ସମସ୍ତ ପଶୁସମ୍ପଦକୁ ଉନ୍ନତ ମାନର, ଘରୋଇ ଚାରା ସହିତ ଭଲ ଭାବରେ ଖାଇବାକୁ ଦିଆଯିବାକୁ ସୁନିଶ୍ଚିତ କରୁଛି। ଏହା ବ୍ୟତୀତ, ଫାର୍ମରେ ଏକ ସୁପ୍ରତିଷ୍ଠିତ ମତ୍ସ୍ୟ ଚାଷ ବ୍ୟବସ୍ଥା ରହିଛି, ଯେଉଁଠାରେ ଭଲ ମାଛ ଉତ୍ପାଦନ ସହିତ ଅନ୍ୟାନ୍ୟ ଜଳଚାଷ ବୃଦ୍ଧି କରୁଛି। ଜୈବିକ ବର୍ଜ୍ୟବସ୍ତୁ ବ୍ୟବହାର କରି ଛତୁ ଚାଷ ତାଙ୍କର ଏହି ପ୍ରକ୍ରିୟାର ଏକ ପ୍ରମୁଖ ଅଂଶ ଏବଂ ଚାଷ ପାଇଁ ସ୍ଥାୟିତ୍ୱ ବୃଦ୍ଧି କରୁଛି। ସେ ବତକ ପାଳନ କରି ଫାର୍ମର ବହୁମୁଖିତାକୁ ବଢ଼ାଇଛନ୍ତି। ବତକମାନଙ୍କ ଠାରୁ ଅଣ୍ଡା, ମାଂସ ମିଳିବା ସହ ସେମାନେ ପ୍ରାକୃତିକ କୀଟ ନିୟନ୍ତ୍ରଣରେ ସହାୟକ ହୋଇଥା'ନ୍ତି। ଏଠାରେ ଭର୍ମି କମ୍ପୋଷ୍ଟିଂ (ଜିଆଖତ)ଉପରେ ଗୁରୁତ୍ୱ ଦିଆଯାଇ ଜୈବିକ ବର୍ଜ୍ୟବସ୍ତୁକୁ ପୋଷକ ତତ୍ତ୍ୱଯୁକ୍ତ କମ୍ପୋଷ୍ଟରେ ପରିଣତ କରାଯାଉଛି, ଯାହା ପନିପରିବା ଚାଷ ପାଇଁ ମୃତ୍ତିକା ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରୁଛି। ଶାଗ ଠାରୁ ଆରମ୍ଭ କରି ମାଟି ତଳେ ଫଳୁଥିବା ବିବିଧ ପନିପରିବା ଉତ୍ପାଦନ ପର୍ଯ୍ୟନ୍ତ, ସମସ୍ତ ଜୈବିକ ପଦ୍ଧତିରେ ସେ ଚାଷ କରନ୍ତି। ରାଜ୍ୟରେ କୃଷିର ଭବିଷ୍ୟତ ଗଠନରେ ତାଙ୍କର ଭୂମିକା, କୃଷି ବିବିଧିକରଣ, ସ୍ଥାୟିତା ଏବଂ ଅଭିନବତ୍ୱ ପ୍ରତି ଏହି ଫାର୍ମର ପ୍ରତିବଦ୍ଧତା ଯୋଗୁଁ ସେ ଏହି ସମ୍ମାନ ଓ ଖ୍ୟାତି ଅର୍ଜନ କରିଛନ୍ତି। ଏହା ଆଧୁନିକ କୃଷିର ଏକ ପ୍ରତୀକ ଭାବରେ ଠିଆ ହୋଇଛି, ଯେଉଁଥିରେ ଏକାଧିକ କୃଷି ପଦ୍ଧତିକୁ ସମନ୍ୱିତ କରି ଏକ ସ୍ଥିର, ଲାଭଦାୟକ ଏବଂ ପରିବେଶ ଅନୁକୂଳ କୃଷି ମଡେଲ ସୃଷ୍ଟି କରିବାର ଲାଭକୁ ଦର୍ଶାଯାଇଛି। ତାଙ୍କର ଏହି ପ୍ରୟାସକୁ ତାଙ୍କ ପୁତ୍ର ଅଭିଜିତ୍ ରାଉତ ଏବଂ ପରିବାର ବର୍ଗ ସହାୟତା ଓ ସମର୍ଥନ ଦେଇଆସିଛନ୍ତି, ଯାହାକି ତାଙ୍କ ସଫଳତାର ମୂଳ ପୁଞ୍ଜି ବୋଲି ତାପସ କୁହନ୍ତି। ତାଙ୍କର ଏହି ପ୍ରୟାସ ଶିକ୍ଷିତ ଯୁବକ ଯୁବତୀଙ୍କ ମନରେ ମତ୍ସ୍ୟ ଓ ପ୍ରାଣୀ ପାଳନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସଫଳ ଉଦାହରଣ ହୋଇଛି। ବୈଜ୍ଞାନିକ ପଦ୍ଧତିରେ ଚାଷ କଲେ ସେମାନେ ଗୋଟିଏ ସ୍ଥାନରେ ବିଭିନ୍ନ ପ୍ରଜାତିର ମାଛ, ଚିଙ୍ଗୁଡି, କୁକୁଡା, ବତକ, ଗାଈ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ପାଳନ, ତୃଣ ଚାଷ ଆଦି କରି ପ୍ରାଣୀମାନଙ୍କର ଯତ୍ନ, ଖାଦ୍ୟ ଉପଲବ୍ଧତା ଏବଂ ବିକ୍ରିକୁ ସୁନିଶ୍ଚିତ କରି ସ୍ୱରୋଜଗାରକ୍ଷମ ହୋଇପାରିବେ ବୋଲି ସେ ଏ କ୍ଷେତ୍ରରେ କାର୍ଯ୍ୟକରୁଥିବା ସମସ୍ତଙ୍କୁ ତାପସ ବିଶ୍ୱାସ ଦେଇଛନ୍ତି।



## ଠିକା ସଂସ୍ଥା ହାଇୱା ଗାଡ଼ି ଧକ୍କାରେ ଯୁବକ ଗୁରୁତର

ବଡ଼ଚଣା, (ଭାସ୍କର ନ୍ୟୁଜ୍): ୫୩ ନମ୍ବର ଜାତୀୟ ରାଜପଥ ଶ୍ରୀରାମ ଟୋଲ୍ ପ୍ଲାଜା ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ବାଇକ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବଡ଼ଚଣା ମେଡ଼ିକାଲ ଓ ପରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ ଯେ ଯୁବକଟି ସ୍ଥାନୀୟ ବେଣାପୁର ଗ୍ରାମର ଦେବେନ୍ଦ୍ର ସ୍ୱାଇଁଙ୍କ ପୁଅ ଲକ୍ଷ୍ମୀଧର ସ୍ୱାଇଁ(୨୫) ଏକ ବାଇକ୍ ଯୋଗେ ଚଣ୍ଡିଖୋଲ ପଟୁ ନିଜ ଘରକୁ ଯିବା ସମୟରେ ହାଇୱା ଟ୍ରକଟି ତାଙ୍କୁ ଧକ୍କା ଦେବା ଫଳରେ ବାଇକ୍ ଚାଳକ ଗୁରୁତ୍ୱ ଅବସ୍ଥାରେ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ହାଇୱା ଟ୍ରକକୁ ଅଟକାଇବା ସହ ଜାତୀୟ ରାଜପଥ ଅବରୋଧ କରିଥିଲେ। ଯାହା ଫଳରେ ଜାତୀୟ ରାଜପଥରେ ଦୀର୍ଘ ସମୟ ଧରି ଗାଡ଼ିଗୁଡ଼ିକ ଅଟକି ରହିଥିଲା। ଚଣ୍ଡିଖୋଲରୁ ପାରାଦୀପ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଛି। କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଏଆଇପିଏଲ୍‌ର ଗାଡ଼ିଗୁଡ଼ିକ ବେପରୁଆ ଗାଡ଼ି ଚାଳନା କରୁଛନ୍ତି। ଯେଉଁଥିପାଇଁ ବାରମ୍ବାର ସ୍ଥାନୀୟ ଅଞ୍ଚଳରେ ସଡ଼କ ଦୁର୍ଘଟଣା ଘଟୁଛି। ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଛି। ଫଳରେ ଘଟଣା ସ୍ଥଳରେ ଚଣ୍ଡିଖୋଲ, ଧର୍ମଶାଳା, ବଡ଼ଚଣା, ବାଲିଚନ୍ଦ୍ରପୁରର ପୋଲିସମାନଙ୍କ ସହ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଞ୍ଜୟ ପଟ୍ଟନାୟକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ରାସ୍ତା ଅବରୋଧ ହଟାଇ ଥିଲେ।

## ବାର୍ଷିକ ଶ୍ରମିକ ମିଳନ ଅନୁଷ୍ଠିତ

କଣିହାଁ, (ଭାସ୍କର ନ୍ୟୁଜ): ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍.ଟି.ପି.ସି)ଉଦ୍‌ଯୋଗରେ ରବିବାର ଦିନ କରଡେଇ ଘାଟଠାରେ ବାର୍ଷିକ ଶ୍ରମିକ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରମିକ ମିଳନ କାର୍ଯ୍ୟକ୍ରମରେ ତାଳଚେର ପରିବେଶ ସୁରକ୍ଷା ସମିତି ଓ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆବାହକ ପଦ୍ମଚରଣ ସାମଲ ଓ ଅଲ୍ ଇଣ୍ଡିଆ କିଷାନ କ୍ଷେତ୍ ମଜଦୁର ସଂଗଠନର ଅନୁଗୋଳ ଜିଲ୍ଲା ଉପସଭାପତି ନବକିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମିକ ମାନଙ୍କୁ ସଂଗ୍ରାମୀ ଅଭିନନ୍ଦନ ଜଣାଇଥିଲେ। ୟୁନିୟନର ସଭାପତି ତଥା ଏ ଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେର, ୟୁନିୟନର ସାଧାରଣ ସମ୍ପାଦକ କମ୍ରେଡ ପ୍ରହ୍ଲାଦଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରତାପ ପ୍ରଧାନ, ଗନ୍ଧର୍ବ ନାଏକ ପ୍ରମୁଖ ବକ୍ତବ୍ୟ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ- କର୍ମଚାରୀ ମାରଣ ନୀତି ବିରୁଦ୍ଧରେ ଏବଂ ନ୍ୟାୟସଂଗତ ଦାବୀରେ ଶକ୍ତିଶାଳୀ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ।

## ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ସ୍ଥିତ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଅଛି। ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏ.ଡି.ଏମ୍.(ଜେନେରାଲ୍) ସୋମନାଥ ପ୍ରଧାନ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ରୂପେ ଜିଲ୍ଲା ମଙ୍ଗଳ ଅଧିକାରୀ, ମାଲକାନଗିରି ଏସ୍.ଶ୍ରୀନିବାସ୍ ଆଚାରୀ, ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ, ମାଲକାନଗିରି ବ୍ଲକ ଏ.ବି.ଇ.ଓ ଗୌରାଙ୍ଗ ସାଜନ ପ୍ରମୁଖ ଉପସ୍ଥିତ ରହି ନିପୁଣ ଓଡ଼ିଶା ମେଳା୨୦୨୫ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉମା ପ୍ରସାଦ ଦାଶ, ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ମାଲକାନଗିରି ଏହି ସଭାରେ ସଭାପତିତ୍ୱ କରିଥିଲେ। ନିପୁଣ ଓଡ଼ିଶା ମେଳାର ବିଭିନ୍ନ କାର୍ଯ୍ୟକ୍ରମଗୁଡିକ ୧୧୦ ଗୋଟି କ୍ଲଷ୍ଟର ସ୍ତରରେ ତା. ୨୮/୦୧/୨୫ ରିଖରେ ଏବଂ ସାତଗୋଟି ବ୍ଲକ ସ୍ତରରେ ତା. ୦୫/୦୨/୨୫ ରିଖରେ ଅନୁଷ୍ଠିତ କରାଯାଇ ବର୍ତ୍ତମାନ ଜିଲ୍ଲାସ୍ତରରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ଟି.ଏଲ୍.ଏମ୍.ପ୍ରଦର୍ଶନୀ ମେଳାର ଆୟୋଜନ କରାଯାଇଥିଲା। ମାଲକାନଗିରି ଜିଲ୍ଲାର ସାତୋଟି ଯାକ ବ୍ଲକରୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ଆଧାର କରି ପ୍ରାୟ ଦୁଇଶହରୁ ଉର୍ଦ୍ଧ ଟି.ଏଲ୍.ଏମ୍ ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଗଳ୍ପ କଥନ, ସୃଜନାତ୍ମକ ଲିଖନ ଓ ଚିତ୍ର, କଣ୍ଢେଇ ଖେଳ, ଶବ୍ଦ ଖେଳ, ଗୀତ, ନାଚ, ଅଭିନୟ ଆଦିକୁ କିପରି ଟି.ଏଲ୍.ଏମ୍ ବ୍ୟବହାର କରି ଛାତ୍ର ଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରାଯାଇପାରିବ, ତାହା ସାଧନକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବୁଝାଇଥିଲେ। ଏକ ଗ୍ରୁପ ଆଲୋଚନା ଆୟୋଜନ କରାଯାଇଥିଲା, ଯେଉଁଥିରେ ଶିକ୍ଷା ଓ ଛାତ୍ର ଛାତ୍ରୀଙ୍କ ଶିକ୍ଷଣ ସ୍ତରର ଯେପରି ଅଧିକ ଉନ୍ନତି ହୋଇପାରିବ, ସେ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ଜିଲ୍ଲା ସାଧନକର୍ମୀ ରାମକୃଷ୍ଣ ପାଢୀ, ବସନ୍ତ କୁମାର ରଣା, କାଳୁ ଚରଣ ମହାରଣା, ପ୍ରମୋଦ କୁମାର ବାରିକ, ଅଶୋକ ହାଲଦାର ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡି.ଆଇ.ଇ.ଟି ଚିତ୍ରକୋଣ୍ଡାର ପ୍ରିନ୍ସିପାଲ୍ ମମତା ଝୋଡ଼ିଆ, ପିରାମାଲ ଫାଉଣ୍ଡେସନ୍‌ର ଜିଲ୍ଲା କୋର୍ଡିନେଟର୍ ମହାଦେବ, ଏମ୍.ପି ନବରଙ୍ଗପୁର ରିପ୍ରେଜେନଟେଟିଭ୍ (ମ୍ୟୁନିସିପାଲଟି ପ୍ରତିନିଧି) ବିଜୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ତଳସାହି ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମପ୍ରସାଦ ପାଢୀ ସମଗ୍ର କାର୍ଯ୍ୟକ୍ରମର ପରିଚାଳନ କରିଥିଲେ ଓ ସର୍ବଶେଷରେ ସମଗ୍ର ଶିକ୍ଷା, ମାଲକାନଗିରି, ଶୈକ୍ଷିକ ସଂଯୋଜକ ଶେଷଶଙ୍କର ମହାଳିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଓ ବସ୍ତ୍ର ସୁରକ୍ଷା ଅଭିଯାନ

ଟାଙ୍ଗି-ଚୌଦ୍ୱାର,(ଭାସ୍କର ନ୍ୟୁଜ୍): ଗିଫ୍ଟ ଫାଉଣ୍ଡେସନର ପ୍ରଥମ ପ୍ରତିଷ୍ଠା ଦିବସ ଉପଲକ୍ଷେ ମହାନଦୀ ନଗର, ଜଗତପୁର ଠାରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ସ୍ଥିତ ଉତ୍କଳ ହସ୍ପିଟାଲର ମେଡ଼ିସିନ ଏବଂ ଅସ୍ଥି ଶଲ୍ୟବିଶେଷଜ୍ଞ ଏବଂ ନର୍ସଟିମ ତିନିଶହରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଚିକିତ୍ସା ପ୍ରଦାନ କରିଛନ୍ତି ତତସହିତ ମଧୁମେହ, ଇସିଜି, ରକ୍ତ ଚାପ ଏବଂ ବିଭିନ୍ନ ପରୀକ୍ଷା ନିଃଶୁଳ୍କ ଭାବେ କରାଯାଇଥିଲା। ଏତଦ୍ ବ୍ୟତୀତ ଫାଉଣ୍ଡେସନ ପକ୍ଷରୁ ମହାନଦୀ ନଗର ମୁଣ୍ଡା ସାହି ବସ୍ତିରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ଆର୍ଥିକ ଅନାଗ୍ରସର ବ୍ୟକ୍ତିମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ଗିଫ୍ଟ ଫାଉଣ୍ଡେସନର ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଉମା ଚରଣ ସାହୁ, ଉପଦେଷ୍ଟା ଇତିଶ୍ରୀ ଦୀକ୍ଷିତ, ଆଇନ ପରାମର୍ଶ ଦାତା ଅନିରୁଦ୍ଧ ମହାନ୍ତି ସହ ସମ୍ପାଦକ ବିଷ୍ଣୁ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ସମାଜସେବୀ ଗଗନବିହାରୀ ପଇତାଳ ଏବଂ ତାଙ୍କ ଟିମ ବସ୍ତ୍ର ପ୍ରଦାନ କରିବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମହାନଦୀ ନଗର ସାହି କମିଟି ପକ୍ଷରୁ ସଭାପତି, ସମ୍ପାଦକ ଏବଂ ଅନ୍ୟ ସଦସ୍ୟ ଓ ସଦସ୍ୟା, ଜ୍ଞାନ ରଞ୍ଜନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଦୁସ୍ଥ, ଅସହାୟ ଏବଂ ଅବହେଳିତ ମଣିଷମାନଙ୍କ ମୁହଁରେ ହସ ଫୁଟାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ଅନ୍ୟମାନଙ୍କ ଜୀବନରେ ଗିଫ୍ଟ ହେବା ହିଁ ଗିଫ୍ଟ ଫାଉଣ୍ଡେସନର ମୁଖ୍ୟ ଉଦ୍ଦେଶ୍ୟ ବୋଲି, ପ୍ରକଳ୍ପ ନିର୍ଦ୍ଦେଶକ ଉମାଚରଣ ସାହୁ ମତବ୍ୟକ୍ତ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର







କଣିହାଁ, (ଭାସ୍କର ନ୍ୟୁଜ୍): ଏନଟିପିସି କଣିହାଁକୁ ସମ୍ମାନ ଜନକ ଦୁଇଟି ପୁରସ୍କାର ମିଳିଛି। ଉକ୍ତ ଦୁଇଟି ପୁରସ୍କାର ହେଲା ବ୍ୟବସାୟ ଉତ୍କର୍ଷତା ପୁରସ୍କାର (୨୦୨୪-୨୫) ରେ ସାମଗ୍ରିକ ଉତ୍କର୍ଷତା ପୁରସ୍କାର ଏବଂ ଏନଟିପିସି ସ୍ୱର୍ଣ୍ଣ ଶକ୍ତି ପୁରସ୍କାର (୨୦୨୩-୨୪) ରେ ଅପରେସନ ଏବଂ ପରିଚାଳନା ସୁରକ୍ଷା ପୁରସ୍କାର। ଉକ୍ତ ପୁରସ୍କାର ଭାରତର ସର୍ବବୃହତ ସମନ୍ୱିତ ବିଦ୍ୟୁତ୍ ଉପଯୋଗୀତା ଏନଟିପିସି ଲିମିଟେଡ୍, ଏହାର ପ୍ରମୁଖ କାର୍ଯ୍ୟକ୍ରମ, ଭାରତୀୟ ବିଦ୍ୟୁତ୍ ଷ୍ଟେସନ୍ ଅପରେସନ ଓ ପରିଚାଳନା ସମ୍ମିଳନୀ (ଆଇପିଏସ-୨୦୨୫) ରାୟପୁର ଠାରେ ଫେବୃଆରୀ ୧୩ ରୁ ୧୫ ତାରିଖ ୩ଦିନ ଧରି ଆୟୋଜିତ ହେଇଥିବା ସମ୍ମିଳନୀରେ ପ୍ରଦାନ କରାଯାଇଛି। ସମ୍ମିଳନୀରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ଉକ୍ତ ପୁରସ୍କାର ଏନଟିପିସିର ସିଏମଡି ଗୁରୁଦୀପ ସିଂହଙ୍କ ଉପସ୍ଥିତିରେ ଏନଟିପିସିର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପୂର୍ବ-୨) ଅରିନ୍ଦମ ସିହ୍ନା ଓ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ ସେହଗଲ ଗ୍ରହଣ କରିଥିଲେ।

## ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର, ଡ୍ରାଇଭର ଅଟକ

ଗୋପ, (ଭାସ୍କର ନ୍ୟୁଜ୍): ରବିବାର ପୂର୍ବାହ୍ନ ପ୍ରାୟ ୧୧ ଟା ସମୟରେ ଗୋପ-ବାଲିଘାଇ ରାସ୍ତାର ଓରୁଆଳି ଛକ ନିକଟରେ ଏକ ବୋଲର ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି । ଗୁରୁତର ଯୁବକ ଜଣକ ହେଲେ ଗୋପ ଥାନା ଅଧିନ କୁଆଁପଡା ପଞ୍ଚାୟତ ଓରୁଆଳୀ ଗ୍ରାମର କ୍ଷେତ୍ରବାସୀ ପ୍ରଧାନ(୪୦) । ସେ ତାଙ୍କ ବାଇକ୍‌ରେ ଘରୁ ଓରୁଆଳୀ ଛକକୁ ଆସୁଥିବା ସମୟରେ ପୁରୀରୁ ଗୋପ ଅଭିମୁଖେ ଆସୁଥିବା ଏକ ବୋଲର କ୍ଷେତ୍ରବାସୀଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ସଙ୍ଗେସଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଗୋପ ମେଡିକାଲକୁ ଆଣିଥିଲେ। ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବର ପାଇ ଗୋପ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରିବା ସହିତ ଡ୍ରାଇଭର ଶ୍ରୀକାନ୍ତ ଦାସକୁ ଅଟକ ରଖିଥିବା ଜଣାପଡିଛି। ଏନେଇ କ୍ଷେତ୍ରବାସୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ପିକ୍‌ଅପ୍ ଭ୍ୟାନରେ ଆକସ୍ମିକ ଅଗ୍ନିକାଣ୍ଡ

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ରବିବାର ଏକ ପିକଅପ ଭ୍ୟାନ ଗାଡ଼ିରେ କିଛି ମାଲ ପରିବହନ ହୋଇ ଯାଉଥିବା ସମୟରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଥାନା ଅଧିନ ଅଚ୍ୟୁତବସନ୍ତ ପଞ୍ଚାୟତ ସ୍ଥିତ ଗଡ଼ଜିତ ଛକ ଠାରେ ହଠାତ୍ ଅଗ୍ନିକାଣ୍ଡର ଶୀକାର ହୋଇଥିଲା। ସେହି ଛକ ଠାରେ ଉପସ୍ଥିତ ଥିବା ଜନସାଧାରଣ ହଠାତ୍ ଅଗ୍ନିକାଣ୍ଡ ଦେଖି ଭୟଭିତ ହେବା ସହ ସାହାସ ବାନ୍ଧି ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ବାଲିଚନ୍ଦ୍ରପୁର ଥାନାକୁ ଉପସ୍ଥିତ ଜନସାଧାରଣଙ୍କ ତରଫରୁ ଖବର ଦିଆଯାଇଥିଲା। ଉକ୍ତ ଗାଡ଼ିରେ କେହି କେହି ଗଞ୍ଜେଇପତ୍ର ଥିବା କହୁଥିବା ବେଳେ କେହି କେହି ଏହାକୁ ପିଡ଼ିପତ୍ର ବୋଲି କହୁଥିଲେ। ମାତ୍ର ପୋଲିସ ପହଞ୍ଚିବା ପୂର୍ବରୁ ଗାଡ଼ି ମାଲିକ ଘଟଣା ସ୍ଥଳରୁ ଉକ୍ତ ଗାଡ଼ିକୁ ନେଇ ଚମ୍ପଟମାରିଥିଲେ। ତେବେ ଏ ସଂକ୍ରାନ୍ତରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ୍ ନାୟକଙ୍କୁ ପଚାରିବାରେ ଆମର ଜଣେ ଅଧିକାରୀ



ଦୁର୍ଘଟଣା ଗ୍ରସ୍ତ ହୋଇଛନ୍ତି ସେହି ଘଟଣାରେ ଆମ୍ଭେ ପାଣିକୋଇଲିରେ ଅଛୁ ବୋଲି କହିଥିଲେ। ସିଂହ ବାବୁ ଥାନା ଦାୟିତ୍ୱରେ ଅଛନ୍ତି। ତେବେ ଥାନା ଦାୟିତ୍ୱରେ ଥିବା ଏସ.ଆଇ ହରିଶ ଚନ୍ଦ୍ର ସିଂହଙ୍କୁ ପଚାରିବାରେ ସେ କହନ୍ତି ସେମିତି କିଛି ଖବର ମୋ ପାଖରେ ନାହିଁ। ତେବେ ଏଠାରେ ପ୍ରଶ୍ନ ଉଠେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜନସାଧାରଣଙ୍କ ପକ୍ଷରୁ ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦିଆଯାଇଥିବା କହୁଥିବା ବେଳେ ପୋଲିସ କିନ୍ତୁ ଏ ନେଇ କୌଣସି ଖବର ନାହିଁ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ବାରିପଦା, (ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ଦ୍ୱାରା ଏକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। 'ଏକ୍ସପ୍ଲୋରିଙ୍ଗ ୱାଣ୍ଡରସ୍ ଅଫ୍ ଜିଓଲୋଜି' ଶୀର୍ଷକ ଏହି ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଉଦଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ତ୍ରିପାଠୀ ନିଜ ବକ୍ତବ୍ୟରେ ଭୂତତ୍ତ୍ୱ ହେଉଛି ସମସ୍ତ ବିଜ୍ଞାନ ବିଷୟର ମୌଳିକ ବିଷୟ କାରଣ ବ୍ରହ୍ମାଣ୍ଡର ଉତ୍ପତ୍ତିଠାରୁ ଆରମ୍ଭ କରି ପୃଥିବୀରେ ଖଣିଜ ପଦାର୍ଥର ଆବିର୍ଭାବ ପର୍ଯ୍ୟନ୍ତ ସବୁଥିରେ ଭୂତତ୍ତ୍ୱ ବିଜ୍ଞାନର ଅବଦାନ ରହିଛି ବୋଲି ମତପ୍ରକାଶ କରିଥିଲେ। ଆଇଆଇଟି ଖଡ଼ଗପୁରର ଭୂତତ୍ତ୍ୱ ଏବଂ ଭୂ-ଭୌତିକ ବିଭାଗର ପ୍ରଫେସର ମୃଗାଙ୍ଗ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମସାମୟିକ ଭୂତାତ୍ତ୍ୱିକ ଗବେଷଣା ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ ଏବଂ




ଖଣିଜ ଅନୁସନ୍ଧାନ, ଭୂ-ବିପଦ ଏବଂ ସ୍ଥାୟୀ ପରିଚାଳନାରେ ଉଦୀୟମାନ ଧାରା ଉପରେ ଆଲୋକପାତ କରିଥିଲେ। କୋଲକାତାର ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ପୂର୍ବତନ ଉପ-ମହାନିର୍ଦ୍ଦେଶକ ଡକ୍ଟର ଶୁଭ୍ରାଂଶୁ ଭୂଷଣ ରାୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଭୂତାତ୍ତ୍ୱିକ ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ତାଙ୍କର ଅଭିଜ୍ଞତା ଦ୍ୱାରା ଭାବ ବିନିମୟ କରିଥିଲେ। ଆଲୋଚନାଚକ୍ରର ସଂଯୋଜିକା ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଲୋଚନାଚକ୍ରର କାର୍ଯ୍ୟକାରୀ ସମ୍ପାଦକ ତଥା ବିଭାଗୀୟ ଅଧ୍ୟାପକ ଡ. ଦେବାଶିଷ ସିଂ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସମ୍ପାଦିକା ତଥା ବିଭାଗୀୟ ଅଧ୍ୟାପିକା ଡ. ସୁଶ୍ରୀ ସାଗରିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗର ପୂର୍ବତନ ନିର୍ଦ୍ଦେଶକ ମନୋରଞ୍ଜନ ମହାପାତ୍ର, ଇସ୍ପାତ ଏବଂ ଖଣି ବିଭାଗର ଅବସରପ୍ରାପ୍ତ ଭୂତତ୍ତ୍ୱ ଯୁଗ୍ମ ନିର୍ଦ୍ଦେଶକ ରମାକାନ୍ତ ମହାନ୍ତ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡ. ଅସୀମ ଅମିତାଭ ପ୍ରଧାନ ଓ ଅନ୍ୟ ବିଶିଷ୍ଟ ଅତିଥିମାନେ ପରିବେଶଗତ ଆହ୍ୱାନ, ସମ୍ବଳ ସଂରକ୍ଷଣ ଏବଂ ପ୍ରଯୁକ୍ତିବିଦ୍ୟାର ଉନ୍ନତିରେ ଭୂତତ୍ତ୍ୱର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିଶ୍ୱ-ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ଆଲୋଚନାଚକ୍ରର ଅଂଶଗ୍ରହଣକାରୀ ମାନେ ସୀତାକୁଣ୍ଡ ଓ ବାଲିଡିହା ଡ୍ୟାମ୍ କ୍ଷେତ୍ର ପରିଦର୍ଶନ କରିଥିଲେ।

## ଉପାନ୍ତ ଅଞ୍ଚଳରେ ମଧ୍ୟାହ୍ନ ଭୋଜନ ବାଟବଣା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ସରକାର ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପ୍ରକାରର ଯୋଜନା କରି ଚାଲିଛନ୍ତି। ସେଥିମଧ୍ୟରୁ ମଧ୍ୟାହ୍ନ ଭୋଜନ ଅନ୍ୟତମ ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ମୁହାଁ ହେବେ ଏବଂ ଶିକ୍ଷାର ମାନ ବଢିବା ସହିତ ପୃଷ୍ଟିକର ଖାଦ୍ୟ ଖାଇବା ପରେ ଛାତ୍ରଛାତ୍ରୀ ମାନଙ୍କ ଶାରୀରିକ ଓ ମାନସିକ ସ୍ତରରେ ଉନ୍ନତି ହେବ। କିନ୍ତୁ କିଛି ବିଦ୍ୟାଳୟର ଅସାଧୁ ଶିକ୍ଷକ ମଧ୍ୟାହ୍ନ ଭୋଜନ ବଣ୍ଟନରେ ବାଟମାରଣା କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହିଭଳି ଘଟଣା ବହୁଳ ମାତ୍ରାରେ ଦେଖିବାକୁ ମିଳିଛି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଉପାନ୍ତ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଟେମୁରୁ ପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ତୁଳସୀ ଗ୍ରାମର ଥିବା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାନ ଭୋଜନ ବଣ୍ଟନ ନକରି ମଧ୍ୟ ପ୍ରମାଣ ସ୍ୱରୂପ ଫଟୋ ଅପ ଲୋଡ କରି ଅର୍ଥ ହଡ଼ପ କରୁଥିବା ପ୍ରମାଣ ମିଳିଛି। ବିଦ୍ୟାଳୟରେ ପ୍ରଥମଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଦୁଇଜଣ ଶିକ୍ଷକ ଅଛନ୍ତି। କିନ୍ତୁ ବିଦ୍ୟାଳୟରେ ଶିକ୍ଷକମାନେ ନିୟମିତ ଆସୁ ନଥିବା ବେଳେ ମଧ୍ୟାନ୍ନ ଭୋଜନ ମଧ୍ୟ ବଣ୍ଟନ ନିୟମିତ କରାଯାଉ ନାହିଁ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏଇତା ଦୁରୁଆ କହିଛନ୍ତି। ସେହିପରି ପ୍ରଧାନ ଶିକ୍ଷକ ମନରଞ୍ଜନ ଆଡକଙ୍କୁ ପଚରିବାରୁ ମୁଁ ବିଦ୍ୟାଳୟକୁ ଆସୁଛି ଏବଂ ନିୟମିତ ମଧ୍ୟାନ୍ନ ଭୋଜନ ବଣ୍ଟନ କରାଯାଉଛି। ପୁଣି କହୁଛନ୍ତି ଗାଁରେ ପରବ ଚାଲୁଥିବାରୁ ମୁଁ ଆସି ନଥିଲି ସେଥିପାଇଁ ମଧ୍ୟାନ୍ନ ଭୋଜନ ବନ୍ଦ ଥିଲା। କିନ୍ତୁ ଭାରପ୍ରାପ୍ତ ସିଆରସିସିଙ୍କୁ ପଚାରିବାରୁ ନାହିଁ ସେହି ବିଦ୍ୟାଳୟରେ ନିୟମିତ ମଧ୍ୟାହ୍ନ ଭୋଜନ ବଣ୍ଟନ ହେଉଛି ବୋଲି ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଆମ ଗ୍ରୁପରେ ଫଟୋ ଛାଡୁଛନ୍ତି। ଆପଣଙ୍କ ଠାରୁ ଜାଣିବା ପରେ ତଥାପି ମୁଁ ସତ୍ୟତା ଜାଣିବା ପାଇଁ ମୁଁ ନିଜେ ଯିବି ଗ୍ରାମବାସୀଙ୍କୁ ପଚାରି ବୁଝିବି। ପରେ ସମ୍ପୃକ୍ତ ସିଆରସିସି ଜଣଙ୍କ ବିଦ୍ୟାଳୟରେ ପହଁଞ୍ଚିବା ପରେ ଜାଣିବାକୁ ପାଇଛନ୍ତି ଯେ ଗାଁ ଲୋକଙ୍କ ଠାରୁ ମଧ୍ୟାନ୍ନ ଭୋଜନ ବଣ୍ଟନ କରି ନାହାଁନ୍ତି। ଏଠି ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯେ ଗାଁ'ଲୋକ କହିବା ସତ୍ୟ ନା ସମ୍ପୃକ୍ତ ପ୍ରଧାନ ଶିକ୍ଷକ ପଠାଉ ଥିବା ଫଟୋ ସତ୍ୟ ତାହା ଏବେ ସନ୍ଦେହ ଘେରରେ। ସରକାର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାନ୍ନ ଭୋଜନ ପାଇଁ ଚାଉଳ ଓ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ପ୍ରଧାନ ଶିକ୍ଷକ ଜଣକ ଫଟୋରେ ମଧ୍ୟାହ୍ନ ଭୋଜନ ବାଣ୍ଟି ଅର୍ଥ ହଡପ ହେଉଥିବା ଜଳ ଜଳ ଦେଖାଯାଉଛି। ଦେଖିବାକୁ ବାକି ରହିଲା ଖବର ପ୍ରକାଶ ପରେ ଜିଲ୍ଲା ପକ୍ଷରୁ କି ପଦକ୍ଷେପ ନିଆଯାଉଛି।

## ଷୋଳମପୁର ଶିଶୁବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକ୍‌ର ଷୋଳମପୁର ବୌଦ୍ଧବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏକାଦଶ ତମ ବାର୍ଷିକ ଉତ୍ସବ ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ ଅଭିମନ୍ୟୁ ସେଠୀ ବିଦ୍ୟାଳୟରେ ରାଷ୍ଟ୍ର ଓ ସମାଜର ଭବିଷ୍ୟତମାନେ ଗଢା ହୁଅନ୍ତି। ଅଭାବ ଅସୁବିଧାରେ ପରିଚାଳିତ ବିଦ୍ୟାଳୟ ଉପଯୁକ୍ତ ଭାବେ ଶିକ୍ଷାଦାନ କରିବା ସମ୍ଭବ ନୁହେଁ। ତେଣୁ ସମସ୍ତ ପ୍ରକାର ଶିକ୍ଷାନୁଷ୍ଠାନ ସଙ୍କୀର୍ଣ୍ଣ ବିଚାରବୋଧରୁ ଊର୍ଦ୍ଧ୍ୱରେ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଏହି ଶିଶୁମନ୍ଦିର ଶିକ୍ଷା, ନୈତିକଶିକ୍ଷା ଓ ସଂସ୍କାର ସମନ୍ୱୟରେ ଶିକ୍ଷାଦାନ କରି ଭବିଷ୍ୟତ ନାଗରିକ ସୃଷ୍ଟି କରୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଉପକୃତ ହେଉଛନ୍ତି ବୋଲି ମତଦେଇଥିଲେ। ଉପଖଣ୍ଡ



ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ ମୁଖ୍ୟବକ୍ତା, ଅଧ୍ୟାପକ ଅନାଦି ଚରଣ ସାହୁ, ଶିଶୁମନ୍ଦିର ସଭାପତି ହୃଷିକେଶ ଦାଶ, ସ୍ଥାନୀୟ ସରପଞ୍ଚ ପରମାନନ୍ଦ ନାୟକ, ସମିତି ସଭ୍ୟା ମାମିଲତା ଜେନା, ରହଣିଆ ସରପଞ୍ଚ ରଞ୍ଜନ ପରିଡ଼ା, ପୂର୍ବତନ ସମିତି ସଭ୍ୟ ସୁରେଶ ସାମଲ, ଗଗନ ସେଠୀ, ସମାଜସେବୀ ଗିରିଶ ସାମଲ, ତପସ୍ୱିନୀ ମହାପାତ୍ର, ପ୍ରଣବ ରାଉତ, ତରଣୀସେନ ଯେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏସ.ଡି.ପି.ଓ. ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟ କ୍ରୀଡାଉତ୍ସବର ଚାମ୍ପିଅନ ନିହାରକା ଦଳାଇ, ନିରଞ୍ଜନ ପୁହାଣଙ୍କ ସମେତ ସମସ୍ତ କୃତୀ ପ୍ରତିଯୋଗୀ ଓ ବିଦ୍ୟାଳୟ ଶୈକ୍ଷିକ କାର୍ଯ୍ୟକ୍ରମର ଉତ୍କର୍ଷତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶନିବାର ସକାଳେ ଯାଜପୁର ଓ ଆଖୁଆପଦା ଜଳସମ୍ପଦ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡାଇ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡ଼ା ଉତ୍ସବ ଉଦଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ନବକିଶୋର ପରିଡାଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ବିଭାଗରେ ୧୧୨ଜଣ ଛାତ୍ରଛାତ୍ରୀ ଅଂଶଗଅହଣ କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟା ଅନୁସୂୟା ପୁହାଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ପ୍ରତିଭା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ନିର୍ମଳା ମହାରଣା, ମାମିନା ଯେନା, ହରପ୍ରିୟା ଖୁଣ୍ଟିଆ, ଗୁରୁଜୀ ଶରତ ଚନ୍ଦ୍ର ବେହୁରିଆ, ବିଜୟ ଦଳାଇ, ଦିଲ୍ଲିପ ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ନବଜାତକ ମୃତଦେହ ଉଦ୍ଧାର ଅପମୃତ୍ୟୁ ମାମଲା ରୁଜୁ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ପନଖା ଗ୍ରାମ ରାସ୍ତା ପାର୍ଶ୍ୱରୁ ରବିବାର ସକାଳେ କ୍ଷତବିକ୍ଷତ ନବଜାତ ଶିଶୁପୁତ୍ର ମୃତଦେହ ଉଦ୍ଧାର କରାଯାଇଛି। ଜନୈକ ଟ୍ରାକ୍ଟରଚାଳକ ସକାଳ ସମୟରେ ଶିଶୁଟି ପଡିଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲା। ସୂଚନା ପାଇ ଫାଣ୍ଡି ଓ ଭଣ୍ଡାରିପୋଖରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶିଶକୁ ଉଦ୍ଧାର କରିଥିଲେ। ଗ୍ରାମବାସୀ ଅଜୟ କୁମାର ରାଉତଙ୍କ ଅଭିଯୋଗ କ୍ରମେ ୪/୨୫ନଂ ଅପମୃତ୍ୟୁ ମାମଲା ରୁଜୁ ହୋଇ ବ୍ୟବଚ୍ଛେଦ ପାଇଁ ମୃତଦେହ ଭଦ୍ରକ ପଠାଯାଇଥିଲା। ମୃତ ଶିଶୁର ପରିଚୟ ମିଳିନାହିଁ।

## ୧୯ ହାଇୱା, ୨ ପ୍ରୋକଲିନ ମେସିନ ଜବତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ତହସିଲ ଅନ୍ତର୍ଗତ ବିଞ୍ଝଣା ଅଞ୍ଚଳରେ ଚାଲିଥିବା ହରିଦାସପୁର ବେଆଇନ୍ ବାଲିଘାଟ ଉପରେ ଜିଲ୍ଲା ପ୍ରଶାସନ, ଖଣି ବିଭାଗ ଏବଂ ପାଟକୁରା ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ୧୯ଟି ହାଇୱା ସମେତ ୨ଟି ପ୍ରୋକଲିନ ମେସିନ ଜବତ୍ କରାଯାଇଛି। ଜବତ ଗାଡିଗୁଡିକୁ ପାଟକୁରା ଥାନାର ଜିମା ଦିଆଯାଇଛି। ଖଣି ଅଧିକାରୀ ରଞ୍ଜିତ ବେହେରା ସୂଚନା ଦେଇଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ବାଲି ଖାଦାନ ବର୍ଷବର୍ଷ ଧରି ବେଆଇନ୍ ଭାବେ ଚାଲିଆସୁଛି। ଏହି ଖାଦାନ ଗୁଡିକରୁ ବାଲି ମାଫିଆମାନେ ପ୍ରତିଦିନ ଲକ୍ଷଲକ୍ଷ ଟଙ୍କା ଆୟ କରୁଛନ୍ତି। ଅପରପକ୍ଷରେ ସରକାର ରାଜସ୍ୱ ହରାଉଛନ୍ତି। ଏହାଦ୍ୱାରା ଚୋରା ବାଲି ମାଫିଆ ସକ୍ରୀୟ ହୋଇ ଉଠିଛନ୍ତି। ଏସମ୍ପର୍କରେ ଖବର ପାଇ ଶୁକ୍ରବାର ବିଳମ୍ବିତ ରାତିରେ ଗରଦପୁର ତହସିଲ ଅନ୍ତର୍ଗତ ବିଞ୍ଝଣା ଅଞ୍ଚଳରେ ଚାଲିଥିବା ବେଆଇନ୍ ବାଲି ଘାଟ ଉପରେ ଉପଜିଲ୍ଲାପାଳ ଅରୁଣ ନାୟକ, ଖଣି ଅଧିକାରୀ ରଞ୍ଜିତ ବେହେରା ଓ ପାଟକୁରା ଥାନା ପୋଲିସକୁ ନେଇ ଏକ ଟିମ ଗଠନ ହୋଇଥିଲା। ଏହି ଟିମ ବେଆଇନ୍ ବାଲି ଘାଟ ଉପରେ ଚଢଉ କରିଥିଲା। ମାଫିଆମାନେ ଗାଡି ଛାଡି ପଳାଇଥିଲେ। ଫଳରେ ୧୯ ଗୋଟି ହାଇୱା ସମେତ ବାଲି ଖୋଳିବା ପାଇଁ ବ୍ୟବହୃତ ଦୁଇଟି ପ୍ରୋକଲିନ୍ ମେସିନ୍ ଜବତ କରାଯାଇଥିଲା ବୋଲି ଖଣି ଅଧିକାରୀ ରଞ୍ଜିତ ବେହେରା ସୂଚନା ଦେଇଛନ୍ତି।

## ବି ବି କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ୍ ଚଣ୍ଡିଖୋଲ ନିକଟସ୍ଥ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୨୦୧୭-୨୦୨୦ ସ୍ନାତକୋତ୍ତର ବ୍ୟାଚ୍‌ର ବନ୍ଧୁମିଳନ ସ୍ଥାନୀୟ ଭୂଷଣ୍ଡପୁର ପାର୍କରେ ଅନୁଷ୍ଠିତ ହୋଇଯାଇଛି। ବହୁଦିନ ପରେ ପୁରାତନ ବନ୍ଧୁମାନେ ଏକାଠି ମିଶିଥିବାରୁ ହସଖୁସି, ଆନନ୍ଦରେ ପୁରା ଦିନଟି କାଟିଥିଲେ। କର୍ମମୟ ଜୀବନରୁ ଗୋଟିଏ ଦିନ ବାହାର କରି ସାଙ୍ଗସାଥି ମେଳରେ ସମସ୍ତେ ମିଶି ଥିବାରୁ ସ୍ନାତକୋତ୍ତର ପରେ ନିଜନିଜ ଜୀବନର ଗତି ପଥ ଉପରେ ଆଲୋଚନା କରିଥିଲେ। ଏହି ବ୍ୟାଚ୍‌ର ବହୁ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ ଅତୀତର ସ୍ମୃତି ଗୁଡ଼ିକ ଆଲୋଚନା କରିବା ସହ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ସମସ୍ତେ ସୁଖ ଦୁଃଖରେ ସାମିଲ ହେବା ପାଇଁ ସାଙ୍ଗଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଏକ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁଷଣ୍ଡପୁର ସରପଞ୍ଚ ଯଯାତି କେଶରୀ ରାଉତ ଯୋଗଦେଇ ପିଲାମାନଙ୍କୁ ଏଭଳି ଏକତ୍ରିକ ହୋଇ ରହିବା ସହ ବିପଦରେ ସାଙ୍ଗ ଜଣେ ଅନ୍ୟ ଜଣଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ସରିଲା କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ


କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ସାତଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ପାଇଁ କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଉଦଯାପିତ ହୋଇଯାଇଛି। ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞରେ କଳସ ଯାତ୍ରା, ଜଳାଭିଷେକ, ମନ୍ତ୍ରପାଠ, ହୋମ, ହବନ, ଅଗ୍ନିସ୍ଥାପନ, ସମିଦ୍ଧ ଓ ନାମ ସଙ୍କୀର୍ତ୍ତନ, ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଶ୍ରୀ ମା'ଙ୍କ ଦ୍ୱାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ସମାଜର ମଙ୍ଗଳ କାମନା ପାଇଁ ଏହି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ଐଶ୍ୱରିକ କୃପା ଲାଭ କରିଥିଲେ। ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ସଦାସର୍ବଦା ଚେଷ୍ଟିତ ଶ୍ରୀ ମା' ଆଜିର ବିଶୃଙ୍ଖଳିତ ସମାଜରେ ଭାଇଚାରା ପ୍ରତିଷ୍ଠା ଓ ପ୍ରତ୍ୟେକ ଲୋକର ଅନ୍ତରରେ ଶାନ୍ତି, ମୈତ୍ରୀ, ଦୟା, କ୍ଷମା ଓ ପ୍ରେମ ଭାବ ଉଦ୍ରେକ କରିବା ପାଇଁ ତାଙ୍କର ପ୍ରୟାସ ଜାରି ରଖିଛନ୍ତି। ଏହି ସାତଦିନ ବ୍ୟାପି ଅନୁଷ୍ଠିତ ଯଜ୍ଞର ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସତ୍‌ସଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ମା' ଏହି ଆଧ୍ୟାତ୍ମିକ ଯଜ୍ଞ କାର୍ଯ୍ୟକ୍ରମ ସହିତ ବିଶ୍ୱ ପ୍ରାର୍ଥନା ଦିବସ ପାଳନ ଓ ସମାଜ ସଂସ୍କାର ଭଳି କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀଧର ରାଉତ, ମନୋରଞ୍ଜନ ମହାନ୍ତି, ଶରତ ବରାଳ, ରଞ୍ଜିତ ପ୍ରସାଦ ଜେନା, ଅର୍ଚ୍ଚନା ଗୋଏଙ୍କା, ଶ୍ରୀଧର ମହାନ୍ତି, ଧିରେନ୍ ନାୟକ, କୁଳମଣି ଦାସ, କୁନି ମଲିକ, ରବିନାରାୟଣ ମହାପାତ୍ର, ଅମୂଲ୍ୟ ସାମନ୍ତରାୟ, ଅନନ୍ତ ଲେଙ୍କା, ସୁଦର୍ଶନ ମହାନ୍ତି, ରୁଦ୍ର ଦାସ, ନିଶିକାନ୍ତ ସ୍ୱାଇଁ, ରାଖାଲ ଦାସ, ସୌରା ନନା, ଗଣେଶ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



## ନିଆଳି ରାଜନୀତିରେ ହଟଚମଟ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବିଜେଡ଼ିରେ ଗତ କିଛିଦିନ ହେଲା କମ୍ପନ ସୃଷ୍ଟି ହୋଇଛି। ଯାହାକୁ ଦେଖି ଅନୁମାନ କରାଯାଉଛି ଯେ, ପ୍ରମୋଦଙ୍କର ତିନି ଘନିଷ୍ଠ ସରପଞ୍ଚ ତାଙ୍କ ହାତ ଛାଡ଼ିବାକୁ ଯାଉଛନ୍ତି। ଯାହାକୁ ନେଇ ନିଆଳି ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ନିଆଳି ମହୋତ୍ସବ ପରେ ବିଧାୟକ ଛବି ମଲିକଙ୍କ ଉପସ୍ଥିତିରେ ତିନିଜଣ ବିଜେଡି ସମର୍ଥିତ ସରପଞ୍ଚ ବିଜେପିରେ ମିଶିବେ। ବିଜେପିର ମିଶନ ନିଆଳି ପଞ୍ଚାୟତ ସମିତି। ବିଧାୟକ ଛବି ମଲିକଙ୍କ ଗୋଟି ଚାଳନାରେ ବିଜେଡି ଶିବିର ଧରାଶୟ। ଅପରପକ୍ଷରେ କିଛିଦିନ ତଳେ ବିଜେଡି ଛାଡି ବିଜେପିରେ ମିଶିଥିବା ଆଗଧାଡିର ନେତା ପାଞ୍ଚ ଜଣ ସରପଞ୍ଚ ଓ ସମିତି ସଭ୍ୟ ନିଜ କବ୍‌ଜାରେ ରଖିଥିବା ଆଲୋଚନା ହେଉଛି। ଯଦି ଏହି ଘଟଣାର ସତ୍ୟତା ଥାଏ ବିଜେପିର ନିଆଳି ପଞ୍ଚାୟତ ସମିତି ମିଶନ ସଫଳ ହେବ ବୋଲି ଆଲୋଚନା ହେଉଛି। ଏମିତିକି ଦେବୀକାନ୍ଦଳ ଦୀପାଞ୍ଚଳର ଜଣେ ସରପଞ୍ଚ ଲକ୍ଷାଧିକ ଟଙ୍କା ଦୁର୍ନୀତିରେ ଜଡ଼ିତ ଥିବାରୁ ନିଜକୁ ବଞ୍ଚାଇବା ପାଇଁ ଶାସକ ଦଳ ବିଜେପିରେ ମିଶିବାକୁ ବାଧ୍ୟ ହେଉଛି ବୋଲି ଆଲୋଚନା ହେଉଛି। ଏସବୁ ଭିତରେ ବିଜେପି ତା'ର ମିଶନରେ କିଭଳି ସଫଳ ହେଉଛି ତାହା ଆଗାମୀ ଦିନକୁ ଦେଖିବାକୁ ବାକି ରହିଲା।

## ସରକାରୀ ସେବା ନିବୃତ୍ତ କର୍ମଚାରୀଙ୍କ ବନ୍ଧୁମିଳନ



ଖଇରପୁଟ, (ଭାସ୍କର ନ୍ୟୁଜ୍): ଓଡ଼ିଶା ସେବା ନିବୃତ୍ତ ସରକାରୀ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ, କୁଡୁମୁଲୁଗୁମ୍ମା ଶାଖା ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସଂଘ ସଭାପତି ଜୋତିରଞ୍ଜନ ପଟନାୟକଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା ଯେଉଁଥିରେ ସଂଘର ସମ୍ପାଦକ, ଉପସଭାପତି, ଓ ସମସ୍ତ ସଭ୍ୟମାନେ ଉପସ୍ଥିତ ରହି, ଚାକିରୀ ଜୀବନରେ ଜନସାଧାରଣଙ୍କ ପାଇଁ କରିଥିବା ସେବା ଓ ଆନନ୍ଦ ଲପଲବଧି ସମ୍ପର୍କରେ ଆଲୋଚନା ସହିତ ଅତୀତ ସ୍ମୃତିର ରୋମନ୍ଥନ କରିଥିଲେ। ଯେହେତୁ ସମସ୍ତ ସଦସ୍ୟ କୁଡୁମୁଲୁଗୁମ୍ମା ଅଞ୍ଚଳରେ ବସବାସ କରନ୍ତି ସେଥିପାଇଁ ବର୍ତ୍ତମାନ ସମସ୍ତଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା କୁଡୁମୁଲୁଗୁମ୍ମା ବ୍ଲକ୍‌କୁ ପୁନର୍ବାର ଏଠାରେ ସ୍ଥାପନା ପାଇଁ ପ୍ରଶାସନ ପ୍ରଚେଷ୍ଟା କରିବା ଦରକାର ବୋଲି ମତପୋଷଣ କରିଥିଲେ। ଏହି ବ୍ଲକ୍ ଏଠାରେ ପୁନଃ ସ୍ଥାପିତ ହେଲେ ପ୍ରଶାସନ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଭାଜନ ହୋଇପାରିବ ଓ ତୁରନ୍ତ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସକୁ ଅନୁରୋଧ କରିଛନ୍ତି। ସେବା ନିବୃତ୍ତ ସରକାରୀ କର୍ମଚାରୀଙ୍କ ନିମନ୍ତେ ଏକ ନୂତନ ସଭାଗୃହ ନିର୍ମାଣ ସମ୍ବନ୍ଧୀୟ ପ୍ରସ୍ତାବ ତହସିଲଦାର କୁଡୁମୁଲୁଗୁମ୍ମାଙ୍କ ଜରିଆରେ ଚିତ୍ରକୋଣ୍ଡା ବିଡିଓଙ୍କୁ ଅନୁରୋଧ କରାଯାଇ ଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇନଥିବାରୁ ସମସ୍ତ ସଦସ୍ୟ ଉଦବେଗ ପ୍ରକାଶ କରିଥିଲେ ଓ ନିକଟ ଭବିଷ୍ୟତରେ ଏଥି ସମ୍ବନ୍ଧରେ ଏକ ଟିମ୍ ବିଡିଓ ଚିତ୍ରକୋଣ୍ଡାଙ୍କୁ ମିଶି ଉକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ନିମନ୍ତେ ଅନୁରୋଧ କରିବ ବୋଲି ସଭାପତି ପଟ୍ଟନାୟକ କହିଥିଲେ। ଆଜିର ଏହି ସଭାରେ ବରିଷ୍ଠ ଶିକ୍ଷାବିତ ବିରୁପାକ୍ଷ ସ୍ୱାଇଁ, ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସମ୍ପାଦକ ସ୍ୱାଇଁ ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେବା ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ-ଅଭିଭାବକଙ୍କ ବୈଠକ

ବାଲୁଗାଁ,(ଭାସ୍କର ନ୍ୟୁଜ୍): ରବିବାର ପୂର୍ବାହ୍ନରେ ବାଲୁଗାଁ ସ୍ଥିତ ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ନୀଳାଦ୍ରି ଭୂଷଣ ବେହେରାଙ୍କ ପୌରହିତ୍ୟରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ନିକଟରେ ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀ ସିବିଏସଇ ଦଶମ ପରୀକ୍ଷା ଦେଉଥିବା ବେଳେ ଚଳିତମାସ ଶେଷ ସପ୍ତାହରୁ ଏଲକେଜି ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ବିଦ୍ୟାଳୟରେ ପିଲାମାନଙ୍କ ପାଠପଢା ସାଙ୍ଗକୁ ଉତ୍ତମ ଶୈକ୍ଷିକ ପରିବେଶ ଓ ବିଦ୍ୟାଳୟ ଭିଲିଭୂମି ଅଗ୍ରଗତି ନିମନ୍ତେ ଅଭିଭାବକମାନେ ମତ ରଖିଥିଲେ। ଦୀର୍ଘଦିନ ଧରି ବିଦ୍ୟାଳୟ ପରିଚାଳନା କମିଟି ଏବଂ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିବାରୁ ବିଭିନ୍ନ ସମସ୍ୟା ଦେଇ ଗତିକରୁଥିବା ଶିକ୍ଷକଶିକ୍ଷୟିତ୍ରୀମାନେ କହିଥିଲେ। ସମସ୍ୟାର ସମାଧାନ ପାଇଁ ରବିବାର ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ପରିଚାଳନା କମିଟି ସଭାପତି, ସମ୍ପାଦକଙ୍କ ସମେତ ପ୍ରାୟତଃ ସଦସ୍ୟଙ୍କ ଅନୁପସ୍ଥିତ ଯୋଗୁଁ ଅଶାନ୍ତ ବାତାବରଣ ଦେଖାଯାଇଥିଲା। ଏପରିକି ବାରମ୍ବାର ବିଦ୍ୟାଳୟରେ ବୈଠକ କରାଯାଉଥିଲେ ସୁଦ୍ଧା କମିଟି ସଭାପତି,ସମ୍ପାଦକ ଏବଂ ଏକାଧିକ



କାର୍ଯ୍ୟକାରିଣୀ ସଦସ୍ୟ ଅନୁପସ୍ଥିତ ରହୁଥିବା କାରଣରୁ ନିୟମାନୁସାରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସମ୍ଭବ ହେଇପାରୁ ନଥିବା ଅଧ୍ୟକ୍ଷ ବେହେରା କହିଛନ୍ତି। ଯାହାଫଳରେ ବିଦ୍ୟାଳୟକୁ ସମସ୍ୟା ଦୂର କରିବା ନେଇ ନୂତନ କମିଟି ଗଠନ ପାଇଁ ଅଭିଭାବକ ମାନେ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ସର୍ବସଂମତି କ୍ରମେ ପୂର୍ବରୁ ଗୃହୀତ ଥିବା ପରିଚାଳନା କମିଟିକୁ ପ୍ରତ୍ୟାହୃତ କରି ନୂତନ କମିଟି କରିବାକୁ ନିଷ୍ପତ୍ତି ନିଆଯାଇଛି। ନୂତନ କମିଟି ଗଠନ ହେବା ପର୍ଯ୍ୟନ୍ତ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଏକ ୭ ଜଣିଆ ଅସ୍ଥାୟୀ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଅଜିତ କୁମାର ସାହୁ, ରାଜୀବ କୁମାର ସେନାପତି, ଶିବ ପ୍ରସାଦ, ଧୀରେନ୍ଦ୍ର କୁମାର ପ୍ରଧାନ, ବିଦ୍ୟାଧର ସାହୁ,ଚିନ୍ମୟୀ ପଟ୍ଟନାୟକ, ମଧୁବାଳା ବଳିଆରସିଂ ପ୍ରମୁଖ ମନୋନୀତ ହୋଇଥିଲେ। ବିଦ୍ୟାଳୟ ଅନ୍ତର୍ଗତ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ପରିଚାଳନା କରିବା ନେଇ ମନୋନୀତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ସୂଚନା ଥାଉକି ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ଏଲକେଜି ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଥିବାବେଳେ ୯୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୩୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୩୦ଜଣ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ମାତ୍ର ପରିଚାଳନା କମିଟିର ମନମୁଖୀ ଶାସନ ଏବଂ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତିକ୍ତତା ଯୋଗୁ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷର ବାତାବରଣ ଦେଖାଦେଇଛି। ଏସମ୍ବନ୍ଧରେ କମିଟି ସଭାପତି କିରଣ ପାତ୍ର ଓ ସମ୍ପାଦକ ଅରୁଣ କୁମାର ବରାଳଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ତୁରନ୍ତ ଖଣି ଖନନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରାୟତଃ ଖଣିଜ ସମ୍ପଦରେ ଭରପୁର। ବିଶେଷକରି ମୂଲ୍ୟବାନ ବକ୍ସାଇଟ ପଥର ପାଇଁ ଏ ଜିଲ୍ଲା ପ୍ରସିଦ୍ଧି ଲାଭ କରିଛି। ଏତେ ସବୁ ପ୍ରାକୃତିକ ସମ୍ପଦ ଥିଲେ ମଧ୍ୟ ଏ ଜିଲ୍ଲା ବାରମ୍ବାର ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଆସୁଛି। ଏବେ ବି ଜିଲ୍ଲାରେ କମ୍ ହୋଇନାହିଁ ଦାଦନ ଶ୍ରମିକର ଦୁଃଖ। ଏବେବି ଜିଲ୍ଲାକୁ ଫେରୁଛି ଅନ୍ୟ ରାଜ୍ୟରୁ କଳାହାଣ୍ଡି ଯୁବକର ମୃତ ଦେହ। ଏବେ ଜିଲ୍ଲାବାସୀ ସଚେତନ ହେଲେଣି। ନିଜ ନିଜ ଅଞ୍ଚଳର ବିକାଶ କଥା ଭାବିଲେଣି। ରାଜନୀତିର ପଶାଖେଳ ନିଶାରୁ ନିଜକୁ ମୁକୁଳେଇବାକୁ ପ୍ରୟାସ କଲେଣି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳର ଯୁବକଯୁବତୀ ମାନେ ସ୍କିଲ୍ ଓଡ଼ିଶାର ସ୍ୱପ୍ନ ଦେଖିବା ଆରମ୍ଭ କଲେଣି। ସ୍କୁଲ କଲେଜ ହେଲେ ପିଲାମାନେ ପାଠପଢି ଶିକ୍ଷିତ ହେବେ। ଜିଲ୍ଲାର ଖଣିଜ ସମ୍ପଦ ମାଟି ତଳୁ ଖୋଲା ହେଲେ କଳ କାରଖାନା ପ୍ରତିଷ୍ଠା ହେବ। ସ୍ଥାନୀୟ ଯୁବକ ଯୁବତୀ ଚାକିରୀ ପାଇବେ। ବାଡ଼ିବଗିଚାର ଫସଲ ନିଜ ଅଞ୍ଚଳରେ ବିକ୍ରି ହେବ। ଅଭାବ ରହିବ ନାହିଁ କି ଦାଦନ ଖଟି ଯିବାର ଭୟରେ ବାପା ମାଆ, ପ୍ରେମିକା ପ୍ରେମିକ ଆଉ ଆତଙ୍କିତ ହେବେନାହିଁ। କଳାହାଣ୍ଡି ଜିଲ୍ଲାର ଜଳସମ୍ପଦକୁ ନେଇ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଏବେ ଜିଲ୍ଲାକୁ କୃଷି ସମୃଦ୍ଧ କରାଇବା ସହ ଶସ୍ୟଶ୍ୟାମଳା ଓ ସବୁଜ ସୁନ୍ଦର କଲାଣି। ଏବେ ରହିଲା ଶିଳ୍ପ ପ୍ରତିଷ୍ଠାର କଥା। ମାଟିତଳେ ରହିଥିବା ଖଣିଜ ସମ୍ପଦକୁ କାମରେ ଲଗାଇ ଏବେ ଜିଲ୍ଲାବାସୀ କଳାହାଣ୍ଡିକୁ ଶିଳ୍ପସମୃଦ୍ଧ ଜିଲ୍ଲାର ପରିଚୟ ଦେବାକୁ ତତ୍ପର ହେବା ଦେଖିବାକୁ ମିଳୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭବାନୀପାଟଣା ସହରରେ ଗତ ୧୫ ତାରିଖ ଶନିବାର ଦିନ ଆୟୋଜିତ ଏକ ବିଶାଳ ଶୋଭାଯାତ୍ରାରେ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ବହୁ ଚର୍ଚ୍ଚିତ ସିଜିମାଳି ଖଣି ଅଞ୍ଚଳର ହଜାର ହଜାର ଅଧିବାସୀ ଓ ବିକାଶ ଆକାଂକ୍ଷୀ ବୁଦ୍ଧିଜୀବୀ ମାନେ ଭବାନୀପାଟଣାର ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଠାରୁ ସିଜିମାଳି ଖଣି ଖନନ ଦାବି ନେଇ ଏକ ବିରାଟ ପଟୁଆରରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବହୁଦିନ ପୂର୍ବରୁ ରାଜ୍ୟ ସରକାର ସିଜିମାଳି ବକ୍ସାଇଟ୍ ଖଣିକୁ ଆଇନ୍ ସମ୍ମତଭାବେ ବେଦାନ୍ତ କମ୍ପାନୀକୁ ହସ୍ତାନ୍ତର କରିଛନ୍ତି ଓ ବେଦାନ୍ତ ସହ ଅନୁବନ୍ଧିତ ହୋଇଥିବା ମୈତ୍ରୀ ଇନଫ୍ରା କମ୍ପାନୀ ସିଜିମାଳିରେ ଖଣି ଖୋଳିବା ଆରମ୍ଭ କଲାବେଳକୁ କିଛି ଅଗଣତାନ୍ତ୍ରିକ ଅନୁଷ୍ଠାନ ଓ ସ୍ୱଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମାନେ ଖଣି ଖନନକାରୀ ସଂସ୍ଥା ଓ କମ୍ପାନୀ ବିରୋଧରେ ସ୍ୱର ଉଠାଇ ଖଣି ଖନନକୁ ବନ୍ଦ ରଖିଥିଲେ। ଜିଲ୍ଲାର ବିକାଶ ତଥା ଥୁଆମୂଳ ରାମପୁର ଅଞ୍ଚଳର ବିକାଶ ଓ ବେକାର ଯୁବକ ଯୁବତୀମାନେ ନିଜ ଗୋଡରେ ଠିଆହୋଇ କିଭଳି ଆମ୍ ନିର୍ଭରଶୀଳ ହୋଇପାରିବେ ତାହାକୁ ନେଇ ଅଞ୍ଚଳବାସୀ ଚିନ୍ତିତ ଥିଲେ। ଇତି ମଧ୍ୟରେ ଖଣି ଖନନକାରୀ ସଂସ୍ଥା ମୈତ୍ରୀ ଇନଫ୍ରା ପ୍ରଭାବିତ ଗ୍ରାମବାସୀଙ୍କ ସହ ସୁସମ୍ପର୍କ ସୃଷ୍ଟି କରି ସାମାଜିକ ବିକାଶ ଓ ସମାଜ କଲ୍ୟାଣ ଦିଗରେ କାର୍ଯ୍ୟ କରି ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିଛି ଯାହାକି ଗତ ୧୫ତାରିଖ ଖଣିଖନନ ସପକ୍ଷରେ ହୋଇଥିବା ଶୋଭାଯାତ୍ରାରେ ସ୍ପଷ୍ଟ ପ୍ରତିଫଳିତ ହୋଇଥିଲା। ଖଣି ଖନନ ଫଳରେ ସ୍ଥାନୀୟ ଲୋକମାନେ କାମ ପାଇବେ, ଶିକ୍ଷିତ ଯୁବକ ଯୁବତୀ କମ୍ପାନୀରେ ଚାକିରୀ ପାଇବେ ଫଳରେ ଆଉ ଦାଦନ ଶ୍ରମିକ ହେବାର ଦୁଃଖ ଭୋଗିବାକୁ ପଡ଼ିବ ନାହିଁ ବୋଲି ସେମାନେ ଦାବି ରଖିଥିଲେ। ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଖଣି ସପକ୍ଷବାଦୀ ଶୋଭାଯାତ୍ରା ସହର ପରିକ୍ରମା କଲାବେଳେ ସହର ରାସ୍ତାରେ ଭୟଙ୍କର ଭାବେ ଟ୍ରାଫିକ ପରିଚାଳନା ପ୍ରଭାବିତ ହୋଇଥିଲା। ତେବେ ପୋଲିସ ପ୍ରଶାସନର ଉଦ୍ୟମ କ୍ରମେ ବିଳମ୍ବ ହେଉ ପଛକେ ଏହାର ସମାଧାନ ହୋଇପାରିଥିଲା। ଖଣି ସପକ୍ଷବାଦୀଙ୍କ ଏହି ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ସବୁଠାରୁ ବଡ କଥା ହେଲା ଯେଉଁ ଖଣି ଅଞ୍ଚଳର ବାସିନ୍ଦାମାନେ ଖଣି ଖନନ ଦ୍ୱାରା ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେବ ବୋଲି ଦିନେ ଖଣି ଖନନ ବିପକ୍ଷରେ ସ୍ୱର ଉତ୍ତୋଳନ କରିଥିଲେ ସେଇ ଗ୍ରାମବାସୀ ମାନେ ଖଣି ଖନନ ତୁରନ୍ତ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ସେମାନଙ୍କୁ ଏହାର କାରଣ ସମ୍ପର୍କରେ ପଚାରିବାରୁ ଆମେ ଆଦିବାସୀମାନେ ସେତେବେଳେ ବିକାଶର କଥା ଓ ଦାଦନର ଦୁଃଖ ବିଷୟରେ ବୁଝିନଥିଲୁ। ଏବେ ଆମ ଅଞ୍ଚଳର ଖଣି ଖୋଲାହେଲେ ଆମ ପିଲାମାନଙ୍କୁ ନିଯୁକ୍ତିର ସୁଯୋଗ ମିଳିବ ବୋଲି ହୃଦୟଙ୍ଗମ କରି ତୁରନ୍ତ ଖଣି ଖନନ ପାଇଁ ଆମେ ସରକାରଙ୍କ ଠାରେ ଦାବି ଜଣାଇଛୁ ବୋଲି ସେମାନେ ଆମ ପ୍ରତିନିଧିଙ୍କୁ କହିଥିଲେ।

## ନ୍ୟାୟ ଅଧିକାର ଦାବିରେ ମହାମେଳି



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ବେଲଖଣ୍ଡି ଶୈବପୀଠ ସୀମାନ୍ତରେ ଥିବା ସଇଁତଲା ବ୍ଲକ ଖୁସମାଳ ମାଝୀ ଦେଶ ଠାରେ କନ୍ଧସମାଜ ଏବଂ ବେଲଖଣ୍ଡି ଦେହେରିଆ ସଂଘର ମହାମେଳି ହୋଇଥିଲା କନ୍ଧ ସଂସ୍କୃତି ପରମ୍ପରା ଏବଂ ବେଲଖଣ୍ଡି ଶୈବପୀଠ ଠାରେ ଦୁଇଗୋଟି ଟ୍ରଷ୍ଟ ନାଁରେ କୁଷ୍ଠାର ଘାତ ଆଦିକାଳରୁ କନ୍ଧ ସମାଜ ଓ ଦେହେରିଆ ସଂଘ ପୂଜା କରିଆସୁଥିବା ବେଳେ ଟ୍ରଷ୍ଟ ନାଁରେ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇ ମହାମେଳି ହୋଇଥିଲା। କେନ୍ଦ୍ରିୟ କମିଟି ସଭାପତି ଚିନ୍ତାମଣି ଭୋଇ ସଂପାଦକ ପ୍ରଦିପ କୁମାର ମାଝି, ଦେହେରିଆ କମିଟି ସଭାପତି ଧିରେନ୍ଦ୍ର ମାଝୀ, ଅଧ୍ୟକ୍ଷତାରେ ମହାମେଳି ହୋଇଥିଲା ପ୍ରଥମେ ମାଝୀ କନ୍ଧସମାଜର ପତାକା ଉତ୍ତୋଳନ କରି ଅସ୍ତ୍ରଶସ୍ତ୍ର ପୂଜା କରାଯାଇଥିଲା। ଏବଂ ଏକ ବିରାଟ ପଟୁଆରରେ ବାଜା ନିଶାନ ଅସ୍ତ୍ରଶସ୍ତ୍ର ସହିତ ନଗର ପରିକ୍ରମା କରିଥିଲେ। ନଗର ପରିକ୍ରମା ସାରିବା ପରେ ମହାସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ଜିଲ୍ଲାରୁ ଆଦିବାସୀ କନ୍ଧସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। କଳାହାଣ୍ଡି ଐତିହାସିକ ବେଲଖଣ୍ଡି ଶୈବପୀଠରେ ଟ୍ରଷ୍ଟ ନାଁରେ ପ୍ରତାରଣା ଅନୀତି ଦୁର୍ନୀତି ମନମୁଖୀ କାର୍ଯ୍ୟ ହେଉଥିବାରୁ ଆଗାମୀ ଦିନରେ କନ୍ଧସମାଜ, ଦେହେଲିଆ ସଂଘ ପକ୍ଷରୁ ଏକ ବିରାଟ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସଭାରେ ମାର୍କଣ୍ଡ ପ୍ରଧାନୀ, ସାମ୍ବାଦିକ ସୁଶାନ୍ତ ମଲ୍ଲିକ ମହେନ୍ଦ୍ର ପ୍ରଧାନୀ, ପୁରୁଷୋତ୍ତମ ଭୋଇ, ସୁମନ୍ତ ମାଝୀ, ମେନେଜର ଭୋଇ, ସଂକୀର୍ତ୍ତନ ଭୋଇ, ରାଧେଶ୍ୟାମ ମାଝୀ, ଯୁଧିଷ୍ଠିର ଯାନୀ, ଅରବିନ୍ଦ ମାଝୀ, ତର୍କ ଭୋଇ,କୁମର ଭୋଇ, ତ୍ରିନାଥ ଭୋଇ, ରାଜେନ୍ଦ୍ର ମାଝୀ, ପ୍ରମୁଖ ଶତାଧିକ ଦେହେରିଆ ସଂଘ ସଦସ୍ୟ ଓ କନ୍ଧସମାଜ ଜାତିଭାଇ ଯୋଗଦେଇ ଆଦିବାସୀ ପରମ୍ପରା ସଂସ୍କୃତି ଅଧିକାର ଉପରେ ମତବ୍ୟକ୍ତ କରିଥିଲେ।

## ନିଆଁର ଆଁରେ ସବୁ ଭସ୍ମିଭୂତ

ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡା ପଞ୍ଚାୟତ ମହୁଲପଡ଼ାରେ ନିଆଁ ଲାଗି ୩ପରିବାରଙ୍କ ଘର ଜଳିଯାଇଛି। କ୍ଷତିଗ୍ରସ୍ତ ପରିବାର ହେଲେ ଭୋକରଧନ ନାଏକ, ବାଳକୃଷ୍ଣ ଦୁର୍ଗା ଓ ସୁନା ମାଝୀ। ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଲୋକେ ମଜୁରି କରିବାକୁ ବାହାରକୁ ଯାଇଥିଲେ। ଅପରାହ୍ନରେ ସେମାନେ ଫେରିବା ପରେ ଘରଗୁଡିକ ଜଳିଯାଇଥିବା ଦେଖିବାକୁ ପାଇଥିଲେ। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଖାଦ୍ୟସାମଗ୍ରୀ ଓ ଆସବାପତ୍ର ପୋଡି ପାଉଁଶ ହୋଇଯାଇଛି। ଏହାକୁ ନେଇ ସେମାନେ ଚିନ୍ତିତ ହୋଇପଡିଛନ୍ତି। ତେବେ କେଉଁ କାରଣରୁ ଘରେ ନିଆଁ ଲାଗିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ବି ସ୍ପଷ୍ଟ ଜଣାପଡିନାହିଁ। ଜିଲ୍ଲା ପ୍ରଶାସନକୁ ଏହି ୩ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ ପାଇଁ ପଡ଼ାବାସୀ ଦାବି କରିଛନ୍ତି।

## ପଦ୍ମିନୀଙ୍କ ସଂଗୀତ ଓ ନୃତ୍ୟରେ ଝୁମିଲେ ଦର୍ଶକ



ଜୁନାଗଡ଼, (ଭାସ୍କର ନ୍ୟୁଜ୍) : ଜୁନାଗଡ଼ ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଖୁବ୍ ଉପଭୋଗ କରିଥିଲେ। ମହୋତ୍ସବ ଆୟୋଜକ କମିଟିର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଏକ, ସହ ଅଧ୍ୟକ୍ଷ ଲଳିତ ଅଗ୍ରୱାଲ, ସମ୍ପାଦକ ହିମାଂଶୁ ଶେଖର ବରାଡ଼ ସମେତ କୋର କମିଟିର ଈଶ୍ୱର ପୁଝାରି, ଅଶୋକ ପଟ୍ଟନାୟକଙ୍କ ଦ୍ୱାରା ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ସତ୍ୟ ନାରାୟଣ ମୁଣ୍ଡ ଛିନା, ସମ୍ମାନିତ ଅତିଥି ସୁଧିରା ମେହେର ଉପ ସଭାପତି ଜିଲ୍ଲା ପରିଷଦ, କଳାହାଣ୍ଡି, ଜିଲ୍ଲା ପରିଷଦ ସଭ୍ୟା ଶାମୁକା ରାଣୀ କୁମାର, ଲାଲ ବହାଦୁର ଜାନି, ସଂଗୀତା ଖର୍ସେଲ, ଏନ୍‌ଏସି ଅଧକ୍ଷା ହିମାଦ୍ରୀ ନାଏକ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ବହୁ ଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ ଜାଲ, ପ୍ରଚାର ପ୍ରସାର ଅଧକ୍ଷ ସନ୍ତୋଷ ସିଂଦେଓ, ବିଘ୍ନରାଜ ବରାଡ଼, ବରିଷ୍ଠ ସମାଜସେବୀ ଉଦ୍ଧବ ଚରଣ ସାହୁ ତଥା ସମସ୍ତ କାଉନସିଲର ପ୍ରମୁଖ ଉପସ୍ଥିତ ରହି ଜୁନାଗଡ଼ ମହୋତ୍ସବର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପଲ୍ଲବୀ ଦାସ, ବିନୟ ସାହୁ, ବେଣୁଧର ବାଗ ଏବଂ ବିରଞ୍ଚି ମୁଣ୍ଡ ପରିଚାଳନା କରିଥିଲେ । ସାଂସ୍କୃତିକ ସନ୍ଧ୍ୟାରେ ଜୁନାଗଡ଼ରେ କଳାବିକାଶ କେନ୍ଦ୍ର, ଟିଟିଲାଗଡ଼ରେ ଯୋଡା ପଏରି ଢାପ, ଭବାନୀ ପାଟଣା ନଟରାଜ କଳା ପରିଷଦର ବଜାସାଲ, ପଏରି ସମ୍ବଲପୁର, ସାନ ବଡ଼ ଖୁଡୁକା ତୁସୁରା, ବରଗଡ଼ର ଢୋଲିଆ ଖୁସା କଳାପରିସଦ, ଆସାମର ବିହୁ ଓ ପଦ୍ମିନୀ ଦୋରାଙ୍କ ଅର୍କେଷ୍ଟ୍ରା ସମ୍ବଲପୁର ଦର୍ଶକଙ୍କୁ ବିମୋହିତ କରିଥିଲା। ବିଶେଷ ଆକର୍ଷଣ ତୁଷୁରାର ସାନ ବଡ଼ ଖୁଡୁକା ନୃତ୍ୟ ଲୋକଙ୍କ ମନକୁ ଛୁଇଁଥିଲା । ପଦ୍ମିନୀ ଦୋରାଙ୍କ ସମ୍ବଲପୁରୀ ଗୀତ ଓ ନାଚରେ ଦର୍ଶକ ମାନେ ମଧ୍ୟ ରାତ୍ରୀ ପର୍ଯ୍ୟନ୍ତ ଝୁମିଥିଲେ । କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମର ଅଧକ୍ଷ ମାନସ ରଞ୍ଜନ ସେଠି ସମେତ କୋର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ କୋର କମିଟିର ସଦସ୍ୟ ଈଶ୍ୱର ପୁଝାରି।

## ଦୁର୍ଘଟଣାରେ ଜଣେ ମୃତ



କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଜାତୀୟ ରାଜପଥ ୨୬ରେ ସ୍ଥାନୀୟ ପୁରୁଣା ହୋଣ୍ଡା ସୋରୁମ୍ ପାଖରେ ଜଣେ ବାଇକ୍ ଆରୋହୀ ଯୁବକର ପଛପଟୁ ଏକ ଟ୍ରକ୍ ଧକ୍କା ଦେବା ଫଳରେ ମଧ୍ୟାହ୍ନ ୨ ଘଣ୍ଟା ସମୟରେ ଉକ୍ତ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ କେସିଙ୍ଗା ଗୌନ୍ତିଆ ପଡ଼ାର ମୁକେଶ ଷଣ୍ଢ ନାମକ ଯୁବକ ନିଜ ବାଇକ୍‌ରେ କେସିଙ୍ଗା – ବୋରିଙ୍ଗପଦର ଆଡ଼କୁ ଯାଉଥିବା ବେଳେ ପଛପଟୁ ଓଆର ଟ୍ରକ୍ ୧୯ ଏନ୍ ୪୭୦୩ ନମ୍ବରର ଏକ ଟ୍ରକ୍ ଧକ୍କା ଦେବା ଯୋଗୁଁ ଶ୍ରୀ ଷଣ୍ଢ ତଳେ ପଡି ଯାଇଥିଲେ। କିନ୍ତୁ ଟ୍ରକ୍ ଡ୍ରାଇଭର ପ୍ରାଣ ଭୟରେ ପଳାଇ ଯିବାରୁ ଶ୍ରୀ ଷଣ୍ଢଙ୍କ ମୁଣ୍ଡ ଉପରେ ଟ୍ରକ୍ ଚଢ଼ି ଯିବା ଯୋଗୁଁ ଯୁବକର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏହାପରେ ପଡ଼ାର ଯୁବକମାନେ ଆସି ଶବକୁ ଆଣି ପଡ଼ାର ଛକ ରାସ୍ତା ଉପରେ ରଖି ଟାୟାର ଜାଳି କ୍ଷତିପୂରଣ ଦାବି କରିଥିଲେ। ଅନ୍ୟପକ୍ଷରେ ପୋଲିସ ଘଟଣାସ୍ଥଳକୁ ଯାଉଥିବା ବେଳେ ରାସ୍ତା ଅବରୋଧକାରୀ ମାନେ ପୋଲିସକୁ ଛାଡିନଥିଲେ। ତେବେ ଆନ୍ଦୋଳନକାରୀ ଓ ଟ୍ରକ୍ ମାଲିକ ମଧ୍ୟରେ ବୁଝାମଣା ସହିତ ରେଡକ୍ରସ୍ ଫଣ୍ଡରୁ ୧୦ ହଜାର ଟଙ୍କା ମାଲିକଙ୍କ ଠାରୁ ୧ ଲକ୍ଷ ଟଙ୍କା ଏବଂ ଇନ୍‌ସୁରାନ୍ସ ଟଙ୍କା ପାଇବା ଲାଗି ସ୍ଥିର ହେଲା ପରେ ରାସ୍ତାରୋକ ହଟିଥିଲା। ଏହାପରେ ପୋଲିସ ଶବକୁ ସ୍ଥାନୀୟ ସରକାରୀ ହସ୍ପିଟାଲକୁ ଶବ ବ୍ୟବଚ୍ଛେଦ ପାଇଁ ନେଇ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ । ଏହି ରାସ୍ତା ରୋକ ହେବା ଦ୍ୱାରା ରାସ୍ତା ଉପରେ ସହ ସହ ଯାନବାହାନ ଠିଆ ହୋଇଥିଲା। ବିଭିନ୍ନ ଯାତ୍ରୀବାହି ବସ୍ ଠିଆ ହେବା ଯୋଗୁଁ ବହୁଜାତ୍ରି ରାତ୍ର ସାତ ଘଣ୍ଟା ପର୍ଯ୍ୟନ୍ତ ହଇରାଣ ହରକତ ହୋଇଥିଲେ ।

## କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସର୍ବପୁରାତନ ଏହି ବିଦ୍ୟାଳୟଟି ୨୪ ଜୁଲାଇ ୧୮୮୯ ମସିହାରେ ନର୍ଲା ଠାରେ ସ୍ଥାପିତ ହୋଇଥିବା ବେଳେ ଏହି ବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ବିଭିନ୍ନ ପଦ ପଦବୀରେ ରହି ଆସିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ଚାନ୍ଦ, ସମ୍ମାନିତ ଅତିଥି ରୂପେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ଭଞ୍ଜ ନର୍ଲା କେନ୍ଦ୍ର ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚାନ୍ଦ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଦ୍ରିପ୍ରସାଦ ମିଶ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ, ଏବିଓ ଗୋବର୍ଦ୍ଧନ ମାଝୀ, ନର୍ଲା ସରପଞ୍ଚ ତନୁ ହରପାଳ ପ୍ରମୁଖ ଯୋଗଦାନ କରିଥିଲେ। ବାର୍ଷିକ ଉତ୍ସବ ସକାଶେ ବିଦ୍ୟାଳୟର ବିଭିନ୍ନ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଚ, ଗୀତ, ନାଟକ ଆଦି ପରିବେଷଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ କିଛି ଦିନ ତଳେ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ବ୍ଲକ ପ୍ରଶାସନକୁ ଜଣାଇଥିଲେ। ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ଉଦ୍ୟମ କ୍ରମେ ଏଠାରେ ଏକ ନୂତନ ନଳକୂଅ ବସାଇଥିଲେ। ଏଣୁ ତାଙ୍କୁ ସଭା ସ୍ଥଳରେ ବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ପୁଟିଆଚୁରା କେନ୍ଦ୍ର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା ସିଆରସିସିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପୁଟିଆଚୁରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁଟିଆଚୁରା ସିଆରସିସି, ରେଖରାମ ନାଏକ, କାର୍ଲିପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ଦୁର୍ଗା, ସଂକରିପାଲି ବିଦ୍ୟାଳୟର ସହକାରୀ ଶିକ୍ଷକ ଶେଷଦେବ ପାଢି, ରେଙ୍ଗସାପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ସଚିନ୍ଦ୍ର ବାଗ ଓ କ୍ଲଷ୍ଟର ଅଧିନସ୍ଥ ବିଦ୍ୟାଳୟର ଏଫଏଲ୍‌ଏନ୍ ଶିକ୍ଷକଶିକ୍ଷୟତ୍ରୀ, ପ୍ରତି ବିଦ୍ୟାଳୟରୁ ୧୦ ଜଣ ଛାତ୍ରଛାତ୍ରୀ, ପିତା/ମାତା, ପିଆର୍‌ଆଇ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନିପୁଣ ଓଡିଶା ମେଳା ଗୀତ ଗାନ କରିବା ସହିତ ଶପଥ ଗ୍ରହଣ କରାଯାଇଥିଲା। ନିପୁଣ ଓଡିଶା ମେଳାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସିଆର୍‌ସିସି ଶ୍ରୀ ନାଏକ ଅଭିଭାଷଣରେ କହିଥିବା ବେଳେ ପୁଟିଆଚୁରା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ନିପୁଣ ଓଡିଶା କଣ ଓ ଏହା କିପରି କାର୍ଯ୍ୟକାରୀ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ ପରବର୍ତ୍ତୀ ସମୟରେ ଶିକ୍ଷକ ମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସମାଗ୍ରୀ ଗୁଡିକୁ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା। ପ୍ରଦର୍ଶିତ ଷ୍ଟଲ୍ ଗୁଡିକୁ ଯଥାକ୍ରମେ ସାକ୍ଷରତା ଶିକ୍ଷଣ କେନ୍ଦ୍ର, ସଂଖ୍ୟା ଜ୍ଞାନ ଶିକ୍ଷଣକେନ୍ଦ୍ର, ସୃଜନ ଶିକ୍ଷଣକେନ୍ଦ୍ର, ମତାମତ ଷ୍ଟଲ୍, ରୂପେ ସଜାଯାଇ ଛାତ୍ରଛାତ୍ରୀମାନଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଓ ଏଫ.ଏଲ୍.ଏନ୍ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁଟିଆଚୁରା ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମାଧୁରୀ ବାଗ, ଓ ହେମାଙ୍ଗିନୀ ପଧାନ ସହଯୋଗ କରିଥିବା ବେଳେ କର୍ମାଠ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନିଲ ନାୟକ ମଞ୍ଚ ପରିଚାଳନା କରିଥିଲେ।


## ସଡ଼କ ସୁରକ୍ଷା ଓ ଆଇନ ସଚେତନତା କାର୍ଯ୍ୟକ୍ରମ





ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ତାଲୁକ ଆଇନ ସେବା ସମିତି ଧର୍ମଗଡ ଦ୍ୱାରା କାଂକେରି ସ୍ଥିତ ବୋର୍ଡର ହାୟର ସେକେଣ୍ଡାରୀ ସ୍କୁଲ ପରିସରରେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି, କନିଷ୍ଠ ମୋଟର ଯାନ ନିରୀକ୍ଷକ ରାମକୃଷ୍ଣ ମାଝୀ, ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ବେହେରା, ସମୀର କୁମାର ମୁଣ୍ଡ, ମିହିର ରଞ୍ଜନ ପଟ୍ଟଯୋଶୀ, ବରିଷ୍ଠ ଓକିଲ ତଥା ସଦସ୍ୟ ତାଲୁକ ଆଇନ ସେବା ସମିତି ସଂଯୁକ୍ତା ପଣ୍ଡା, ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିତ୍ୟାନନ୍ଦ ନାଥ ଶର୍ମା ଓ ବୋର୍ଡର ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁପ୍ତେଶ୍ୱର ମେହେର ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବରେ କନିଷ୍ଠ ମୋଟର ଯାନ ନିରୀକ୍ଷକ ରାମକୃଷ୍ଣ ମାଝୀ ଯୋଗଦାନ କରି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ଉପରେ ଅବଗତ କରାଇଥିଲେ ଓ କଣ କଣ ସାବଧାନତା ଅବଲମ୍ବନ କରିବା ତାହା କହିଥିଲେ। ସମସ୍ତଙ୍କୁ ହେଲମେଟ ପିନ୍ଧି ଯାନ ବାହାନ ଚଳାଇବା ପାଇଁ ପରାମର୍ଶ କରିଥିଲେ। ଏହି ଅବସରରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସ୍ଥାୟୀ ଲୋକ ଅଦାଲତ ଓ ଲୋକ ଉପଯୋଗୀ ସେବା ଉପରେ ଆଲୋକପାତ କରିଥିଲେ। ଏହି ସେବା ଦ୍ୱାରା ସାଧାରଣ ଜନତା କିଭଳି ଉପକୃତ ହୋଇପାରିବେ ତାହା ଜଣାଇଥିଲେ । ସଂଯୁକ୍ତା ପଣ୍ଡା ଉକ୍ତ ସଭାକୁ ପରିଚାଳନା କରିଥିଲେ ଏବଂ ଅଧ୍ୟକ୍ଷ ଶ୍ରୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉକ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବୃନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ସଭାକୁ ସାଫଲ୍ୟମଣ୍ଡିତ କରିବାରେ ଉକ୍ତ ବିଦ୍ୟାଳୟର କର୍ମକର୍ତା ସାହାଯ୍ୟ ଓ ସହଯୋଗ କରିଥିଲେ।

## ରାଶିଫଳ

ସୋମବାର, ୧୭ ଫେବୃଆରୀ ୨୦୨୫



**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ, ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ, ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ୍ୟ ବକ୍ତବ୍ୟରେ ସଂଯମ ରଖନ୍ତୁ। ଅନୈତିକ କାର୍ଯ୍ୟରୁ ଦୂରରେ ରୁହନ୍ତୁ।




**ବୃଷ:** ଆଜି ଆପଣ କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିଯିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। ସାହିତ୍ୟ କିମ୍ବା ଅନ୍ୟ କୌଣସି ସୃଜନଶୀଳ କଳା ପ୍ରତି ଆଗ୍ରହୀ ହେବେ। ପିଲାମାନଙ୍କ ପାଇଁ ଚିନ୍ତା ଯୋଗୁଁ, ମନରେ ଚିନ୍ତା ହେବ।



**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ। ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟମ ହେବ।




**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ସାଙ୍ଗମାନେ ଉପକୃତ ହେବେ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ୍ୟ ସମ୍ଭବ। ଜୀବନ ସାଥୀ ପାଇବା ସମ୍ଭବ ହେବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।



**ସିଂହ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତିତ ହେବେ। ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ, ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ୍ୟ ହୋଇପାରେ, ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ।




**କନ୍ୟା:** ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ବିଶେଷକରି ଭାଇଭଉଣୀଙ୍କ ସହ ସମ୍ପର୍କ ଭଲ ରହିବ। ସ୍ୱଳ୍ପ ଖର୍ଚ୍ଚ ହେବାର ସମ୍ଭାବନା ମଧ୍ୟ ଅଛି।



**ତୁଳା:** ଆଜି ଅଳସୁଆ ଏବଂ ଥକାପଣର ଦିନ ହେବ। ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ବିପଜ୍ଜନକ ଚିନ୍ତାଧାରା, ଗତିବିଧି ଏବଂ ସଂଗଠିତ ଠାରୁ ଦୂରରେ ରୁହନ୍ତୁ।




**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଅନ୍ତୁ। ଆଜି ଧନ ରାଶି ହାସଲ କରାଯାଉଛି।




**ଧନୁ:** ଆଜି, ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ସ୍ୱଳ୍ପ ରହଣି ସଂଗଠିତ ହେବ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ୍ୟ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି। କଣ୍ଟିଜେନ୍ସି ଟଙ୍କା ଲାଭର ସମ୍ଭାବନା ଅଛି।



**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରୀ ପାଇଁ ପରିଲକ୍ଷିତ। ପରିବାରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ରହିବ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ୍ୟ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ।



**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରୀ କରନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ। ଏକ ଲାଭ ହେବାର ସମ୍ଭାବନା।



**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯